# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୮/୨୦୨୬ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 18/2026 | Page 18 | ₹ 7.00

୫୨ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 56 | ମୂଲ୍ୟ ₹୭/-







# ୩୧ରେ ଛତିଶଗଡ଼ ଯିବ ମହାନଦୀ କମିଟି

**ଭୁବନେଶ୍ୱର,୧୭ା୧(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଗଠନ କରିଥିବା ମହାନଦୀ କମିଟି ଆସନ୍ତା ୩୧ ଏବଂ ଫେବୃଆରୀ ୧ରେ ଛତିଶଗଡ଼ ଗସ୍ତ କରିବ। ଏହା ପୂର୍ବରୁ ଆସନ୍ତା ୨୩ରେ ମହାନଦୀ କମିଟି ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଆଲୋଚନା ହେବାକୁ ଥିବା ବିଷୟ ଉପରେ ଯେଉଁ ନିଷ୍କର୍ଷ ବାହାରିବ, ସେହି ଆଧାରରେ ଛତିଶଗଡ଼ ଯାଇ ସରକାର ପକ୍ଷ ରଖିବେ। ଅନ୍ୟପଟେ ଫେବୃଆରୀ ୭ରେ ମହାନଦୀ ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ରହିଛି। ଛତିଶଗଡ଼ ସରକାରଙ୍କ ସହ ଓଡ଼ିଶା ମିଳିତ ଭାବେ ଟ୍ରିବ୍ୟୁନାଲଙ୍କ ନିକଟରେ ନିଜର ପକ୍ଷ ରଖିବେ ବୋଲି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ନିଜର ପକ୍ଷ ରଖିବେ। ମିଳିଥିବା ସୂଚନା ମୁତାବକ, ୨୦୧୮ ମାର୍ଚ୍ଚ ୧୨ରେ ମହାନଦୀକୁ ନେଇ ଗଠନ ହୋଇଥିବା ଟ୍ରିବ୍ୟୁନାଲର ଆସନ୍ତା ମାର୍ଚ୍ଚ ୧୩ରେ ଅବଧି ଶେଷ ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଟ୍ରିବ୍ୟୁନାଲ ☞ପୃଷ୍ଠା-୪



କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଅନ୍ତିମ ପର୍ଯ୍ୟାୟରେ ଶନିବାର ଖେଳାଯାଇଥିବା ଏସ୍‌ଜି ପାଇପର୍ସ ବିପକ୍ଷ ମ୍ୟାଚରେ ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ କଳିଙ୍ଗ ଲାନ୍ସର୍ସ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)। (ରିପୋର୍ଟ: ଖେଳ ପୃଷ୍ଠା)

# ରାଜ୍ୟକୁ ଆସିବ ୧ ଲକ୍ଷ କୋଟିର ପୁଞ୍ଜି: ମୁଖ୍ୟମନ୍ତ୍ରୀ

## କୋଲକାତାରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ରୋଡ୍ ଶୋ'

**ଭୁବନେଶ୍ୱର,୧୭ା୧ (ଅନୁରାଧା ମହାରଣା)**

କୋଲକାତାରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ରୋଡ୍ ଶୋ'ରୁ ଓଡ଼ିଶା ପାଇଁ ୧ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିବା ପରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ଏହି ରୋଡ୍ ଶୋ'ରେ ୫୦୦ରୁ ଅଧିକ ଉଦ୍ୟୋଗପତି, ବ୍ୟବସାୟ ସଂଘ ଓ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲାବେଳେ ୪ଟି ସେକ୍ଟରାଲ ରାଉଣ୍ଡଟେବଲ ସହ ୧୩୦ଟି ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ସ୍ଥାପନ ଓ ନିଯୁକ୍ତି ସୃଷ୍ଟି ନେଇ ୨୭ଟି ଏମ୍ଓୟୁ ହୋଇଛି। ଏବାବଦକୁ



ମୋହନ ଚରଣ ମାଝୀ

ମୋଟ ୮୧,୮୭୪ କୋଟି ଟଙ୍କାର ନିବେଶ ସହ ୭୩,୧୬୧ଟି ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି। ଏହା ବ୍ୟତୀତ ୧୯ଟି ନିବେଶ ପ୍ରସ୍ତାବ ମିଳିଥିବାବେଳେ ମୋଟ ୧୮,୪୫୩ କୋଟି ଟଙ୍କାର ନିବେଶ ଓ ୨୭,୫୯୧ଟି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ରୋଡ୍ ଶୋ'ରୁ ମୋଟ ୧ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶ ସହ ୯୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟିର ସମ୍ଭାବନା ଦେଖାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବୋଦୟ ଦୃଷ୍ଟିକୋଣ ଅଧୀନରେ ଓଡ଼ିଶା ପୂର୍ବ ଭାରତର ପରବର୍ତ୍ତୀ ଔଦ୍ୟୋଗିକ ବିକାଶର ସହ-ଆଙ୍କର ଭାବେ କାମ କରିବ। ଏହି ବିକାଶ ପ୍ରତିଯୋଗିତାମୂଳକ ନୁହେଁ ବରଂ ସହଯୋଗମୂଳକ ହେବ, ଯେଉଁଠାରେ ରାଜ୍ୟଗୁଡ଼ିକ ପରସ୍ପରର ଶକ୍ତିକୁ ପରିପୂରକ କରି ଏକ ଶକ୍ତିଶାଳୀ ପୂର୍ବ ଔଦ୍ୟୋଗିକ କରିଡର୍ ଗଢ଼ିବେ। ☞ପୃଷ୍ଠା-୪

# ସୁପାରି ଦେଇ ସାନଭାଇଙ୍କୁ ହତ୍ୟା

## ବିବାହ ପୂର୍ବରୁ ବଡ଼ଭାଇ, ଘନିଷ୍ଠ ବନ୍ଧୁ ରଚିଥିଲେ ଷଡ଼ଯନ୍ତ୍ର

**ବଲାଙ୍ଗୀର, ୧୭ା୧ (ବୀରେନ୍ଦ୍ର କୁମାର ଝାଙ୍କର)**

କିଛିଦିନ ପରେ ବିବାହ କରିଥାନ୍ତେ ବଲାଙ୍ଗୀର ଜିଲା ତୁଷୁରା ଥାନା ଦେଉଳଗୁଡ଼ି ଗ୍ରାମର ନଟରାଜ ଥନାପତି। ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା ଚାଲିଥିଲା। ହେଲେ ଗତ ୧ ତାରିଖ ରାତିରେ ତେଲନଦୀ ବ୍ରିଜ୍ ଉପରୁ ଖସି ନଟରାଜ ପ୍ରାଣ ହରାଇଲେ। ପୋଲ ତଳୁ ମୃତଦେହ ଠାବ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମାମଲାର ମୋଡ଼ ବଦଳିଥିଲା, ଯେତେବେଳେ ତାଙ୍କ ଭାବୀ ସ୍ତ୍ରୀ ପୋଲିସକୁ ଅପରାଧର ସୁରାକ୍ ଦେଇଥିଲେ। ତୁଷୁରା ଥାନା ପୋଲିସ ତଦନ୍ତ କରି ଶନିବାର ଘଟଣା ଉପରୁ ପରଦା ହଟାଇଛି। ନଟରାଜଙ୍କ ମୃତ୍ୟୁ ଅସ୍ୱାଭାବିକ ନ ଥିଲା, ବରଂ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ, ଯାହା ପଛରେ ନଟରାଜଙ୍କ ବଡ଼ଭାଇ ନବକୁମାର ଥନାପତି ରହିଥିଲେ। ଆଉ ହତ୍ୟାକାଣ୍ଡ ଘଟାଇଥିଲେ ଘନିଷ୍ଠ ବନ୍ଧୁ କ୍ଷେତ୍ର ମୋହନ । ସମ୍ପତ୍ତି ଓ ବ୍ୟବସାୟିକ ଶତ୍ରୁତା ପାଇଁ ଏଭଳି ଭାବେ ବଳି ପଡ଼ିଥିଲା ଭାଇ ଓ ବନ୍ଧୁତାର ସମ୍ପର୍କ। ନବଙ୍କଠାରୁ କ୍ଷେତ୍ର ସୁପାରି ବାବଦରେ ୬୦,୦୦୦ ଟଙ୍କାର ଅଗ୍ରିମ ନେଇ ନୂଆବର୍ଷ ବିଳମ୍ବିତ ରାତିରେ ନଟରାଜଙ୍କୁ ତେଲନଦୀ ବ୍ରିଜ୍ ଉପରୁ ତଳକୁ ଠେଲିଦେଇଥିଲେ। ଏଥିରୁ ଖସିବା ପାଇଁ ସେ ଦୁର୍ଘଟଣାର ରୂପ ଦେଇଥିଲେ। କିନ୍ତୁ ଘଟଣା ସମୟରେ ନଟରାଜ ଭାବୀ ସ୍ତ୍ରୀଙ୍କ ସହ ମୋବାଇଲରେ କଥାବାର୍ତ୍ତା ସତ୍ୟ ଉନ୍ମୋଚନ କରିଥିଲା। ☞ପୃଷ୍ଠା-୪






# ୨୪ରୁ କଟକକୁ ଘରୋଇ ବସ୍ ବନ୍ଦ ଚେତାବନୀ

**କଟକ,୧୭ା୧(କାର୍ତ୍ତିକ ସାହୁ)**

ମୁଖ୍ୟମନ୍ତ୍ରୀ ବସ୍ ସେବା ବ୍ଲକରୁ ଜିଲା ସଦର ମହକୁମାକୁ ଚଳାଚଳ କରିବା ନେଇ ପୁଣି ବିବାଦ ଦେଖାଦେଇଛି। ଆସନ୍ତା ୨୩ ତାରିଖ ସୁଦ୍ଧା ସରକାର ସମାଧାନ ନ କଲେ ୨୪ରୁ କଟକକୁ ସମସ୍ତ ଘରୋଇ ବସ୍ ବନ୍ଦ ରହିବ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ କହିବାନୁସାରେ ପୂର୍ବ ସରକାର ଲକ୍ଷ୍ମୀ ନାମରେ ଏହି ବସ୍ ଚଳାଇବାବେଳେ ପଞ୍ଚାୟତରୁ ବ୍ଲକକୁ ଚାଲିବ ବୋଲି କହିଥିଲେ। ମାତ୍ର ଏବେ ଏହା ମୁଖ୍ୟମନ୍ତ୍ରୀ ବସ୍ ସେବା ଭାବେ ନାମକରଣ କରାଯାଇ ଜିଲାକୁ ଚଳାଚଳ କରୁଛି। ତେଣୁ ଏହାକୁ ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଆସୁଛି ବୋଲି ସାହୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ବିଫଳତାର ଅନୁଭବ








# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୮/୨୦୨୬ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 18/2026 | Page 18 | ₹ 7.00
୫୨ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 56 | ମୂଲ୍ୟ ₹୭/-







## ୩୧ରେ ଛତିଶଗଡ଼ ଯିବ ମହାନଦୀ କମିଟି

**ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଗଠନ କରିଥିବା ମହାନଦୀ କମିଟି ଆସନ୍ତା ୩୧ ଏବଂ ଫେବୃଆରୀ ୧ରେ ଛତିଶଗଡ଼ ଗସ୍ତ କରିବ। ଏହା ପୂର୍ବରୁ ଆସନ୍ତା ୨୩ରେ ମହାନଦୀ କମିଟି ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଆଲୋଚନା ହେବାକୁ ଥିବା ବିଷୟ ଉପରେ ଯେଉଁ ନିଷ୍କର୍ଷ ବାହାରିବ, ସେହି ଆଧାରରେ ଛତିଶଗଡ଼ ଯାଇ ସରକାର ପକ୍ଷ ରଖିବେ। ଅନ୍ୟପଟେ ଫେବୃଆରୀ ୭ରେ ମହାନଦୀ ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ରହିଛି। ଛତିଶଗଡ଼ ସରକାରଙ୍କ ସହ ଓଡ଼ିଶା ମିଳିତ ଭାବେ ଟ୍ରିବ୍ୟୁନାଲଙ୍କ ନିକଟରେ ନିଜର ପକ୍ଷ ରଖିବେ ବୋଲି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ନିଜର ପକ୍ଷ ରଖିବେ। ମିଳିଥିବା ସୂଚନା ମୁତାବକ, ୨୦୧୮ ମାର୍ଚ୍ଚ ୧୨ରେ ମହାନଦୀକୁ ନେଇ ଗଠନ ହୋଇଥିବା ଟ୍ରିବ୍ୟୁନାଲର ଆସନ୍ତା ମାର୍ଚ୍ଚ ୧୩ରେ ଅବଧି ଶେଷ ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଟ୍ରିବ୍ୟୁନାଲ ☞ପୃଷ୍ଠା-୪



କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଅନ୍ତିମ ପର୍ଯ୍ୟାୟରେ ଶନିବାର ଖେଳାଯାଇଥିବା ଏସ୍‌ଜି ପାଇପର୍ସ ବିପକ୍ଷ ମ୍ୟାଚରେ ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ କଳିଙ୍ଗ ଲାନ୍ସର୍ସ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)। (ରିପୋର୍ଟ: ଖେଳ ପୃଷ୍ଠା)

# ରାଜ୍ୟକୁ ଆସିବ ୧ ଲକ୍ଷ କୋଟିର ପୁଞ୍ଜି: ମୁଖ୍ୟମନ୍ତ୍ରୀ

### କୋଲକାତାରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ରୋଡ୍ ଶୋ'

**ଭୁବନେଶ୍ୱର,୧୭।୧ (ଅନୁରାଧା ମହାରଣା)**



ମୋହନ ଚରଣ ମାଝୀ

କୋଲକାତାରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ରୋଡ୍ ଶୋ'ରୁ ଓଡ଼ିଶା ପାଇଁ ୧ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିବା ପରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ଏହି ରୋଡ୍ ଶୋ'ରେ ୫୦୦ରୁ ଅଧିକ ଉଦ୍ୟୋଗପତି, ବ୍ୟବସାୟ ସଂଘ ଓ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲାବେଳେ ୪ଟି ସେକ୍ଟରାଲ ରାଉଣ୍ଡଟେବଲ ସହ ୧୩୦ଟି ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ସ୍ଥାପନ ଓ ନିଯୁକ୍ତି ସୃଷ୍ଟି ନେଇ ୨୭ଟି ଏମ୍ଓୟୁ ହୋଇଛି। ଏବାବଦକୁ ମୋଟ ୮୧,୮୬୪ କୋଟି ଟଙ୍କାର ନିବେଶ ସହ ୬୩,୧୬୧ଟି ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି। ଏହା ବ୍ୟତୀତ ୧୯ଟି ନିବେଶ ପ୍ରସ୍ତାବ ମିଳିଥିବାବେଳେ ମୋଟ ୧୮,୪୫୩ କୋଟି ଟଙ୍କାର ନିବେଶ ଓ ୨୭,୫୯୧ଟି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ରୋଡ୍ ଶୋ'ରୁ ମୋଟ ୧ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶ ସହ ୯୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟିର ସମ୍ଭାବନା ଦେଖାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବୋଦୟ ଦୃଷ୍ଟିକୋଣ ଅଧୀନରେ ଓଡ଼ିଶା ପୂର୍ବ ଭାରତର ପରବର୍ତ୍ତୀ ଔଦ୍ୟୋଗିକ ବିକାଶର ସହ-ଆଙ୍କର ଭାବେ କାମ କରିବ। ଏହି ବିକାଶ ପ୍ରତିଯୋଗିତାମୂଳକ ନୁହେଁ ବରଂ ସହଯୋଗମୂଳକ ହେବ, ଯେଉଁଠାରେ ରାଜ୍ୟଗୁଡ଼ିକ ପରସ୍ପରର ଶକ୍ତିକୁ ପରିପୂରକ କରି ଏକ ଶକ୍ତିଶାଳୀ ପୂର୍ବ ଔଦ୍ୟୋଗିକ କରିଡର୍ ଗଢ଼ିବେ। ☞ପୃଷ୍ଠା-୪

# ସୁପାରି ଦେଇ ସାନଭାଇଙ୍କୁ ହତ୍ୟା

### ବିବାହ ପୂର୍ବରୁ ବଡ଼ଭାଇ, ଘନିଷ୍ଠ ବନ୍ଧୁ ରଚିଥିଲେ ଷଡ଼ଯନ୍ତ୍ର

**ବଲାଙ୍ଗୀର, ୧୭।୧ (ବୀରେନ୍ଦ୍ର କୁମାର ଝାଙ୍କର)**

କିଛିଦିନ ପରେ ବିବାହ କରିଥାନ୍ତେ ବଲାଙ୍ଗୀର ଜିଲା ତୁଷୁରା ଥାନା ଦେଉଳଗୁଡ଼ି ଗ୍ରାମର ନଟରାଜ ଥନାପତି। ବାହାଘର ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା ଚାଲିଥିଲା। ହେଲେ ଗତ ୧ ତାରିଖ ରାତିରେ ତେଲନଦୀ ବ୍ରିଜ୍ ଉପରୁ ଖସି ନଟରାଜ ପ୍ରାଣ ହରାଇଲେ। ପୋଲ ତଳୁ ମୃତଦେହ ଠାବ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମାମଲାର ମୋଡ଼ ବଦଳିଥିଲା, ଯେତେବେଳେ ତାଙ୍କ ଭାବୀ ସ୍ତ୍ରୀ ପୋଲିସକୁ ଅପରାଧର ସୁରାକ୍ ଦେଇଥିଲେ। ତୁଷୁରା ଥାନା ପୋଲିସ ତଦନ୍ତ କରି ଶନିବାର ଘଟଣା ଉପରୁ ପରଦା ହଟାଇଛି। ନଟରାଜଙ୍କ ମୃତ୍ୟୁ ଅସ୍ୱାଭାବିକ ନ ଥିଲା, ବରଂ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ, ଯାହା ପଛରେ ନଟରାଜଙ୍କ ବଡ଼ଭାଇ ନବକୁମାର ଥନାପତି ରହିଥିଲେ। ଆଉ ହତ୍ୟାକାଣ୍ଡ ଘଟାଇଥିଲେ ଘନିଷ୍ଠ ବନ୍ଧୁ କ୍ଷେତ୍ର ମୋହନ । ସମ୍ପତ୍ତି ଓ ବ୍ୟବସାୟିକ ଶତ୍ରୁତା ପାଇଁ ଏଭଳି ଭାବେ ବଳି ପଡ଼ିଥିଲା ଭାଇ ଓ ବନ୍ଧୁତାର ସମ୍ପର୍କ। ନବଙ୍କଠାରୁ କ୍ଷେତ୍ର ସୁପାରି ବାବଦରେ ୬୦,୦୦୦ ଟଙ୍କାର ଅଗ୍ରିମ ନେଇ ନୂଆବର୍ଷ ବିଳମ୍ବିତ ରାତିରେ ନଟରାଜଙ୍କୁ ତେଲନଦୀ ବ୍ରିଜ୍ ଉପରୁ ତଳକୁ ଠେଲିଦେଇଥିଲେ। ଏଥିରୁ ଖସିବା ପାଇଁ ସେ ଦୁର୍ଘଟଣାର ରୂପ ଦେଇଥିଲେ। କିନ୍ତୁ ଘଟଣା ସମୟରେ ନଟରାଜ ଭାବୀ ସ୍ତ୍ରୀଙ୍କ ସହ ମୋବାଇଲରେ କଥାବାର୍ତ୍ତା ସତ୍ୟ ଉନ୍ମୋଚନ କରିଥିଲା। ☞ପୃଷ୍ଠା-୪











## ୨୪ରୁ କଟକକୁ ଘରୋଇ ବସ୍ ବନ୍ଦ ଚେତାବନୀ

**କଟକ,୧୭।୧(କାର୍ତ୍ତିକ ସାହୁ)**

ମୁଖ୍ୟମନ୍ତ୍ରୀ ବସ୍ ସେବା ବ୍ଲକରୁ ଜିଲା ସଦର ମହକୁମାକୁ ଚଳାଚଳ କରିବା ନେଇ ପୁଣି ବିବାଦ ଦେଖାଦେଇଛି। ଆସନ୍ତା ୨୩ ତାରିଖ ସୁଦ୍ଧା ସରକାର ସମାଧାନ ନ କଲେ ୨୪ରୁ କଟକକୁ ସମସ୍ତ ଘରୋଇ ବସ୍ ବନ୍ଦ ରହିବ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ କହିବାନୁସାରେ ପୂର୍ବ ସରକାର ଲକ୍ଷ୍ମୀ ନାମରେ ଏହି ବସ୍ ଚଳାଇବାବେଳେ ପଞ୍ଚାୟତରୁ ବ୍ଲକକୁ ଚାଲିବ ବୋଲି କହିଥିଲେ। ମାତ୍ର ଏବେ ଏହା ମୁଖ୍ୟମନ୍ତ୍ରୀ ବସ୍ ସେବା ଭାବେ ନାମକରଣ କରାଯାଇ ଜିଲାକୁ ଚଳାଚଳ କରୁଛି। ତେଣୁ ଏହାକୁ ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଆସୁଛି ବୋଲି ସାହୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ବିଫଳତାର ଅନୁଭବ









ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଉପସ୍ଥିତିରେ ଶନିବାର ଆୟୋଜିତ ସାମାଜିକ ପ୍ରସଙ୍ଗଭିତ୍ତିକ ବାର୍ତ୍ତାଳାପରେ ଯୋଗଦେଇଛନ୍ତି ସାମ୍ବାଦିକ ସତ୍ୟପ୍ରକାଶ ନାୟକ ଓ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ। ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦନା ବିଭାଗ ସଦସ୍ୟ ଓ ଖବରଦାତାମାନେ ଉପସ୍ଥିତ ଅଛନ୍ତି।

# ୨୦୨୭ ଜାନୁଆରୀ-ଫେବୃଆରୀରେ ପଞ୍ଚାୟତ, ପୌର ନିର୍ବାଚନ

**କଟକ,୧୭।୧(କାର୍ତ୍ତିକ ସାହୁ)**

ରାଜ୍ୟରେ ୨୦୨୭ ଜାନୁଆରୀ-ଫେବୃଆରୀରେ ହେବ ପଞ୍ଚାୟତ ଓ ପୌର ନିର୍ବାଚନ। ଏଥିପାଇଁ ଆଉ ମାତ୍ର ଏକ ବର୍ଷ ବାକି ରହିଥିବା ବେଳେ ଏବେଠୁ ନିର୍ବାଚନ ପ୍ରସ୍ତୁତି ଉପରେ ମୁଖ୍ୟ ନିର୍ବାଚନ କମିଶନର ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାପାଳଙ୍କ ସମ୍ମିଳନୀରେ ଆର୍‌ଡିସିସ୍ତରୀୟ ପ୍ରାଥମିକ ପ୍ରସ୍ତୁତି ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ଟି ଜିଲାର ନିର୍ବାଚନ ପ୍ରସ୍ତୁତି ପାଇଁ ଗତ ନିର୍ବାଚନ ସମ୍ପର୍କିତ ତଥ୍ୟର ସମୀକ୍ଷା କରିଛନ୍ତି।

ସୂଚନାନୁସାରେ ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଇଭିଏମ୍ ଆଦି ଉପକରଣ ଜିଲାରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଗୋଦାମକୁ ଫେରସ୍ତ କରିବା, ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବାଲଟ ପେପର୍ ମୁଦ୍ରଣ, ଗଣନା କେନ୍ଦ୍ରର ଚିହ୍ନଟ,




କଟକସ୍ଥିତ କେନ୍ଦ୍ରାଞ୍ଚଳ ଆୟୁକ୍ତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ନିର୍ବାଚନ ସମ୍ପର୍କିତ ସୂଚନା ଦେଉଛନ୍ତି।

ଆଗାମୀ ସାଧାରଣ ନିର୍ବାଚନ ପାଇଁ ପିଆର୍‌ଆଇ ଏବଂ ୟୁଏଲ୍‌ବିଏସ୍-୨୦୨୭ ସମ୍ପର୍କିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମୟ ସୀମା ଧାର୍ଯ୍ୟ କରିବା, ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କିତ ବକେୟା ଥିବା ଡିସିବିଲ/ୟୁସି ଦାଖଲ, ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳରେ ସର୍ଭେ ରୁଟ୍‌ର ଜିଆଇଏସ୍ ମ୍ୟାପିଂ କରିବା, ଭୋଟର ତାଲିକା ଅନ୍ତର୍ଭୁକ୍ତୀକରଣ ତ୍ରୁଟିଗୁଡ଼ିକୁ ଅପସାରଣ ଏବଂ ବାଦକରଣ ତ୍ରୁଟିଗୁଡ଼ିକୁ ଭୋଟର ତାଲିକାରେ ଯୋଡିବା, ଗଣନା ହଲ୍ ଏବଂ ଟେବୁଲ ବୃଦ୍ଧି କରିବା, ଅସ୍ଥାୟୀ ବୁଥକୁ ସ୍ଥାୟୀ ବୁଥରେ ପରିଣତ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି। ସେହିପରି ସମ୍ବେଦନ ଓ ଅତିସମ୍ବେଦନଶୀଳ ବୁଥଗୁଡ଼ିକୁ ଚିହ୍ନଟ

- **୧୦ ଜିଲାର ସମୀକ୍ଷା କଲେ ରାଜ୍ୟ ନିର୍ବାଚନ କମିଶନର**
- **ଅତି ସମ୍ବେଦନଶୀଳ ବୁଥ୍‌ରେ ଲାଗିବ ସିସିଟିଭି**
- **୨୦୨୭ ପଞ୍ଚାୟତ, ପୌର ନିର୍ବାଚନ ପାଇଁ ଜିଲାପାଳ ସମ୍ମିଳନୀ**

କରିବା, ଅତିସମ୍ବେଦନଶୀଳ ବୁଥରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବ୍ୟବସ୍ଥା କରିବା, ଭୋଟଦାନର ଗୋପନୀୟତା ବଜାୟ ରଖିବା ପାଇଁ ପଞ୍ଚାୟତ ନିର୍ବାଚନର ବାଲଟ ପେପରଗୁଡ଼ିକର ନୂତନ ଗଣନା ପ୍ରକ୍ରିୟା, ଅର୍ଥାତ୍ ଏକତ୍ରୀକରଣ, ମିଶ୍ରଣ ଏବଂ ଗଣନା ଆଦି ଉପରେ ଆଲୋଚନା କରାଯାଇଥିଲା। ଘରକୁ ଘର ବୁଲି ସର୍ଭେ କରିବା, ମୃତ ଭୋଟରମାନଙ୍କ ନାମ ବାଦ୍ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାଲଟ ବାକ୍ସର ବର୍ତ୍ତମାନର ସ୍ଥିତି ସମୀକ୍ଷା, ଗୋଟିଏ ସ୍ଥାନରେ ୫ଟିରୁ ଅଧିକ ବୁଥ ନ ରଖିବା, ଅଧିକ ବୁଥ ଥିବା ସ୍ଥାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ବାଲଟ କାଗଜ ପ୍ରିଣ୍ଟିଂ, ଉଭୟ ଭୋଟ ଗଣତି କେନ୍ଦ୍ର ଚିହ୍ନଟ ସମସ୍ତ ବିଡିଓ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା କରାଇବା ସହ ସହରାଞ୍ଚଳ ପରିଷଦ ବୁଥଗୁଡିକର ନିରୂପଣ ଆଦି ଜରୁରୀ ବୋଲି ପାଢ଼ୀ ତାଙ୍କ ଆଲୋଚନା ମାଧ୍ୟମରେ ଦର୍ଶାଇଥିଲେ।

ସର୍ବୋପରି ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ ଦିଗରେ ସେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶ ନିର୍ବାଚନ ସମ୍ପର୍କରେ ବିବିଧ ଗୁରୁତ୍ୱପୂର୍ଣ୍ଣ ସୂଚନା ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ବାଲେଶ୍ୱର ଜିଲାପାଳ ମୟୂର ସୂର୍ଯ୍ୟବଂଶୀ ଧନ୍ୟବାଦ ଦେଇଥିଲେ। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ରେଞ୍ଜ ଅନ୍ତର୍ଗତ ୧୦ଟି ଜିଲା କଟକ, ଖୋର୍ଦ୍ଧା, ବାଲେଶ୍ୱର, ପୁରୀ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, ଯାଜପୁର ଜିଲାର ଜିଲାପାଳମାନଙ୍କ ସମେତ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ତଥା ନିର୍ବାଚନ ସହ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ରାଜ୍ୟ ନିର୍ବାଚନ କମିଶନ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଶିବଲିଙ୍ଗ ଉପରେ ପୂଜକଙ୍କ ମୃତଦେହ

**ଜଗତ୍‌ସିଂହପୁର,୧୭।୧ (ପ୍ରମୋଦ କୁମାର ନାୟକ)**

**ପୁନଙ୍ଗ ପୁନେଶ୍ୱର ମହାଦେବ ମନ୍ଦିରରେ ଅଘଟଣ**

**ମୃତ୍ୟୁର କାରଣ ଅସ୍ପଷ୍ଟ**

ଜଗତ୍‌ସିଂହପୁର ଥାନା ପୁନଙ୍ଗସ୍ଥିତ ପୁନେଶ୍ୱର ମହାଦେବ ମନ୍ଦିରରେ ଶନିବାର ଅଭାବନୀୟ ଘଟଣା ଘଟିଛି। ମନ୍ଦିରର ପାତାଳଫୁଟା ଶିବଲିଙ୍ଗ ଉପରୁ ମନ୍ଦିର ପୂଜକ ଓମ୍‌ପ୍ରକାଶ ପଣ୍ଡା ଓରଫ ଶିବୁନା (୨୪)ଙ୍କ ମୃତଦେହ ମିଳିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ଖବରପାଇ ଜଗତ୍‌ସିଂହପୁର ଥାନା ପୋଲିସ ମନ୍ଦିରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପୁନେଶ୍ୱର ମହାଦେବଙ୍କ ଅବସ୍ଥିତି ଯୋଗୁ ଉକ୍ତ ଗ୍ରାମର ନାମ ପୂର୍ଣ୍ଣଗ୍ରାମ ତଥା ପୁନଙ୍ଗ ବୋଲି କୁହାଯାଉଛି। ଏହାକୁ ପାତାଳଫୁଟା ଶିବ ମନ୍ଦିର ବୋଲି କୁହାଯାଏ। ଗର୍ଭଗୃହ ଅଥଳ ଜଳରେ ଶିବଲିଙ୍ଗ ବୁଡ଼ି ରହିଛନ୍ତି। କିନ୍ତୁ ତା'ଚାରିପଟେ ସିମେଣ୍ଟ ଚଟାଣ ରହିଛି। ଏହି ମନ୍ଦିର ପୂଜକ ହେଲେ ଦୁଇ ଭାଇ କେଶବ ଚରଣ ପଣ୍ଡା ଓ ଭଗବାନ ପଣ୍ଡା। ଭଗବାନ ଭୁବନେଶ୍ୱରରେ ରହୁଛନ୍ତି। ତେଣୁ କେଶବ ମନ୍ଦିର ପୂଜକ ଭାବେ ଦାୟିତ୍ୱ ତୁଲାଉଥିଲେ। ମନ୍ଦିର ଗୋଟେ ପଟେ ଥିବାବେଳେ ଗ୍ରାମ୍ୟ ରାସ୍ତାର ଆରପଟେ କେଶବଙ୍କ ଘର। ଅତୀତରେ କେଶବଙ୍କ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ନାନା କଥା ଉଠିଥିଲା। ପରେ କେଶବଙ୍କ ମୃତ୍ୟୁ ଘଟିଥିଲା। ଏ ପରିସ୍ଥିତିରେ ସେମାନଙ୍କର ଏକମାତ୍ର ପୁଅ ଶିବୁନା ମନ୍ଦିରର ପୂଜା ଦାୟିତ୍ୱ ସମ୍ଭାଳିଥିଲେ। ପ୍ରତିଦିନ ପରି ଶନିବାର ସକାଳୁ ସେ ମନ୍ଦିରରେ ପୂଜା କରିଥିଲେ। ଅପରାହ୍ନ ପ୍ରାୟ ୧ଟା ବେଳେ ମନ୍ଦିର ଭିତରେ ପୂଜକଙ୍କ ମୃତଦେହ ଭାସୁଥିବା ଶୁଣିବାକୁ ମିଳିଥିଲା। ଖବର ପ୍ରଚାରିତ ହେବା ପରେ ମନ୍ଦିର ପରିସର ଲୋକାରଣ୍ୟ ହୋଇଯାଇଥିଲା। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିଥିଲା ଯେ, ପୂଜକ ଶିବୁନାଙ୍କ ଗୋଡ ଭାସୁଥିବାବେଳେ ମୁଣ୍ଡ ପାଣିରେ ବୁଡ଼ି ରହିଛି। ଅପରପକ୍ଷେ ଶିବଲିଙ୍ଗ ଥିବା ଜଳରାଶି ରକ୍ତରଞ୍ଜିତ ହୋଇଯାଇଥିଲା। ଏହି ମୃତ୍ୟୁକୁ ନେଇ ଏବେ ନାନା କଥା ଆଲୋଚନା ଚାଲିଛି। କେତେଜଣ କହୁଛନ୍ତି, ଶିବୁନା ମନ୍ଦିର ଭିତରକୁ ଯାଇଥିବାବେଳେ କାଛରେ ମୁଣ୍ଡ ପିଟି ହୋଇ ଶିବ ଲିଙ୍ଗ ଥିବା ଜଳ ରାଶିରେ ମୁହଁ ମାଡି ପଡିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ଅନ୍ୟ କେତେଜଣ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ତେବେ ଅଧିକାଂଶ ସମୟରେ ଶିବୁନା ନିଶାସକ୍ତ ଅବସ୍ଥାରେ ରହୁଥିବା ଶୁଣିବାକୁ ମିଳିଛି। ଅଧିକ ତଦନ୍ତ ପରେ ପୂଜକଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି।

ଅନ୍ୟପଟେ ଶିବୁନାଙ୍କ ଦାଦା ପୁଅ ଭାଇ ଆମେରିକାରେ ବୈଜ୍ଞାନିକ ଅଛନ୍ତି। ଗତ ୧୬ ତାରିଖରେ ବ୍ରହ୍ମପୁରରେ ତାଙ୍କର ବାହାଘର ହୋଇଥିଲା। ବୋହୂ ଓ ପୁଅ ଶନିବାର ଭୁବନେଶ୍ୱର ଫେରିଛନ୍ତି। ସେମାନେ ଭୁବନେଶ୍ୱରସ୍ଥିତ ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ଶିବୁନାଙ୍କ ମୃତ୍ୟୁ ଖବର ପାଇଥିଲେ। ଏହା ଶୁଣିବା ପରେ ଦାଦା ଭଗବାନ ପଣ୍ଡା ଚେତାଶୂନ୍ୟ ହୋଇଯାଇଥିଲେ। ଏନେଇ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏକ ଶିବ ମନ୍ଦିରରେ ପୂଜକଙ୍କ ମୃତ୍ୟୁ ଖବର ହିନ୍ଦୁ ଧର୍ମାବଲମ୍ବୀମାନଙ୍କୁ ଦୁଃଖ ଦେଇଛି।




# ୧୦ ଜିଲାରେ ଖୋଲିଲା ନାରୀ ଅଦାଲତ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଭାସୀ ମାଧ୍ୟମରେ ନାରୀ ଅଦାଲତ ସମେତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

## ଜାତୀୟ ଶିଶୁକନ୍ୟା ସପ୍ତାହ ଆରମ୍ଭ

- **ମହିଳା ସଶକ୍ତୀକରଣ ବିକଶିତ ଓଡ଼ିଶା ଗଠନର ମୂଳଦୁଆ: ଉପମୁଖ୍ୟମନ୍ତ୍ରୀ**
- **ଯାଜପୁରରେ ଉତ୍କଳ ବାଳାଶ୍ରମର ନୂତନ କୋଠା, ରୋଷେଇ ଘର ଉଦ୍‌ଘାଟିତ**

**ଭୁବନେଶ୍ୱର,୧୭।୧(ସୁଚିସ୍ମିତା ସାହୁ)**

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ ଯୋଜନା, ଅଭିଯାନ ଓ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏନେଇ ବିଭାଗୀୟ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ୧୦ ଜିଲାର ୧୦ ପଞ୍ଚାୟତରେ 'ନାରୀ ଅଦାଲତ'କୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏଥିସହ ସେ ଜାତୀୟ କନ୍ୟା ସନ୍ତାନ ସପ୍ତାହ, ଯାଜପୁରରେ ନବନିର୍ମିତ ଉତ୍କଳ ବାଳାଶ୍ରମ ଏବଂ ପୁରୀ ଓ ଯାଜପୁରରେ ଉତ୍କଳ ବାଳାଶ୍ରମର ଆଧୁନିକ ରୋଷେଇ ବ୍ୟବସ୍ଥାର ଶୁଭାରମ୍ଭ ସହ 'ପାଳନା' (ଅଙ୍ଗନୱାଡି-କମ୍-କ୍ରେଚ) ଯୋଜନାର ନିର୍ଦ୍ଦେଶାବଳୀ ଉନ୍ମୋଚନ କରିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ସରକାରଙ୍କ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ଗଠନକୁ ସୁଦୃଢ଼ କରିବ। ମହିଳା ସଶକ୍ତୀକରଣ ବିକଶିତ ଓଡ଼ିଶା ଗଠନର ମୂଳଦୁଆ। ତୃଣମୂଳସ୍ତରରେ ଆଲୋଚନା ଓ ମଧ୍ୟସ୍ଥତା ମାଧ୍ୟମରେ ତ୍ୱରିତ, ସୌହାର୍ଦ୍ଦ୍ୟପୂର୍ଣ୍ଣ ବିବାଦ ସମାଧାନ ପ୍ରଦାନ କରିବା ଲାଗି 'ନାରୀ ଅଦାଲତ' ଖୋଲାଯାଇଛି। ଏହା ମହିଳା ଅଧିକାର ସମ୍ପର୍କରେ ସଚେତନତାକୁ ସହଜ କରିବ। ଏହି ମଞ୍ଚ ମାଧ୍ୟମରେ ଘରୋଇ ହିଂସା, ଯୌତୁକ, ଶିଶୁ ସୁରକ୍ଷା ଏବଂ ସମ୍ପତ୍ତି ଅଧିକାର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କରାଯିବ। ପଞ୍ଚାୟତସ୍ତରରେ ସମୟାନୁବର୍ତ୍ତୀ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ ହେବ ବୋଲି ସେ କହିଛନ୍ତି।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, 'ନାରୀ ଅଦାଲତ'ର ମଧ୍ୟସ୍ଥତା ଆଇନ ମାଧ୍ୟମରେ ପାରିବାରିକ ଓ ଦେୱାନୀ ମାମଲାର ସହଜ ସମାଧାନ କରାଯିବ। ଏହି ଅଦାଲତ ମାଧ୍ୟମରେ ଲିଟିଗେଶନ ହ୍ରାସ କରିବା ସହ ଏକ ଭେଦଭାବମୁକ୍ତ ମହିଳା-କୈନ୍ଦ୍ରିକ ସମାଜ ଗଠନ କରିବ। ତାଲୁକ ଆଇନସେବା ପ୍ରାଧିକରଣର ସହଯୋଗରେ ମହିଳାଙ୍କୁ ନ୍ୟାୟିକ କ୍ଷମତା ପ୍ରଦାନ କରିବା ସହିତ ଏହି ଉଦ୍ୟମକୁ ସ୍ୱଚ୍ଛ ଓ ଫଳପ୍ରଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ସେହିପରି ଶନିବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନର ଜାତୀୟ କନ୍ୟା ସନ୍ତାନ ସପ୍ତାହ ଅଭିଯାନରେ ସମସ୍ତ ଜିଲାରେ ସଚେତନତା ପଦଯାତ୍ରା, ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା, କୃତୀ ଓ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯିବ। ଲିଙ୍ଗ ଆଧାରିତ ଚୟନମୂଳକ ଗର୍ଭପାତକୁ ରୋକିବା, ଲିଙ୍ଗ ସମାନତାକୁ ପ୍ରୋତ୍ସାହନ ଦେବା ଏବଂ କନ୍ୟାଶିଶୁ ପ୍ରତି ସାମାଜିକ ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।

ଅନ୍ୟପକ୍ଷରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ମୂଲ୍ୟ-ବଣ୍ଟନ ଅନୁପାତରେ କାର୍ଯ୍ୟକାରୀ ହୋଇଥିବା କେନ୍ଦ୍ରୀୟ ପ୍ରାୟୋଜିତ 'ପାଳନା' (ଅଙ୍ଗନୱାଡି-କମ-କ୍ରେଚ) ଯୋଜନା ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କ ପାଇଁ ଏକ ନିରାପଦ ଲାଳନପାଳନ ଏବଂ ଶିଶୁ-ଅନୁକୂଳ ପରିବେଶ ପ୍ରଦାନ କରିବ। ଏହି ପଦକ୍ଷେପ କର୍ମଜୀବୀ ମାଆଙ୍କର କର୍ମକ୍ଷେତ୍ରରେ ଅଂଶଗ୍ରହଣ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, ସମ୍ବଲପୁର, ମାଲକାନଗିରି, ବୌଦ୍ଧ ଏବଂ ରାୟଗଡ଼ା ବ୍ୟତୀତ ରାଜ୍ୟର ୨୫ଟି ଜିଲାରେ ୧୬୮ଟି ଅଙ୍ଗନୱାଡି କେନ୍ଦ୍ରକୁ 'ପାଳନା' କେନ୍ଦ୍ର ଭାବେ କାର୍ଯ୍ୟକ୍ଷମ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ଶିଶୁ ସୁରକ୍ଷା, ପୁଷ୍ଟିସାରଯୁକ୍ତ ଖାଦ୍ୟ, ନିରାପଦ ଶୋଇବା ସୁବିଧା, ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ଟିକାକରଣ ସହାୟତା ସମେତ ସେବା ପ୍ରଦାନ କରିବ।

ଏଥିସହ ଉପମୁଖ୍ୟମନ୍ତ୍ରୀ ପରିଡ଼ା ୨.୪୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଯାଜପୁରରେ ଉତ୍କଳ ବାଳାଶ୍ରମର ଏକ ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ସମେତ ପୁରୀ ଏବଂ ଯାଜପୁରର ଉତ୍କଳ ବାଳାଶ୍ରମରେ ଆଧୁନିକ ରୋଷେଇ ଘର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଖୋର୍ଦ୍ଧା ଏବଂ ଗଜପତି ଜିଲାରେ ଦୁଇଟି ସମନ୍ୱିତ ବାତ୍ସଲ୍ୟ ସଦନ ପାଇଁ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗୋଟିଏ ସ୍ଥାନରେ ଶିଶୁଯତ୍ନ ପ୍ରତିଷ୍ଠାନ, ଶିଶୁ କଲ୍ୟାଣ କମିଟି ଏବଂ କିଶୋର ନ୍ୟାୟ ବୋର୍ଡ ରହିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା, ଆଇନ ବିଭାଗର ପ୍ରମୁଖ ସଚିବ ଡ. ପବିତ୍ର ମୋହନ ସାମଲ, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ।

# ତେଲେଇ ହେବାକୁ

ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)


ନବୀନ ପଟ୍ଟନାୟକ



୨୦୨୪ ସାଧାରଣ ନିର୍ବାଚନରେ କ୍ଷମତାରୁ ଯିବାପରଠାରୁ ଦଳୀୟ ବ୍ୟାପାରରେ ସମ୍ପୂର୍ଣ୍ଣ ନୀରବ ରହି ଆସୁଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ଶୃଙ୍ଖଳା ପ୍ରସଙ୍ଗକୁ ନେଇ ହଠାତ୍ କ୍ରିୟାଶୀଳ କିପରି ହୋଇଗଲେ ତାହାକୁ ନେଇ ସବୁଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଯେତେବେଳେ ବିରୋଧୀ ଦଳ ପାଇଁ ବିଧାୟକଙ୍କ ସଂଖ୍ୟାରେ ହ୍ରାସ ନ ଘଟିବା ଜରୁରୀ ବୋଲି ସମସ୍ତେ ମନେକରୁଛନ୍ତି, ସେହି ସମୟରେ ୨ ଜଣ ବିଧାୟକଙ୍କୁ ବିଜେଡିରୁ ବିଦାକରି ନବୀନ କି ବାର୍ତ୍ତା ଦେବାକୁ ଚାହିଁଲେ ତାହା ବର୍ତ୍ତମାନ ସବୁଠାରୁ ଆଲୋଚ୍ୟର ବିଷୟ ପାଲଟିଛି। ଅଧିକ ଚର୍ଚ୍ଚା ହେଉଛି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ। ଅରବିନ୍ଦ ମଧ୍ୟ ସିଧାସଳଖ ନେତୃତ୍ୱଙ୍କୁ ଚ୍ୟାଲେଞ୍ଜକରି ତାଙ୍କର ଭୁଲ୍ କ'ଣ ସେକଥା ଜଣାଯାଉ ବୋଲି ବାରମ୍ବାର ପ୍ରଶ୍ନ କରୁଛନ୍ତି। ଯଦି ବିଜେଡି ବିଧାୟକମାନଙ୍କ ସଂଖ୍ୟାରେ ହ୍ରାସ ଘଟେ ତାହା ଆଗାମୀ ଦିନରେ କାହାକୁ ଅଧିକ ସୁହାଇବ ସେହି ଦିଗକୁ ନେଇ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚା ହେଉଛି। ସାଧାରଣ ନିର୍ବାଚନ ପରଠାରୁ ଏଯାଏ କୌଣସି ଜାତୀୟ ହେଉ ବା ରାଜ୍ୟ ପ୍ରସଙ୍ଗରେ ନବୀନ ପ୍ରଧାନମନ୍ତ୍ରୀ କିମ୍ବା ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବାବଦରେ ପଦୁଟିଏ ହେଲେ ମୁହଁ ଖୋଲିନାହାନ୍ତି। ଏମିତି ନୁହେଁ କି, ଦେଶରେ ଏଭଳି କିଛି ଘଟଣା ଘଟି ନାହିଁ ଯେଉଁ କଥାରେ ନବୀନ ଏତେଦିନ ଭିତରେ କିଛି କହିପାରି ନ ଥାଆନ୍ତେ ବୋଲି ଜାଣିବାଶୁଣିବା ମହଲରେ ଚର୍ଚ୍ଚା ହେଉଛି। ତେଣୁ ଯାହା କିଛି ଘଟଣା ଗଲା ୩ ଦିନ ହେବ ବିଜେଡିରେ ଘଟିଲାଣି ତାହା ଗୋଟେ ଆଡୁ ନୁହେଁ ବରଂ ୨ ଆଡୁ ହେଉଛି ବୋଲି ଚର୍ଚ୍ଚା ଜୋର୍ ଧରିଲାଣି। ଏକଥା କାହାକୁ ଲୁଚାଛପା ନାହିଁ ଯେ, ବିଜେଡିରେ ଯାହାସବୁ ଘଟୁଛି, ତାହା କେଉଁ ଗୋଷ୍ଠୀ ଇଙ୍ଗିତରେ ହେଉଛି। ସେହି ଗୋଷ୍ଠୀ ଏବେ ଭାଜପା ଶୀର୍ଷ ନେତୃତ୍ୱଙ୍କ ପାଖରେ ତେଲେଇହେବାକୁ ବିଜେଡି ନେତୃତ୍ୱଙ୍କ ଜରିଆରେ ବିଜେଡିରେ ଏପରି ଏକ ହଟଚମଟ ସୃଷ୍ଟି କରୁଛି ବୋଲି ଶୁଣିବାକୁ ମିଳିଲାଣି।

ନବୀନ ନିବାସରେ ରହି ଦଳୀୟ କାର୍ଯ୍ୟରେ ମାମଲତି କରୁଥିବା ଜଣେ ଅଫିସର ହିଁ ଅନେକ କଥା ବିଭିନ୍ନ ସମୟରେ ବାହାରେ ପ୍ରଚାର କରୁଛନ୍ତି। ଏପରି ନୁହେଁ, ସେହି ଅଫିସର ଜଣକ ଜଣେ ବୋକା। କିଛିଦିନ ହେବ ନବୀନ ନିବାସ ଲଗାତର ଆସିବାରେ ସମସ୍ୟା ଭୋଗୁଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଜଣକ ଏପରି କଥା ବାହାରେ ପ୍ରଚାର କରିବାକୁ ଇଙ୍ଗିତ କରିଥାଇପାରନ୍ତି। ଏହାଦ୍ୱାରା ଯେପରି ତାଙ୍କ ପ୍ରଭାବ ପୁଣିଥରେ ଦଳର ସବୁ ନେତାଙ୍କ ନିକଟରେ ଅନୁଭବ ହେବ। ଏହାଦ୍ୱାରା ବିଗତ ଦିନରେ ଯେପରି ଭାଜପା ନେତାଙ୍କୁ ବିଜେଡି ଭୋଟ ଦେଇ ରାଜ୍ୟ ସଭା ପଠାଇବାରେ ସଫଳ ହୋଇଥିଲେ ସେମିତି କିଛି ଆଗକୁ କରିପାରିବେ। ଜଣେ ବିଧାୟକଙ୍କ ସୂତ୍ରରୁ ମିଳିଥିବା ଖବର ମୁତାବକ, ଆଗରୁ କଥା କଥାରେ ବିଜେଡିରେ କିଛି ଘଟଣା ଘଟିଲେ ଭାଜପା ନେତାମାନେ ଆଗକୁ ଆସି ଗୁଡ଼େଇ ତୁଡ଼େଇ ପ୍ରଶ୍ନବାଣରେ ବିଜେଡିକୁ ଆକ୍ରମଣ କରୁଥିଲେ। ହେଲେ ଗତ ୩ ଦିନର ଘଟଣାବଳୀକୁ ଯଦି ଲକ୍ଷ୍ୟ କରାଯାଏ, ବିଜେଡି ବିଷୟରେ କୌଣସି ଭାଜପା ନେତା ପଦୁଟିଏ ମୁହଁ ଖୋଲୁନାହାନ୍ତି। ତେଣୁ ୪ ରାଜ୍ୟ ସଭା ଆସନ, ଯାହା କିଛିଦିନ ପରେ ଖାଲିହେବାକୁ ଯାଉଛି, ସେଥିରେ ଭାଜପା ପାଇଁ କିଛି ସମସ୍ୟା ସୃଷ୍ଟି ହୋଇଛି, ଯେଉଁଥିପାଇଁ ନବୀନଙ୍କ ଘନିଷ୍ଠ ସହଯୋଗୀଙ୍କ ମୁଣ୍ଡ ବର୍ତ୍ତମାନ ବୁଲାଇବା ଆରମ୍ଭ କରିଛି। ଯଦି ବିଜୟ ମହାପାତ୍ର ଗତ ୧୨ ତାରିଖରେ ଝାରସୁଗୁଡ଼ା ଯାଇ ରୁଦ୍ଧଦ୍ୱାର ବୈଠକ କରିଥିବା ଖବର ସତ ହୋଇଥାଏ, ତାକୁ ଦେଖିଲେ ବି ବୁଝାପଡୁଛି ସେଥିରେ ଭାଜପାର କ୍ଷତି ହେବାର ଆଶଙ୍କା ରହିଥାଇପାରେ। କାରଣ ବିଜେଡି ତ ପୂର୍ବରୁ ନିଜର ଗୋଟିଏ ରାଜ୍ୟ ସଭା ଆସନକୁ ୨ ଥର ଭାଜପା ହାତକୁ ଟେକି ଦେଇସାରିଛି। ତେଣୁ ଏସବୁ ଘଟଣାବଳୀ ଭାଜପା ପାଇଁ ସୃଷ୍ଟି ହେଉଥିବା କ୍ଷତିକୁ ଆକଳନକରି ତାକୁ ରୋକିବା ଦିଗରେ ଏକ ବଡ଼ ଉଦ୍ୟମ ହୋଇଥାଇପାରେ ବୋଲି ବିଧାୟକ ଜଣକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ତାଙ୍କର ଆହୁରି କହିବା କଥା ହେଲା, ରାଜ୍ୟର ଅନେକ ବର୍ଗ ଜାଣିଛନ୍ତି, ଦିଲ୍ଲୀରେ ବସିଥିବା କେତେଜଣ ଓଡ଼ିଶା ନେତା ବର୍ତ୍ତମାନ ରାଜ୍ୟର ଭାଜପା ସରକାରଙ୍କ ଅନେକ ଘଟଣାରେ ମୁଣ୍ଡ ପୂରାଉଛନ୍ତି। ଯଦି ରାଜ୍ୟ ରାଜନୀତିରେ କିଛି ଏପରି ଘଟଣା ଘଟେ, ଯାହା ଭାଜପାର କ୍ଷତି ହେବ, ତେବେ ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ନିକଟରେ ସେମାନଙ୍କ ଦକ୍ଷତା ନେଇ ପ୍ରଶ୍ନ ଉଠିପାରେ। ତେଣୁ ସେସବୁ କଥାକୁ ଲକ୍ଷ୍ୟକରି ରାଜ୍ୟ ସଭା ଅଙ୍କ ଯେପରି ନ ବିଗିଡ଼ିବ, ସେଥିଲାଗି ବିଜେଡି ଏବେ ଶୃଙ୍ଖଳା ନାଁରେ ପ୍ରତିକାର କରିବା ଆରମ୍ଭ କରିଦେଇଛି ବୋଲି ସେ କହିଛନ୍ତି। ଗତ ଶୁକ୍ରବାର ଧରିତ୍ରୀରେ 'ପ୍ରାୟୋଜିତ ଭୟ' ଶୀର୍ଷକରେ ଏକ ଖବର ପ୍ରକାଶିତ ହୋଇଥିଲା। ବିଜୁ ଛାତ୍ର ଜନତା ଦଳର ଜଣେ ଆଗଧାଡ଼ି ନେତାଙ୍କ ସହ ଏ ଖବର ସମ୍ପର୍କରେ ଆଲୋଚନା ହେଲା। ସେହି ସମୟରେ ତାଙ୍କ ନିକଟରେ ଆମର ପ୍ରଶ୍ନ ଥିଲା, ବିଭିନ୍ନ ରାଜ୍ୟରେ ବିରୋଧୀ ହୁଅନ୍ତୁ ବା ସେହି ରାଜ୍ୟଗୁଡିକର ଆଞ୍ଚଳିକ ଦଳଗୁଡ଼ିକ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ କଡ଼ା ସମାଲୋଚନା କରୁଛନ୍ତି। ଯେତେବେଳେ ରାଜ୍ୟରେ ଭାଜପା ବିରୋଧୀ ଦଳ ଆସନରେ ଥିଲା, ସେହି ସମୟରେ ସେମାନେ ପ୍ରତ୍ୟେକ ପ୍ରସଙ୍ଗରେ ବିଜେଡି ସରକାରକୁ ଟାର୍ଗେଟକରି ଦିନରାତି ରାସ୍ତାକୁ ଓହ୍ଲାଉଥିଲେ, ହେଲେ ବିଜେଡିରେ ନବୀନଙ୍କ ସହଯୋଗୀ କାହିଁକି ସେକଥା ଚାହୁଁନାହାନ୍ତି। ତାଙ୍କ ଉତ୍ତର ଥିଲା, ସାର୍ ଚାହୁଁଛନ୍ତି ଏବେ ବିଜେଡି ସେମିତି କିଛି କାର୍ଯ୍ୟକ୍ରମ ନ କରୁ, ଯେଉଁଥିଲାଗି ତାଙ୍କ ଦଳର ଅନେକ ନେତାଙ୍କୁ ଜେଲ ଯିବାକୁ ପଡିବ। ସେଥିଲାଗି ସେ ନିଜେ ମଧ୍ୟ ରାସ୍ତାକୁ ଓହ୍ଲାଉନାହାନ୍ତି, ବରଂ ପଛରେ ରହି ସବୁ ଭାବିଚିନ୍ତି କରୁଛନ୍ତି ବୋଲି ସେ କହିଛନ୍ତି। ଦଳର ଛାତ୍ର ଓ ଯୁବ ସଙ୍ଗଠନ ଶେଷଥର କାହା ଦ୍ୱାରା ଚୟନ କରାଯାଇଛି ସେକଥା ବିଜେଡିର ପ୍ରାୟ ସବୁ ବର୍ଗର ନେତାଙ୍କୁ ଭଲ ଭାବେ ଜଣାଅଛି ବୋଲି ସବୁଠି ଆଲୋଚନା ହେଉଛି। ତେଣୁ ଛାତ୍ରନେତାଙ୍କ କହିବା ଅନୁଯାୟୀ, ଭାଜପା ସପକ୍ଷରେ ତେଲେଇ ହେବାକୁ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନା ନାହିଁ ସେକଥା ଆସନ୍ତା ରାଜ୍ୟ ସଭା ଭୋଟିଂ ସମୟରେ ସ୍ପଷ୍ଟ ହୋଇଯିବ ବୋଲି ବୁଝିବାକୁ ପଡ଼ିବ।

## ୧୯ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ୧୯ ତାରିଖ ବନ୍ଦ ରହିବ। ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହା ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରଠୁ ଅଦ୍ୟାବଧି ୧୭ଟି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବାବେଳେ ୯୫% ଅଭିଯୋଗର ସମାଧାନ ସରିଲାଣି।









## 'ଜେଲରୁ ୨ ବିହାରୀ କଏଦୀଙ୍କୁ ଖସାଇଥିଲେ ସୁପରିଣ୍ଟେଣ୍ଡେଣ୍ଟ'

### ଏତଲା ଦେଲେ ପୂର୍ବତନ ଜେଲର

ମଙ୍ଗୁଳି–ଜଗତପୁର/ଚୌଦ୍ୱାର,୧୭।୧ (ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ସର୍କଲ ଜେଲରୁ ଗତ ଅକ୍ଟୋବର ୩ରେ ୨ଜଣ ବିହାରର ବିଚାରାଧୀନ କଏଦୀ ପାଚେରି ଡେଇଁ ଫେରାର ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏ ପର୍ଯ୍ୟନ୍ତ ପ୍ରଶାସନ ପାଖରେ ଫେରାର କଏଦୀଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳିନାହିଁ। ଶନିବାର ଏହି ଘଟଣାକୁ ୩ ମାସ ବିତିଯାଇଥିବା ବେଳେ ସେତେବେଳେ ଜେଲ ଦାୟିତ୍ୱରେ ଥିବା ଜେଲର ସନ୍ତୋଷିନୀ ଦାସ ବର୍ତ୍ତମାନ କାର୍ଯ୍ୟରତ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳଙ୍କ ନାମରେ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ବିହାରୀ କଏଦୀଙ୍କୁ ଖସାଇବାରେ ରହିଛି ସୁଜିତଙ୍କ ବଡ଼ ଭୂମିକା। କଏଦୀ ଫେରାର ପରେ ଗେଟ୍ ଇନ–ଆଉଟ ରେଜିଷ୍ଟରରେ ବଡ଼ ହେର୍‌ଫେର କରିଛନ୍ତି। ଏପରିକି ଗେଟ୍ ରେଜିଷ୍ଟରରେ ମୋ ଦସ୍ତଖତକୁ ଜାଲିଆତି କରି ତଦନ୍ତକୁ ଦିଗହରା କରିବାକୁ ଉଦ୍ୟମ କରିଛନ୍ତି। ସେ ଘଟଣା ଦିନ ଜେଲରେ ଉପସ୍ଥିତ ଥାଇ ମଧ୍ୟ ବ୍ୟକ୍ତିଗତ କାମରେ ଖୋର୍ଦ୍ଧା ଯାଇଥିଲେ ବୋଲି ରେଜିଷ୍ଟରରେ ସୁଜିତ ଉଲ୍ଲେଖ କରିଛନ୍ତି। କିନ୍ତୁ ତାହା ସତ୍ୟ ନୁହେଁ। ଅକ୍ଟୋବର ୩ରେ ଦୁଇ କଏଦୀ ଫେରାର ପରେ ଘଟଣା ସମ୍ପର୍କରେ ସବୁ ଜାଣି ମଧ୍ୟ ମାମଲାରୁ ଦୂରେଇ ରହିବାକୁ ରେଜିଷ୍ଟରରେ ଜାଲିଆତି କରାଯାଇଛି। ପୋଲିସ ଅଫିସିଆଲ ରେକର୍ଡକୁ ଯାଞ୍ଚ ପରିସରଭୁକ୍ତ ଓ ଘଟଣା ଦିନର ମୁଖ୍ୟ ଗେଟ୍ ସିସିଟିଭି ଭିଡିଓ ଏବଂ ତାଙ୍କ ଦସ୍ତଖତର ଫରେନସିକ ଯାଞ୍ଚ କରିବାକୁ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତେବେ ଏ ନେଇ ଚୌଦ୍ୱାର ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କୁ ପଚାରିବାରୁ ଏତଲା ପାଇଛୁ, ଏହା ଉପରେ ଅନୁଧ୍ୟାନ କରାଯାଇଛି ବୋଲି କହିଥିଲେ। ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନହିଁ।

## ବିଦ୍ୟାଳୟରେ ପେଯ ପଡ଼ି ଛାତ୍ରୀ ଗୁରୁତର

ନୀଳଗିରି,୧୭।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ସରସ୍ୱତୀ ଶିଶୁମନ୍ଦିରରେ ଏକ ଅଭାବନୀୟ ଘଟଣା ଘଟିଛି। ଗରମ ପେଯ ଢାଳିଯିବା କାରଣରୁ ଜଣେ ଚତୁର୍ଥଶ୍ରେଣୀ ଛାତ୍ରୀ ଆହତ ହୋଇଛନ୍ତି। ସାନଅତା ଅଞ୍ଚଳର ଉକ୍ତ ଛାତ୍ରୀ ମଧ୍ୟାହ୍ନରେ ପରିସ୍ରା କରି ଆସୁଥିବା ବେଳେ ରାନ୍ଧୁଣିଆ ଗରମ ପେଯ ନିକଟସ୍ଥ ନାଳରେ ଫିଙ୍ଗିଦେବାରୁ ଛାତ୍ରୀଙ୍କ ବେକରେ ପେଜ ପଡିଯାଇଥିଲା। ଫଳରେ ଛାତ୍ରୀଜଣକ ଗୁରୁତର ହୋଇ ଚିତ୍କାର କରିଥିଲେ। ତୁରନ୍ତ ଶିଶୁମନ୍ଦିର କର୍ତ୍ତୃପକ୍ଷ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରିଥିଲେ। ପରେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜ ନିଆଯାଇଥିବା ସୂଚନା ମିଳିଛି। ଏନେଇ ଶିଶୁମନ୍ଦିର ପ୍ରଧାନଗୁରୁଜୀ ଜୟକୃଷ୍ଣ ବାରିକ ଘଟଣାରେ ସତ୍ୟତା ସ୍ୱୀକାର କରିବା ସହିତ ଛାତ୍ରୀଙ୍କ ସୁସ୍ଥ କାମନା କରିଛନ୍ତି।




## ସୀମାନ୍ତରେ ୨ ମାଓବାଦୀ ନିହତ

ମାଲକାନଗିରି,୧୭।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ନ୍ୟାଶନାଲ ପାର୍କ ଅଞ୍ଚଳରେ ମାଓବାଦୀମାନେ ଲୁଚି ରହିଥିବା ଖବର ପାଇ ସିଆରପିଏଫ୍, କୋବ୍ରା ବାହିନୀ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ବହୁ ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରଖିଥିଲେ। ୨ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଥିଲା। ସେହି ମୃତଦେହ ମଧ୍ୟରେ ମାଓବାଦୀ ନେତା ପାପା ରାଓ ରହିଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ବିପୁଳ ପରିମାଣର ବନ୍ଧୁକ, ଏକେ–୪୭ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଉକ୍ତ ଅଞ୍ଚଳରେ ପୋଲିସର ସର୍ଚ୍ଚ ଅପରେଶନ ଜାରି ରହିଛି। ଏହାପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।






## ନିଶାଙ୍କ ନାଚ ଦେଖି ଉପଜିଲାପାଳ ନିଲମ୍ବିତ

ଭୁବନେଶ୍ୱର,୧୭।୧(ତ୍ରିନାଥ ମହାନ୍ତି)


ନିଶା ମହାରଣା


ତୁଳସୀଦାସ ମର୍‌କମ୍

ଛତିଶଗଡ଼ ଗରିଆବନ୍ଧ ଜିଲାରେ ହେଉଥିବା ବନଦୁର୍ଗା ପର୍ବରେ ଅନୁଷ୍ଠିତ ଯାତ୍ରାରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ଦେଖିବା ଅଭିଯୋଗରେ ଉପଜିଲାପାଳ ତୁଳସୀଦାସ ମର୍‌କମ୍‌ଙ୍କୁ ନିଲମ୍ବନ କରାଯାଇଛି। ନିଶାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍ ହେବା ସହ ବିଭିନ୍ନ ମହଲରେ ସମାଲୋଚନା ପରେ ଗରିଆବନ୍ଧ ଜିଲାପାଳ ଶନିବାର ଉପଜିଲାପାଳ ମର୍‌କମ୍‌ଙ୍କୁ ନିଲମ୍ବନ କରିଛନ୍ତି। ପୂର୍ବରୁ ଏହି ଘଟଣାରେ ୧୪ଜଣ ଆୟୋଜକଙ୍କୁ ଗିରଫ କରାଯିବା ସହ ୩ଜଣ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନରେ ସାମିଲ ହେବା ଏବଂ କାର୍ଯ୍ୟରେ ଖିଲାପ କରିବା ଅଭିଯୋଗରେ ଜିଲା ପ୍ରଶାସନ ପକ୍ଷରୁ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପ୍ରକାଶ ଯେ, ଗତ ମାସ ୯ ତାରିଖରେ ବନଦୁର୍ଗା ପର୍ବ ସମୟରେ ସ୍ଥାନୀୟ କମିଟି ପକ୍ଷରୁ ଯାତ୍ରା ପାର୍ଟି ପଡ଼ିଥିଲା। ଏଥିରେ ନିଶା ମହାରଣା ନୃତ୍ୟ ପରିବେଷଣ କରିଥିଲେ। ହେଲେ ନିଶା ଅଶ୍ଳୀଳ ନୃତ୍ୟ ପରିବେଷଣ କରୁଥିବା ସମୟରେ ଉପଜିଲାପାଳ ମର୍‌କମ୍ ଆଗ ଧାଡ଼ିରେ ବସି ନୃତ୍ୟକୁ ଦେଖିଥିଲେ। ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହୋଇ ଏଭଳି ଅଶ୍ଳୀଳ ନୃତ୍ୟ ଦେଖିବା ଏବଂ ଏହାର ଭିଡିଓ ଅନ୍‌ଲାଇନ୍‌ରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଏପରି କି ଏହି ଘଟଣାରେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରାଯିବା ପରେ ତଦନ୍ତ କରି ଉପଜିଲାପାଳଙ୍କ ବିରୋଧରେ ଶନିବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

**ଆଜିର ମନ୍ତବ୍ୟ**

"ପଶ୍ଚିମବଙ୍ଗରେ ଭାଜପା କ୍ଷମତାକୁ ଆସିବା ମାତ୍ରେ ତୃଣମୂଳ କଂଗ୍ରେସର ଗୁଣ୍ଡାରାଜ ଶେଷ ହେବ ଏବଂ ରାଜ୍ୟ ବିକାଶ ପଥରେ ଅଗ୍ରସର ହେବ।"
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପଥ ଉତ୍ସବ, ସ୍ଥାନ: ଜାଗମରା ନୂଆ ରାସ୍ତା, ସମୟ: ସକାଳ ୬ଟା।
- ଦେବ ୟୁଗ୍ ବ୍ରହ୍ମ ବିନ୍ଦୁ ଅନ୍‌ଲାଇନ୍ ରକ୍ତ ଦାତା ଆପ୍ ଉନ୍ମୋଚନ ଏବଂ ମାରାଥନ୍, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସକାଳ ୬ଟା ୩୦।
- ହିନ୍ଦୁ ଜାଗରଣ ସମିତି ପକ୍ଷରୁ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀ ଗୀତାକ୍ଷେତ୍ର ଜଗନ୍ନାଥ ମନ୍ଦିର, ପାଣ୍ଡରା, ସମୟ: ସକାଳ ୯ଟା।
- ଅଲ୍ ଓଡ଼ିଶା ଗୋପାଳ ସମାଜ, ରାଜ୍ୟ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦୁର୍ଗା ପୂଜା ମଣ୍ଡପ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ୨ୟ ବାର୍ଷିକ ରାଜ୍ୟସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ନିକଟ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ଏକାମ୍ର ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ ଟା।
- ଗୋପାଳ ଚନ୍ଦ୍ର ମିଶ୍ରଙ୍କ ପ୍ରଥମ ଭ୍ରମଣ ପୁସ୍ତକ 'ବୁଲିଥିଲି ଭୁଲି ନାହିଁ' ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା।
- ପ୍ରଜ୍ଞା ଏକାଡେମିକ୍ ଆଣ୍ଡ କଲ୍‌ଚରାଲ୍ ଟ୍ରଷ୍ଟ ପକ୍ଷରୁ ଗୀତିକାର ବୃନ୍ଦାବନ ଜେନାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିରସ୍ଥ ନୂତନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୫ଟା ୩୦।
- ରାଜାରାଣୀ ସଙ୍ଗୀତ ଉତ୍ସବ, ସ୍ଥାନ: ରାଜାରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବନଭୋଜନ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗକେନ୍ଦ୍ର,ସ୍ୱସ୍ତିବନ, କଲ୍ୟାଣପୁର, ସମୟ: ସକାଳ ୬ଟା ୨୨ରୁ ସନ୍ଧ୍ୟା ୬ଟା।

## କଟକ

- ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ଅବସରରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ପୌର୍ଣ୍ଣମାସୀ ପାଠାଗାର, ଅନନ୍ତ ବିହାର, ମହାନଦୀ ବିହାର, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା ଅବସରରେ ୫୦ତମ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ସମୟ: ସକାଳ ୯ଟା।
- ବଲାଙ୍ଗୀରର କଳାଶ୍ରୀ ଆର୍ଟ ପକ୍ଷରୁ ଊନବିଂଶ ସର୍ବଭାରତୀୟ ଯୋଗିନୀ ମହୋତ୍ସବ ୪ରିଏଲ, ସ୍ଥାନ: ବିଜୟଗୋବିନ୍ଦ ଭବନ, ହରିପୁର, ଦୋଳମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀପୁର, ସମୟ: ଅପରାହ୍ନ ୩ଟା।
- ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଦିନିକିଆ ଫୁଟବଲ ମ୍ୟାଚ୍, ସ୍ଥାନ: ସତ୍ୟବ୍ରତ ଷ୍ଟାଡିୟମ, ବାରବାଟୀ ଦୁର୍ଗ ପରିସର, ସମୟ: ଅପରାହ୍ନ ୪ଟା।
- କଳିଙ୍ଗ ଭାରତୀ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀରେ ସାରସ୍ୱତ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମୋତ୍ସବ ଓ ଛତ୍ରବଜାରର ୧୬ତମ ବାର୍ଷିକ ସତସଙ୍ଗ, ସ୍ଥାନ: ମଙ୍ଗଳାମନ୍ଦିର ନିକଟ, ଶଙ୍କରପୁର ଉପରସାହି, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଦଇତାପତି ନିଯୋଗ ପକ୍ଷରୁ ବୈଠକ, ସ୍ଥାନ: ଦଇତାପତି ହାଉସ୍, ମୋଚିସାହି, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ହରିହର ନଗର, ତାଳବଣିଆ, ସମୟ: ପୂର୍ବାହ୍ନ ୧୦ଟା।
- ନେତାଜୀ ସୁଭାଷ ଫେଷ୍ଟିଭାଲ ଅବସରରେ ୟୁଥ୍ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନିରବତା ରାଗିଣୀ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୪ଟା।
- ଭକ୍ତକବି ବଳରାମ ଦାସଙ୍କ ମହାପ୍ରୟାଣ ଦିବସ, ସ୍ଥାନ: ଗୋପ ଏରବଙ୍ଗ ବଳରାମଜୀଉ ମନ୍ଦିର, ସମୟ ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ବେଗୁନିଆ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ଓ ପୁସ୍ତକମେଳା, ସ୍ଥାନ: ବିଡିଏ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ମଙ୍ଗଳାନଗର ସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ରେଣ୍ଡସ ପାରାଡାଇସ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଅଲ୍ ଓଡ଼ିଶା ଶ୍ରୀବସ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: କୁସୁମାଟି ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ବାଲେଶ୍ୱର

- ବିଭିନ୍ନ ଜଳାଶୟରେ ବନବିଭାଗ ପକ୍ଷରୁ ପକ୍ଷୀଗଣନା, ସ୍ଥାନ: କୁଲଡ଼ିହା ଅଭୟାରଣ୍ୟ, ନୀଳଗିରି, ସମୟ: ସକାଳ ୬ଟା।

## ଭଦ୍ରକ

- ସିଦ୍ଧିବିନାୟକ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଆମ୍ବଗଡି, ଜଗନ୍ନାଥପୁର, ନାୟିକାଣିଡିହୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସୂର୍ଯ୍ୟ ନମସ୍କାର ୧୦୮ ଚକ୍ର, ସ୍ଥାନ:ବାରିପଦା ଷ୍ଟାଡିୟମ, ବାରିପଦା, ସମୟ: ସକାଳ ୭ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ ବଡ଼ସାହି, ସମୟ: ଅପରାହ୍ନ ୫ଟା।
- ଓଡ଼ିଶୀ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ,ସ୍ଥାନ: ଉଦଳା ଟାଉନ କ୍ଲବ୍ ସାଂସ୍କୃତିକ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ଜିଲ୍ଲା ଭାଜପା ପକ୍ଷରୁ କର୍ମଶାଳା, ସ୍ଥାନ: ଆମ୍ବପୁଆ ଏସ ୩ ଲେନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଚିତ୍ରାଳୟ ମାଲିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ରାୟନସ୍ କ୍ଲବ୍ ପକ୍ଷରୁ ବିରାଟ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଖମ୍ବେଶ୍ୱରୀ ମନ୍ଦିର ପଛପଟ କଲ୍ୟାଣ ମଣ୍ଡପ, ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ଶ୍ରୀମଦ ଭାଗବତ ସପ୍ତାହ ପାଳନ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଦେଓଖାଲି ଗ୍ରାମ ଦିଗପହଣ୍ଡି ବ୍ଲକ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଶୁଭ ଜନ୍ମ ମହୋତ୍ସବ, ସ୍ଥାନ: ଦାରିଙ୍ଗବାଡି ନୀଳକନ୍ଦର ସାହି, ସମୟ : ସକାଳ ୬ଟା ୨୮ ରୁ ଆରମ୍ଭ।

## ଅନୁଗୋଳ

- ବିଶାଳ ହିନ୍ଦୁ ସମ୍ମିଳନୀ ଓ ପାଞ୍ଚ ମହାଯଜ୍ଞ, ସ୍ଥାନ: ଛେଣ୍ଡିପଦା ସ୍ୱପ୍ନେଶର ମନ୍ଦିର ନିକଟସ୍ଥ ଚନ୍ଦନ ପଡ଼ିଆ, ସମୟ: ସକାଳ ୮ଟାରୁ ଅପରାହ୍ନ ୧ଟା ୩୦।

## ରାୟଗଡ଼ା

- ଗୁଡାରି ବ୍ରାହ୍ମଣ ସମାଜର ମହା ସମାବେଶ, ସ୍ଥାନ: ଗୁଡ଼ାରୀ ବ୍ଲକ ତୁମୁଲୁପାଡୁ ଆମ୍ବ ତୋଟା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଷ୍ଟେଟ ଇଲେକ୍ଟ୍ରିସିଟି କର୍ପୋରେଶନ ଇଞ୍ଜିନିୟର ଆସୋସିଏସନ ପକ୍ଷରୁ ସର୍କଲସ୍ତରୀୟ ବୈଠକ, ସ୍ଥାନ: ରାୟଗଡ଼ାସ୍ଥିତ ହୋଟେଲ ସାଇ ଇଣ୍ଟନ୍ୟାଶନାଲ, ସମୟ: ପୂର୍ବାହ୍ନ ୧୧ଟା୩୦।

## କୋରାପୁଟ

- ଉପଖଣ୍ଡସ୍ତରୀୟ ଯନ୍ତ୍ରପାତି ମେଳା ଉଦ୍‌ଯାପିତ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- କ୍ରିଷ୍ଣା ବିକାଶ ଗ୍ରୁପ ଓ ହସ୍ପିଟାଲ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଚଷା ସମାଜର ୧୯ତମ ବାର୍ଷିକ ବନ୍ଧୁ ମିଳନ, ସ୍ଥାନ : ନାରୀ ସେବା ସଦନ, ସମୟ : ସକାଳ ୯ଟାରୁ ଅପରାହ୍ନ ୫ଟା।

## ରାଉରକେଲା

- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅର୍ବାନ କୋପରେଟିଭ ବ୍ୟାଙ୍କର ବାର୍ଷିକ ବୈଠକ, ସ୍ଥାନ: ଉଦିତନଗରସ୍ଥିତ ବ୍ୟାଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ସୁନ୍ଦରଗଡ଼

- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଓ ଜିଲ୍ଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ, ସ୍ଥାନ: ସୁନ୍ଦରଗଡ ସରକାରୀ କଲେଜ ସମ୍ମୁଖ ପଡିଆ, ସମୟ: ସକାଳ ୭ଟା ୩୦।
- ଶାନ୍ତି ଶୋଭାଯାତ୍ରା, ସ୍ଥାନ: ରିଜେଣ୍ଟ ମାର୍କେଟ, ସୁନ୍ଦରଗଡ, ସମୟ: ସକାଳ ୮ଟା।

## ବରଗଡ଼

- କଳା ନିକେତନର ବାର୍ଷିକ ଉତ୍ସବ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ନବମ ଗଡଜାତ ଲୋକ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆ ବୀରନରସିଂହପୁର, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଉତ୍ସବ ପ୍ରଧାନପାଟ ୨୦୨୬ ସାଂସ୍କୃତିକ ଶୋଭାଯାତ୍ରା,ସ୍ଥାନ: ମା' କନକ ଦୁର୍ଗାମନ୍ଦିରରୁ ପ୍ରଧାନପାଟ ରୋଡ ବଡ ବଗିଚା,ସମୟ : ଅପରାହ୍ନ ୨।
- ଉତ୍ସବ ପ୍ରଧାନପାଟ ୨୦୨୬ ଉଦ୍‌ଘାଟନ, ସ୍ଥାନ:ପ୍ରଧାନପାଟ ରୋଡ ବଡ ବଗିଚା, ସମୟ : ସନ୍ଧ୍ୟା ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ, ମଠସାହି ମା' କନକଦୁର୍ଗା ମନ୍ଦିର,ସମୟ: ୬ଟା୩୦।

## ସୁବର୍ଣ୍ଣପୁର

- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ : ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ତ୍ରିନାଥ ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ତ୍ରିବେଣୀ ଛକରେ ମକର ମେଳାର ପଞ୍ଚମ ସନ୍ଧ୍ୟାରେ କଂସ ଦରବାର, ସ୍ଥାନ: ଗୁଗୁଡିପାଲି ତ୍ରିବେଣୀ ଛକ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ପଶ୍ଚିମାଞ୍ଚଳ ଜ୍ୟୋତିଷ ଓ କର୍ମକାଣ୍ଡ ପଣ୍ଡିତ ମହାସଭା, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ବନଲକ୍ଷ୍ମୀ ଭବନ ମାଣ୍ଡୋସିଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ତୃତୀୟ ଦିବସ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ରୟାଲ କପ କ୍ରିକେଟ ଚାମ୍ପିୟନଶିପ ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ଖେଳପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

## ଝାରସୁଗୁଡ଼ା

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:କିର୍ମିରା ଖେଳ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।
- ଉଦୟଲକ୍ଷ୍ମୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:କୋଲାବିରା ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଚତୁଃଗ୍ରହ ଯୋଗଜନିତ ଉଚ୍ଚ ସମ୍ମାନ ସହ ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରାପ୍ତ ହେବ। ମୁଣ୍ଡ ଉପରେ ବୋଝ ଭଳି ରହିଥିବା ସମସ୍ୟା ସମାଧାନ ହୋଇଯିବାରୁ ମନ ହାଲୁକା ହୋଇଯିବ। ପାରିବାରିକ ମତାନ୍ତରଜନିତ ସୁସମ୍ପର୍କ ବ୍ୟାହତ ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମଧ୍ୟମ ପ୍ରକାରର ରହିବ।

**ବୃଷ** କର୍ମାଧିପ ବୃହସ୍ପତିଙ୍କ ଯୋଗୁ କାମ ହାସଲ ସକାଶେ ସହଯୋଗର ଅଭାବ ରହିବ ନାହିଁ। ଆନୁଷ୍ଠାନିକ କାମ, ବନ୍ଧୁମିଳନ ସାଙ୍ଗକୁ ବାଣିଜ୍ୟରେ ଅସୁବିଧା ହେବ ନାହିଁ। ଚତୁର୍ଥସ୍ଥ କେତୁଙ୍କ ଯୋଗୁ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଆଶଙ୍କା ରହିଛି। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ସକାଶେ ସ୍ତ୍ରୀଙ୍କ ସହ ବିଚାରବିମର୍ଶ କରିପାରନ୍ତି।

**ମିଥୁନ** ଶନିକ୍ଷେତ୍ରସ୍ଥ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ସମସ୍ୟାଜନିତ ମନସ୍ତାପ କରିପାରନ୍ତି। ତରବରିଆ ପଦକ୍ଷେପ ନେଲେ ସମସ୍ୟା ବଢ଼ିଯିବ। ମାଲିମକଦ୍ଦମା, ବିବାଦୀୟ ପରିସ୍ଥିତି ଓ ଉପରିସ୍ଥଙ୍କ ସହ ମତାନ୍ତରଜନିତ ଟେନ୍‌ସନ ଲାଗିରହିବ। ଋଣ ପରିଶୋଧ ସକାଶେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି।

**କର୍କଟ** ରାଶ୍ୟାଧିପତି ଶନିଙ୍କ ଦୃଷ୍ଟିରେ ଷଷ୍ଠଭାବସ୍ଥ ଯୋଗୁ ମାଙ୍ଗଳିକ କାର୍ଯ୍ୟ ସକାଶେ ଲୋନ୍ କରିପାରନ୍ତି। ଉଚ୍ଚସ୍ଥ କର୍ମାଧିପଙ୍କ ଯୋଗୁ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିପାରିବେ। ଆତ୍ମୀୟମାନେ ଶତ୍ରୁତା କଲେ ମଧ କୌଣସି ଅସୁବିଧା ହେବନି। ଦୂରଯାତ୍ରା, ବନ୍ଧୁମିଳନ, ଆନୁଷ୍ଠାନିକ କାମ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ** ଲାଭ ଭାବସ୍ଥ ବୃହସ୍ପତି ପାପଗ୍ରହ ରାହୁଙ୍କ ଦୃଷ୍ଟିରେ ରହିଥିବାରୁ ଯୋଜନା ଭଣ୍ଡୁର ହୋଇଯିବ। ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ସମତାଳ ଦେଇ କାମ କରିବା କାଠିକର ପାଠ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ପ୍ରୋତ୍ସାହନ ଲାଭ କରିବେ। ବନ୍ଧୁଙ୍କ ପରାମର୍ଶରେ ବହୁମୁଖୀ ବ୍ୟବସାୟାରମ୍ଭ କରିବା ସକାଶେ ଆଲୋଚନା କରିପାରନ୍ତି।

**କନ୍ୟା** ଏକାଦଶାଧିପ ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ଯାହା ପାଇବାକୁ ଇଚ୍ଛୁକ, ତାହା ଅଚିରେ ପୂରଣ ହେବ। କର୍ମକ୍ଷେତ୍ରରେ ମନ ମୁତାବକ କାମ ନ ହେବାରୁ ଉପରିସ୍ଥ ଅଧିକାରୀ କ୍ଷୁବ୍ଧ ହେବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ନିକଟରୁ ଅଥବା ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି।

**ତୁଳା** ତୃତୀୟ ଷଷ୍ଠାଧିପ ରାଶିକୁ ଦେଖୁଥିବାରୁ ପାରିବାରିକ ବିଷୟକୁ କେନ୍ଦ୍ରକରି ଭ୍ରାତୃ ବିବାଦର ଆଶଙ୍କା ରହିଛି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ମଜ୍ଜି ରହିବେ। ଆତ୍ମୀୟଙ୍କ ପ୍ରେରଣାରେ ଗୃହ, ଯାନବାହନାଦି ଲାଭର ସୁଯୋଗ ପାଇବେ। ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ବିବାଦ ଘେରରେ ପଡ଼ିପାରନ୍ତି।

**ବିଛା** ମୁଖ୍ୟଭାବରେ ଭାଗ୍ୟାଧିପ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଆପଣଙ୍କ କାର୍ଯ୍ୟସିଦ୍ଧି ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ଉପରେ ଅଭିମାନ କରି ଚୁପ୍ ରହିଲେ ସୁଯୋଗ ହରାଇ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ହେବାରୁ ଆଶ୍ୱସ୍ତି ଲଭିବେ। ସାହିତ୍ୟ, କ୍ରୀଡ଼ା, ଅଧ୍ୟୟନ ଓ ଅଧ୍ୟାପନାରେ ସମୟ କଟିବ। ପ୍ରତିଦ୍ୱନ୍ଦ୍ୱିତା ଶିଳ୍ପ ଓ ବାଣିଜ୍ୟରେ ଉନ୍ନତିର ପଥରୋଧ ଘଟିପାରେ।

**ଧନୁ** ଧନ ସ୍ଥାନରେ ଏକାଧିକ ଗ୍ରହ ଅପ୍ରିୟ କଠୋର ବାକ୍ୟ ବିନ୍ୟାସରେ ଅର୍ଥନୈତିକ କାରବାରରେ ସମସ୍ୟା ସୃଷ୍ଟି କରିବେ। ଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରେ ନୂତନ ଗୃହ, ଯାନବାହନାଦି କ୍ରୟ କରିବା ସକାଶେ ଯୋଜନା କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିପାରେ ; ମାତ୍ର ପୂର୍ଣ୍ଣତଃ ସନ୍ତୁଷ୍ଟ ହୋଇପାରିବେ ନାହିଁ।

**ମକର** ଆପଣଙ୍କ ରାଶିରେ ରାଜଯୋଗ ସୃଷ୍ଟି ହୋଇଥିବାରୁ କର୍ମକ୍ଷେତ୍ରରେ ଉଚ୍ଚ ପଦବୀ ସହ ସାମାଜିକ ସମ୍ମାନ ପାଇବେ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା, କର୍ମଜଞ୍ଜାଳ ଏବଂ ବହୁମୁଖୀ ଚିନ୍ତାଧାରାଜନିତ ଅସ୍ଥିରତା ଅନୁଭବ କରିପାରନ୍ତି। ପୂଜା ସାମଗ୍ରୀ, ଷ୍ଟେସନାରି ଜିନିଷ ତଥା ହୋଟେଲ, ରେଷ୍ଟୁରାଣ୍ଟ ବ୍ୟବସାୟରୁ ଲାଭବାନ୍ ହେବେ।

**କୁମ୍ଭ** ରାଶିସ୍ଥ ରାହୁ ଏବଂ କୋଣଭାବସ୍ଥ ବୃହସ୍ପତିଙ୍କ ପ୍ରଭାବରେ ଆଜି ଯେଉଁ କାମରେ ହାତଦେବେ, ଅବଶ୍ୟ ସଫଳତା ପାଇପାରିବେ। ପୂର୍ବ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଆନୁଷ୍ଠାନିକ କାର୍ଯ୍ୟ, ବ୍ୟବସାୟିକ ସଫଳତା, ବିବାଦରେ ବିଜୟ ଏବଂ ପାରିବାରିକ ସୌହାର୍ଦ୍ଦ୍ୟରୁ ଖୁସି ରହିବେ।

**ମୀନ** ଆଜିର ଅନୁକୂଳ ଗ୍ରହ ପ୍ରଭାବ ଏକାଧାରରେ କାର୍ଯ୍ୟସିଦ୍ଧି, ବୈଷୟିକ ଅଭିବୃଦ୍ଧି ସହ ସାମାଜିକ ସମ୍ମାନ ପ୍ରଦାନ କରିବ। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅଭିଭୂତ ହୋଇପାରନ୍ତି। ଦୂରଯାତ୍ରା, ବାଣିଜ୍ୟ, ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଭଲ। ନିଜ ପରିସରର ବ୍ୟକ୍ତିବିଶେଷ ପରୋକ୍ଷ ଶତ୍ରୁତା କରିପାରନ୍ତି।

ଆଜି ଜାନୁଆରୀ ୧୮ ତାରିଖ, ମାଘ ମାସର ତ୍ରିବେଣୀ ଅମାବାସ୍ୟା ରବିବାର, ବିରଜାଦେବୀଙ୍କ ଜନ୍ମୋତ୍ସବ, କରମଳା ପୀଠରେ ଭକ୍ତ ସମ୍ମିଳନୀ, ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ଜୟନ୍ତୀ, ଅମାବାସ୍ୟାର ନିଶାପାଳନ। ରାଶିନକ୍ଷତ୍ର– ଦିବା ଘ.୧୦।୧୩ମି. ଗତେ, ଉତ୍ତରାଷାଢ଼ା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୩ ଗତେ ଘ.୦୫।୨୬ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ କୋଠା ଲିପିଲି ସେ କୋଠା ଲିପିଲି**
**ନାଉ ଫୁଲେ ଦେଲି ଝୋଟି,**
**ଶୋଇଲୁ ଶେଯରେ କଥା ନ କହିଲୁ**
**ହୃଦୟ ଯାଉଛି ଫାଟି।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ କଳହ ବା ମନୋମାଳିନ୍ୟ ଘଟିବା ଏକ ସାଧାରଣ କଥା। ଏପରିସ୍ଥଳେ ଛୋଟ ଛୋଟ କଥାକୁ ନେଇ ଜଣେ ମନ ଉଣା କରି କଥା ନ କହିଲେ ଅନ୍ୟ ଜଣଙ୍କ ମନରେ ଗଭୀର ଆଘାତ ସୃଷ୍ଟିହେବା ସ୍ୱାଭାବିକ। ଦାମ୍ପତ୍ୟ ପ୍ରେମର ଏକ ଅଭିମାନଭରା ଚିତ୍ର ଏଠାରେ ପ୍ରଦାନ କରାଯାଇଛି।

**ଏକାବନ ପାପ ବି ପାପ**
**ବାବନ ପାପ ବି ପାପ।**

ପାପର ପରିମାଣ ସ୍ୱଳ୍ପ ହେଉ କି ଅଧିକ, ତାହା ପାପ ହିଁ ହୋଇଥାଏ। ଅଳ୍ପ ପାପ କଲେ ବି ମଣିଷ ପୁଣ୍ୟବନ୍ତ ବୋଲି ବିବେଚିତ ହୁଏ ନାହିଁ। ବିନ୍ଦୁଏ ପାପ ବି ପାପରେ ଲେଖା ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ୨୪ରୁ କଟକକୁ ଘରୋଇ ...

କହିଛନ୍ତି। ଅନ୍ୟ ଜିଲାରେ ଜିଲାପାଳ ଏହାକୁ ବନ୍ଦ କରିଥିବାବେଳେ ଜଗତ୍‌ସିଂହପୁର ଜିଲାପାଳ ଏହାକୁ ମାନୁନାହାନ୍ତି। ସରକାରଙ୍କୁ ଏ ବାବଦରେ ଅବଗତ କରାଯିବ। ଆସନ୍ତା ୨୩ ରାତି ସୁଦ୍ଧା ସମାଧାନ କରିବା ପାଇଁ ସମୟ ଦେଉଛୁ। ନ ହେଲେ ୨୪ ତାରିଖରୁ କଟକକୁ ବାହାରୁ କୌଣସି ବସ୍‌କୁ ଆସିବାକୁ ଦିଆଯିବ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ୍ୟ ଘରୋଇ ବସ୍ ମାଲିକ ସଂଘ ଦେବ ବୋଲି ସାହୁ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସୁପାରି ଦେଇ ...



ନଟରାଜ ଥନାପତି

ସୁପାରି ଦେଇ ନିଜ ସାନଭାଇଙ୍କୁ ହତ୍ୟା କରିଛନ୍ତି ବଡ଼ଭାଇ। ସାନଭାଇଙ୍କ ବିବାହ ପାଇଁ ନିମନ୍ତ୍ରଣ କାର୍ଡ ବଣ୍ଟା ପ୍ରାୟ ସରିଥିଲା। ଏଭଳି ସମୟରେ ଷଡ଼ଯନ୍ତ୍ର କରି ସାନଭାଇଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ସବୁପ୍ରକାର ଉଦ୍ୟମ କରିଥିଲେ ବଡ଼ଭାଇ। ବଲାଙ୍ଗୀର ପୋଲିସ ଘଟଣାର ୧୫ ଦିନ ଭିତରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନବକୁମାର ଥନାପତି (୪୩), କ୍ଷେତ୍ର ମୋହନ ସୁନା (୩୨), ମିଲନ୍ ବହିଦାର (୩୮), ମଣ୍ଟୁ ଓରଫ୍ ମହାଦେବ ବାଗ (୧୯), ରଞ୍ଜିତ ମିଶ୍ର (୨୫), ସାହିଲ ବଗର୍ତ୍ତ (୨୨), ମନୋଜ ସେଲମା, ରାଜା କୁମ୍ଭାର (୩୦)। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୨ଟି ଗାଡ଼ି ଜବତ କରିଛି। ସମ୍ପତ୍ତି ଏବଂ ପ୍ରତିପତ୍ତି ପାଇଁ ବଡ଼ଭାଇ କିଭଳି ନିଜ ସାନଭାଇଙ୍କୁ ହତ୍ୟା କଲେ ଏବଂ ଶୁଦ୍ଧିକ୍ରିୟା କରି ଘଟଣା ଲୁଚାଇବାକୁ ଯୋଜନା କରିଥିଲେ ଏସବୁ ପ୍ରଘଟ କରିଛନ୍ତି ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି.।

ବଲାଙ୍ଗୀର ପୋଲିସ ଶନିବାର ତୁଷରା ଥାନା ଅନ୍ତର୍ଗତ ଦେଉଳଗୁଡ଼ି ଗାଁର ନଟରାଜ ଥନାପତି (୩୫) ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ପ୍ରଥମରୁ ଆତ୍ମହତ୍ୟା ବୋଲି କୁହାଯାଉଥିବା ଏହି ଘଟଣା ଏକ ସାଂଘାତିକ, ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା ବୋଲି ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. କହିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି, ଗତ ୨ ତାରିଖ ବିଳମ୍ବିତ ରାତିରେ ତୁଷରା ଥାନା ପୋଲିସ ଟିମ୍ ପାଟ୍ରୋଲିଂ କଲାବେଳେ ଧାନଘରା ତେଲନଦୀ ପୋଲ ଉପରେ ଏକ ମୋଟରସାଇକେଲ ଏବଂ ପୋଲ ତଳେ ଏକ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲା। ୩ ତାରିଖ ସକାଳେ ମୃତଦେହଟି ଦେଉଳଗୁଡ଼ି ଗାଁର ନଟରାଜଙ୍କ ବୋଲି ଚିହ୍ନଟ ହୋଇଥିଲା। କେଉଁ କାରଣରୁ ଏବଂ କିଭଳି ସ୍ଥିତିରେ ନଟରାଜଙ୍କ ମୃତ୍ୟୁ ଘଟିଲା ସ୍ପଷ୍ଟ ହୋଇ ନ ଥିଲା। ନଟରାଜଙ୍କ ବଡ଼ଭାଇ ନବକୁମାର ଥନାପତି ତୁଷରା ଥାନାରେ ସାନଭାଇ ନଟରାଜ ତେଲନଦୀ ପୋଲ ତଳକୁ ଡେଇଁ ପ୍ରାଣ ହରାଇଥିବା କହିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ମୃତ ନଟରାଜଙ୍କ ବିବାହ ସ୍ଥିର ହୋଇ ନିମନ୍ତ୍ରଣ କାର୍ଡ ବଣ୍ଟା ହୋଇସାରିବା ପରେ ଏଭଳି କ'ଣ ପରିସ୍ଥିତି ହେଲା ଯେ ସେ ପୋଲ ତଳକୁ ଡେଇଁପଡ଼ିଲେ ତା'ର ଖିଅ ଖୋଜିଥିଲା ପୋଲିସ।

ପୋଲିସ ତଦନ୍ତରୁ ସୁରାକ ମିଳିଥିଲା ଯେ, ଘଟଣା ଦିନ ରାତିରେ ନଟରାଜ ଖାଇ ସାରିବା ପରେ ଛପନ ପ୍ରହରୀ ଦେଖିଯିବା ପାଇଁ ନିକଟସ୍ଥ ଗାଁକୁ ଯାଉଥିବା କହି ଘରୁ ବାଇକ୍ ଯୋଗେ ବାହାରିଥିଲେ। ନଟରାଜଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚ ପରେ ସେଦିନ ରାତିରେ ନଟରାଜ ତାଙ୍କ ଭାବୀ ସ୍ତ୍ରୀଙ୍କ ସହ କଥାବାର୍ତ୍ତା ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ତଦନ୍ତକାରୀ ପୋଲିସ ସମ୍ପୃକ୍ତ ଯୁବତୀ (ଭାବି–ସ୍ତ୍ରୀ)ଙ୍କୁ ପଚାରିବାରୁ ଘଟଣା ଦିନ ରାତିରେ ସେ କଥା ହୋଇଥିଲେ,ଏକ ଛକରେ ତାଙ୍କ ସାଙ୍ଗ କ୍ଷେତ୍ର ମୋହନଙ୍କୁ ସେ ଅପେକ୍ଷା କରିଥିଲେ ବୋଲି କହିଥିବା ପୋଲିସକୁ ଜଣାଇଥିଲେ। ଏହାପରେ ପୋଲିସ କଲ୍ ଯାଞ୍ଚ କରିବାରୁ କ୍ଷେତ୍ର ମୋହନ ଅନେକ ଥର ନଟରାଜଙ୍କୁ ଫୋନ କରିଥିବା ଜଣାପଡିଥିଲା। ଏହାପରେ ପୋଲିସ ମୁଣ୍ଡାପଲା ଗାଁର କ୍ଷେତ୍ର ମୋହନଙ୍କୁ ଉଠାଇ ପଚରାଉଚରା କରିଥିଲା। ନଟରାଜଙ୍କ ବଡଭାଇ ନବ କୁମାର କିଭଳି ତାଙ୍କୁ ସୁପାରି ଦେଇ ନଟରାଜଙ୍କୁ ହତ୍ୟା ଯୋଜନା କରିଥିଲେ ପୋଲିସକୁ କହିଥିଲେ। ଏହାପରେ ପୋଲିସ ଅପମୃତ୍ୟୁ ମାମଲା (ନଂ୧/୨୬)କୁ ହତ୍ୟା ମାମଲା (ନଂ୧୪/୨୬)ରେ ରୂପାନ୍ତରିତ କରି ତଦନ୍ତ ଜୋରଦାର କରିଥିଲା।

ଡିସେମ୍ବରରେ ଅଭିଯୁକ୍ତ ନବକୁମାର କ୍ଷେତ୍ର ମୋହନଙ୍କୁ ଭେଟି ହତ୍ୟା ପାଇଁ ସୁପାରି ଦେଇଥିଲେ। ପ୍ରଥମେ ୬୦ ହଜାର ଟଙ୍କା ଦେଇଥିଲେ ଓ ପରେ ୨ ଲକ୍ଷ ଟଙ୍କା ଦେଇଥିଲେ। କ୍ଷେତ୍ର ମୋହନ ସମଲେଶ୍ୱରୀପଡ଼ାର ରାଜା କୁମ୍ଭାରଙ୍କୁ ଯୋଗାଯୋଗ କରି ଅନ୍ୟ ଅଭିଯୁକ୍ତଙ୍କୁ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଦେଇଥିବା ୨ ଲକ୍ଷ ଟଙ୍କାରୁ ପ୍ରଥମ ଦଫାରେ ୩୦ ହଜାର ଟଙ୍କା ଲେଖାଏ ଅଭିଯୁକ୍ତଙ୍କୁ ଦିଆଯାଇଥିଲା। ଏହାପରେ ସେମାନେ ଗତ ୨ ତାରିଖ ରାତିରେ ଦୁଇଟି କାରରେ ସମସ୍ତ ୭ ଜଣ ଅଭିଯୁକ୍ତ ତୁଷରା ଧାନଘରା ତେଲନଦୀ ପୋଲ ନିକଟକୁ ଯାଇଥିଲେ। ସେଠାରୁ କ୍ଷେତ୍ର ମୋହନ ଫୋନ୍ କରି ନିଜ ସାଙ୍ଗ ନଟରାଜଙ୍କୁ ଡାକିଥିଲେ। ନଟରାଜ ସାଙ୍ଗ କଥାକୁ ବିଶ୍ୱାସ କରି ଛପନ ପ୍ରହରୀ ଦେଖିବା ପାଇଁ ଘରୁ ମୋଟର ସାଇକଲରେ ତେଲନଦୀ ପୋଲ ନକଟକୁ ଆସି ତାଙ୍କ ଭାବୀ–ସ୍ତ୍ରୀଙ୍କ ସହ କଥା ହୋଇଥିଲେ। ଏହାପରେ ଅଭିଯୁକ୍ତମାନେ ଆଜି ତାଙ୍କୁ ପୋଲ ଉପରୁ ଠେଲି ଦେଇ ଫେରାର ହୋଇଯାଇଥିଲେ। ପ୍ରାୟ ୫୦ ମିଟର ଉଚ୍ଚ ପୋଲରୁ ପଡ଼ି ଘଟଣାସ୍ଥଳରେ ହିଁ ନଟରାଜଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ସାଇଣ୍ଟିଫିକ୍ ଏଭିଡେନ୍ସ, ସାଇବର ଫୋରେନ୍‌ସିକ୍ ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ଏବଂ ସ୍ଥାନୀୟ ତଥା ଗୋଇନ୍ଦା ରିପୋର୍ଟ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୭ ଏକର ପୈତୃକ ଜମି ପାଇବା, ସାନଭାଇ କରିଥିବା ଗ୍ରୋସରି ଦୋକାନକୁ ବନ୍ଦ କରିଦେବା ଏବଂ ଅସହିଷ୍ଣୁ କାରଣରୁ ନବକୁମାର ସାନଭାଇକୁ ସୁପାରି ଦେଇ ହତ୍ୟା କରିଥିବା ଏସ୍‌ପି ଅଭିଲାଷ ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡ ପର୍ଦ୍ଦାଫାଶରେ ସଦର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ, ତୁଷରା ଥାନାଧିକାରୀ ମନୋଜ କୁମାର ପଧାନ ଓ ତାଙ୍କ ଟିମ୍‌କୁ ଏସ୍‌ପି ପ୍ରଶଂସା କରିଛନ୍ତି।

## ରାଜ୍ୟକୁ ଆସିବ ୧ ଲକ୍ଷ ...

ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଓ ସୁରକ୍ଷିତ ରହିଛି ଏବଂ ସମ୍ବଳ ଆଧାରିତ ଅର୍ଥନୀତିରୁ ମୂଲ୍ୟ ସଂଯୋଜନ ଓ ଉନ୍ନତ ଉତ୍ପାଦନ କ୍ଷେତ୍ରକୁ ଦ୍ରୁତ ଗତିରେ ରୂପାନ୍ତରିତ ହେଉଛି। ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପୋର୍ଟ–ଲେଡ୍ ଔଦ୍ୟୋଗିକୀକରଣର ମୁଖ୍ୟ ସହାୟକ ଭାବେ ପୂର୍ବ ଓ ମଧ୍ୟ ଭାରତକୁ ସେବା ଯୋଗାଇ ଦେଉଛନ୍ତି। ସମୃଦ୍ଧ ଓଡ଼ିଶା ୨୦୩୬ ଦୃଷ୍ଟିକୋଣ ଉପସ୍ଥାପନ କରି ନବୀକରଣଯୋଗ୍ୟ ଶକ୍ତି ଉପକରଣ, ଟେକ୍ସଟାଇଲ, ଫାର୍ମାସ୍ୟୁଟିକାଲ୍ସ, ଇଲେକ୍ଟ୍ରୋନିକ୍ସ, ଆଇଟି, ଡାଟା ସେଣ୍ଟର ଓ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ବିପୁଳ ସୁଯୋଗ ସମ୍ପର୍କରେ ମୁଖ୍ୟ ମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକର ଉଦ୍ୟୋଗପତିମାନଙ୍କୁ ଓଡ଼ିଶା ସହ ବିସ୍ତାର ଓ ବିବିଧିକରଣ କରିବାକୁ ଆମନ୍ତ୍ରଣ ଜଣାଇଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଓଡ଼ିଶା ପୂର୍ବୋଦୟରେ ପୂର୍ବ ଭାରତର ପ୍ରାକୃତିକ ବିସ୍ତାର ହବ୍‌ର ଭୂମିକା ନେବ। ଶକ୍ତିଶାଳୀ ଅବସଂରଚନା, ବନ୍ଦର–ଆଧାରିତ ଲଜିଷ୍ଟିକ୍ସ, ସ୍ଥିର ନୀତି, ଦ୍ରୁତ ପ୍ରକଳ୍ପ କାର୍ଯ୍ୟକାରୀ ଓ ଦକ୍ଷ ମାନବ ସମ୍ବଳ ବିକାଶ ମାଧ୍ୟମରେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବ। ରୋଡ୍ ଶୋ'ର ଏହି ସଫଳତା ପରେ ରାଜ୍ୟ ସରକାର ଜାନୁଆରୀ ୨୭ ଓ ୨୮ ରାଉରକେଲାରେ ହେବାକୁ ଥିବା 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଇଭେଣ୍ଟ ପାଇଁ ପ୍ରସ୍ତୁତି କରୁଛନ୍ତି। ଏହି ଇଭେଣ୍ଟ ଓଡ଼ିଶାର ଔଦ୍ୟୋଗିକ କ୍ଷମତା, ଏମ୍‌ଏସ୍‌ଏମ୍‌ଇ ଶକ୍ତି, ଷ୍ଟାର୍ଟଅପ୍ ଇକୋସିଷ୍ଟମ ଓ ନିବେଶ ପ୍ରସ୍ତୁତ ଅବସଂରଚନାକୁ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।

## ୩୧ରେ ଛତିଶଗଡ଼...

ଅବଧି ବୃଦ୍ଧିକରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିବା କୁହାଯାଇଛି। ଏନେଇ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟିକା ସୋଫିଆ ଫିର୍‌ଦୌସ୍ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ହେବ ଟଣାଓଟରା ଚାଲିଛି। ରାଜ୍ୟରେ ଭାଜପା ସରକାର ଶାସନକୁ ଆସିବା ପରେ ମହାନଦୀ ଜଳ ବିବାଦର ସମାଧାନ ବୁଝାମଣା ଭିତ୍ତିରେ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଥିଲେ। ଉଭୟ ରାଜ୍ୟର ସରକାରଙ୍କ ପକ୍ଷରୁ ମଧ୍ୟ ଏନେଇ ଟ୍ରିବ୍ୟୁନାଲଙ୍କ ନିକଟରେ ପକ୍ଷ ରଖି ବୁଝାମଣା ଭିତ୍ତିରେ ସମାଧାନ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ଫଳରେ ଟ୍ରିବ୍ୟୁନାଲ ଏକ ନିର୍ଦ୍ଦିଷ୍ଟ ସମୟସୀମା ଦେଇ କ'ଣ ଉଭୟ ରାଜ୍ୟ ଭିତରେ ଆଲୋଚନା ହେଲା ତାହା ପରବର୍ତ୍ତୀ ଶୁଣାଣି ସମୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କିଛିଦିନ ତଳେ ମହାନଦୀ ଜଳ ବିବାଦ ନେଇ କେଉଁ ସ୍ତରରେ କିପରି ଆଲୋଚନା ହେବ ତା'ର ଏକ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ମହାନଦୀ ଜଳ ବିବାଦର ସମାଧାନ ରାସ୍ତା କାଢ଼ିବାକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ କମିଟି ମଧ୍ୟ ଗଠନ କରାଯାଇଛି। ଏହି କମିଟି ପକ୍ଷରୁ ଦୁଇଟି ବୈଠକ ମଧ୍ୟ ଏହାରି ଭିତରେ ଅନୁଷ୍ଠିତ ହୋଇସାରିଛି।

Government of India

# ବିକଶିତ ବଙ୍ଗ
# ବିକଶିତ ଭାରତ



"ବଙ୍ଗ ପ୍ରଦେଶର ବିକାଶ ଭାରତର ଭବିଷ୍ୟତର ମୂଳଦୁଆ ଅଟେ ଏବଂ ଆଜିର ଶୁଭାରମ୍ଭ ସେହି ମୂଳଦୁଆକୁ ସୁଦୃଢ଼ କରିବ"

ଶ୍ରୀ ନରେନ୍ଦ୍ର ମୋଦୀ, ମାନ୍ୟବର ପ୍ରଧାନମନ୍ତ୍ରୀ









## ପଶ୍ଚିମବଙ୍ଗରେ ବନ୍ଦର, ଜାହାଜ ଚଳାଚଳ, ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ଏବଂ ରେଳ କ୍ଷେତ୍ରରେ ₹୮୩୦ କୋଟିରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ରୂପାନ୍ତରଣକାରୀ ଉପହାର

### ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଗଡ଼ଠାରେ ଆଇଡବ୍ଲ୍ୟୁଟି ଟର୍ମିନାଲ ଏବଂ ରୋଡ୍ ଓଭରବ୍ରିଜ୍ ସମେତ ସମ୍ପ୍ରସାରିତ ପୋର୍ଟ ଗେଟ୍ ପ୍ରଣାଳୀ**

- ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦର ପ୍ରାଧିକରଣ, କୋଲକାତାର କ୍ଷମତା ବିସ୍ତାରଣ
- କୋଲକାତାର ଟ୍ରାଫିକ୍ ଗହଳିକୁ ହ୍ରାସ କରିବ
- କଣ୍ଟେନରାଇଜ୍‌ଡ କୋଇଲା ଏବଂ ସାଧାରଣ କାର୍ଗୋର ବୃଦ୍ଧିଶୀଳ ପରିମାଣକୁ ଅବାଧରେ ସମ୍ଭାଳିହେବ
- ଲଜିଷ୍ଟିକ୍ସ ବ୍ୟୟ ହ୍ରାସିତ ହେବ ଏବଂ କର୍ମନିଯୁକ୍ତିକୁ ପ୍ରୋତ୍ସାହନ ମିଳିବ

### ଶୁଭାରମ୍ଭ

**କୋଲକାତାଠାରେ ବୈଦ୍ୟୁତିକ ଯୋଡ଼ିନୌକା**

- ୫୦ ଯାତ୍ରୀଙ୍କ ପାଇଁ ଶୀତ ତାପ ନିୟନ୍ତ୍ରିତ କ୍ୟାବିନ୍ ସହିତ ଶକ୍ତିଦକ୍ଷ ଜଳଯାନ
- ଯାତ୍ରା ସମୟ ଓ ସଡ଼କ ପରିବହନ ଉପରେ ଭାର ଅପେକ୍ଷାକୃତ ହ୍ରାସିତ ହେବ
- ବର୍ଦ୍ଧିତ ଆରାମ ଓ ସୁବିଧା ପାଇଁ ଅତ୍ୟାଧୁନିକ ସୁବିଧାଗୁଡ଼ିକରେ ସୁସଜ୍ଜିତ
- ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିବ

### ଉଦ୍‌ଘାଟନ

**ଜୟରାମବଟୀ ଏବଂ ମଇନାପୁର ମଧ୍ୟରେ ନୂଆ ରେଳ ଲାଇନ୍**

- ବାଙ୍କୁରା ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳ ପାଇଁ ଦ୍ରୁତ ଏବଂ ସୁବିଧାଜନକ ରେଳ ସଂଯୋଗ
- ଜୟରାମବଟୀ ଏବଂ କମରପୁକୁର ଭଳି ପ୍ରମୁଖ ତୀର୍ଥ କେନ୍ଦ୍ର ପାଇଁ ଉନ୍ନତ ସୁଗମ୍ୟତା
- ଶିକ୍ଷା, ସ୍ୱାସ୍ଥ୍ୟଯନ୍ ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକ ପ୍ରତି ଉନ୍ନତ ପହଞ୍ଚ
- ଆଞ୍ଚଳିକ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଜୀବିକା ପାଇଁ ନୂଆ ସୁଯୋଗ

### ପତାକା ଦେଖାଇ ଶୁଭାରମ୍ଭ

କୋଲକାତା (ସାନ୍ତ୍ରାଗାଛି) - ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍
କୋଲକାତା (ହାଓଡ଼ା) - ଆନନ୍ଦ ବିହାର ଟର୍ମିନାଲ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍
କୋଲକାତା (ସିଆଲଦା) - ବାରାଣସୀ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍
ଜୟରାମବଟୀ - ମଇନାପୁର ପାସେଞ୍ଜର ଟ୍ରେନ୍

- ଦୂରବର୍ତ୍ତୀ ଯାତ୍ରା ପାଇଁ ଭରସାଯୋଗ୍ୟ, ଦକ୍ଷ ଏବଂ ସୁରକ୍ଷିତ ବିକଳ୍ପ
- ବେପାର, ବାଣିଜ୍ୟ ଏବଂ ଯାତ୍ରୀ ଯାତାୟାତକୁ ଉନ୍ନତ କରିବା ପାଇଁ ଉତ୍ତର ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରଗୁଡ଼ିକ ସହ ଉତ୍ତମ ସଂଯୋଗୀକରଣ

## ଶ୍ରୀ ନରେନ୍ଦ୍ର ମୋଦୀ
### ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ
### ଦ୍ୱାରା

ଗରିମାମୟ ଉପସ୍ଥିତି

**ଡା. ସି.ଭି. ଆନନ୍ଦ ବୋଷ** — ରାଜ୍ୟପାଳ, ପଶ୍ଚିମବଙ୍ଗ
**ମମତା ବାନାର୍ଜୀ** — ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ
**ସର୍ବାନନ୍ଦ ସୋନୋୱାଲ** — କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ
**ଅଶ୍ୱିନୀ ବୈଷ୍ଣବ** — କେନ୍ଦ୍ର ରେଳପଥ; ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ
**ଶାନ୍ତନୁ ଠାକୁର** — କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ
**ଡା. ସୁକାନ୍ତ ମଜୁମଦାର** — କେନ୍ଦ୍ର ଶିକ୍ଷା ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ
**ଶୁଭେନ୍ଦୁ ଅଧିକାରୀ** — ବିରୋଧୀ ଦଳ ନେତା, ପଶ୍ଚିମବଙ୍ଗ ବିଧାନସଭା
**ରଚନା ବାନାର୍ଜୀ** — ସାଂସଦ
**ସୌମିତ୍ର ଖାନ୍** — ସାଂସଦ
**ସମିକ ଭଟ୍ଟାଚାର୍ଯ୍ୟ** — ସାଂସଦ









DD NEWS Live Telecast on DD News | Sunday, 18th January 2026 | 03:00 PM | Singur, Hooghly, West Bengal

ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ । **–ଶ୍ରୀମା**



# ବିଫଳତାର ଅନୁଭବ



ଆକାର ପଟେଲ

ମୋ ପିଢ଼ି (ମୋର ବୟସ ଏବେ ୫୬)ର ଲୋକଙ୍କ ମଧ୍ୟରେ ଅଧିକ ଆଶା ରହିଥିଲା ଯେ ଆମ ଜୀବନକାଳରେ ଚାଇନା ସହିତ ଭାରତ ପ୍ରତିଯୋଗିତା କରିବ ଏବଂ ବିଶ୍ୱର ବୃହତ୍ ଶକ୍ତିମାନଙ୍କ ମଧ୍ୟରୁ ଗୋଟିଏ ହେବ । ଏହି ଆତ୍ମବିଶ୍ୱାସ ମଧ୍ୟ ଆମର ଥିଲା । ଏ ବିଷୟକୁ ରାଜନୀତିରେ କୁହାଯାଉଥିଲା ଏବଂ ବିଶ୍ୱର ସାମ୍ବାଦିକମାନେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରିଥିଲେ । ୧୯୯୦ ଏବଂ ୨୦୦୦ ଦଶକ ମଧ୍ୟରେ, ଦୁଇ ଦଶନ୍ଧି ଧରି, ଏହି ଭାବନା ରହିଥିଲା । ଏହା ସତ ଯେ, ଭାରତର ଅଭିବୃଦ୍ଧି ମନ୍ଥର ଗତିରେ ହେଉଥିଲା ଏବଂ ଏହା ମଧ୍ୟ ସତ ଯେ, ଚାଇନା ପରି ଭାରତ ଶିଳ୍ପାୟନର ବିକାଶ ହେଉ ନ ଥିଲା । କିନ୍ତୁ ଭବିଷ୍ୟତରେ ଏହା ନିଶ୍ଚୟ ଘଟିବ ବୋଲି ଅନୁଭବ କରି ହେଉଥିଲା । ଜଣେ ପ୍ରସିଦ୍ଧ ଲେଖକ ଦୁଇ ରାଷ୍ଟ୍ରର ଭବିଷ୍ୟତକୁ ତୁଳନା କରି କହିଥିଲେ ଯେ ଚାଇନାର ବିକାଶର ରାସ୍ତା ସୁଗମ ଥିଲା, କିନ୍ତୁ ଗଣତନ୍ତ୍ରର ପରିବର୍ତ୍ତନ ଗୋଟିଏ ବିରାଟ ବାଧା ଥିଲା । ଭାରତର ରାସ୍ତା ଉତ୍ଥାନ ପତନ ଥିଲା କିନ୍ତୁ ବିକାଶରେ କୌଣସି ବଡ଼ ବାଧା ନ ଥିଲା । ହେଲେ ଏହା ସମସ୍ୟାପୂର୍ଣ୍ଣ ଏବଂ ସମ୍ପୂର୍ଣ୍ଣ ଭୁଲ୍ ବୋଲି ଜଣାପଡ଼ିଲା । ପ୍ରଥମେ ଅନୁଭବ କରାଯାଇଥିଲା ଯେ ସମସ୍ତ ପୂର୍ବାନୁମାନ ବିଫଳ ହୋଇଛି । ଭାରତ ଏକ ଆର୍ଥିକ ଶକ୍ତି କିମ୍ବା ଏକ ବୃହତ୍ ଶକ୍ତି ଭାବରେ ଚାଇନା ସହ ପ୍ରତିଦ୍ୱନ୍ଦ୍ୱିତା କରି ନାହିଁ । ଆମେ ଆମର ନାଗରିକମାନଙ୍କ ସମୃଦ୍ଧି ପାଇଁ ଜାପାନ, କୋରିଆ, ସିଙ୍ଗାପୁର ଏବଂ ଚାଇନା ଭଳି ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକର ପଥ ଅନୁସରଣ ମଧ୍ୟ କରି ନାହୁଁ । ଏପରି କି ବିଶ୍ୱର ମାନକ ଅନୁସାରେ ଥିବା ଅଧିକାଂଶ ଗରିବ ଦେଶଙ୍କ ଭଳି (ଭାରତର ମୁଣ୍ଡପିଛା ଜିଡିପି ବିଶ୍ୱର ହାରାହାରି ଏକ ଚତୁର୍ଥାଂଶ) ରହିଗଲୁ । ମୋ ପିଢ଼ି (ଉଦାରୀକରଣ ପରବର୍ତ୍ତୀ ୩୦ ବର୍ଷରୁ ଅଧିକ ବୟସ୍କ ଜୀବନ ବିତାଇଛନ୍ତି)ଠାରୁ ଏହି ମହତ୍ତ୍ୱାକାଂକ୍ଷାର ଅଧୋଗତି ହେଲା । ରାଜନୀତିରେ ମଧ୍ୟ ମହତ୍ତ୍ୱାକାଂକ୍ଷା ବିଫଳ ହେଲା । ଆମେ ଦେଖିପାରୁଛୁ ଯେ, ଭାରତ ଏବେ ପାକିସ୍ତାନ ଓ ବାଂଲାଦେଶ ସହିତ ପ୍ରତିଯୋଗିତା କରିବା ସ୍ଥିତିରେ ରହିଛି । ବିଶ୍ୱର ଲେଖକମାନେ ମଧ୍ୟ ଅନୁଭବ କଲେ ଯେ ଆମେ ଚାଇନା ସହିତ ତୁଳନୀୟ ନୁହେଁ, ଯେଉଁଥିପାଇଁ ଦି ଇକୋନୋମିଷ୍ଟ ଏବଂ ଦି ୱାଲ ଷ୍ଟ୍ରିଟ ଜର୍ନାଲରେ ଦୁଇ ଦେଶ ସମ୍ପର୍କରେ କଭର ଏବଂ ଫିଚର ଷ୍ଟୋରି ଆଉ ପ୍ରକାଶ ପାଉନାହିଁ ।

ଭାରତକୁ ପର୍ଯ୍ୟବେକ୍ଷଣ କରୁଥିବା ଲୋକଙ୍କ ମନରେ ଦ୍ୱିତୀୟ ଅନୁଭବର ବିଷୟ ଆସିଥିଲା ଗତ ଦଶନ୍ଧିରେ । ଆଶା କରାଯାଇଥିବା ଅର୍ଥନୈତିକ ଚମତ୍କାର ଭାରତ ପ୍ରଦର୍ଶନ କରୁନାହିଁ ବୋଲି ମନେହେଉଥିଲା । ତେବେ ଭାରତ ଗଣତାନ୍ତ୍ରିକ ଏବଂ ଏହି କାରଣ ଯୋଗୁ ଏହା ସ୍ୱତନ୍ତ୍ର ଥିଲା ବୋଲି ଅନୁଭବ ହେଉଥିଲା । ସେ ସମୟରେ ଏହା ମଧ୍ୟ ଅନୁଭବ କରାଯାଇଥିଲା ଯେ ଭାରତ ଗଣତନ୍ତ୍ର ଏବଂ ବ୍ୟକ୍ତିଗତ ସ୍ୱାଧୀନତାରୁ ଦୂରେଇ ଯାଇ ନିର୍ବାଚନ ଉଭୟ ସ୍ୱେଚ୍ଛାଚାରିତା ଏବଂ ଏକଛତ୍ରବାଦ ଆଡ଼କୁ ଗତି କରିଛି । ଚାରି ବର୍ଷ ପୂର୍ବେ, ଏକ ଆମେରିକୀୟ ଥିଙ୍କ-ଟ୍ୟାଙ୍କ ଭାରତକୁ 'ଆଂଶିକ ସ୍ୱାଧୀନ' ଏବଂ କଶ୍ମୀରକୁ ପୃଥକ୍ ଭାବରେ 'ସ୍ୱାଧୀନ ନୁହେଁ' ବୋଲି ବର୍ଗୀକୃତ କରିବା ପରେ ଭାରତ ସରକାର ଏହାକୁ ବିରୋଧ କରିଥିଲେ । ସରକାରଙ୍କ ପ୍ରତିକ୍ରିୟା ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଥିଲା ଏବଂ ସେଥିରେ କୁହାଯାଇଥିଲା, "ଭାରତର ସଂଘୀୟ ଢାଞ୍ଚାରେ ଥିବା ଅନେକ ରାଜ୍ୟ ଏକ ସ୍ୱାଧୀନ ନିର୍ବାଚନୀ ସଂସ୍ଥା ଦ୍ୱାରା ପରିଚାଳିତ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ଜାତୀୟ ସ୍ତରର ଦଳ ବ୍ୟତୀତ ନିର୍ବାଚିତ ଅନ୍ୟ ଦଳଗୁଡ଼ିକ ଦ୍ୱାରା ଶାସିତ ହେଉଛି । ଏହା ଏକ ଶକ୍ତିଶାଳୀ ଗଣତାନ୍ତ୍ରିକ କାର୍ଯ୍ୟକୁ ପ୍ରତିଫଳିତ କରେ, ଯାହା ଭିନ୍ନ ଭିନ୍ନ ମତ ପୋଷଣ କରୁଥିବା ଲୋକଙ୍କୁ ସ୍ଥାନ ଦିଏ ।" ହେଲେ ଏହା ଅସତ୍ୟ ଥିଲା । ବାସ୍ତବରେ ରିପୋର୍ଟର ଦୁଇଟି ଅଂଶ ଥିଲା । ପ୍ରଥମଟିରେ ରାଜନୈତିକ ଅଧିକାରକୁ ୪୦ ପ୍ରତିଶତ ପ୍ରାଧାନ୍ୟ ଦେଇଥିଲା । ଏଥିରେ ଭାରତର ପ୍ରାପ୍ତାଙ୍କ ଥିଲା ୩୪/୪୦ । ଏଥିରେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ, ନିର୍ବାଚନ କମିଶନଙ୍କ ନିରପେକ୍ଷତା, ରାଜନୈତିକ ଗଢ଼ିବାର ସ୍ୱାଧୀନତା ଏବଂ ବିରୋଧୀ ଦଳକୁ ସେମାନଙ୍କର ଶକ୍ତି ବୃଦ୍ଧି କରିବାର ସୁଯୋଗ ପାଇଁ ପୂର୍ଣ୍ଣ ମାର୍କ ସାମିଲ ଥିଲା । ଏହି ଭାଗରେ, ଭୋଟଦାନ ହିଂସା ଦ୍ୱାରା ବାଧିତ ଏବଂ ସାମ୍ପ୍ରଦାୟିକ ଉତ୍ତେଜନା ଦ୍ୱାରା ପ୍ରଭାବିତ କି ନୁହେଁ ସେ ବିଷୟରେ ଭାରତକୁ ପୂର୍ଣ୍ଣ ମାର୍କ ମିଳି ନ ଥିଲା । ପ୍ରକୃତରେ, ସରକାର ସ୍ୱଚ୍ଛତା ଉପରେ ୩/୪ ପାଇଥିଲେ, ଯାହା ହୁଏତ ଅତ୍ୟଧିକ ଥିଲା ।

ରିପୋର୍ଟର ଆଉ ୬୦ ପ୍ରତିଶତରେ ଭାରତର ରେଟିଂ ବା ମୂଲ୍ୟାଙ୍କନରେ ନାଗରିକ ସ୍ୱାଧୀନତା କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଥିଲା । ଏଥିରେ ଏହାର ପ୍ରଦର୍ଶନ ଖରାପ (ପ୍ରାପ୍ତାଙ୍କ ୩୩/୬୦) ଥିଲା । ଅଭିବ୍ୟକ୍ତିର ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା, ଶିକ୍ଷାଗତ ସ୍ୱାଧୀନତା, ସମାବେଶ ସ୍ୱାଧୀନତା, ଏନ୍‌ଜିଓଗୁଡ଼ିକର କାର୍ଯ୍ୟ କରିବାର ସ୍ୱାଧୀନତା (ରିପୋର୍ଟରେ ମୋ ସଂଗଠନ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଉପରେ ସରକାରଙ୍କ ଆକ୍ରମଣକୁ ବିଶେଷ ଭାବରେ ଉଲ୍ଲେଖ କରାଯାଇଥିଲା), ଆଇନର ଶାସନ, ନ୍ୟାୟପାଳିକାର ସ୍ୱାଧୀନତା ଏବଂ ପୋଲିସର ଉଚିତ ପ୍ରକ୍ରିୟା ଆଦି ପ୍ରସଙ୍ଗରେ ଭାରତର ମୂଲ୍ୟାଙ୍କନ ଖରାପ ଥିଲା । ହେଲେ ପ୍ରାପ୍ତାଙ୍କଗୁଡ଼ିକ କେବଳ ବାସ୍ତବତାକୁ ପ୍ରତିଫଳିତ କରିଥିଲା । ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ ଦ୍ୱାରା ପ୍ରସ୍ତୁତ ଅନ୍ୟ ଏକ ରିପୋର୍ଟରେ ଭାରତକୁ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବରେ ଦର୍ଶାଯାଇ କମ୍ ଗ୍ରେଡ୍‌ରେ ରଖାଯାଇଥିଲା । ରିପୋର୍ଟରେ ସ୍ପଷ୍ଟ ଭାବରେ ଏହାର ପ୍ରାଥମିକ କାରଣ ନାଗରିକ ସ୍ୱାଧୀନତାର କ୍ଷୟ ଏବଂ ନାଗରିକତ୍ୱରେ ଧର୍ମର ପ୍ରବେଶ ବୋଲି କୁହାଯାଇଥିଲେ ମଧ୍ୟ ସରକାର ମାନଦଣ୍ଡଗୁଡ଼ିକର ବିବରଣୀ ମାଗିଥିଲେ । ଏହା ମନେରଖିବା ଉଚିତ ଯେ ଏହି ସବୁ ରିପୋର୍ଟ କିଛି ବର୍ଷ ପୂର୍ବର । ଏସବୁ ପରେ ବୁଲଡୋଜର ନ୍ୟାୟର ଯୁଗ ଏବଂ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ବର୍ତ୍ତମାନ ଭୋଟଦାନରୁ ବଞ୍ଚିତ କରିବାର ଧର୍ମଯୁଦ୍ଧ ଆରମ୍ଭ କରାଯାଇଛି । ଆଇନର ଶାସନ ଅଧୀନରେ ଏକ ଗଣତନ୍ତ୍ର ଭାବରେ ଭାରତର ଏବର ମୂଲ୍ୟାଙ୍କନ ସରକାର ଯେଉଁ ମାନକ ଉପରେ ଅଭିଯୋଗ ଉଠାଇଛନ୍ତି ତାହାଠାରୁ ମଧ୍ୟ ଖରାପ ହେବ । ଅନ୍ୟପକ୍ଷରେ ସରକାର ଆଉ କେବେ ଏପରି ରିପୋର୍ଟଗୁଡ଼ିକର ପ୍ରତିବାଦ କରୁନାହିଁ କିମ୍ବା ଏହାର ପ୍ରତିକ୍ରିୟା ମଧ୍ୟ ଦେଉ ନାହାନ୍ତି । ହେଲେ ଏହା ବାହ୍ୟ ଓ ଆଭ୍ୟନ୍ତରୀଣ ସମାଲୋଚନାର ଶିକାର ହୋଇଗଲାଣି । ବିକାଶର ବିଫଳତାର ଅନୁଭବ ପରି, ଆମେ ଗଣତନ୍ତ୍ରର ବିଫଳତାକୁ ମଧ୍ୟ ହୃଦୟଙ୍ଗମ କରିଛୁ ।

Email:aakar.patel@gmail.com

# ଜଙ୍ଗଲ ସମ୍ପଦ ବଢ଼ିଛି–କେତେ ସତ



ଡ. ବିଜୟ କେତନ ପଟ୍ଟନାୟକ

ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂସ୍ଥା ଦ୍ୱାରା ପ୍ରକାଶିତ ବୈଶ୍ୱିକ ଜଙ୍ଗଲ ସମ୍ପଦ ନିର୍ଦ୍ଧାରଣ ରିପୋର୍ଟ ୨୦୨୫ରେ ଦର୍ଶାଯାଇଛି, ସମ୍ପ୍ରତି ବିଶ୍ୱରେ ଜଙ୍ଗଲର ଆୟତନ ୪.୧୪ ବିଲିୟନ ବା ୪୧୪ କୋଟି ହେକ୍ଟର ଏବଂ ମୁଣ୍ଡପିଛା ଜଙ୍ଗଲର ଆୟତନ ୦.୫ ହେକ୍ଟର । ଏହା ବିଶ୍ୱର ମୋଟ ଭୂଭାଗର ୩୨ ପ୍ରତିଶତ । ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ କପ୍-୨୬ ଆନ୍ତର୍ଜାତିକ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା, ୨୦୩୦ ମସିହା ସୁଦ୍ଧା ଜଙ୍ଗଲ ନଷ୍ଟ ବା ଜଙ୍ଗଲର ଅବକ୍ଷୟକୁ ରୋକିବାକୁ ପଡ଼ିବ । କିନ୍ତୁ ଅବସୋସର ବିଷୟ ବାର୍ଷିକ ଜଙ୍ଗଲ ଅବକ୍ଷୟର ପରିମାଣ କମିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇ ପାରିନାହିଁ । କେବଳ ୨୦୨୪ ବର୍ଷରେ ସାରା ବିଶ୍ୱରେ ୧୬.୬ ନିୟୁତ ଏକର କ୍ରାନ୍ତୀୟ ବୃଷ୍ଟିବନ ବା ରେନ୍ ଫରେଷ୍ଟ ଧ୍ୱଂସ ପାଇଛି । କିନ୍ତୁ ଆଶ୍ୱାସନାର ବିଷୟ ଯେ, ବିଶ୍ୱସ୍ତରରେ ବାର୍ଷିକ ଜଙ୍ଗଲ ଅବକ୍ଷୟର ସାମଗ୍ରିକ ହାର ୧୯୯୦-୨୦୦୦ ମଧ୍ୟରେ ଅର୍ଥାତ୍ ବିଂଶ ଶତାବ୍ଦୀର ଶେଷ ଦଶକରେ ୧୦.୭ ନିୟୁତ ହେକ୍ଟର ଥିଲା ବେଳେ ୨୦୧୫ରୁ ୨୦୨୫ ଦଶବର୍ଷ ଅବଧି ମଧ୍ୟରେ ଏହା ୪.୧୨ ନିୟୁତ ହେକ୍ଟରକୁ ଖସିଆସିଛି । ଏହା ସୂଚାଉଛି ବିଶ୍ୱସ୍ତରରେ ମଧ୍ୟ ବିଗତ କିଛି ବର୍ଷ ମଧ୍ୟରେ ଜଙ୍ଗଲର ଆବରଣ ବୃଦ୍ଧି ପାଉଛି ।

୨୦୨୩ ରେ ପ୍ରକାଶିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ଦର୍ଶାଯାଇଛି, ଦେଶରେ ମୋଟ ଜଙ୍ଗଲର ଆୟତନ ୭,୧୫,୩୪୨ ବର୍ଗ କିଲୋମିଟରର ଅର୍ଥାତ୍ ୭୧.୫୩ ନିୟୁତ ହେକ୍ଟର । ଦେଶର ମୋଟ ଭୂଭାଗ ଆୟତନର ୨୧.୭ ପ୍ରତିଶତ । ଏଥିରେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ନିଆଯାଇନାହିଁ । ୨୦୨୫ର ସର୍ବେକ୍ଷଣ ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । କିନ୍ତୁ ଗ୍ଲୋବାଲ ଫରେଷ୍ଟ ରିସୋର୍ସେସ ଆସେସ୍‌ମେଣ୍ଟ ରିପୋର୍ଟ ଏଥିମଧ୍ୟରେ ପ୍ରକାଶ ପାଇଛି । ସେଥିରେ ଭାରତର ଜଙ୍ଗଲର ଆୟତନ ୭୨.୭୪ ନିୟୁତ ହେକ୍ଟର ଦର୍ଶାଯାଇଛି, ଯାହାକି ବିଶ୍ୱର ମୋଟ ଜଙ୍ଗଲ ଆୟତନର ୨% ମାତ୍ର । ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ବିଚାରକୁ ନେଲେ ବିଶ୍ୱରେ ଭାରତର ସ୍ଥାନ ନବମ । ପୂର୍ବରୁ ଏହା ଦଶମ ସ୍ଥାନରେ ଥିଲା । ଜଙ୍ଗଲ ଆୟତନ ଦୃଷ୍ଟିରୁ କ୍ରମାନ୍ୱୟରେ ବିଶ୍ୱର ଦେଶଗୁଡ଼ିକ ହେଲା ସୋଭିଏତ୍ ୟୁନିୟନ, ବ୍ରାଜିଲ, କାନାଡା, ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା, କଙ୍ଗୋ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ଭାରତ । ବିଶ୍ୱର ୫୪ ପ୍ରତିଶତ ଜଙ୍ଗଲ କେବଳ ପ୍ରଥମ ପାଞ୍ଚଗୋଟି ଦେଶରେ ରହିଛି । ୨୦୨୩ ର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟ ଏବଂ ୨୦୨୫ ମସିହାର ଗ୍ଲୋବାଲ ଫରେଷ୍ଟ ରିସୋର୍ସେସ ଆସେସ୍‌ମେଣ୍ଟ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯିବ, ଦେଶରେ ଜଙ୍ଗଲ ପରିମାଣ ବଢ଼ୁଛି । ସେହିପରି ୨୦୨୧ ଓ ୨୦୨୩ର ଏଫ୍‌ଏସ୍‌ଆଇ ରିପୋର୍ଟକୁ ବିଶ୍ଳେଷଣ କଲେ ଦେଖାଯିବ, ଦେଶରେ ମୋଟ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ଆୟତନ ୧୪୪୫ ବର୍ଗ କିଲୋମିଟର ବା ୧ ଲକ୍ଷ ୪୪ ହଜାର ବର୍ଗ କିମି ବଢ଼ିଛି । ତନ୍ମଧ୍ୟରୁ ଜଙ୍ଗଲର ଆୟତନ ୧୫୬ ବର୍ଗ କି.ମି. ବଢ଼ିଥିବା ବେଳେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ଆୟତନ ୧୨୮୯ ବର୍ଗ କି.ମି. ବଢ଼ିଛି । ପୁନଶ୍ଚ ୧୫୬ ବର୍ଗ କି.ମି. ମଧ୍ୟରୁ ମାତ୍ର ୭.୨୮ ବର୍ଗ କି.ମି. ରେକର୍ଡଭୁକ୍ତ ବନାଞ୍ଚଳରେ ଓ ଅବଶିଷ୍ଟ ୧୪୯.୧୩ ବର୍ଗ କି.ମି. ରେକର୍ଡଭୁକ୍ତ ହୋଇ ନ ଥିବା



ଅଞ୍ଚଳରେ ଘଟିଛି । ତେଣୁ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ବାଦ୍‌ଦେଲେ ଦେଶର ଜଙ୍ଗଲ ସମ୍ପଦ ଆୟତନର ଅଭିବୃଦ୍ଧି ଘଟିଛି ବୋଲି ଯାହା କୁହାଯାଉଛି, ତାହା ସେତେଟା ଆଖିଦୃଶିଆ ନୁହେଁ । ଗ୍ଲୋବାଲ ଆସେସ୍‌ମେଣ୍ଟ ରିପୋର୍ଟ ଅନୁସାରେ ୨୦୧୫ରୁ ୨୦୨୫ ଦଶବର୍ଷ ମଧ୍ୟରେ ଭାରତରେ ୧୯୧୦ ବର୍ଗ କି.ମି ଜଙ୍ଗଲ ବୃଦ୍ଧି ଘଟିଛି । ଏହି ଅଭିବୃଦ୍ଧି ହାରରେ ବିଶ୍ୱରେ ଭାରତର ସ୍ଥାନ ତୃତୀୟ । ଏସିଆ ମହାଦେଶରେ ଚାଇନା ପଛକୁ ଭାରତର ସ୍ଥାନ ।

୨୦୨୩ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ଅନ୍ୟ ଏକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି । ତାହା ହେଉଛି ୨୦୨୧ରୁ ୨୦୨୩ ମଧ୍ୟରେ ୯୫୦୦ ବର୍ଗ କି.ମିରୁ ଅଧିକ ରେକର୍ଡଭୁକ୍ତ ଜଙ୍ଗଲ ବନଶୂନ୍ୟ ବା ନନ୍ ଫରେଷ୍ଟ ତାଲିକାକୁ ଯାଇଛି । ସେଥିରେ ରହିଛି ୨୩୧ ବର୍ଗ କିମି ଅତି ଘଞ୍ଚ ଜଙ୍ଗଲ, ୨୨୪୭ ବର୍ଗ କି.ମି. ମଧ୍ୟମ ଧରଣର ଘଞ୍ଚ ଜଙ୍ଗଲ ବା ୫୪୩୧ ବର୍ଗ କି.ମି. ଖୋଲା ଜଙ୍ଗଲ । ଉକ୍ତ ରିପୋର୍ଟରେ ଦାବି କରାଯାଇଛି, ଏହି ସମୟ ମଧ୍ୟରେ ୪୪ ବର୍ଗ କି.ମି. ପତିତ ଜମି ଏବଂ ୪୮୧ ବର୍ଗ କି.ମି. ଖୋଲା ଜଙ୍ଗଲ (ମୁକୁଟ ସାନ୍ଦ୍ରତା ୧୦ରୁ ୪୦ ପ୍ରତିଶତ) ଅତି ଘଞ୍ଚ ଜଙ୍ଗଲରେ (ମୁକୁଟ ସାନ୍ଦ୍ରତା ୭୦%ରୁ ଅଧିକ) ପରିଣତ ହୋଇଛି । ବନ ବିଶେଷଜ୍ଞମାନଙ୍କ ମତରେ ମାତ୍ର ଦୁଇବର୍ଷ ସମୟ ଅବଧି ମଧ୍ୟରେ ବୃକ୍ଷଲତା ବିହୀନ ପତିତ ଜମି ବା ଖୋଲା ଜଙ୍ଗଲ କୌଣସିମତେ ତିନୋଟି ବା ଦୁଇଟି ପାହାଚ ଚଢ଼ି ଅତି ଘଞ୍ଚ ଜଙ୍ଗଲରେ ପରିଣତ ହୋଇପାରିବ ନାହିଁ । ପରିବେଶ ଦୃଷ୍ଟିକୋଣରୁ ମଧ୍ୟ ଏହା ସମ୍ଭବ ନୁହେଁ । ଅର୍ଥାତ୍ ଦୁଇବର୍ଷ ଭିତରେ ଅତିବେଶିରେ ଜଙ୍ଗଲର ସାନ୍ଦ୍ରତା ଗୋଟିଏ ଶ୍ରେଣୀରୁ ଉପର ଶ୍ରେଣୀକୁ ଉଠିପାରେ । ପତିତ ଜମି, ଖୋଲା ଜଙ୍ଗଲରେ, ଖୋଲା ଜଙ୍ଗଲ ମଧ୍ୟମ ଧରଣର ଘଞ୍ଚ ଜଙ୍ଗଲ (୪୦ରୁ ୭୦% ମୁକୁଟ ସାନ୍ଦ୍ରତା) ବା ମଧ୍ୟମ ଧରଣର ଘଞ୍ଚ ଜଙ୍ଗଲ ଅତି ଘଞ୍ଚ ଜଙ୍ଗଲରେ ପରିବର୍ତ୍ତିତ ହୋଇପାରେ । ତା'ଠାରୁ ଅଧିକ ନୁହେଁ । ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ମଧ୍ୟ ଏ ବିଷୟରେ କୌଣସି ସନ୍ତୋଷଜନକ ଆଲୋଚନା କରାଯାଇନାହିଁ ।

ଯଦିଓ ଗତ ଦୁଇଟି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି, ଦେଶରେ ମୋଟ ଜଙ୍ଗଲ ଆୟତନରେ କ୍ରମାଗତ ବୃଦ୍ଧି ଘଟିଚାଲିଛି । କିନ୍ତୁ ସବୁଠାରୁ ଅଧିକ ଚିନ୍ତାଜନକ ବିଷୟ ହେଉଛି, ନୂଆକରି ସାମିଲ ହୋଇଥିବା ଜଙ୍ଗଲ ମୁଖ୍ୟତଃ ପୃଥକ୍ ପୃଥକ୍ ଛୋଟ ପ୍ଲାଣ୍ଟେଶନ, ପରସ୍ପରଠାରୁ ବିଚ୍ଛିନ୍ନ ତେଣୁ ଅତ୍ୟଧିକ ଆଘାତ ପ୍ରବଣ । ଯାହାର ପରିବେଶୀୟ ସଂଯୋଗୀକରଣ ନାହିଁ, ସ୍ଥିରତା ମଧ୍ୟ ନାହିଁ । ବନ୍ୟପ୍ରାଣୀଙ୍କ ଦୃଷ୍ଟିକୋଣରୁ ଏହିଭଳି କ୍ଷୁଦ୍ର କ୍ଷୁଦ୍ର ପ୍ଲାଣ୍ଟେଶନ ଶୁଭଙ୍କର ନୁହେଁ । ଅଥଚ ଏହିଭଳି ଅନେକ ବିକ୍ଷିପ୍ତ ଓ କ୍ଷୁଦ୍ର ପ୍ଲାଣ୍ଟେଶନ ରୂପକ ଜଙ୍ଗଲକୁ ନେଇ ଜଙ୍ଗଲ ସମ୍ପଦ ବଢ଼ୁଛି ବୋଲି ଆମେ ଆହ୍ଲାଦିତ ହେଉଛେ । ଘଞ୍ଚ ଜଙ୍ଗଲର ଅବାରିତ ଅବକ୍ଷୟ ଫଳରେ ଉଦ୍ଭିଦ ଜଗତର ଆଲୋକ ଶ୍ଲେଷଣ ପ୍ରକ୍ରିୟାରେ ୧୨% ହ୍ରାସ ଘଟିଛି । ଏହି ମତ ପ୍ରକାଶ ପାଇଛି, ଆଇଆଇଟି ବମ୍ବେ ଓ ବିଟ୍‌ସ ପିଲାନି ସହଯୋଗରେ ୨୦୨୫ରେ ଭାରତର ବିଭିନ୍ନ ସ୍ଥାନରେ କରାଯାଇଥିବା ଏକ ଗବେଷଣାରୁ ଆୟତନ ବଢ଼ୁଥିଲେ ମଧ୍ୟ ଅନ୍ୟତମ ଅଙ୍ଗାରକ କୁଣ୍ଡ ହିସାବରେ ଜଙ୍ଗଲର ବାୟୁ ମଣ୍ଡଳରୁ ଅଙ୍ଗାରକାମ୍ଳ ଆହରଣ କ୍ଷମତା ଧୀରେ ଧୀରେ ହ୍ରାସ ପାଉଛି ବୋଲି ଗବେଷକମାନେ ମତପ୍ରକାଶ କରୁଛନ୍ତି ।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ଯଦିଓ ଦେଶର ସାମଗ୍ରିକ ଜଙ୍ଗଲ ଆଚ୍ଛାଦନ ୨୦୧୩ରୁ ୨୦୨୩ ଦଶ ବର୍ଷ ମଧ୍ୟରେ ୨.୩୮% ବଢ଼ିଛି । ମୋଟ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜଙ୍ଗଲ ଅବକ୍ଷୟ ପରିଲକ୍ଷିତ ହୋଇଛି । ଉତ୍ତର ପୂର୍ବାଞ୍ଚଳ ରାଜ୍ୟରୁ ଆସାମ ଓ ସିକିମକୁ ବାଦ୍ ଦେଲେ ଅନ୍ୟ ୬ଟି ରାଜ୍ୟରେ ଜଙ୍ଗଲ କ୍ଷୟ ଘଟିଛି । ଅରୁଣାଚଳ ପ୍ରଦେଶରେ ସର୍ବାଧିକ ୧୦୦୦ ବର୍ଗ କି.ମି., ମିଜୋରାମ ୯୮୦ ବର୍ଗ କି.ମି. ଏବଂ ନାଗାଲାଣ୍ଡରେ ୭୯୪ ବର୍ଗ. କି.ମି. ଜଙ୍ଗଲ ନଷ୍ଟ ହୋଇଛି । ଏହା ବ୍ୟତୀତ ପଶ୍ଚିମଘାଟ ପର୍ବତମାଳା ପରିସଂସ୍ଥାରେ ଗତ ଦଶକରେ ୫୮ ବର୍ଗ କି.ମି. ଜଙ୍ଗଲ ହ୍ରାସ ପାଇଛି । ଜୈବ ବିବିଧତା ଉତ୍ପତ୍ତି ସ୍ଥଳମାନଙ୍କରେ ଉଭୟ ଗୁଣ ଓ ପରିମାଣ ଦୃଷ୍ଟିରୁ ପ୍ରାକୃତିକ ଜଙ୍ଗଲ ଦ୍ରୁତ ଭାବରେ ହ୍ରାସ ପାଉଛି । ଯେଉଁ କେତୋଟି ରାଜ୍ୟରେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ଛାଡ଼ି କେବଳ ଜଙ୍ଗଲର ଆୟତନରେ ବୃଦ୍ଧି ଘଟିଛି, ତନ୍ମଧ୍ୟରେ ରହିଛି ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ ରାଜସ୍ଥାନ । ପ୍ରତିବର୍ଷ ବିଭିନ୍ନ ରାଜ୍ୟରେ ଲକ୍ଷ ଲକ୍ଷ ହେକ୍ଟର ବୃକ୍ଷରୋପଣ କରାଯାଉଛି । କିନ୍ତୁ ସେଥିରୁ କେତେ ପରିମାଣରେ ଗଛ ବଞ୍ଚିରହୁଛି ଓ ଜଙ୍ଗଲ ଆୟତନ ବଢ଼ାଇବାରେ ସହାୟକ ହେଉଛି, ସେ ବିଷୟରେ କିଛି ରିପୋର୍ଟ ଉଲ୍ଲେଖ ନାହିଁ ।

– ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ
ମୋ: ୯୪୩୭୦୦୦୯୦୪

# ସନ୍ତାନର ପ୍ରଥମ ଶିକ୍ଷକ



ଡ. ବିଜୟଲକ୍ଷ୍ମୀ ଭୂୟାଁ

ମା'ର ରକ୍ତମାଂସରେ ଗଢ଼ା ଏଇ ପାର୍ଥିବ ଶରୀର । ଆମେ ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର ଏବଂ ଆମର ଏ ସୁନ୍ଦର ଶରୀର ସବୁ ଆମ ମାତାପିତାଙ୍କ ଦାନ । ତେଣୁ ସନ୍ତାନର ପ୍ରଥମ କର୍ତ୍ତବ୍ୟ ହେଲା ମାତାପିତାଙ୍କୁ ଖୁସିରେ ରଖିବା । ସେମାନଙ୍କ ସେବା ଯତ୍ନ କରି ଋଣ ପରିଶୋଧ କରିବାକୁ ଚେଷ୍ଟା କରିବା । ପରିବାରରେ ମା'ର ଅନେକ ଦାୟିତ୍ୱ । ରନ୍ଧାବଢ଼ା, ଅତିଥି ଚର୍ଚ୍ଚା, ଗୃହ ପରିଚାଳନା, ପିଲାର ଯତ୍ନ, ଶାଶୁ ଶ୍ୱଶୁରଙ୍କ ସେବା ଇତ୍ୟାଦି ଇତ୍ୟାଦି । କିନ୍ତୁ ସବୁ ଭିତରେ ସେ ପିଲାଟିକୁ ଜଗି ରହିଥାଏ । ପିଲାଟି ଧୀରେ ଧୀରେ ବଢ଼ିବାକୁ ଲାଗେ । ତା' ସହିତ ତା'ର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ । ପିଲାଟି ତା'ର ପରିବେଶରୁ ଶୀଘ୍ର ସବୁ କିଛି ଶିଖିବାକୁ ଆରମ୍ଭ କରେ । ଏହି ସମୟରେ ମା' ହେଉଛି ତା'ର ପ୍ରଥମ ଗୁରୁ । ପିଲାଟି ବିଦ୍ୟାଳୟ ଯିବା ପୂର୍ବରୁ ମା' ସିଲଟ ଖଡ଼ି ଧରି ଗୋଲ ବୁଲାଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ଶିଖାଇ ଆଶୀର୍ବାଦ ପ୍ରାପ୍ତ କରାଏ । ଫଳରେ ପିଲାଟି ବିଦ୍ୟା ଲାଭ କରିବା ପୂର୍ବରୁ ଆଧାତ୍ମିକ ଶକ୍ତି ଓ ଈଶ୍ୱରଭକ୍ତି ଲାଭ କରେ । ମାଆ ଉଚ୍ଚ ଶିକ୍ଷିତା ହେବା ଜରୁରୀ ନୁହେଁ । ମାଆ ସୁଶିକ୍ଷିତା ହେବା ଆବଶ୍ୟକ । ଯାହାଫଳରେ ସେ ପିଲାଟିକୁ ପ୍ରଥମରୁ ଉପଯୁକ୍ତ କରି ଗଢ଼ି ତୋଳିପାରିବ । ପିଲାର ମନ କଞ୍ଚାମାଟି ପରି ନରମ । ତାକୁ ପ୍ରଥମରୁ ଯେଉଁ ଆକାର ଦେବାକୁ ଚାହିଁବ, ସେ ସେହିପରି ହୋଇପାରିବ । ମାଟି ଶୁଖିଗଲେ ଯେପରି ଆଉ ମୂର୍ତ୍ତି ଗଢ଼ି ହୋଇପାରେ ନାହିଁ, ପିଲାଟି ଥରେ ବିଗିଡ଼ିଗଲେ ତାକୁ ବାଟକୁ ଆଣିବା କଷ୍ଟକର । ପିଲା ମା' ସହିତ ଅଧିକାଂଶ ସମୟ କଟାଏ । ତେଣୁ ମା' ଯେପରି ହେବ ପିଲାଟି ତାକୁ ଅନୁସରଣ କରିବ । ତା' ଅଜାଣତରେ ସେ ମାଆର ଆଚରଣ, କଥାବାର୍ତ୍ତା ଓ ଚାଲିଚଳନ ଅନୁକରଣ କରି ଚାଲିବ । ତେଣୁ ମା' ନିଜ ଆଚାର ବ୍ୟବହାରରେ ସତର୍କ ରହିବା ଉଚିତ । କାରଣ ମା'ର ପରିବାର ତଥା ସନ୍ତାନ ପ୍ରତି ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ।

ମା' କୋଳ ପିଲାର ପ୍ରାଥମିକ ବିଦ୍ୟାଳୟ । ମା' ତା' ପିଲାକୁ କୋଳରେ ଶୁଆଇ ନାନାବାୟା ଗୀତ ଗାଇ ସଙ୍ଗୀତ ଶିଖାଏ, ଅଙ୍ଗୁଳି ଗଣି ଗଣିତ ଶିଖାଏ, ବିଭିନ୍ନ ଗଳ୍ପ କହି ତା' ମାଧ୍ୟମରେ ନୀତିଶିକ୍ଷା ଓ ସାହିତ୍ୟ ଶିକ୍ଷାଦିଏ, ପୁରାଣ ରାମାୟଣରୁ ଗପ କହି ଧର୍ମ ମାର୍ଗରେ ନେବାକୁ ଚେଷ୍ଟା କରେ । ଗୁରୁ ଗୁରୁଜନ ତଥା ଭଗବାନଙ୍କୁ ଭକ୍ତି କରିବା ଶିକ୍ଷା ଦିଏ ଓ ଏହିପରି ଆହୁରି କେତେ କ'ଣ ଉପଦେଶ



ଦେଇ ପିଲାଟିକୁ ବାଲ୍ୟକାଳରୁ ଉପଯୁକ୍ତ କରି ଗଢ଼ି ତୋଳିବାକୁ ପ୍ରୟାସ କରେ । ଜଣେ ସମର୍ପିତା ମା' ପିଲାକୁ ଭଲ ମଣିଷଟିଏ କରି ବଢ଼ାଇବାକୁ ଦୃଢ଼ ନିଶ୍ଚିତ ରହେ । କାରଣ ପିଲାଟି ଉପଯୁକ୍ତ ହେଲେ ତା' ପରିବାରର ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ । ଫଳରେ ଦେଶର, ରାଷ୍ଟ୍ରର ତଥା ବିଶ୍ୱର ଉନ୍ନତି ହୁଏ । ତେଣୁ ଜଣେ ଉପଯୁକ୍ତ ମା' କେବଳ ପରିବାରର ନୁହେଁ, ସେ ମଧ୍ୟ ରାଷ୍ଟ୍ରୀୟ ସମ୍ପତ୍ତି ।

ମା'ମାନଙ୍କୁ ସମାଜରେ ସବୁବେଳେ ଶ୍ରେଷ୍ଠସ୍ଥାନ ଦିଆଯାଇଛି । ଆଦିକବି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ– 'କୁପୁତ୍ର ଜାୟତେ କ୍ୱଚିଦପି, କୁମାତା ନ ଭବତି ।' ଅର୍ଥାତ୍ ସଂସାରରେ ମନ୍ଦପୁତ୍ର ଜାତ ହୋଇପାରେ, ମାତ୍ର ମା' କଦାପି ମନ୍ଦ ହୋଇପାରନ୍ତି ନାହିଁ । କାରଣ ମା' ସବୁବେଳେ ନିଃସ୍ୱାର୍ଥପର ଭାବରେ ସନ୍ତାନର ଲାଳନପାଳନ ତଥା ସେବାଯତ୍ନ କରେ । ସେ ଚାହେଁ ତା'ର ସନ୍ତାନ ବୁଦ୍ଧିମାନ୍, ବିଦ୍ୱାନ୍, ଶାନ୍ତ ସରଳ ଓ ଈଶ୍ୱରବିଶ୍ୱାସୀ ହେଉ । ସମାଜରେ ତା'ର ତଥା ପରିବାରର ନାମ ଓ ଯଶ ପ୍ରତିଷ୍ଠା କରୁ । ସେଥିପାଇଁ ସେ ପିଲାଟି କଥା କହିଲା ଦିନୁ ଭଲ କଥା କହିବା ଶିଖାଏ, ପାଠ ପଢ଼ିଲା ଦିନୁ ତା'ର ପାଠପଢ଼ା ପ୍ରତି ଯତ୍ନବାନ ହୁଏ । ତେଣୁ ମା'ଠାରୁ ବଳି ଭଲ ଶିକ୍ଷକ ଓ ପଥପ୍ରଦର୍ଶକ ଆଉ କିଏ ହୋଇପାରେ ? ଏଇଠି ଆମେ କେତେ ଜଣ ଆଦର୍ଶମାତାଙ୍କର ଉଦାହରଣ ଦେଇପାରିବା । ଶ୍ରୀରାମ ମାତା କୌଶଲ୍ୟାଙ୍କ ଯତ୍ନରେ ସଦାସର୍ବଦା ସତ୍ୟପଥରେ ଚାଲୁଥିଲେ । ଲବ ଓ କୁଶ ମାତା ସୀତାଙ୍କ ତତ୍ତ୍ୱାବଧାନରେ ବିଦ୍ୱାନ୍ ଓ ଶକ୍ତିଶାଳୀ ହୋଇପାରିଥିଲେ । ଶିବାଜୀଙ୍କ ବୀରତ୍ୱ ପାଇଁ ମାତା ଜୀଜାବାଈଙ୍କର ପ୍ରେରଣା ଅନ୍ତର୍ନିହିତ । ପୁତୁଲିବାଈଙ୍କ ପ୍ରେରଣାରେ ମୋହନଦାସ ମହାତ୍ମାରେ ପରିଣତ ହୋଇ ପାରିଥିଲେ । ଏହିପରି ଅନେକ ଆଦର୍ଶ ମା'ଙ୍କର ଉଦାହରଣ ଆମ ପୁରାଣ ତଥା ଇତିହାସରେ ବର୍ଣ୍ଣିତ ।

ସମ୍ପ୍ରତି ମାତୃଜାତି ପ୍ରତି କିଛି ଆହ୍ୱାନ ରହିଛି । ପୂର୍ବରୁ ମା'ମାନେ ପିଲାମାନଙ୍କୁ ସକାଳେ ସନ୍ଧ୍ୟାରେ ପ୍ରାର୍ଥନା କରି ପଢ଼ି ବସିବାକୁ ଶିଖାଉଥିଲେ । ଆଜିକାଲି ଅଧିକାଂଶ ମା' ସେହି ସମୟରେ ପିଲାଙ୍କୁ ପାଠ ପଢ଼ିବାକୁ ବାଧ୍ୟ କରୁଛନ୍ତି କିମ୍ବା ଟ୍ୟୁଶନ୍ ପଠାଇ ଦେଇ ନିଶ୍ଚିନ୍ତରେ ରହୁଛନ୍ତି । ଏହାଦ୍ୱାରା ମା'ମାନେ ପିଲାଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିବା ବଦଳରେ ଗୋଟିଏ ଲେଖାଏଁ ପୁସ୍ତକ-କୀଟରେ ପରିଣତ କରୁଛନ୍ତି । ସେମାନେ ଜାଣିରଖିବା ଉଚିତ ଯେ, ପିଲାଙ୍କର ନୈତିକତାର ସ୍ଖଳନ ପାଇଁ ସେମାନେ ହିଁ ଦାୟୀ । ଆଗାମୀ କାଳର ବଂଶଧରମାନଙ୍କୁ ରକ୍ଷା କରିବା ନିମନ୍ତେ ଆଜିର ମା'ମାନଙ୍କୁ ସାବଧାନ ହେବାକୁ ପଡ଼ିବ । ମନେରଖିବା ଉଚିତ ମା' ହିଁ ଦିବ୍ୟ ଜନନୀଙ୍କ ମୂର୍ତ୍ତିମନ୍ତ ପ୍ରତୀକ ଓ ତା' ସନ୍ତାନର ପ୍ରଥମ ଶିକ୍ଷକ ।

ଅବସରପ୍ରାପ୍ତ ରିଡର,
ଶୈଳବାଳା ମହାବିଦ୍ୟାଳୟ
ମୋ: ୯୮୬୧୩୫୫୬୨୮

## ଏଇ ଭାରତରେ

ମୁମ୍ବାଇ ବିଶ୍ୱବିଦ୍ୟାଳୟର ଫୋର୍ଟ କ୍ୟାମ୍ପସ୍‌ରେ ୨୮୦ ଫୁଟ ଉଚ୍ଚତାର ରାଜବାଇ କ୍ଲକ୍ ଟାୱାରର ୧୪୬ ବର୍ଷର ପୁରୁଣା ଘଡ଼ି ଏବେ ଲୋକଙ୍କୁ ସମୟ ଜଣାଇ ଦେଉଛି । ବଡ଼ କଥା ହେଉଛି ଟାୱାରରେ ଥିବା ଅସୁବିଧାକୁ ସଜାଡ଼ିବା ପାଇଁ ମହେନ୍ଦ୍ର ପ୍ରସାଦ ଗୁପ୍ତାଙ୍କୁ ୧୦ ବର୍ଷ ଲାଗିଯାଇଛି । ପେସାରେ ସେ ଜଣେ ଇଲେକ୍ଟ୍ରିସିଆନ । ଏହି କାମ ତାଙ୍କ ପାଇଁ ଏତେ ସହଜ ନ ଥିଲା । ପ୍ରତିଦିନ ୨୩୬ଟି ପାହାଚ ଚଢ଼ି ଟାୱାର ଉପରକୁ ଯାଇ ସେ ଘଣ୍ଟା କାମ କରନ୍ତି । ଉଲ୍ଲେଖନୀୟ ଯେ, ରାଜବାଇ ଘଡ଼ିର ଓଜନ ପାଖାପାଖି ୩୦୦ କେଜି । ବ୍ରିଟେନର ସ୍ଥପତି ସାର୍ ଜର୍ଜ ଗିଲବର୍ଟ ସ୍କଟ ଏହାର ଡିଜାଇନ କରିଥିଲେ । ଲଣ୍ଡନର ବିଗ୍‌ବେନ ଘଣ୍ଟା ଢାଞ୍ଚାରେ ୧୮୭୮ରେ ରାଜବାଇ କ୍ଲକ୍ ଟାୱାର ନିର୍ମାଣ କରାଯାଇଥିଲା । ଷ୍ଟକ୍‌ବ୍ରୋକର ପ୍ରେମଚାନ୍ଦ ରୟଚାନ୍ଦ ତାଙ୍କ ମା' ରାଜବାଇଙ୍କ ସ୍ମୃତିରେ ଏହାକୁ ପାଣ୍ଠି ଯୋଗାଇ ଦେଇଥିଲେ । ଐତିହାସିକ ତଥ୍ୟରୁ ଜଣାପଡ଼େ ଯେ, ରାଜବାଇ ଟାୱାର ରୟଚାନ୍ଦଙ୍କ ଘର ନିକଟରେ ଥିଲା । ରାଜବାଇ ଦୃଷ୍ଟିବାଧିତ ଥିବାରୁ ସେ ଏହି ଘଣ୍ଟା ଶବ୍ଦରୁ ସମୟ ଜାଣିପାରୁଥିଲେ । ଆରମ୍ଭରୁ ରାଜବାଇ ଘଡ଼ିରେ ୧୪ଟି ବେଲ୍ ଏକାଥରକେ ବାଜୁଥିଲା । ଏବେ ମରାମତି କରାଯିବା ପରେ ପ୍ରତି ୧୫ ମିନିଟରେ ୫ଟି ବେଲ୍ ବାଜୁଛି ।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଜାନୁଆରୀ ୧୯୭୭

- ପୂର୍ଣ୍ଣାଙ୍ଗ ଓ କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ଜାପାନୀ କଥାଚିତ୍ର 'ମୋନ ଏଣ୍ଡ ଇନୋ' ଓ ଭାରତୀୟ ଚିତ୍ର 'ଆଫଟର ଦି ସାଇଲାନ୍ସ'କୁ ସୁବର୍ଣ୍ଣ ମୟୂର ପୁରସ୍କାର ପ୍ରଦାନ ।
- ନିଖିଳକ ଭାରତ ଯୁବକଂଗ୍ରେସ ସଭାପତି ପଦରେ ଶ୍ରୀମତୀ ଅମ୍ବିକା ସୋନି ୧ ବର୍ଷ ପାଇଁ ପୁନଃ ଅବସ୍ଥାପିତ ।
- ଭାରତରେ ପ୍ରଥମକରି ରେଳ ପରିବହନ ସମ୍ପର୍କୀୟ ଏକ ଯାଦୁଘର ଦିଲ୍ଲୀର ଚାଣକ୍ୟ ନଗରଠାରେ ପ୍ରତିଷ୍ଠା କରାଯାଇଛି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 6 | | | | | | | |
| | | | 8 | | | | | |
| 3 | 5 | | | | | 6 | 4 | 1 |
| | | 2 | | 9 | | | | |
| 5 | | | | | | | | 3 |
| | 8 | 6 | | | | 5 | 2 | |
| | | | | 3 | | 8 | 9 | |
| | 7 | 4 | | | 8 | | | |
| | 9 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 7 | 1 | 6 | 8 | 3 | 5 | 9 |
| 6 | 5 | 1 | 9 | 2 | 3 | 7 | 4 | 8 |
| 8 | 3 | 9 | 7 | 5 | 4 | 1 | 2 | 6 |
| 7 | 9 | 2 | 4 | 8 | 1 | 6 | 3 | 5 |
| 3 | 1 | 8 | 6 | 7 | 5 | 4 | 9 | 2 |
| 5 | 6 | 4 | 3 | 9 | 2 | 8 | 1 | 7 |
| 4 | 7 | 6 | 5 | 3 | 9 | 2 | 8 | 1 |
| 9 | 8 | 3 | 2 | 1 | 7 | 5 | 6 | 4 |
| 1 | 2 | 5 | 8 | 4 | 6 | 9 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବଢ଼ା ଦର ଧାର୍ଯ୍ୟ ହୋଇପାରୁନି

ମହାଶୟ,

ଗତ କିଛିଦିନ ଧରି ଶ୍ରୀମନ୍ଦିର ଆନନ୍ଦ ବଜାରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ସ୍ଥିତିରେ ସୁଆର ମହାସୁଆର ନିଯୋଗ ଅବଢ଼ା ଦର ବୃଦ୍ଧି ନେଇ ପ୍ରାରମ୍ଭିକ ବୈଠକ କରିସାରିଛନ୍ତି । ଏବେ ସାଧାରଣ ମହାପ୍ରସାଦ ମୁଣ୍ଡ ପିଛା ୧୦୦ ଟଙ୍କାରେ ବିକ୍ରିହେବ । ଭକ୍ତଜନଙ୍କୁ ଏହା ଅତିଷ୍ଠ କଲାଣି । ସଉଦା, ପରିବା ଓ ଜାଳେଣି କାଠ ଆଦିର ମୂଲ୍ୟ ବୃଦ୍ଧି ହେଉଥିବାରୁ ମହାପ୍ରସାଦର ଦର ବୃଦ୍ଧି ନେଇ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ନିଯୋଗର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଆନନ୍ଦ ବଜାରରେ ୮୫ ଅବଢ଼ା ଦୋକାନୀ ରହିଛନ୍ତି । ଭକ୍ତଙ୍କ ନିକଟରେ ଅବଢ଼ା ପହଞ୍ଚିଲା ବେଳକୁ ୧୨ଟି ପର୍ଯ୍ୟାୟ ଦେଇ ପହଞ୍ଚୁଛି । ଏହାକୁ ନେଇ ଶ୍ରୀମନ୍ଦିର ଆନନ୍ଦ ବଜାରରେ ବିଶୃଙ୍ଖଳା ସୃଷ୍ଟିହେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ଅନ୍ୟପକ୍ଷରେ ଅବଢ଼ା ଦର ବୃଦ୍ଧି ପାଇଁ ସୁଆର ମହାସୁଆର ନିଯୋଗ ସହବାଜ ହେଲେଣି । ତେବେ ସେବକଙ୍କ ପକ୍ଷରୁ ଧାର୍ଯ୍ୟ ଦରକୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକୃତି ଦେବ ନା ସେମାନେ ମନଇଚ୍ଛା ଦର ଧାର୍ଯ୍ୟ କରିବେ, ତାହାକୁ ନେଇ ପ୍ରଶ୍ନ ଉଠିଛି ।

**– ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯୁଗେ ଯୁଗେ କେତେ କଥା
ଆସିଛି ସେ କହି
କେତେ ମୁଖେ ନବ ନବ
ରୂପ ରସ ବହି ।

–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୧୦୦ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ, ୧୦ ଗିରଫ

## ଗୋଟାଲାଣକାରୀଙ୍କ ବିରୋଧରେ କେନ୍ଦୁଝର ପୋଲିସର ବଡ଼ ଆକ୍ସନ

### କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧାରେ ଚଢ଼ାଉ ଜାରି



ଢେଙ୍କିକୋଟ ସାନ୍ତରାପୁର ଅଞ୍ଚଳର ଜଣେ ବେପାରୀଙ୍କ ଘରୁ ଜବତ ଟଙ୍କା, ସୁନା ଅଳଙ୍କାର।

**କେନ୍ଦୁଝର, ୧୭।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ପୋଲିସ ପକ୍ଷରୁ ଗୋମାଫିଆଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶନିବାର ଭୋର ସମୟରୁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ କେନ୍ଦୁଝର ଜିଲାର ୮ଟି ସ୍ଥାନ ସମେତ ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧା ଜିଲାର ୪୬ ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ୧୦ ଗୋଟାଲାଣକାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଭଦ୍ରକ ଜିଲା ଟାଉନ ଥାନାର ଏସ୍‌କେ ରାଜନ, କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ସାନ୍ତରାପୁରର ଟିପୁ ସୁଲତାନ, ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗାର କୁନୁ ସାହୁ, ଅର୍ଜୁନ ସାହୁ ଏବଂ ସିପୁ ସାହୁ, ହରିଚନ୍ଦନପୁର ଥାନା ଅନ୍ତର୍ଗତ ଜାମୁଜୋଡ଼ିର ଏସ୍‌କେ ଆକବର, ନାସିର ଏବଂ ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ମୃତ୍ୟୁଞ୍ଜୟ ମହାପାତ୍ର, ଖାରପୋଖରିଆ ଥାନା ଅଞ୍ଚଳର ସୁଜିତ ମହାନ୍ତି, ମୟୂରଭଞ୍ଜ ଜିଲାର ତେଣ୍ଟାପୋଷିର ଏସ୍‌କେ ନଇମ। ଭାରତ ସରକାରଙ୍କ ନୂତନ ନାଟ୍ ଗ୍ରୀ ଅନ୍‌ଲାଇନ ଆପ୍ ଜରିଆରେ ଏହି ଗୋମାଫିଆମାନେ ୧ଶହ କୋଟି ଟଙ୍କାର ସମ୍ପତ୍ତି ବେଆଇନ ଗୋଟାଲାଣରେ ଅର୍ଜନ କରିଥିବା ସୂଚନା ମିଳିଥିଲା। ସେମାନଙ୍କ ନିକଟରୁ ନଗଦ ଟଙ୍କା ସହ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଥିବା କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଲକର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗତ କିଛିମାସ ତଳେ ଗୋମାଫିଆମାନେ ପୋଲିସ ଗାଡ଼ିକୁ ଆକ୍ରମଣକରି ପୋଲିସ ଉପରେ ଗାଡ଼ି ଚଢ଼ାଇ ଫେରାର ହୋଇଯାଇଥିଲେ। ଏ ନେଇ ଭାରତୀୟ ନ୍ୟାୟ ସଂହିତାର ୧୧୨ ଧାରା, ସଂଗଠିତ ଅପରାଧ ନିୟମ ଅନୁଯାୟୀ ଗୋମାଫିଆଙ୍କ ନାମରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରିଛି। ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରତ୍ୟୁଷରେ କେନ୍ଦୁଝର ପୋଲିସର ନେତୃତ୍ୱରେ ୪୬ ଦଳ ୫ ଜିଲାର ୪୬ଟି ସ୍ଥାନରେ ବେଆଇନ ଗୋରୁ ବ୍ୟବସାୟୀଙ୍କ ବାସଭବନରେ ସମନ୍ୱିତ ଚଢ଼ାଉ କରିଥିଲା। ଅଭିଯାନରେ କେନ୍ଦୁଝର ଜିଲାର ହରିଚନ୍ଦନପୁର, ସାନ୍ତରାପୁର, କାଳିଆହାତା, ତେଲକୋଇ, ଘଷିପୁରା, ଆନନ୍ଦପୁର, ତୁରୁମୁଙ୍ଗା, ଜାମୁଜୋଡ଼ି ରହିଥିବା ବେଳେ ମୟୂରଭଞ୍ଜ ଜିଲାର ବିଶୋଇ, କରଞ୍ଜିଆ, ଖାରପୋଖରିଆ, ତେଣ୍ଟାପୋଷି, ଚଢ଼େଇଭୋଳ, କେନ୍ଦ୍ରେଇ ଏବଂ ଠାକୁରମୁଣ୍ଡା ଏବଂ ଯାଜପୁର ଜିଲାର କୋରେଇ ଏବଂ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇଛି। ମୋଟ ୧୦ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ନିକଟରୁ ପ୍ରାୟ ୧ କୋଟି ୫୨ଲକ୍ଷ ୮୨ହଜାର ୫୦୫ ଟଙ୍କା ନଗଦ, ୧ କିଲୋ ୧୩୧ ଗ୍ରାମ ସୁନା, ୩ କିଲୋ ୮୦ ଗ୍ରାମ ରୁପା, ୨୩ଟି ଚାରିଚକିଆ ଗାଡ଼ି, ୨୩ଟି ୨ଚକିଆ ଗାଡ଼ି, ୧୩ଟି ମୋବାଇଲ ଏବଂ ୨୧ଟି ହାତଘଣ୍ଟା, ଜମିର କାଗଜପତ୍ର, ବ୍ୟାଙ୍କ ଖାତା ଆଦି ଜବତ କରାଯାଇଛି।

ବିଶେଷକରି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଗୁହାଳିଆ ଗ୍ରାମର ଜିତେନ୍ଦ୍ର ଜେନାଙ୍କ ଘର, ଆନନ୍ଦପୁର ଥାନା ମୋଚିନ୍ଦା ଗାଁର ସତୁରା ସାହୁଙ୍କ ଘରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଓ ଏକ କାର୍ ଜବତ ହୋଇଛି। ତାଙ୍କର ଲୁଗା ଶୋ'ରୁମ୍ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରହିଛି। ତୁରୁମୁଙ୍ଗାରୁ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫ ହଜାର ଟଙ୍କା, ୩ଟି ସୁନାହାର, ୩ଟି ସୁନାଚେନ୍, ଗୋଟିଏ ସୁନାବଳା, ୬ ହଳ ରୁପା ପାଉଁଜି, ୪ଟି ରୁପା ମୁଦି, ୨ଟି ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ଆପରାଧିକ ଟଙ୍କାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ସୂଚନା ମିଳିଛି। ଅଭିଯାନର ନେତୃତ୍ୱ ୨ ଜଣ ଅତିରିକ୍ତ ପୋଲିସ ଅଧୀକ୍ଷକ ନେଇଥିଲେ। ୫ ଜଣ ଡିଏସ୍‌ପି, ୨୫ ଜଣ ଇନ୍ସପେକ୍ଟର, ୩୬ ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇ ସାମିଲ ଥିଲେ। ୧୮ ପ୍ଲାଟୁନ ଫୋର୍ସ ସହାୟତାରେ ଏହି ଅଭିଯାନ କରାଯାଇଥିଲା। ବର୍ତ୍ତମାନ ମଧ୍ୟ ଚଢ଼ାଉ ଜାରି ରହିଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ସୂତ୍ରଧରଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ବାଲି ମାଫିଆଙ୍କ ଘରୁ ଜବତ ହେଲାଣି ଅଢ଼େଇ କୋଟି ଟଙ୍କା

**ଭୁବନେଶ୍ୱର, ୧୭।୧ (ତ୍ରିନାଥ ମହାନ୍ତି)**

- ୧୦ ବାଲି ଏବଂ ମଦ ମାଫିଆଙ୍କ ଠିକଣାରେ ଚଢ଼ାଉ କରାଯାଇଥିଲା
- ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବାଲି ଉଠାଇ ବହୁ କୋଟି ଟଙ୍କାର ରାଜସ୍ୱ ଫାଙ୍କୁଥିଲେ
- ସିଏଜି ରିପୋର୍ଟରେ ଆସିବା ପରେ ଇଡିର ଚଢ଼ାଉ
- ୬ ରାଜ୍ୟକୁ ଲମ୍ବିଛି ବାଲି ମାଫିଆଙ୍କ ଲିଙ୍କ୍

ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର, ମଦ ଓ ବାଲି ମାଫିଆଙ୍କ ଘରେ ଶୁକ୍ରବାର ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ାଉ କରିଥିଲା। ଦୀର୍ଘ ୧୫ ଘଣ୍ଟାରେ ୨୫ଟି ସ୍ଥାନରେ ଘନ ଘନ ରେଡ୍ ପରେ ଇଡି ବହୁ କୋଟି ଟଙ୍କାର ସମ୍ପତ୍ତି ଠାବ କରିଛି। ଶୁକ୍ରବାର ବିଜେଡି ନେତା ହୃଷୀକେଶ ପାଢ଼ୀଙ୍କ ଘରୁ ଠାବ ହୋଇଥିବା ଆଲମିରା ଭର୍ତ୍ତି ଟଙ୍କା ଗଣତି ପରେ ଅଢେଇ କୋଟି ଟଙ୍କା ମିଳିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଏକାଧିକ ସମ୍ପତ୍ତିର ଦସ୍ତାବିଜ, ଏକାଧିକ ବିଳାସପୂର୍ଣ୍ଣ ଗାଡ଼ି, ଅଭିଯୁକ୍ତଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି କାଗଜପତ୍ର, ଚୁକ୍ତିନାମା ଏବଂ ଖଣି ସମ୍ପର୍କିତ କାଗଜପତ୍ରକୁ ଇଡି ଜବତ କରିଛି।

ଶୁକ୍ରବାର ଗଞ୍ଜାମର ବିଜେଡି ନେତା ହୃଷୀକେଶଙ୍କ ଘର ସମେତ ଗଞ୍ଜାମ ଜିଲାର ୮ରୁ ୧୦ ବାଲି ଓ ମଦ ମାଫିଆଙ୍କ ଠିକଣାରେ ଇଡି ଘନଘନ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ମିଳିଥିଲା ଆଲ୍‌ମିରା ଭର୍ତ୍ତି ଟଙ୍କା। ଏଥିସହିତ ଖୋଲିବାରେ ଲାଗିଛି ବାଲି ମାଫିଆଙ୍କ କଳା ସାମ୍ରାଜ୍ୟର ଗୁମର। ଦୀର୍ଘ ବର୍ଷ ଧରି ଗଞ୍ଜାମ ଜିଲାର ଏହି ବାଲି ମାଫିଆମାନେ ବେଆଇନ ଅର୍ଥ କାରବାର ଚଳାଇଥିଲେ। ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ ବହୁ କୋଟି ଟଙ୍କା ରାଜସ୍ୱ ଫାଙ୍କୁଥିଲେ। ଏହି ବାଲିକୁ ସେମାନେ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟରେ ଆସିବା ପରେ ଇଡି ଚଢାଉ କରିଥିଲା। ରେଡ୍‌ବେଳେ ବାଲି ମାଫିଆଙ୍କ ଚୋରା ମଦ କାରବାର ସମ୍ପର୍କରେ ମଧ୍ୟ ସୁରାକ ମିଳିଛି। ଗଞ୍ଜାମରେ ବାଲି ମାଫିଆ ଚଳାଉଛନ୍ତି ବେଆଇନ ଦେଶୀ ମଦ ଭାଟି। ବାଲି ଘାଟରୁ ଆସୁଥିବା କଳାଧନକୁ ସେମାନେ ପୂରା ଜିଲାରେ ଦେଶୀ ମଦ ଭାଟିରେ ଲଗାଇଥିଲେ। କ୍ଷମତା ବଳରେ ସେମାନେ ପୂରା ଗଞ୍ଜାମରେ ନିଜର ସିଣ୍ଡିକେଟ୍ ଚଳାଇଥିଲେ। ଅପରାଧୀଙ୍କୁ ବାଲି ମାଫିଆମାନେ ନିଜ ପୋଷା ଗୁଣ୍ଡା ଭାବେ ରଖି ଆପରାଧିକ ସିଣ୍ଡିକେଟ୍ ମଧ୍ୟ ଚଳାଉଥିଲେ। ବାଲି ଘାଟ ନିଲାମ ସହ ଜାଲ୍ ୱାଇ ଫର୍ମ ଜରିଆରେ ବର୍ଷ ବର୍ଷ ଧରି ବାଲି ଚାଲାଣ ହେଉଥିବା ସାମ୍ନାକୁ ଆସିଛି। ଏହି ଅପରାଧ ସିଣ୍ଡିକେଟର ମାଷ୍ଟରମାଇଣ୍ଡ କୃପାସିନ୍ଧୁ ମୁଦୁଲି ବୋଲି ଜଣାପଡ଼ିଛି। କୃପାସିନ୍ଧୁ ଗଞ୍ଜାମ ଜିଲାରେ ଦୀର୍ଘ ବର୍ଷ ଧରି ବାଲି ଚୋରା ଚାଲାଣର ସବୁ କିଛି ପରିଚାଳନା କରୁଛନ୍ତି। କୃପାସିନ୍ଧୁଙ୍କ ନାମରେ ଆପରାଧିକ ମାମଲା ରହିଛି। ବିଶେଷକରି ବାଲି ଚାଲାଣ ସମ୍ପର୍କିତ ମାମଲା ତାଙ୍କ ନାମରେ ରୁଜୁ କରାଯାଇଛି। କୃପାସିନ୍ଧୁଙ୍କ ଦୁଇ ପଥର କ୍ରସର ଉପରେ ମଧ୍ୟ ଇଡ଼ି ଚଢାଉ କରିଥିଲା। ସେଠାରୁ ବାଲିଘାଟ ନିଲାମ ନେଇ ଏକାଧିକ ଦସ୍ତାବିଜ୍ ଏବଂ କଳା ଟଙ୍କାରେ କିଣା ଯାଇଥିବା ସମ୍ପତ୍ତିର କାଗଜପତ୍ରକୁ ଇଡି ଜବତ କରିଛି। ଏହି ଲିଙ୍କ୍‌ରେ ଇଡି ଦେଶର ୬ଟି ରାଜ୍ୟରେ ଚଢ଼ାଉ କରିଥିବା ଜଣାପଡ଼ିଛି।

ବିଜେଡି ଜିଲା ଉପସଭାପତି ହୃଷୀକେଶ ପାଢ଼ୀଙ୍କ ବ୍ରହ୍ମପୁରସ୍ଥିତ ଜୟପ୍ରକାଶ ନଗର ଓ ଶେରଗଡ଼ ଘରେ ଚଢାଉ ହୋଇଥିଲା। ସେହିପରି ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଉମାନଗରରେ ବାଲି ବ୍ୟବସାୟୀ କୃପାସିନ୍ଧୁଙ୍କ ଅଫିସ, ବିଜିପୁର କାଲୁଆସାହିର ହକି ଓରଫ ବିଶ୍ୱଜିତ ପାତ୍ରଙ୍କ ଘର, ଗାନ୍ଧୀନଗର ନିକଟ ଅମ୍ବିକାନଗରରେ ଥିବା ଶିବପ୍ରସାଦ ପାଢୀଙ୍କ ଘର ଓ ଷ୍ଟେଶନ ରୋଡ୍‌ରେ ଥିବା ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅଫିସ, କନିଷିର ବିଶିଷ୍ଟ ବ୍ୟବସାୟୀ ସୁନୀଲ ପାତ୍ରଙ୍କ ଘରେ ଚଢ଼ାଉ କରାଯାଇଥିଲା। ଆସିକା ବ୍ଲକ ଖାରିଆ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସାହୁ ମଧ୍ୟ ବର୍ତ୍ତି ନ ଥିଲେ। ତାଙ୍କ ସ୍ୱାମୀ ତଥା ମଦ ଓ ବାଲି ବ୍ୟବସାୟୀ ଭଗବାନ ସାହୁଙ୍କ ବାସଭବନରେ ମଧ୍ୟ ଇଡି ଚଢ଼ାଉ କରିଥିଲା। ଚଢାଉ ସମୟରେ ହୃଷୀକେଶଙ୍କ ଘରୁ ଆଲମାରୀରୁ ମିଳିଥିବା ନଗଦ ୨.୫ କୋଟି ଟଙ୍କାର କୌଣସି ହିସାବ ନ ମିଳିବାରୁ ଇଡି ଜବତ କରି ନିଜ ହେପାଜତକୁ ନେଇଛି। ସନ୍ଧ୍ୟାରେ ବ୍ରହ୍ମପୁର ସହର ତୁଳସୀନଗରସ୍ଥିତ ବ୍ୟବସାୟୀ ସନ୍ତୋଷ ଦଳାଇଙ୍କ ଘରୁ ଟଙ୍କା ଭର୍ତ୍ତି ଟ୍ରଙ୍କ ଓ କିଛି ସୁନାଗହଣା ଜବତ କରାଯାଇଛି। ଏକ ବ୍ୟାଙ୍କ ଗାଡ଼ିରେ ଜବତ ଟଙ୍କା ଓ ଗହଣାକୁ ଇଡି ନେଇଥିବା ନଜରକୁ ଆସିଛି। ଅନ୍ୟ ବାଲି ବ୍ୟବସାୟୀଙ୍କ ଘରେ ଚଢ଼ାଉ ଜାରି ରହିଥିବାରୁ ଜବତ ଟଙ୍କାର ପରିମାଣ ଇଡି ପକ୍ଷରୁ କୁହାଯାଇ ନାହିଁ।


**बैंक ऑफ़ बड़ौदा Bank of Baroda**

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ଆକ୍ଟ ଧାରା ୧୩ ଉପଧାରା (୪) ସହିତ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦାର ବନ୍ତ ଛକ, ଭଦ୍ରକ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ବନ୍ତ ଛକ ଭଦ୍ରକ ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ବେହେରା,** ପିତା: ବାସୁଦେବ ବେହେରା, ସା.: ଆରସା, ପୋ.: ତିହିଡି, ଥାନା: ତିହିଡି, ଜିଲ୍ଲା: ଭଦ୍ରକ-୭୫୬୧୩୯, ଓଡ଼ିଶା | **ଶ୍ରୀ ଅଜୟ କୁମାର ବେହେରା,** ପିତା: ବାସୁଦେବ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୩୧/୭୩, ପ୍ଲଟ୍ ନଂ.: ୩୧୩୮, ସମୁଦାୟ କ୍ଷେତ୍ର: ଏକର୦.୧୨୦ଡିସିମିଲି, ମୌଜା: ଆରସା, ଥାନା: ତିହିଡି, ତହସିଲ: ତିହିଡି, ଜିଲ୍ଲା: ଭଦ୍ରକ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୧୩୭, ଦକ୍ଷିଣ: ୩୧୬୩, ପୂର୍ବ: ପ୍ଲଟ୍ ନଂ.: ୩୧୩୯, ୩୧୪୦, ପଶ୍ଚିମ: ପ୍ଲଟ୍ ନଂ.: ୩୩୬୩-ରାସ୍ତା | ୧୪.୧୦.୨୦୨୫ / ୧୫.୦୧.୨୦୨୬ | ତା.୦୮.୧୦.୨୦୨୫ରିଖ ସୁଦ୍ଧା ଟ.୧୬,୮୪,୭୬୬.୭୮ ଏବଂ ତା ୦୯.୧୦.୨୦୨୫ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ
ତାରିଖ : ୧୭.୦୧.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା


# ଭ୍ୟାନ୍ ହେଲ୍‌ପରଙ୍କୁ ପିଟି ହତ୍ୟା ମାମଲା: ଆଉ ୩ ଅଭିଯୁକ୍ତ ଗିରଫ, ୨ ଅଟକ

**ବାଲେଶ୍ୱର, ୧୭।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ଥାନା ଅଧୀନ ସାହାଦା ଜିମ୍ ସେଣ୍ଟର ନିକଟରେ ଏକ ପିକଅପ ଭ୍ୟାନ୍‌ର ହେଲପରଙ୍କୁ ପିଟି ହତ୍ୟା ମାମଲାରେ ପୋଲିସ ଶନିବାର ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨ ଯୁବକଙ୍କୁ ଅଟକ ରଖିଛି। ଏହି ଘଟଣାରେ ମୋଟ୍ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ପୋଲିସ ପକ୍ଷରୁ ହତ୍ୟା ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ମୁତାବକ, ସଦର ଥାନା ଅସ୍ତିଆ ଗ୍ରାମର ସେକ ମକାନ୍ଦର ମହମ୍ମଦ ଏକ ପିକଅପ୍ ଭ୍ୟାନ୍ (ନଂ. ଓଆର୍‌୦୧ଏମ୍-୯୦୫୦)ରେ ହେଲପର ଭାବେ କାମ କରନ୍ତି। ବୁଧବାର ଭୋର୍ ସମୟରେ ତାଙ୍କ ଡ୍ରାଇଭରଙ୍କ ସହ ଭ୍ୟାନ୍‌ରେ ସେ ବାଲେଶ୍ୱର ଆସୁଥିଲେ। ଗୋ ଚାଲାଣ ସନ୍ଦେହରେ ସାହାଦା ଜିମ୍ ସେଣ୍ଟର ନିକଟରେ କେତେକ ଯୁବକ ଭ୍ୟାନ୍ ଆଗରେ ଲୁହା କଣ୍ଟା ଲଗା କାଠ ପଟା ବିଛାଇ ଦେଇଥିଲେ। ଫଳରେ ଲୁହାକଣ୍ଟାରେ ଭ୍ୟାନ୍ ଚକ ପଙ୍କଚର ହୋଇ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟିପଡ଼ିଥିଲା। କୌଶଳକ୍ରମେ ଡ୍ରାଇଭର ସେଠାରୁ ଖସି ପଳାଇଥିଲେ। ଅଭିଯୁକ୍ତମାନେ ମକାନ୍ଦରଙ୍କୁ ଧରି ପ୍ଲାଷ୍ଟିକ୍ ପାଇପ୍ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ପିସିଆର ଭ୍ୟାନ୍ ପୋଲିସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ମକାନ୍ଦରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ. ୩୭/୨୬) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଏସି କମ୍ପ୍ରେସର ଚୋରି ଅଭିଯୋଗରେ ୪ ଗିରଫ

**ଭୁବନେଶ୍ୱର, ୧୭।୧ (ତ୍ରିନାଥ ମହାନ୍ତି)**

ଘର ଛାତ ଉପରେ ଲାଗିଥିବା ଏସି କମ୍ପ୍ରେସରକୁ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ୟୁନିଟ୍ -୩ର ମୋତିବୁଲ ଖାନ, ସେଖ ସମିରୁଦ୍ଦିନ ଗେନ୍, ସେଖ ରିଆଜ ଏବଂ ଏସ୍.କେ. ସରିଫୁଲ। ସେମାନଙ୍କ ନିକଟରୁ ୯ଟି ଏସି କମ୍ପ୍ରେସରକୁ ଜବତ କରାଯାଇଛି।

ସୂଚନାଯୋଗ୍ୟ ଯେ, ଗତ ମାସ ୧୫ ତାରିଖ ଅପରାହ୍ନ ସମୟରେ କେତେଜଣ ଦୁର୍ବୃତ୍ତ ଅଭିଯୋଗକାରୀ ଦିନବନ୍ଧୁ ବେହେରା (୬୨)ଙ୍କ ସରକାରୀ କ୍ୱାର୍ଟର୍ସରୁ ଏସି କମ୍ପ୍ରେସର ଚୋରି କରି ନେଇଯାଇଥିଲେ। ଏନେଇ ଜାଣିବା ପରେ ଅଭିଯୋଗକାରୀ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହି ମାମଲାର ତଦନ୍ତ ଚାଲୁ ରହିଥିବାବେଳେ ଶନିବାର ସକାଳ ପ୍ରାୟ ୯.୧୦ମିନିଟ ସମୟରେ ଶିରିପୁର ସୌଭାଗ୍ୟନଗର ରୋଡ ନିକଟରେ ତିନିଜଣ ସନ୍ଦିଗ୍ଧ ବ୍ୟକ୍ତି ପୁରୁଣା ଏସି କମ୍ପ୍ରେସର ଲୋଡ୍ ହୋଇଥିବା ଗୋଟିଏ ଟ୍ରଲି ରିକ୍ସା ସହିତ ଠିଆ ହୋଇ ତାହାକୁ ବିକ୍ରୟ କରିବାକୁ ଚେଷ୍ଟା କରୁଥିବା ବିଷୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଦଳ ଘଟଣାସ୍ଥଳକୁ ଯାଇ ମୋତିବୁଲ ଖାନ, ସେଖ ସମିରୁଦ୍ଦିନ ଗେନ ଏବଂ ସେଖ ରିଆଜ ଉର୍ଫ ମେଲୁଶଙ୍କୁ ଧରି ଗିରଫ କରିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଏସି କମ୍ପ୍ରେସର ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ପ୍ରଦାନ କରିବାରେ ବିଫଳ ହୋଇଥିଲେ ଏବଂ ଓୟୁଏଟି କଲୋନି ଓ ଶିରିପୁର ଅଞ୍ଚଳରୁ ଏସି କମ୍ପ୍ରେସର ଓ ତାହାର ବାହାର ସାମଗ୍ରୀ ଚୋରି କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଟିଭିଏସ ଏକ୍ସଏଲ-୧୦୦ ହେଭି ଡ୍ୟୁଟି ମୋଟରସାଇକେଲ ଏବଂ ଦୁଇଟି ଭୋଲ୍ଟାସ ଏସି କମ୍ପ୍ରେସର ଜବତ କରାଯାଇଥିଲା। ଅଧିକ ପଚରାଉଚରା ପରେ ଅଭିଯୁକ୍ତମାନେ ଚୋରି ଏସି କମ୍ପ୍ରେସରର ବାହାର ସାମଗ୍ରୀ ମସଜିଦ କଲୋନି, ୟୁନିଟ-୩ର ଶେଖ ସରିଫୁଲଙ୍କୁ ବିକ୍ରି କରିଥିଲେ। ତଦନୁସାରେ, ଶେଖ ସରିଫୁଲଙ୍କୁ ଗିରଫ କରାଯାଇଥିଲା ଏବଂ ସେ ଜାଣିଶୁଣି ଚୋରି ଏସି କମ୍ପ୍ରେସର ପାଇଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ଚାରୋଟି ସାମ୍‌ସଙ୍ଗ ଏସି କମ୍ପ୍ରେସର ଏବଂ ଦୁଇଟି ଏଲଜି ଏସି କମ୍ପ୍ରେସର ଜବତ କରାଯାଇଥିଲା।


**पुलिस अधीक्षक का कार्यालय, सिमडेगा।**

**(सर्वसाधारण के लिए सूचना)**

लापता पुरूष कलीम खान, उम्र–करीब 25 वर्ष, पे0–मुस्तफा खान, सा0–मतरामेटा, थाना–टी0टाँगर, जिला–सिमडेगा, राज्य–झारखण्ड, जो दिनांक–12.01.2026 के करीब सात (07)बजे शाम को 02 घण्टे में आते हैं, बोलकर घर से निकले थे, परन्तु अभी तक अपने घर वापस नहीं लौटा है। लापता पुरूष की बरामदगी अभी तक नहीं हो पायी है, जिसका विवरणी निम्नवत् है:–

हुलिया की विवरणी :–
**लिंग:**–पुलिंग
**उम्र:**–25 वर्ष।
**रंग** :–गोरा
**उँचाई:**–05 फीट 06 ईंच।
**भाषा:**–सादरी एवं हिन्दी ।
**पहनावा** :–ब्लू रंग का जैकेट, जिन्स एवं जूता।
**बाल:**–काला रंग



अतः सर्व साधारण को सूचित किया जाता है कि उक्त लापता पुरूष के बारे में पता चलता है तो नीचे अंकित दूरभाष नं0 पर अविलंब सूचित करेंगे।

पुलिस अधीक्षक, सिमडेगा – मोबाइल नं0–9431116444
पुलिस उपाधीक्षक, (मु0) सिमडेगा – मोबाइल नं0–9431706227
थाना प्रभारी, टी0टांगर – मोबाइल नं0–9431706232
पुलिस नियंत्रण कक्ष, सिमडेगा – मोबाइल नं0–9262998531
मानव तस्करी संबंधी टोल फ्री नं0 – मोबाइल नं0–1800–3456–256

PR 370906 (Simdega) 25-26 (D)

पुलिस अधीक्षक,
सिमडेगा।



**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**

**GOVERNMENT OF ODISHA**

No.A-1269 **"e"-PROCUREMENT NOTICE**

**BID IDENTIFICATION No: 09 MID (JSP/2025-26)**

1. Name of the Inviting Officer : Superintending Engineer, Minor Irrigation Division, Jashipur
2. Name of the Work : Construction of Check Dams, Improvement to Check Dams in different Block of Mayurbhanj District & Impt. to MIPs of Karanjia Block of Mayurbhanj District for the year 2025-26
3. No. of Works : 32 (Thirty two) Nos.
4. Tender Amount Varies From : Rs.2.92 lakhs to Rs.44.49 lakhs
5. Date and Time of Availability of BID Documents in the Portal for online Bidding from : Dt.20.01.2026, 10.00 hrs. to Dt.29.01.2026, 17.00 hrs.
6. Last Date and Time of receipt of Bids in the Portral : Dt.29.01.2026 upto 17.00 hrs
7. Last Date and Time for clarification upto : Dt.29.01.2026 upto 17.00 hrs
8. Date of opening of Bid : Dt.30.01.2026 at 11.00 hrs onwards

The detail tender call notice can also be seen in the DOWR website : http://dowrorissa.gov.in

| | | |
|---|---|---|
| Name & Address of the OIT | : | Superintending Engineer, M.I. Division, Jashipur, At/PO-Khairi / Dist : Mayurbhanj, PIN-757091, E-Mail :- eemijashipur@yahoo.com |
| Further details can be seen from the e-Procurement market place. | : | http://tenderorissa.gov.in |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

OIPR-

Sd./- Superintending Engineer
M.I Division, Jashipur



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**RESERVE BANK OF INDIA**
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ**

**ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା (ଆରବି-ଆଇଓଏସ୍)**

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 (ଆରବି–ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି ।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧୀନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡ଼ିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମେନ" ପଦ୍ଧତି ଗ୍ରହଣ କରେ । ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମେନ ଯୋଜନା/ ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମେନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ ।
- ଆରବି–ଆଇଓଏସ ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ ।
- ଆରବି–ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ ।

**ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?**

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ ।

**ଆରବିଆଇ ଓମ୍ବୁଡ୍ସମେନଙ୍କୁ କେବେ ଯୋଗାଯୋଗ କରିବେ?**

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମେନଙ୍କ ସହ ଯୋଗାଯୋଗ କରିପାରିବେ:
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ** – ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ** – ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥାରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ ।

**ଧ୍ୟାନ ଦିଅନ୍ତୁ:**
- ଆରବି–ଆଇଓଏସ୍‌ରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ ।
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇ ନ ଥିବ /ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମେନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନକରି ଆରବିଆଇ ଓମ୍ବୁଡ୍ସମେନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ ।**

**ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?**

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି–ଆଇଓଏସର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର – 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017" କୁ ପଠାଯାଇ ପାରିବ ।

**ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?**

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ । ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶନିବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି ।

**ଅଧିକ ସୂଚନା ପାଇଁ**

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ – https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ – https://cms.rbi.org.in

**(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)**

**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)**
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ
ବାଇକୁଲା, ମୁମ୍ବାଇ – 400 008
ଇ–ମେଲ: dicgc.complaints@rbi.org.in
ଟେଲିଫୋନ୍ ନମ୍ବର. 022-23019645

# ଗ୍ରାମୀଣ କାରିଗରି କଳା, ଶିଳ୍ପର ଅଭିବୃଦ୍ଧି ଆଣିବ: ପ୍ରଭାତୀ

**ଖୋର୍ଦ୍ଧା,୧୭।୧(ପ୍ରଭାତ ପାଣିଗ୍ରାହୀ)**

## ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଏବଂ ପୁସ୍ତକ ମେଳା ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୧୦ ଜିଲାରେ ନାରୀ ଅଦାଲତ ସହ ବିଭିନ୍ନ ଯୋଜନା, ଅଭିଯାନ ଓ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏହି ଯୋଜନା ଦ୍ୱାରା ଗ୍ରାମୀଣସ୍ତରରେ ରହୁଥିବା ମହିଳାଙ୍କ ଅଭିଯୋଗ ତ୍ୱରିତ୍ ସମାଧାନ ହୋଇପାରିବ। ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଗ୍ରାମୀଣସ୍ତରରେ ସୁଭଦ୍ରା ୱେଲ୍‌ନେସ୍ ଜରିଆରେ ମହିଳା ଓ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଉଛି। ଗାନ୍ଧିଜୀଙ୍କ ଗ୍ରାମୀଣ ସ୍ୱରାଜ ପରିକଳ୍ପନାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓର୍‌ମାସ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ବିଡିଏ ପଡ଼ିଆରେ ସପ୍ତଦିବସୀୟ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଏବଂ ପୁସ୍ତକ ମେଳାକୁ ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ଗୋଟିଏ ସ୍ଥାନରେ ଏହି ମେଳା କ୍ରେତା ବିକ୍ରେତା ଏବଂ ଉତ୍ପାଦକ ଗୋଷ୍ଠୀଙ୍କ ମଧ୍ୟରେ ସମ୍ପର୍କ ଯୋଡ଼ିବା ସହ ଅର୍ଥନୈତିକ ପ୍ରଗତିର ଏକ ମାଇଲଖଣ୍ଟ ହେବ। ଏଭଳି ମେଳା ଗ୍ରାମୀଣ କାରିଗରି କଳା, ଶିଳ୍ପର ଅଭିବୃଦ୍ଧି ଆଣିବ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଲୋକାଲ ଫର୍ ଭୋକାଲ ଠୁ ଗ୍ଲୋବାଲ ପୂର୍ଣ୍ଣତା ଆଣିଛି। ଏହି ମେଳାରେ ୧୪୦ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରିଛନ୍ତି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଏସ୍‌ଏଚ୍‌ଜି ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଗାମୀ ଦିନରେ ୩୦ ଜିଲାରେ ଏଭଳି ୩୦ ସୁଭଦ୍ରା ଶକ୍ତି ମେଳା ଆୟୋଜନ କରାଯିବ। ମହିଳାମାନେ ସମୃଦ୍ଧି, ପ୍ରଗତିର କର୍ଣ୍ଣଧାର ହୁଅନ୍ତୁ, ଏହା ଲକ୍ଷ୍ୟ ରହିଛି। ଖୋର୍ଦ୍ଧା ଜିଲାର ଅତ୍ରି ଏବଂ ବରୁଣେଇ ପାହାଡ଼ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳ ହେବ। ସମସ୍ତ ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ପରିଡ଼ା କହିଥିଲେ। ସରକାର ସର୍ବଦା ମହିଳାଙ୍କ ବିକାଶ, ସଶକ୍ତୀକରଣକୁ ଗୁରୁତ୍ୱ ଦେଇଆସିଛନ୍ତି।

- ନାରୀ ଅଦାଲତ ଏକ ଯୁଗାନ୍ତକାରୀ ପଦକ୍ଷେପ
- ମହିଳା ହେବେ ବିକାଶର କର୍ଣ୍ଣଧାର

ସୁଭଦ୍ରା ଯୋଜନା ମହିଳାଙ୍କ ଆର୍ଥିକ ବିକାଶ ପ୍ରଗତିର ମାର୍ଗ ପ୍ରଶସ୍ତ କରିଛି। ଗାଁଠୁ ସହର ଏକ କୋଟି ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ ରହିଛି। ୨୦୨୭ ସୁଦ୍ଧା ରାଜ୍ୟରେ ୨୫ଲକ୍ଷ ଲକ୍ଷପତି ଦିଦି ଟାର୍ଗେଟ ରହିଥିବା ବେଳେ ଏବେ ସୁଦ୍ଧା ୧୭ ଲକ୍ଷରେ ପହଞ୍ଚିଛି।

ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଖୋର୍ଦ୍ଧାମାଟିର ଗୌରବମୟ ଐତିହ୍ୟ, କଳା ସଂସ୍କୃତି ସମ୍ପର୍କରେ କହିଥିଲେ। ୨୦୩୬ ବିକଶିତ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ ପରିକଳ୍ପନାରେ ଖୋର୍ଦ୍ଧା ଅଗ୍ରଣୀ ଭୂମିକା ନେବ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଡିଏଫ୍‌ଓ ଲାଡେ ଗଜାନନ ଦୟାନନ୍ଦ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣରେ ଜିଲାପାଳ ଏହି ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କହିଥିଲେ ଯେ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଉତ୍ପାଦ ବିକ୍ରି ସହ ଖାଦ୍ୟଷ୍ଟଲ୍, ପୁସ୍ତକ ମେଳା ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ କଳାକାର, ସ୍କୁଲ ବିଦ୍ୟାର୍ଥୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କୃଷିକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହିଳା, ଯୁବକ ଏବଂ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଓର୍‌ମାସ ଉପନିର୍ଦ୍ଦେଶକ ନୀଳକଣ୍ଠ ରଥ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଓଡ଼ିଶାର କଣ୍ଠଶିଳ୍ପୀମାନେ ଓଡ଼ିଆ, ହିନ୍ଦୀ ଚଳଚ୍ଚିତ୍ର ଗୀତ ଗାଇ ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

## ସଂକ୍ଷେପରେ

### ଦେଶୀମଦ ଜବତ, ୩ ଗିରଫ

**ବେଗୁନିଆ,୧୭।୧(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ୍ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ବେଗୁନିଆ ଅବକାରୀ ଥାନା କର୍ମଚାରୀଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୦୦ ଲିଟର ଦେଶୀମଦ ଏବଂ ୫ ଲିଟର ଆସ୍କାଫର୍ଟି ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଜଙ୍କିଆ ଥାନା ଅଧୀନ କଲରାଝର ଗ୍ରାମର ବିକ୍ରମ ଜୟସିଂହ, ବେଗୁନିଆ ଥାନା ଅନ୍ତର୍ଗତ ଏକଡାଳିଆ ଗ୍ରାମର ଚରଣ ନାୟକ, ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମର ଦୁର୍ଯ୍ୟୋଧନ ସାହୁ ବଜାରରେ ମଦ ବିକ୍ରି କରୁଥିବାବେଳେ ସେମାନଙ୍କଠାରୁ ମଦ ଜବତ କରାଯାଇ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବ୍ୟବସାୟୀ ମାଗୁଣି ସାହୁଙ୍କ ପରଲୋକ

**କଳାପଥର,୧୭।୧(ଗଙ୍ଗାଧର ସାହୁ):** ବାଙ୍କୀ ବ୍ଲକ୍ ଅନ୍ତର୍ଗତ କଳାପଥର ଗ୍ରାମର ବ୍ୟବସାୟୀ ମାଗଣି ସାହୁଙ୍କ ଗତ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ଗ୍ରାମ ସଭାପତି, ତୈଳିକ ବୈଶ୍ୟ ସମାଜର ସଭାପତି, ଗ୍ରାମ ବଜାର କମିଟିର ପୂର୍ବତନ ସଭାପତି ମଧ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କଳାପଥର ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ, ଶ୍ୟାମସୁନ୍ଦର ସାହୁ, ନରେଶ ସାହୁ, ବାବୁଲି ସାହୁ, ସୁରେନ୍ଦ୍ର କୁମାର ବିଶ୍ୱାଳ, ବଜାର କମିଟି ସଭାପତି ଗୋପାଳ ଚରଣ ବେହେରା, ଧନେଶ୍ୱର ଭୋଇ, ମିର୍ଜା ସର୍ଦ୍ଦାର ଅଲ୍ଲିବେଗ୍, ପ୍ରତାପ ମହାପାତ୍ର ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ପ୍ରସନ୍ନ କୁମାର ମୁଖାଗ୍ନି ଦେଇଥିଲେ।

# ‘ସାରଳା ଦାସ ମହାଭାରତର ସ୍ୱତନ୍ତ୍ରତା’ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଗକ୍ରରେ ଉପସ୍ଥିତ ଅତିଥିମାନେ।

**ବେଗୁନିଆ,୧୭।୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ଅଞ୍ଚଳର ସାମାଜିକ କର୍ମୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଦୁଃଖିଶ୍ୟାମ ମହାପାତ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ନୂଆସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଶନିବାର ‘ସାରଳା ଦାସ ମହାଭାରତର ସ୍ୱତନ୍ତ୍ରତା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ନାଟ୍ୟକାର ଡ. ବନବିହାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କବି ବସନ୍ତ ଦାସଙ୍କ ମଙ୍ଗଳାଚରଣ ପାଠ ପରେ ଆଦିକବି ସାରଳା ଦାସଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହିତ ଦୁଃଖିଶ୍ୟାମ ମହାପାତ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ମାନସୀ ଦାସ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏଥିରେ କଟକ ଶାରଳା ସାହିତ୍ୟ ସଂସଦର ସଭାପତି ଇଂ. ଡ. ପ୍ରଭାକର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତା ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଲୁଣ୍ଠୁ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଓ ଆଲୋଚନାଚକ୍ରରେ ଅଞ୍ଚଳର ବହୁ କବୟିତ୍ରୀ, କବି, ସାହିତ୍ୟିକ ପ୍ରମୁଖ ଯୋଗଦେଇ ନିଜର ଆଲେଖ୍ୟ କବିତା ସଙ୍କଳନ ପାଠ କରିଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସହସମ୍ପାଦକ ଶରତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଟାଙ୍ଗୀ,୧୭।୧(ରଘୁନାଥ ସାହୁ)**

ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦପୁର ଥାନା ଅରକ୍ଷୀ ନିରୀକ୍ଷକ ଅଭୟ ବେହେରାଙ୍କ ପରାମର୍ଶକ୍ରମେ ଚାନ୍ଦପୁରରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୋହନ ମହିଳା ମହାବିଦ୍ୟାଳୟ, ଏଜି ମିଶନ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର, ଡ୍ରାଇଭର ଆସୋସିଏଶନ, ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ, ଥାନାର ସମସ୍ତ କର୍ମଚାରୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀମାନେ ଶୋଭାଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ ଧରିବା ସହ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ହେଲମେଣ୍ଟ ପିନ୍ଧି ନ ଥିବା ଗାଡ଼ି ଚାଳକଙ୍କୁ ଚକୋଲେଟ ଦେଇ ସଚେତନତା କରାଇଥିଲେ। ଶେଷରେ ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷା ଝରଣା ସାହୁଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରବୀନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭାରେ ଅତିଥିଭାବେ ନୟାଗଡ ଜିଲା ପ୍ରୋଗ୍ରାମ ଅଫିସର ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଖାଉଟି ସୁରକ୍ଷା ଅଦାଲତର ଅବସରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ଏମଭିଆଇ ଶ୍ରୀ ଦୀପ, ମହାବୀର ପଲ୍ୟୁସନ କେନ୍ଦ୍ରର ପରିଚାଳକ ସନ୍ତୋଷ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷାର ବାର୍ତ୍ତା ଦେବା ସହିତ ନାବାଳକ ଗାଡ଼ି ନ ଚଳାଇବା, ହେଲମେଟ ପିନ୍ଧିବା, ନିଶାରୁ ନିବୃତ୍ତ ରହିବା ବାର୍ତ୍ତା ଗାଁରେ ଓ ପରିବାରରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବୁନା


@ ଜିଶାନ୍ତ


@ ପ୍ରଦୀପ


@ ସଦାନନ୍ଦ


@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪୫ ଜବରଦଖଲକାରୀଙ୍କୁ ନୋଟିସ

**ବାଲୁଗାଁ,୧୭।୧(ସଂଗ୍ରାମ ପାଇକରାୟ)**

## ୧୯ରୁ ଉଚ୍ଛେଦ ଆରମ୍ଭ

ଖୋର୍ଦ୍ଧା ଜିଲା ଚିଲିକା ତହସିଲ ଅଧୀନ ଭଗବତୀପୁର ମୌଜା ଗୋଚର ଜମିରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ୪୫ ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ପ୍ରଶାସନ ପକ୍ଷରୁ ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯିବ। ଏ ନେଇ ସମ୍ପୃକ୍ତ ୪୫ ଜଣ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଥିବା ତହସିଲଦାର କାହ୍ନୁ ଚରଣ ଘଡ଼େଇ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଭଗବତୀପୁର ମୌଜା ସରକାରୀ ଖାତା ନଂ.୧୦୯୬, ପ୍ଲଟ୍ ନଂ.୨୧୧୫ ଏବଂ ୨୧୨୧, କିସମ ଗୋଚର ଜମିରେ ୪୫ଜଣ ବ୍ୟକ୍ତିବିଶେଷ ବେଆଇନ ଭାବେ ବାସଗୃହ ଏବଂ ଦୋକାନ ଗୃହ ନିର୍ମାଣ କରି ବସବାସ କରିଆସୁଛନ୍ତି। ଉକ୍ତ ମୌଜାବାସୀ ଏନେଇ ଉଚ୍ଚ ନ୍ୟାୟାଳୟରେ ପିଟିଶନ ଦାଏର କରିଥିଲେ। ମାମଲାର ବିଚାର କରାଯାଇ ହାଇକୋର୍ଟଙ୍କ ଡବ୍ଲୁପି (ସି) ଟିଠି ନଂ.୭୮୨୪/୨୦୧୪ ମୁତାବକ ସମ୍ପୃକ୍ତ ଜବରଦଖଲକାରୀମାନଙ୍କୁ ଉଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶ ଅନୁଯାୟୀ ଚିଲିକା ତହସିଲ ପକ୍ଷରୁ ଗତମାସ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ନିମନ୍ତେ ଦିବସ ଧାର୍ଯ୍ୟ କରାଯାଇଥିଲା। ତେବେ କୌଣସି କାରଣବଶତଃ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିଥିଲା। ଶନିବାର ପୁଣି ନୋଟିସ ଜାରି କରାଯାଇଛି। ୧୮ ତାରିଖ ସୁଦ୍ଧା ଅବରୋଧ କରିଥିବା ଉକ୍ତ ସରକାରୀ ଜାଗାରୁ ଶସ୍ୟ କିମ୍ବା ଫସଲ ତଥା ସେଥିରେ ନିର୍ମାଣ କରାଯାଇଥିବା ବାସଗୃହ ଏବଂ ଦୋକାନ ଗୃହକୁ ଜବରଦଖଲମୁକ୍ତ ନିମନ୍ତେ ଆହ୍ୱାନ ଦିଆଯାଇଛି। ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଘଡ଼େଇ ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କ ଦରମା ବନ୍ଦ ପାଇଁ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ

## ଦୈନିକ ପାଠ ଟୀକା ଲେଖି ନ ଥିବା, ଡ୍ରେସ୍‌କୋଡ୍‌ରେ ନ ଥିଲେ

**ଟାଙ୍ଗୀ,୧୭।୧(ରଘୁନାଥ ସାହୁ):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ଶନିବାର ନରମାନବି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦୈନିକ ପାଠ ଟୀକା ଦେଖାଇବା ପାଇଁ କହିଥିଲେ। କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହା ଲେଖିଥିବା ବେଳେ ଆଉ କେତେଜଣ ଦୈନିକ ପାଠ ଟୀକା ଲେଖି ନ ଥିବା ଜଣାଇଥିଲେ। ଏଥିସହିତ ଆଗାମୀ ଦିନରେ ଏଭଳି ତ୍ରୁଟି କରିବେ ନାହିଁ ବୋଲି ଅନୁରୋଧ କରିଥିଲେ। ତେବେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ (ପ୍ରାଥମିକ କ୍ୟାଡର) ଅମୂଲ୍ୟ କୁମାର ସୁବୁଦ୍ଧି ଦୈନିକ ପାଠ ଟୀକା ନ ଦେଖାଇବା ଏବଂ ଡ୍ରେସ୍‌କୋଡ୍‌ରେ ନ ଆସିବା ସତ୍ତ୍ୱେ ବ୍ଲକ ଶିକ୍ଷାଧିକାରୀଙ୍କ ସହିତ ଯୁକ୍ତିତର୍କ କରିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ସାହୁ ଉକ୍ତ ଶିକ୍ଷକଙ୍କ ଜାନୁଆରୀ ମାସର ଦରମା ବନ୍ଦ ପାଇଁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ସାହୁ ଏହି ଘଟଣା ସମ୍ପର୍କରେ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସହକାରୀ ଶିକ୍ଷକ ସୁବୁଦ୍ଧିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୮୪ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

**ଟାଙ୍ଗୀ,୧୭।୧(ରଘୁନାଥ ସାହୁ)**

ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଟାଙ୍ଗୀ ଥାନା ପକ୍ଷରୁ କାଲୁପଡ଼ା ବଜାରଠାରେ କଳକଳେଶ୍ୱର ଏବଂ ଜରିପଡ଼ା ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଥାନା ଅତିରିକ୍ତ ଆଇଆଇସି ଶ୍ରଦ୍ଧା ନାୟକ, ସମ୍ମାନିତ ଅତିଥି ସମ୍ପାଦକ ବିଜୟ ରାଉତ, ଉପଦେଷ୍ଟା ବାଳକୃଷ୍ଣ ମିଶ୍ର, ରଘୁନାଥ ସାହୁ, ବିଛେନ୍ଦ ଜୟସିଂ, ଅଧିକାରୀ ସୁବୁଦ୍ଧି, କୃଷ୍ଣଚନ୍ଦ୍ର ପ୍ରଧାନ, ସାରଙ୍ଗଧର ପାଲ୍‌ଟାସିଂ ପ୍ରମୁଖ ଯୋଗଦେଇଥିଲେ। ୮୪ ବରିଷ୍ଠ ନାରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ହଟକିଶୋର ନାୟକ, ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପଦ୍ମଚରଣ ଦଳାଇ, ସହସମ୍ପାଦକ ପ୍ରଶାନ୍ତ ଜଗଦ୍ଦେବ, କୋଷାଧ୍ୟକ୍ଷ ଦିଲୀପ ନାଥ, ଉପଦେଷ୍ଟା ମଣ୍ଡଳୀରେ ଦୀପକ ନାଥ, ଶେଷଦେବ ସାହୁ, ଦେବରାଜ ସୁବୁଦ୍ଧି ପ୍ରମୁଖ ମନୋନୀତ ହୋଇଛନ୍ତି।




## ହଟକେଶ୍ୱର ମକର ମହୋତ୍ସବର ୪ର୍ଥ ସନ୍ଧ୍ୟା

# ଶୀତଲଙ୍କ ନୃତ୍ୟରେ ଝୁମିଲେ ଦର୍ଶକ

**ବାଘମାରୀ,୧୭।୧(ମିହିର ରଞ୍ଜନ ମହାପାତ୍ର)**



ହଟକେଶ୍ୱର ମକର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।


ଶୀତଲ ପାତ୍ର।

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସରରେ ଚାଲିଥିବା ୧୧ଶ ବାର୍ଷିକ ହଟକେଶ୍ୱର ମକରମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମକର ମହୋତ୍ସବ କମିଟି ସଭାପତି ତଥା ବିଧାୟକ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡି ନେତା ମନ୍ମଥ ରାଉତରାୟ, ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ଗୀତା କଲେଜର ପ୍ରଫେସର ବି.କେ.ଏସ୍.ଏସ୍ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମଧୁସୂଦନ ସୁବୁଦ୍ଧି, ତ୍ରିଲୋଚନ ପ୍ରଧାନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବାରପଲ୍ଲୀ କମିଟି ସଭାପତି ରବୀନ୍ଦ୍ର କୁମାର ରାୟପିତ୍ତମ, ସମ୍ପାଦକ ବିରଞ୍ଚି କୁମାର ଜଗଦ୍ଦେବ, କୋଷାଧ୍ୟକ୍ଷ ଧର୍ମାନନ୍ଦ ମହାନ୍ତି ଏବଂ ମନ୍ଦିର ପୁରୋହିତ ନାରାୟଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତ୍ରୀ ଶୀତଲ ପାତ୍ରଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଦର୍ଶକଙ୍କ ଅନୁରୋଧ ରକ୍ଷାକରି ଗୋଟିଏ ପରେ ଗୋଟିଏ ଠୁମ୍‌କା ଲଗାଇଥିଲେ ଶୀତଲ। ବେଗୁନିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ସଭା ସଞ୍ଚାଳନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାକୁ ନବକିଶୋର ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଶିଶିର ଆଚାର୍ଯ୍ୟ, ସ୍ୱାଧୀନ ପଣ୍ଡା, ଯଶରାଜ ସାହୁ, ପ୍ରସନ୍ନ କୁମାର କହଲସିଂହ, ସାଗର ବରାଳ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସୁଧାକର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**୨ ବାଲି ବୋଝେଇ ଟ୍ରାକ୍ଟର ଜବତ**
ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ତହସିଲ ସୁବର୍ଣ୍ଣପୁର ବିଟ ହାଉସ ଅନ୍ତର୍ଗତ ଓଡ଼ିଆ ପଞ୍ଚାୟତସ୍ଥିତ କେତେଜଣ ଯୁବକ ଓଡ଼ିଆ ଗ୍ରାମ ନିକଟ ଓ ଫୁଲବାଡ଼ି ଗ୍ରାମସ୍ଥିତ ମହାନଦୀ ବନ୍ଧ କାଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଉକ୍ତ ବାଲିଘାଟ ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ବାଲି ଚୋରା ଚାଲାଣ କରୁଥିବା ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲା। ଏଥିସହ ୨ ଜଣ ଚାଳକଙ୍କୁ ମଧ ଗିରଫ କରାଯାଇଥିବା ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମ୍ବିତ କୁମାର ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ, ବାଇକ୍ ଜବତ: ୨ ଗିରଫ

ଆଠଗଡ଼,୧୭।୧(ସତ୍ୟ ପ୍ରସାଦ ରଥ): ଆଠଗଡ଼ ଥାନା ଅନ୍ତର୍ଗତ ଗୁଣ୍ଡିଚାପୁର ଛକରୁ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ସହିତ ଗୋଟିଏ ବାଇକ ଜବତ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମ ର ଗୟାଚାନ୍ଦ ସାହୁ (୬୨) ଏବଂ ତାରେଶ ପ୍ରସାଦ ମହାପାତ୍ର (୬୩)।

ଆଠଗଡ଼ ଅବକାରୀ ବିଭାଗ ସକାଳ ପ୍ରାୟ ୬ଟାରେ ପେଟ୍ରୋଲିଂ କରୁଥିଲା। ଏହି ସମୟରେ ଗୟାଚାନ୍ଦ ଏବଂ ତାରେଶ ଏକ ବାଇକ୍ ଯୋଗେ ଢେଙ୍କାନାଳ ଅଞ୍ଚଳକୁ ଗଞ୍ଜେଇ ନେଇ ଯାଉଥିଲେ। ଏତିକି ବେଳେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢ଼ାଉରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଖଣ୍ଡା ଧରି ସମିତି ସଭ୍ୟା ସ୍ୱାମୀଙ୍କ ଆତଙ୍କ ଘଟଣା ୩ ଅଭିଯୁକ୍ତ କୋର୍ଟ ଚାଲାଣ

ବାଙ୍କୀ, ୧୭।୧(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତର ସମିତିସଭ୍ୟାଙ୍କ ସ୍ୱାମୀ ଆତଙ୍କ ଖେଳାଇବା ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଇନ୍ଦ୍ରମଣି ନାୟକ, ମନ୍ଦର ଧର ନାୟକ ଓ ମଙ୍ଗୁଳି ନାୟକ। ଏନେଇ ବାଙ୍କୀ ଥାନାରେ ମାମଲା (ନଂ.୩୦/୨୬)ରୁଜୁ କରାଯାଇଛି ବୋଲି ଥାନା ଆଇଆଇସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଥାନା ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତର ସମିତିସଭ୍ୟାଙ୍କ ସ୍ୱାମୀ ଗୁରୁବାର ରାସ୍ତାରେ ଖଣ୍ଡା ବୁଲାଇ ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଥିଲା। କରବର ଗାଁର ରାହୁଲ ବେହେରା ଗାଁ ସାହି ଭିତରେ ବାଇକ୍ ନେଇ ଯାଉଥିଲେ। ଏହି ସମୟରେ ବାଇକ୍‌ର ଅତ୍ୟଧିକ ଶବ୍ଦ ବାହାରୁଥିବାରୁ ଇନ୍ଦ୍ରମଣି ଏହାକୁ ବିରୋଧ କରିଥିଲେ। ଏଥିସହ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହା ତୀବ୍ର ରୂପ ଧାରଣ କରିଥିଲା। ଇନ୍ଦ୍ରମଣି ଓ ତାଙ୍କ ୨ ଭାଇ ହାତରେ ଖଣ୍ଡା ଧରି ରାହୁଲଙ୍କୁ ହାଣିବା ପାଇଁ ଗୋଡ଼ାଇଥିଲେ। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଯାହାର ଭିଡିଓ ସିସିଟିଭିରେ ରେକର୍ଡ ହୋଇଥିଲା। ଖବରପାଇ ବାଙ୍କୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ରାହୁଲ ସେଠାରୁ କୌଶଳକ୍ରମେ ଖସିଯାଇଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

### ବାଜପୁର ଗାଁରେ ସଂଘବଦ୍ଧ ଆକ୍ରମଣ ଘଟଣା: ଜେଲ୍ ଗଲେ ୫ ଅଭିଯୁକ୍ତ

ମାହାଙ୍ଗା,୧୭।୧(ଅଜୟକୁମାରମହାନ୍ତି): ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅନ୍ତର୍ଗତ ବାଜପୁରା ଗାଁରେ ଶୁକ୍ରବାର ସଂଘବଦ୍ଧ ଆକ୍ରମଣ ଘଟଣାରେ ଶନିବାର ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି ସାଲେପୁର ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମାହାଙ୍ଗା ଥାନା ବାଜପୁରା ଗ୍ରାମର ଦିଲୀପ କୁମାର ସାହୁ, ସୂର୍ଯ୍ୟକାନ୍ତ ସାହୁ, ଦେବୀ ପ୍ରସାଦ ବେହେରା, ଗୌରୀ ପ୍ରସନ୍ନ ବେହେରା ଓ ବଡ଼ଚଣା ଥାନା ଅର୍ନ୍ତଗତ ପୁରୁଷୋତ୍ତମପୁର ଗ୍ରାମର ଘନଶ୍ୟାମ ବେହେରା। ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ସାଲେପୁର ରାଘବପୁରଠାରେ ଥିବା ଉପକାରାଗାରକୁ ପଠାଇ ଦିଆଯାଇଛି। ଶୁକ୍ରବାର ଅପରାହ୍ନରେ ଉପରୋକ୍ତ ଅଭିଯୁକ୍ତ ଅନ୍ୟ କେତେଜଣ ଯୁବକଙ୍କ ସହ ମିଶି ବାଜପୁରା ଗ୍ରାମରେ ଆତଙ୍କ ସୃଷ୍ଟି କରିଥିଲେ। ସେମାନେ କେତୋଟି ଘର ଉପରକୁ ବୋତଲ ଫିଙ୍ଗିବା ସହ ଓ ମୋଟରସାଇକେଲ ଭାଙ୍ଗି ଦେଇଥିଲେ। ଏପରିକି ଧାନ ଗଦାରେ ମଧ୍ୟ ନିଆଁ ଲଗେଇ ଦେଇଥିଲେ। ଏହି ଘଟଣାରେ ୭ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆହତ ହୋଇଥିଲେ। ଏନେଇ ମାହାଙ୍ଗା ଥାନାରେ ମାମଲା (ନଂ. ୧୩/୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗଣ୍ଡଗୋଳ ଆଶଙ୍କାରେ ବାଜପୁରା ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି।

# ଡିଜେ ନେଲା ଜୀବନ: ପରିବାର ଲୋକଙ୍କ ରାସ୍ତାରୋକୋ

ଟିଗିରିଆ,୧୭।୧(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତ ସୁରେନ୍ଦ୍ର ପାଟଣା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ଲକ୍ଷ୍ମୀଧର ଚନ୍ଦ (୪୬)। ନ୍ୟାୟ ଦାବିରେ ପରିବାର ପକ୍ଷରୁ ଶନିବାର ମୃତଦେହ ରଖି ରାସ୍ତାରୋକା କରାଯାଇଥିଲା। ସ୍ଥାନୀୟ ପୋଲିସ, ତହସିଲଦାର ଓ ଜନପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଯାଇଛି। ଲକ୍ଷ୍ମୀଧର ଶୁକ୍ରବାର ସନ୍ଧ୍ୟାରେ ନୂଆପାଟଣା ବଜାରକୁ କୌଣସି କାର୍ଯ୍ୟରେ ଆସିଥିଲେ।

ସେଠାରେ ନୂଆପାଟଣା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପୁତ୍ର ବାହାଘର ଶୋଭଯାତ୍ରା ପାଇଁ ଡିଜେ ବାଜୁଥିଲା। ଏହି ସମୟରେ ଲକ୍ଷ୍ମୀଧର ବଜାରରେ ଟଳି



ପଡ଼ିଥିଲେ। ସ୍ଥାନୀୟ ଜନସାଧାରଣ ତାଙ୍କୁ ଉଦ୍ଧାର କରି ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଲକ୍ଷ୍ମୀଧରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ପରିବାର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ରାଜ୍ୟ ରାଜପଥ ନଂ. ୬୫ରେ ନୂଆପାଟଣା ରାସ୍ତାରେ ମୃତଦେହ ରଖି ସରକାରୀ ସହାୟତା ସହ ଡିଜେ ମାଲିକ, ଡିଜେ ଗାଡି ଆଣିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ଆଇଆଇସି ପ୍ରିୟଦର୍ଶନୀ ଇପ୍ସିତା, ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ତହସିଲଦାର ଅକ୍ଷୟ କୁମାର ପରିଡାଙ୍କ ସମେତ ସ୍ଥାନୀୟ ସରପଞ୍ଚ ସୋମନାଥ ଦାସ ଓ ଅନ୍ୟାନ୍ୟ ଜନପ୍ରତିନିଧି ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଡିଜେ ମାଲିକ ଓ ଡିଜେ ଭଡ଼ା ଆଣିଥିବା ବ୍ୟବସାୟୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ ସହ ଆଗାମୀ ଦିନରେ ଅଞ୍ଚଳରେ ଡିଜେ ନ ବାଜିବାକୁ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ମୃତକଙ୍କ ପରିବାରକୁ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ଉଠିଯାଇଛି।

# ନେତାଜୀ ସଂଗ୍ରହାଳୟ ପରିଦର୍ଶନକଲେ ନେତାଜୀଙ୍କ ନାତି, ସହଯୋଗୀଙ୍କ ଦାୟାଦ

କଟକ,୧୭।୧(ଶିଳ୍ପା ପ୍ରିୟଦର୍ଶିନୀ)

ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି ନେତାଜୀଙ୍କ ନାତି, ନେତାଜୀଙ୍କ ସହଯୋଗୀଙ୍କ ନାତୁଣୀ ସ୍ୱାଇଁଙ୍କ ସମେତ ୧୫ ଜଣିଆ ପ୍ରତିନିଧି ମଣ୍ଡଳୀ। ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଏହି ୧୫ ଜଣିଆ ପ୍ରତିନିଧି ମଣ୍ଡଳୀକୁ ଶନିବାର ପ୍ରଥମେ ନେତାଜୀ ସଂଗ୍ରହାଳୟ, ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଓ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିଦର୍ଶନ କରାଇଥିଲେ। ନେତାଜୀଙ୍କ ଜନ୍ମସ୍ଥାନ ପରିଦର୍ଶ କରି ନେତାଜୀଙ୍କ ନାତି ଅଭିଜିତ ରାଏ କହିଛନ୍ତି, ଆଜିର ଏହି ଗସ୍ତକୁ ମିଶାଇ ମୁଁ ଚାରିଥର ଏଠାକୁ ଆସିଛି, ଏହି ଜାଗାକୁ ଆସିଲେ ଶାନ୍ତି ଅନୁଭବ ହୋଇଥାଏ। କଟକ ମାଟିକୁ ଆସିବା ଏକ ଗୌରବର ବିଷୟ, ନେତାଜୀଙ୍କ ପ୍ରତ୍ୟେକଟି ବାଣୀକୁ ଆଜିର ଯୁବପିଢ଼ି ଆପଣାଇବା ଜରୁରୀ। ନେତାଜୀଙ୍କ ସହଯୋଗୀଙ୍କ ନାତୁଣୀ ସ୍ୱାଇଁ କହିଛନ୍ତି, ନେତାଜୀଙ୍କ ସହ ମୋ ଜେଜେବାପା ଆବିଦ୍ ହାସାନ୍ ସଫ୍ରାନି ଦୁଇ ମାସ ଧରି ଜର୍ମାନୀରୁ ଜାପାନ ସବ୍‌ମେରାଇନ୍‌ରେ ଜଳପଥରେ ଯାତ୍ରା କରିଥିଲେ, ମୁଁ ସର୍ବଦା ଉଭୟଙ୍କ



ନେତାଜୀଙ୍କ ନାତିଙ୍କ ସମେତ ପ୍ରତିନିଧି ମଣ୍ଡଳୀ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରୁଛନ୍ତି।

କାର୍ଯ୍ୟ ନେଇ ଗର୍ବ ଅନୁଭବ କରି ଆସୁଛି। ନେତାଜୀଙ୍କ ବିଷୟରେ ବହୁ କଥା ଶୁଣିଛି ଏବଂ ଆଜି ସଂଗ୍ରହାଳୟ ପରିଦର୍ଶନ କରି ସମସ୍ତ ବିଷୟରେ ଜାଣିବାକୁ ପାଇଛି। ନେତାଜୀଙ୍କ ଆଦର୍ଶକୁ ସଭିଏ ଆପଣାଇବା ଆବଶ୍ୟକ ରହିଛି, ନେତାଜୀ ଯେପରି ସର୍ବଧର୍ମରେ ସମସ୍ତଙ୍କୁ ଏକଜୁଟ କରି କାର୍ଯ୍ୟ କରୁଥିଲେ ଏଦିଗରେ ସଭିଏ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଛନ୍ତି। ଅନ୍ୟପଟେ ଉତ୍କଳ ବିକାଶ ଯୁବ ପରିଷଦର ସଦସ୍ୟ ଦେବୀପ୍ରସାଦ ପୃଷ୍ଟି କହିଛନ୍ତି, ଏହି ଦଳ ନେତାଜୀଙ୍କ ବିଷୟରେ ଅତି ନିକଟରୁ ଅବଗତ ହୋଇ ବହୁତ ଖୁସି ଅନୁଭବ କରିଥିବା ସେ କହିଛନ୍ତି। ଏହି ଅବସରରେ ସଂଗ୍ରହାଳୟର କ୍ୟୁରେଟର ଅରୁନ୍ଧତୀ ମିଶ୍ର ଓ ତତ୍ତ୍ୱାବଧାରକ ଜଳନ୍ଧର କର ଏହି କମିଟିର ସଦସ୍ୟଙ୍କୁ ସଂଗ୍ରହାଳୟ, ଏଠାରେ ଥିବା ସମସ୍ତ ଗ୍ୟାଲେରି ଓ ନେତାଜୀଙ୍କ ସମ୍ପର୍କରେ ଅବଗତ କରାଇଥିଲେ।

### ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବି

ସାଲେପୁର,୧୭।୧(ଅରବିନ୍ଦ ଭୂୟାଁ): ସାଲେପୁର-କଟକ ମୁଖ୍ୟରାସ୍ତାର ପାଗା ଛକ ମଧୁସୂଦନ ବଜାର ନିକଟରେ ଅବସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏନେଇ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଭେଟି ଭାଜପା, ଓଡ଼ିଶା ପ୍ରଦେଶ ସାମାଜିକ ସଂଗଠନ ପକ୍ଷରୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗରୁ ପାଗା ଛକରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିଟି ରାସ୍ତା ପାର୍ଶ୍ୱରେ ଥିଲା। ଗତ କିଛି ମାସ ପୂର୍ବରୁ ପାଗାଠାରୁ ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ଘରକୁ ଯାଇଥିବା ଏହି ରାସ୍ତା ସମ୍ପ୍ରସାରଣ ହେବା ଦ୍ୱାରା ପ୍ରତିମୂର୍ତ୍ତିଟି ରାସ୍ତାର ମଧ୍ୟଭାଗରେ ରହିଛି। ଫଳରେ ଯାତାୟାତରେ ସମସ୍ୟା ଉପୁଜୁଛି। ଏହି ପରିପ୍ରେକ୍ଷୀରେ ସଂଗଠନର ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନ୍‌ଗୋଙ୍କ ନେତୃତ୍ୱରେ ଉତ୍କଳ ଗୌରବ ମଧୁସୂଦନ ନାଗରିକ ମଞ୍ଚ ସଭାପତି ସୁରେନ୍ଦ୍ର ମହାରଣା ପ୍ରମୁଖ ମନ୍ତ୍ରୀଙ୍କୁ ଭେଟିଥିଲେ। ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରି ଉପଯୁକ୍ତ ସ୍ଥାନରେ ସ୍ଥାପନ ପାଇଁ ମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଜିଲାପାଳ ଯେତେଶୀଘ୍ର ଉପଯୁକ୍ତ ସ୍ଥାନ ଯୋଗାଇଦେବେ ସେହି ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବୁନା



@ ଜିଶାନ୍ତ



@ ପ୍ରଦୀପ



@ ସଦାନନ୍ଦ



@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘ତାଲିମ ନେଲେ ଉନ୍ନତଧରଣର ଚାଷ କରିପାରିବେ ଚାଷୀ’

- ନିସ୍ତିପୁରରେ ଶୀତଳଭଣ୍ଡାର ଉଦ୍‌ଘାଟିତ
- ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ତାଲିମ, ଦକ୍ଷତା ବିକାଶ କର୍ମଶାଳା

ବାଙ୍କୀ,୧୭।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):



କର୍ମଶାଳାରେ ଯୋଗଦେଇଥିବା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ମଞ୍ଚାସୀନ ଅତିଥି।

ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ପଞ୍ଚାୟତସ୍ଥ ନିସ୍ତିପୁରଠାରେ ଏକ ଶୀତଳଭଣ୍ଡାର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଶୀତଳଭଣ୍ଡାରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଚାଷୀମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୀର୍ଘବର୍ଷ ପରେ ଏହି ଶୀତଳ ଭଣ୍ଡାର ହେବା ଫଳରେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ, କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ସ୍ଥାନୀୟ ସରପଞ୍ଚ ନରେଶ କୁମାର ବେହେରା, ଅରାଚଣ୍ଡୀ ସେବାସମବାୟ ସମିତି ସଭାପତି ଜୟଦେବ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ନିସ୍ତିପୁରଠାରେ ରାଜ୍ୟ ଯୋଜନା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ କୃଷକ ଓ ଉଦ୍ୟାନ ଚାଷଙ୍କୁ ଉଦ୍‌ବୋଧନ ଦେଇ ତାଲିମ ନେଲେ ଚାଷୀମାନେ ଉନ୍ନତଧରଣର ଚାଷ, ଫୁଲଚାଷ ଓ ଫଳଚାଷ କରିପାରିବେ ବୋଲି କହିଥିଲେ। ଏହି କର୍ମଶାଳାରେ କଟକ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଏସ୍. ରାମାରାଓ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂଚନା ସ୍ୱସ୍ତିକା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଡମପଡ଼ା ସ୍ମୃତିରେଖା ଦାଶ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବାରଙ୍ଗ ପଦ୍ମିନୀ ବଳ, ସହକାରୀ କୃଷି ଅଧିକାରୀ ଡମପଡ଼ା ଶ୍ରୀନିବାସ ଦାସ, ସହକାରୀ ଭେଟେରିନାରି ସର୍ଜନ ଡ. ତନ୍ମୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ତାଲିମ୍ ପ୍ରଦାନ କରିଥିଲେ।

### ଜାତମୁଣ୍ଡିଆ କ୍ରିକେଟ କ୍ଲବ୍ ଚାମ୍ପିୟନ

ବାଙ୍କୀ,୧୭।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ହାଇସ୍କୁଲ ପଡ଼ିଆରେ ଆୟୋଜିତ ସୁଜିତ୍ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ୍ ତାଳବସ୍ତର ଭାଇ ଭାଇ କ୍ରିକେଟ ଟିମ୍ ସହ ଜାତମୁଣ୍ଡିଆ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳବସ୍ତ ଭାଇ ଭାଇ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୭ ରନ୍ କରିଥିଲା। ଜବାବରେ ଜାତମୁଣ୍ଡିଆ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୬୮ ରନ୍ ସଂଗ୍ରହକରି ଚାମ୍ପିୟନ ହୋଇଛି। ଜାତମୁଣ୍ଡିଆ ଟିମ୍‌ର ସୂରଜ କୁମାର ଜେନା ସର୍ବାଧିକ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ତାଳବସ୍ତ ଭାଇ ଭାଇ କ୍ରିକେଟ ଟିମ୍‌ର ଆଲୋକ କୁମାର ଦାସ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଖବରଦାତା ଅନନ୍ତ କୁମାର ପଟ୍ଟନାୟକ, ଯୁବ ସାମାଜିକ କର୍ମୀ ମାନସ କୁମାର ବେହେରା, ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ସିଆରସିସି ମୋନାଲିସା ପ୍ରିୟଦର୍ଶନୀ ନନ୍ଦ ପ୍ରମୁଖ ଯୋଗଦେଇ ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି ସହ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଆୟୋଜିତ ଏହି ଉଦ୍‌ଯାପନ ଉତ୍ସବରେ ଶ୍ରୀରାମ କମିଟିର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଗ୍ରାମର ବିକାଶରେ ହିଁ ରାଷ୍ଟ୍ରର ବିକାଶ

ନିଶ୍ଚିନ୍ତକୋଇଲି,୧୭।୧ (ଅଶୋକ କୁମାର ମହାପାତ୍ର)

**୫ ପ୍ରକଳ୍ପର ଶିଳାନ୍ୟାସ**

ନିଶ୍ଚିନ୍ତକୋଇଲି ବ୍ଲକର ଫୋଗଳ, ଜିଗ୍ନିପୁର ଓ ବରାଦୋ ପଞ୍ଚାୟତରେ ଶନିବାର ଅପରାହ୍ନରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ୫ଟି ପ୍ରକଳ୍ପର ଶିଳାନ୍ୟାସ କରି ଗ୍ରାମର ବିକାଶରେ ହିଁ ରାଷ୍ଟ୍ରର ବିକାଶ ବୋଲିକହିଛନ୍ତି। ଏହିଅବସରରେ ବିଧାୟକ ପ୍ରଧାନ ଫୋଗଳ ପଞ୍ଚାୟତ ଜାନକୀ ବଲ୍ଲଭ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗନ୍ନାଥପୁର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଓ ପଲ୍ଲିଶ୍ରୀ ସେବା ସମବାୟ ସମିତି ନୂତନ ଗୃହ ପାଇଁ ଶିଳାନ୍ୟାସ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସମବାୟ ସମିତି ସମୂହ କଟକ ଉପନିବନ୍ଧକ ସୁଶ୍ରୀ ସୁପ୍ରିୟା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ପଲ୍ଲିଶ୍ରୀ ସେବା ସମବାୟ ସମିତିର ସଭାପତି ଅଭିରାମ ମଲ୍ଲ, ସମ୍ପାଦକ ବିଶ୍ୱଭୂଷଣ ସ୍ୱାଇଁ, ସେବା ସମବାୟ ସମିତି କର୍ମକର୍ତ୍ତା ହିମାଂଶୁ ଶେଖର ପୃଷ୍ଟି, ପବିତ୍ର ପ୍ରଧାନ, ବୀଣାପାଣି ସାମଲ, ହରିହର ପ୍ରଧାନ, ଦିଲୀପ କୁମାର ରାଉତ, ଚିନ୍ମୟ ଲେଙ୍କା, କରୁଣାକର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ବଳଦେବଜୀଉ ସେବା ସମବାୟ ସମିତି ନୂତନ ଗୃହ ଓ ବାଳକୃଷ୍ଣ ବିଦ୍ୟା ନିକେତନ ଜିଗ୍ନିପୁର ନୂତନ ଶ୍ରେଣୀ ଗୃହ ଏବଂ ବରାଦୋ – ରାମକୃଷ୍ଣପୁର ଗ୍ରାମ ଉନ୍ନୟନ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଧାନଙ୍କ ସହ ନିଶ୍ଚିନ୍ତକୋଇଲି ବିଡିଓ ଦିବେନ୍ଦୁ ଦାସ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ସରପଞ୍ଚ ଦୀପ୍ତିମୟୀ ବରାଳ, ତିଳୋତ୍ତମା ରାଉତ, ସରପଞ୍ଚ ବୈଷ୍ଣବ ଚରଣ ସାମଲ, ସମିତିସଭ୍ୟ ଅଶୋକ ଓଝା, ରମେଶ ଚନ୍ଦ୍ର ସାଇଁ, ଦେବେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସିଂହନାଥଙ୍କ ପ୍ରସିଦ୍ଧ ମକରମେଳା ଉଦ୍‌ଯାପିତ

**ଟି ବ୍ରିଜ୍‌ରେ ସ୍ୱାଭାବିକ ହେଲା ଯାନ ଚଳାଚଳ**

ବଡ଼ମ୍ବା,୧୭।୧(ମାୟାଧର ମଲ୍ଲିକ): ବଡ଼ମ୍ବା ଦେବୋତ୍ତର ବିଭାଗ ଅଧୀନସ୍ଥ ସିଂହନାଥ ବିଜେ ଗୋପୀନାଥପୁରଙ୍କ ପ୍ରସିଦ୍ଧ ମକର ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ଧରି ଚାଲିଥିବା ଏହି ମେଳାରେ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଳାରେ ବହୁ ସଂଖ୍ୟାର ଦୋକାନ ବଜାର ଖୋଲା ଯାଇଥିବା ବେଳେ ବହୁ ଘର କରଣା ସାମଗ୍ରୀ ଦୋକାନ ମଧ୍ୟ ଖୋଲିଥିଲା। ପୋଲିସ ପ୍ରଶାସନ ଓ



ମକରମେଳା ଉଦ୍‌ଯାପନୀ ଉତ୍ସବରେ ଶ୍ରଦ୍ଧାଳୁଙ୍କ ସମାଗମ।

ଜିଲା ପ୍ରଶାସନର କଡ଼ା ନଜର ତଥା ସୁ ଶାସନ ପାଇଁ ଉକ୍ତ ମେଳା ବେଶ ସଫଳ ଓ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ଅନ୍ୟପକ୍ଷରେ ମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ଶୃଙ୍ଖଳିତ ବ୍ୟବସ୍ଥା ଯୋଗୁ ଦର୍ଶନ କାର୍ଯ୍ୟ ମଧ୍ୟ ଉତ୍ତମ ଭାବେ ହୋଇଥିଲା। ସେହି ଭଳି ଟି ବ୍ରିଜରେ ଲାଗିଥିବା କଟକଣା କୋହଳ କରାଯାଇଥିବାରୁ ଏହା ଉପରେ ଯାନ ଚଳାଚଳ ସ୍ୱାଭାବିକ ହୋଇଥିବା ପ୍ରକାଶ ପାଇଛି। ମେଳା ସହିତ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ମଜା ନେଉଥିଲେ ଦର୍ଶକ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳ ବେହେରା ଯୋଗ ଦେଇଥିବା ବେଳେ କାର୍ଯ୍ୟ ଦକ୍ଷତା ପାଇଁ କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଲେ ଡାକ୍ତର


କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି ରୋଗୀ ସେବା କରୁଛନ୍ତି।

## କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ମାଡ଼ମାରି ହାତ ଭାଙ୍ଗିବା ଘଟଣା

- ତୁରନ୍ତ ସୁରକ୍ଷା ନ ମିଳିଲେ ଓପିଡି ସେବା ବନ୍ଦ ଚେତାବନୀ
- ଡାକ୍ତରଙ୍କ ସୁରକ୍ଷା ପାଇଁ ସରକାର ଯତ୍ନବାନ୍ ଅଛନ୍ତି: ସ୍ୱାସ୍ଥ୍ୟ ସଚିବ

**ଭୁବନେଶ୍ୱର, ୧୭।୧ (ବନ୍ଦନା ସେଠୀ)**

କ୍ୟାପିଟାଲ ହସ୍ପିଟାଲରେ ଶୁକ୍ରବାର ରୋଗୀ ସମ୍ପର୍କୀୟମାନେ ଅର୍ଥୋପେଡିକ୍ ବିଭାଗର ଜଣେ ଡାକ୍ତରଙ୍କୁ ମାଡ଼ମାରି ମୁହଁ ଫଟାଇଦେବା ସହ ହାତ ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ପିଜିଆଇଏମ୍ଆର୍ ଆଣ୍ଡ କ୍ୟାପିଟାଲ ହସ୍ପିଟାଲ ଜୁନିୟର ଡାକ୍ତର ସଂଘ ତୀବ୍ର ନିନ୍ଦାକରିବା ସହ ଆନ୍ଦୋଳନକୁ ଓହ୍ଲାଇଛି। ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି। ସୁରକ୍ଷା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ଅନ୍ୟତମ ବଡ଼ କ୍ୟାପିଟାଲ ହସ୍ପିଟାଲରେ ଏଭଳି ଆକ୍ରମଣ ଡାକ୍ତରଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସରକାର ଡାକ୍ତରମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ନ ଦେଲେ ଆସୋସିଏଶନ ପକ୍ଷରୁ ଓପିଡି ସେବା ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଘଟଣାକୁ ଗୁରୁତ୍ୱର ଦେଇଛି। ଡାକ୍ତରଙ୍କ ସୁରକ୍ଷା ନେଇ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥି ସ୍ଥିତି ସମୀକ୍ଷା କରିଛନ୍ତି। ଆନ୍ଦୋଳନରତ ଡାକ୍ତରଙ୍କ ସହ ଆଲୋଚନାକରିବା ସହ ସେମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଯତ୍ନବାନ୍ ଥିବା କହିଛନ୍ତି। ଏହି ଘଟଣାରେ ଜଣେ ଗିରଫ ହୋଇଛନ୍ତି। ଡାକ୍ତରଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ସହ ସମସ୍ୟାର ସମାଧାନ କରାଯିବ। ଘଟଣା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଓପିଡି ସମୟ ସରିବା ପରେ ରୋଗୀ ଆସିଥିଲେ। ଓପିଡି ବନ୍ଦ ଥିବାରୁ କାଜୁଆଲ୍ଟି ଯିବାକୁ ଡାକ୍ତର କହିଥିଲେ। ହେଲେ ରୋଗୀ କାଜୁଆଲ୍ଟିକୁ ନ ଯିବା ଠିକ୍ ନୁହେଁ। ସେଥିପାଇଁ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେଲା ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ନିମାପଡ଼ାରୁ ଜଣେ ରୋଗୀ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲର ଅର୍ଥୋପେଡିକ୍ ଓପିଡିକୁ ଆସିଥିଲେ। ହେଲେ ଓପିଡି ସମୟ ସରିଯାଇଥିବାରୁ ଡାକ୍ତର ତାଙ୍କୁ କାଜୁଆଲ୍ଟି ଯିବାକୁ କହିଥିଲେ। ଓପିଡି ଟିକେଟ କରିବା ପରେ କ'ଣ ପାଇଁ କାଜୁଆଲ୍ଟିରେ ଦେଖାଇବେ ବୋଲି କହି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଝଗଡ଼ା କରିଥିଲେ। ଏହାପରେ ଗଣ୍ଡଗୋଳ ଅଧିକ ବଢ଼ିଯାଇଥିଲା। ରୋଗୀ ସମ୍ପର୍କୀୟମାନେ ଉତ୍ତେଜିତ ହୋଇ ଡାକ୍ତରଙ୍କୁ ମାଡ଼ ମାରିଥିଲେ। ହେଲ୍ମେଟ୍ ମାଡ଼ରେ ତାଙ୍କ ହାତ ଭାଙ୍ଗିଯିବା ସହ ମୁହଁ ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଡାକ୍ତରଙ୍କୁ ବଞ୍ଚାଇବାକୁ ଆସି ଜଣେ ଆଟେଣ୍ଡାଣ୍ଟ ମଧ୍ୟ ଆହତ ହୋଇଥିଲେ।

### ହସ୍ପିଟାଲ ସୁରକ୍ଷାକୁ ନେଇ ଡିସିପିଙ୍କୁ ଦାବିପତ୍ର

**ଫାଣ୍ଡିକୁ ଅଧିକ ଷ୍ଟାଫ୍ ଦେବା ସହ ଫୁଟ୍ ପାଟ୍ରୋଲିଂ କରାଯିବ: ଡିସିପି**

**ଭୁବନେଶ୍ୱର, ୧୭।୧ (ତ୍ରିନାଥ ମହାନ୍ତି):** କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ଜନ୍ମେଜୟ ମିଶ୍ରଙ୍କୁ ଆକ୍ରମଣ କରି ହାତ ଭାଙ୍ଗିବା ଘଟଣାରେ ଜୁନିୟର ଡାକ୍ତରମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ନିଜକୁ କ୍ୟାପିଟାଲ ହସ୍ପିଟାଲରେ ଅସୁରକ୍ଷିତ ମଣୁଛନ୍ତି। ତେଣୁ ସୁରକ୍ଷା ପାଇଁ ସେମାନେ ଶନିବାର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ ଡିସିପିଙ୍କୁ ଭେଟି ସୁରକ୍ଷା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ଡିସିପି ଜଗମୋହନ ମୀନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷକରି କେଉଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବ ସେନେଇ ଆଲୋଚନା କରାଯିବା ସହ ହସ୍ପିଟାଲରେ ନିଯୁକ୍ତ ଥିବା ୨୫୦ ଘରୋଇ ସିକ୍ୟୁରିଟି କର୍ମଚାରୀଙ୍କୁ କିଭଳି ଭଲ ଭାବେ ଡାକ୍ତରଙ୍କ ସୁରକ୍ଷାରେ ନିୟୋଜିତ କରାଯିବ ତାହା ଉପରେ ଡିସିପି ଗୁରୁତ୍ୱ ଦେଇଛନ୍ତି। ଏନେଇ ଜଗମୋହନ ମୀନା କହିଛନ୍ତି, ହସ୍ପିଟାଲ ଫାଣ୍ଡିକୁ ଅଧିକ କର୍ମଚାରୀ ଦିଆଯିବ। ହସ୍ପିଟାଲ ପରିସରରେ ଫୁଟ୍ ପାଟ୍ରୋଲିଂ ବଢ଼ାଯିବା ସହ ପିସିଆର୍ ଭ୍ୟାନ୍‌କୁ ଅଧିକ ସେଠାରେ ଗତିଶୀଳ କରିବାକୁ କୁହାଯାଇଛି। ଏହି ଆକ୍ରମଣ ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଫେରାର ଅନ୍ୟ ଜଣଙ୍କୁ ଖୋଜା ଚାଲିଛି। ସିସିଟିଭି ଫୁଟେଜ୍ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଜଣଙ୍କୁ ଗିରଫ କରାଯାଇଛି। ଡାକ୍ତରଙ୍କ ସୁରକ୍ଷା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବୁନା


@ ଜିଶାନ୍ତ



@ ପ୍ରଦୀପ


@ ସଦାନନ୍ଦ


@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨୨ ଜିଲାରେ ୧୨.୬୨ କୋଟିର ୮୬୨ ପ୍ରକଳ୍ପକୁ ମଞ୍ଜୁରୀ

**ପଞ୍ଚସଖା ଶିକ୍ଷା ସେତୁର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

**ଭୁବନେଶ୍ୱର, ୧୭।୧ (ସୁଚିସ୍ମିତା ସାହୁ)**

ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ ଜିଲାର ବିଭିନ୍ନ ସ୍କୁଲର ଉନ୍ନତି ପାଇଁ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଗଞ୍ଜାମ ଜିଲାରେ ସର୍ବାଧିକ ୧.୯୧ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପରିଷଦ ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ପୁରାତନ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟ ଉନ୍ନତିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ୪ କୋଟି ୪୧ ଲକ୍ଷ ୬୫ ହଜାର ୫୮୨ ଟଙ୍କାର ଆର୍ଥିକ ସହଭାଗିତା ଦେଇଛନ୍ତି। ସେମାନଙ୍କ ସହଭାଗିତା ସହ ପଞ୍ଚସଖା ଶିକ୍ଷା ସେତୁର ଦୁଇଗୁଣା ଅନୁଦାନ ମିଶାଇ ମୋଟ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ଅନନ୍ୟା ଦାସ, ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ଶିବାଶିଷ ଧଳ, ଅତିରିକ୍ତ ବିତ୍ତ ଅଧିକାରୀ ରମେଶ ଚନ୍ଦ୍ର ଘଡେଇ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତିପଟ୍ଟନାୟକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ମନୋରମା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଏସ୍.ପି ପଣ୍ଡା, ଆର୍ ଆଣ୍ଡ୍ ବି ର ଜଗଜୀବନ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ଓ ବିତ୍ତ ଅଧିକାରୀ ଇତିଶ୍ରୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## 'ସୂର୍ଯ୍ୟନଗର କାର୍ନିଭାଲ' ଉଦ୍‌ଘାଟିତ


ସୂର୍ଯ୍ୟନଗର ପାର୍କରେ ଆୟୋଜିତ ସୂର୍ଯ୍ୟନଗର କାର୍ନିଭାଲ-୨୦୨୬କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୧୭।୧ (ସୌମ୍ୟରଞ୍ଜନ ରାଉତ)**

ସୂର୍ଯ୍ୟନଗର ସିଟିଜେନ୍ ଫୋରମ୍ ପକ୍ଷରୁ ଶନିବାର ସୂର୍ଯ୍ୟ ନଗର ପାର୍କଠାରେ 'ସୂର୍ଯ୍ୟ ନଗର କାର୍ନିଭାଲ' ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଫୋରମ୍ ସଦସ୍ୟ ତଥା ଅବସରପ୍ରାପ୍ତ ଆୟକର ଆୟୁକ୍ତ କୈଳାସ ଷଡଙ୍ଗୀ, ଅବସରପ୍ରାପ୍ତ ପୋଷ୍ଟାଲ୍ ନିର୍ଦ୍ଦେଶକ ଭାସ୍କର ମହାନ୍ତି, ଅବସରପ୍ରାପ୍ତ ବୈଜ୍ଞାନିକ ଜାପାନ୍ କିଶୋର ରାୟ, ଭାଜପା ନେତା ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବରେ ୨୭ଟି ଷ୍ଟଲ୍ ଖୋଲିଥିବାବେଳେ ଏଥିରେ ମାଗଣା ସ୍ୱାସ୍ଥ୍ୟ ଶିବିର, ହସ୍ତଶିଳ୍ପ ପ୍ରଦର୍ଶନୀ, ପିଲାଙ୍କ ଲାଗି ମଜାଳିଆ ଖେଳ, କସ୍‌ମେଟିକ୍, ଶାଢ଼ି, ଚକୋଲେଟ୍, କଣ୍ଢେଇ ସହ ନାନା ପ୍ରକାରର ଖାଦ୍ୟ ବ୍ୟଞ୍ଜନର ପସରା ଆକର୍ଷଣ ସାଜିଛି। ସେହିପରି ସନ୍ଧ୍ୟାରେ ନୂଆ ପୁରୁଣା ସଙ୍ଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମନମୋହୁଛି। ରକ୍‌ଷ୍ଟାର୍ ଅଂଶୁମାନ୍, କଟକରୁ ଆସିଥିବା ଏମ୍‌ଡ଼ି ଅଦିବ୍‌ଙ୍କ ସହ ସାଥୀ, ମର୍ଡନ ବଏସ୍‌ଙ୍କ ଦ୍ୱାରା ଲାଇଭ୍ ମ୍ୟୁଜିକ୍ ପରଫର୍ମାନ୍ସ, ସୂର୍ଯ୍ୟନଗରର ଛୋଟବଡ଼ ପିଲାଙ୍କ ନୃତ୍ୟ ପରିବେଷଣ ସହ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କଲୋନୀ ପରିବେଶରେ ନିଆରା ଅନୁଭୂତି ଦେଇଥିଲା। ଶେଷରେ ମଞ୍ଚରେ ଓଡ଼ିଶାର ଜଣାଶୁଣା ହାସ୍ୟ ଅଭିନେତା ଜୁନିଅର୍ ପପୁ କମେଡ଼ି ମାଧ୍ୟମରେ ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଫୋରମ୍ ସଭାପତି ଦେବାଶିଷ ପଟ୍ଟନାୟକ, ଉପ ସଭାପତି ଶୋଭା ପ୍ରକାଶ, ଦେବୀ ପ୍ରସାଦ ଷଣ୍ଢ, ସମ୍ପାଦକ ପ୍ରଦୀପ୍ତ କୁମାର କର, ସହ ସମ୍ପାଦକ ସିକ୍ତା ଦାସ, ଆଲୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୧୯ରେ ଓୟୁଟିଆର୍‌ର ତୃତୀୟ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ୧୭।୧ (ଅନୁରାଧା ମହାରଣା)**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ତୃତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୯ ତାରିଖରେ ଭୁବନେଶ୍ୱର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏଥିରେ ସଭାପତିତ୍ୱ କରିବେ। ଶନିବାର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳଙ୍କ ସହ ଭାରତୀୟ ପ୍ରଯୁକ୍ତି ସଂସ୍ଥାନ କାନପୁରର ପ୍ରଫେସର ମନୀନ୍ଦ୍ର ଅଗ୍ରୱାଲ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ୭୩୯ ଛାତ୍ରୀଛାତ୍ରଙ୍କୁ ସ୍ନାତକ, ୩୩୭ ଜଣଙ୍କୁ ସ୍ନାତକୋତ୍ତର, ୪ଜଣଙ୍କୁ ପ୍ରଥମଥର ପାଇଁ ପିଏଚ୍‌ଡି ଏବଂ ୬୪ ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ସମୁଦାୟ ୧୧୪୪ ସାର୍ଟିଫିକେଟ ପ୍ରଦାନ କରାଯିବ। ଏଥିସହ ବିଶ୍ୱବିଦ୍ୟାଳୟର ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ୨୯ ଜଣଙ୍କୁ ରୌପ୍ୟ ପଦକ ଦିଆଯିବ ବୋଲି ପ୍ରଫେସର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଗବେଷଣା ପାଇଁ ଅଧ୍ୟାପକଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ

**ଭୁବନେଶ୍ୱର, ୧୭।୧ (ସୁଚିସ୍ମିତା ସାହୁ)**

ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୬୦ଜଣ ଅଧ୍ୟାପକଙ୍କୁ ଗବେଷଣା ଲାଗି ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଆଣ୍ଡ୍ ଇନୋଭେଶନ ଫେଲୋଶିପ୍ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏନେଇ ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ୧୦ଜଣ ଅଧ୍ୟାପକଙ୍କୁ ସେମାନଙ୍କ ଗବେଷଣା ପ୍ରକଳ୍ପ ଲାଗି ୧୦ଲକ୍ଷ ଟଙ୍କାର ସହାୟତା ରାଶିପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ହେବା ପରେ ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ଏବଂ ଉଚ୍ଚକୋଟୀର ଗବେଷଣା ଉପରେ ପ୍ରାଧାନ୍ୟ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଆଣ୍ଡ୍ ଇନୋଭେଶନ ଫେଲୋସିପ୍ ମାଧ୍ୟମରେ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ରାଶି ନିଶ୍ଚିତ ଭାବେ ଅଧ୍ୟାପକମାନଙ୍କୁ ଉଚ୍ଚକୋଟୀର ଗବେଷଣାରେ ମନୋନିବେଶ ପାଇଁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ଅତନୁ କୁମାର ପତି, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ କୁଳପତି ଡ. ଚଣ୍ଡୀ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆରେ ପିଏଚ୍‌ଡି କରିବେ କିନ୍ନର ଦୀପ୍ତିରଞ୍ଜନ

**ଭୁବନେଶ୍ୱର, ୧୭।୧ (ସୁଚିସ୍ମିତା ସାହୁ)**



ପାଠପଢ଼ିବି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବି। କିନ୍ନର ଭଳି ଭିକ୍ଷାବୃତ୍ତି ନ କରି ଉଚ୍ଚଶିକ୍ଷିତ ଭାବେ ସମାଜରେ ରହିବି। ନିଜର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଦିନରାତି ଏକ କରିଥିଲେ କିନ୍ନର ଦୀପ୍ତିରଞ୍ଜନ ମହାପାତ୍ର। ଏବେ ତାଙ୍କ ପରିଶ୍ରମର ଫଳ ମିଳିବାକୁ ଯାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ପିଏଚ୍‌ଡି କରିବାକୁ ତାଙ୍କ ନାମକୁ ଚୟନ କରାଯାଇଛି। ଏନେଇ ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଆରେ ପିଏଚ୍‌ଡି ପାଇଁ ତାଙ୍କ ସହ ୫ଜଣ ବିଦ୍ୟାର୍ଥୀ ନାମ ସେଥିରେ ଉଲ୍ଲେଖ ରହିଛି।

## କିମ୍ସରେ ବିରଳ କ୍ରାନିଓଫେସିଆଲ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୭।୧ (ଅନୁରାଧା ମହାରଣା)**

**ନୂଆ ଜୀବନ ପାଇଲେ ବର୍ଷକର ଶିଶୁ**

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ)ରେ ଜଣେ ୧ବର୍ଷ ବୟସର ଶିଶୁଠାରେ ଜଟିଳ ଓ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଶିଶୁଟିର ମୁଣ୍ଡର ଆକାର ଅସ୍ୱାଭାବିକ ରହିଥିବା ବେଳେ ଆଖି ଫୁଲିବା ଓ ବୃଦ୍ଧି ବିଳମ୍ବ ହେଉଥିଲା। ଏପରି ଅବସ୍ଥାରେ ଶିଶୁଟିର ଚିକିତ୍ସା ପାଇଁ ପରିବାର ଲୋକେ କିମ୍ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ପରୀକ୍ଷା ପରେ ଶିଶୁଟି କ୍ରୁଜନ ସିଣ୍ଡ୍ରୋମ୍‌ରେ ପୀଡିତ ଓ ଖପୁରି ଭିତରେ ବିପଜ୍ଜନକ ଭାବରେ ଉଚ୍ଚ ଚାପ ଥିବା ଜଣାପଡିଥିଲା। ଏହା ଶିଶୁର ମସ୍ତିଷ୍କ ବିକାଶକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇବାର ସମ୍ଭାବନା ଥିଲା। ତେଣୁ ତୁରନ୍ତ କିମସ୍‌ର ବିଶେଷଜ୍ଞମାନେ ଶିଶୁର କ୍ରାନିଓଫେସିଆଲ୍ ଅସ୍ତ୍ରୋପଚାର କରିଥିଲେ, ଯାହା ସଫଳ ହୋଇଛି। ଶିଶୁଟି ଏବେ ସୁସ୍ଥ ରହିବା ସହ ସାଧାରଣ ଜୀବନଯାପନ କରୁଛନ୍ତି ବୋଲି ସୂଚନା ଦିଆଯାଇଛି।

ଏହି ଅସ୍ତ୍ରୋପଚାରରେ କିମ୍ସର ପ୍ରଫେସର ସୁନୀଲ କୁମାର ରାଉତ (ପ୍ଲାଷ୍ଟିକ୍ ସର୍ଜରି), ପ୍ରଫେସର ଦୀପ୍ତିରଞ୍ଜନ ଶତପଥୀ (ନ୍ୟୁରୋସର୍ଜରି), ବରିଷ୍ଠ ଆନାସ୍ଥେସିଓଲୋଜିଷ୍ଟ ଡା. ସଞ୍ଜୟ କୁମାର ମାଝୀ ଓ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ସେବାରଞ୍ଜନ ବିଶ୍ୱାଳ, ପ୍ରଫେସର ବନ୍ଧ୍ୟା ସାହୁ ଓ ଡା. ମୁକେଶ ଜୈନ ପ୍ରମୁଖଙ୍କୁ ନେଇ ଗଠିତ ବହୁମୁଖୀ କ୍ରାନିଓଫେସିଆଲ ବିଶେଷଜ୍ଞ ଦଳ ସାମିଲ ଥିଲେ। ଡା. ଜୟନ୍ତ ଲେଙ୍କା (ପ୍ଲାଷ୍ଟିକ ସର୍ଜରି), ଡା. ସୌରଭ ଗୁଡିଆ (ନ୍ୟୁରୋସର୍ଜରି) ଓ ଶିଶୁ ଆଇସିୟୁ ଦଳ ମଧ୍ୟ ଏଥିରେ ସହାୟତା କରିଥିଲେ। ଏଭଳି ବିରଳ ଓ ସଫଳ ଚିକିତ୍ସା ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସଂପୃକ୍ତ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଏହା ଏକ ବିରଳ ଜନ୍ମଗତ ରୋଗ, ଯେଉଁଥିରେ ଖପୁରିର କିଛି ଅଂଶ ସମୟ ପୂର୍ବରୁ ଯୋଡ଼ି ହୋଇଯାଏ। ଏହା ମସ୍ତିଷ୍କ ବୃଦ୍ଧି ପାଇବା ସହ ଖପୁରିକୁ ସାଧାରଣ ଭାବରେ ବିସ୍ତାର ହେବାରୁ ବାଧା ଦିଏ। ଫଳରେ ମସ୍ତିଷ୍କ ଉପରେ ଚାପ ବଢ଼ିଯାଏ, ମୁହଁ ବିକୃତ ଦେଖାଯାଏ ଏବଂ ଆଖି ଫୁଲିଯାଏ। ଭାରତରେ ବହୁତ କମ୍ ଉତ୍ସର୍ଗୀକୃତ କ୍ରାନିଓଫେସିଆଲ କେନ୍ଦ୍ର ରହିଛି। ଦେଶର ପୂର୍ବାଞ୍ଚଳରେ ଏଭଳି କେନ୍ଦ୍ର ନ ଥିବାବେଳେ ଏହି ବିରଳ ଏବଂ ଜଟିଳ କ୍ରାନିଓଫେସିଆଲ ବ୍ୟାଧିରେ ପୀଡିତ ଶିଶୁଙ୍କ ଚିକିତ୍ସା ପାଇଁ କିମ୍ସ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିବା ସୂଚନା ଦିଆଯାଇଛି।

## ଶୀତରେ ଲାଗିବ ବ୍ରେକ୍

**ଭୁବନେଶ୍ୱର, ୧୭।୧ (ବନ୍ଦନା ସେଠୀ)**

ପଶ୍ଚିମା ଝଡ଼ ପ୍ରଭାବରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ହେବା ସହ ସର୍ବନିମ୍ନ ତାପମାତ୍ରା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାକୁ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଆଗାମୀ ୫ଦିନ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଳାହାଣ୍ଡି ଏବଂ କନ୍ଧମାଳ ଜିଲାକୁ କୁହୁଡି ପାଇଁ ସତର୍କ କରାଯାଇଛି। ଗତ ୨୪ ଘଣ୍ଟାରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିବାବେଳେ ସେମିଳିଗୁଡା ୪.୬ ଡିଗ୍ରୀ, ଫୁଲବାଣୀ ୫.୫ ଡିଗ୍ରୀ, ରାଉରକେଲା ୬.୬ ଡିଗ୍ରୀ, ଝାରସୁଗୁଡା ୬.୭ ଡିଗ୍ରୀ, ଅନୁଗୋଳ ୮.୬ ଡିଗ୍ରୀ, ଢେଙ୍କାନାଳ ୮.୬ ଡିଗ୍ରୀ, ସୁନ୍ଦରଗଡ଼ ୮.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ଶାସ୍ତ୍ରୀୟ ସଙ୍ଗୀତ, ସନ୍ତୁର ମୂର୍ଚ୍ଛନାରେ ଝୁମିଲେ ଶ୍ରୋତା

**'ରାଜାରାଣୀ ସଙ୍ଗୀତ ଉତ୍ସବ'ର ଦ୍ୱିତୀୟ ସନ୍ଧ୍ୟା**

**ଭୁବନେଶ୍ୱର/ ପୁରୁଣା ଭୁବନେଶ୍ୱର, ୧୭।୧ (ସୌମ୍ୟରଞ୍ଜନ ରାଉତ/ ସୁବାସ ଚନ୍ଦ୍ର ପ୍ରଧାନ)**



ସୁମିତ୍ରା ବାସୁଦେବ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଗାନ ଓ ପଣ୍ଡିତ ଅଭୟ ରୁସ୍ତମ୍ ସୋପୋରୀ ସନ୍ତୁର ବାଦନ କରୁଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁକ୍ତାକାଶ ମଞ୍ଚରେ ଚାଲିଥିବା 'ରାଜାରାଣୀ ସଙ୍ଗୀତ ମହୋତ୍ସବ'ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ରଙ୍ଗୀନ ଆଲୋକମାଳା ଓ ପିପିଲି ଚାନ୍ଦୁଆରେ ଝଲସୁଥିବା ରାଜାରାଣୀ ମନ୍ଦିରର ସବୁଜ ପରିବେଶର ଶୀତୁଆ ସନ୍ଧ୍ୟାରେ କଳାକାରଙ୍କ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଓ ସନ୍ତୁର ବାଦନର ମୂର୍ଚ୍ଛନାରେ ଝୁମିଉଠିଥିଲେ ଶ୍ରୋତା। ସନ୍ଧ୍ୟାର ପ୍ରଥମ ପରିବେଷଣ ଥିଲା ଚେନ୍ନାଇରୁ ଆସିଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ସୁମିତ୍ରା ବାସୁଦେବଙ୍କ କର୍ନାଟକୀ ସଙ୍ଗୀତ ଗାନ। ତାଙ୍କୁ ବେହେଲାରେ ଏଲ୍ ରାମକ୍ରିଷ୍ଣନ, ମୃଦଙ୍ଗମ୍‌ରେ କେ ଅରୁଣପ୍ରକାଶ ଓ ଘଟମ୍‌ରେ ଚନ୍ଦ୍ରଶେଖର ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀରୁ ଆସିଥିବା ସନ୍ତୁର ବାଦକ ପଣ୍ଡିତ ଅଭୟ ରୁସ୍ତମ୍ ସୋପୋରୀ ଓ ସାଥୀଙ୍କ ଦ୍ୱାରା ପ୍ରଥମେ ସୁଫିଆନା ଶୈଳୀରେ ଏବଂ ପରେ ବିଭିନ୍ନ ପାରମ୍ପରିକ ରଚନାରେ ସନ୍ତୁର ବାଦନ କରିଥିଲେ। ସେ ତାଙ୍କର ଯାଦୁକରି ହାତରେ ସନ୍ତୁର ତାରରେ ସ୍ୱରର ମୂର୍ଚ୍ଛନା ଭରିଥିଲେ। ତାଙ୍କ ସହିତ ପଖୱାଜ୍‌ରେ ରିଷି ଶଙ୍କର ଉପାଧ୍ୟାୟ, ତବଲାରେ ଉଜିତ ଉଦୟ କୁମାର ଏବଂ ଘଟମ୍‌ରେ ବରୁଣ ରାଜାଶେଖରନ ରହିଥିଲେ।

ଅତିଥି ଭାବେ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପ୍ରଫେସର ଅପର୍ଣ୍ଣା ସୋପୋରି, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଡ. ସାଧନା ଶ୍ରୀବାସ୍ତବ ଓ ଡ. ସଙ୍ଗୀତା ଗୋସାଇଁ।

# ସରକାରଙ୍କ ଅନୁମୋଦନ ପରେ ଗଣତିମଣତି

**ପୁରୀ,୧୭।୧(ଅଜିତ୍ କୁମାର ମହାନ୍ତି)**




ବୈଠକରେ ମହାରାଜା ଦିବ୍ୟସିଂହ ଦେବ, ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

- କମିଲା ପାର୍କିଂ ଫି'
- ମୋବାଇଲ ଫୋନ ଉପରେ ବାରଣ
- ମହାପ୍ରଭୁଙ୍କ ପାଇଁ ନୂଆ ରତ୍ନପଲଙ୍କ ସେଟ୍

ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶନିବାର ଅଧକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସରକାରଙ୍କ ଅନୁମୋଦନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି କରାଯିବ। ଭକ୍ତନିବାସରେ ଲାଗୁ କରାଯାଇଥିବା ଅହେତୁକ ପାର୍କିଂ ଫିଂକୁ ନେଇ ଚାରିଆଡୁ ସମାଲୋଚନା ଓ ବିରୋଧ ପରେ ଏହି ଫିଂକୁ କମାଯାଇଛି। ମହାପ୍ରଭୁଙ୍କ ପାଇଁ ନୂଆ ରତ୍ନପଲଙ୍କ ସେଟ୍ କରାଯାଇଛି, ଯାହା ମହାପ୍ରଭୁଙ୍କ ସେବାରେ ଲାଗିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ସହିତ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସୋସାଇଟି ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଆରମ୍ଭରୁ ପ୍ରଥମେ ଆଦର୍ଶ ଗୁରୁକୁଳ ସୋସାଇଟି ସାଧାରଣ ପରିଷଦ ବୈଠକ ହୋଇଥିଲା। ଆଦର୍ଶ ଗୁରୁକୁଳରେ ସେବାୟତଙ୍କୁ ଶିକ୍ଷା ଦିଆଯିବ। ଏନେଇ ପୂର୍ବରୁ ଇଡି ବିର୍ଲା ମେଡିକାଲ ରିସର୍ଚ୍ଚ ଆଣ୍ଡ ଏଜୁକେଶନ ଫାଉଣ୍ଡେଶନ ସହ ଏକ ଏମ୍ଓୟୁ ହୋଇଥିଲା। କାର୍ଯ୍ୟରେ କୌଣସି ଅଗ୍ରଗତି ନ ହେବାରୁ ଉକ୍ତ ଚୁକ୍ତିକୁ ବାତିଲ୍ କରାଯାଇଛି। ନୂତନ ସଂସ୍ଥା ସହ ଏନେଇ ଏମ୍ଓୟୁ ହେବ। ଗୁରୁକୁଳର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇ କିଛି ପ୍ରସ୍ତାବ ଦିଆଯାଇଛି। ଆଦର୍ଶ ଗୁରୁକୁଳ ପାଇଁ ମାଟିତୋଟାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ଓବିସିସି ଦ୍ୱାରା ଅବଢ଼ା ଯୋଜନାରେ କାର୍ଯ୍ୟ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି।

ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନଅଳଙ୍କାରର ଗଣତିମଣତି ପାଇଁ ସଂଶୋଧିତ ମାର୍ଗଦର୍ଶିକାକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଛି। ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ଆସିବା ପରେ ଗଣତିମଣତି ଆରମ୍ଭ ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ୧୧ ପୃଷ୍ଠାର ଏସ୍ଓପି ପ୍ରସ୍ତୁତ କରିଛି। ରତ୍ନଅଳଙ୍କାର ଗଣତିମଣତି ସମୟରେ କେବଳ ପାଳିଆ ସେବାୟତ ରହିବେ। ବାହାର କାଠ ନିକଟରୁ ସର୍ବସାଧାରଣ ଦର୍ଶନ କରିପାରିବେ। ରତ୍ନ ଅଳଙ୍କାରର ଗଣତିମଣତି ସମୟରେ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବ। ନୀତି ବହୁଳ ଦିନଗୁଡ଼ିକରେ ଏବଂ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ସମୟରେ ଗଣତିମଣତି ହେବ ନାହିଁ। ତେବେ ରତ୍ନଅଳଙ୍କାର ଡିଜିଟାଇଜେଶନ ହେବ। ସରକାରଙ୍କ ଅନୁମୋଦନ ମିଳିବା ପରେ ହିଁ ଦିନ, ତିଥି, ଲଗ୍ନ ଓ ବାର ଦେଖି ସ୍ଥିରୀକୃତ କରାଯିବ। ମହାପ୍ରଭୁଙ୍କ ନୀତିକ୍ରାନ୍ତି ଯେପରି ବ୍ୟାହତ ନ ହେବ ଓ ଭକ୍ତଙ୍କ ଦର୍ଶନ ଯେଭଳି ପ୍ରଭାବିତ ହେବ ନାହିଁ ତାହା ଉପରେ ଗୁରୁତ୍ୱ ଦିଆଯିବ। ଏନେଇ ସେବାୟତ ନିଯୋଗ ସହ ଆଲୋଚନା କରାଯିବ। ରତ୍ନଭଣ୍ଡାର କାର୍ଯ୍ୟ ଶେଷ ହୋଇଥିବା ବେଳେ ଏସ୍ଓପି ଅନୁଯାୟୀ, ସମସ୍ତ କାର୍ଯ୍ୟ କରାଯିବ। ମହାପ୍ରଭୁଙ୍କ ରତ୍ନପଲଙ୍କର ନୂତନ ସେଟ୍ ନିର୍ମାଣ କରାଯାଇଛି। ଶୁଭବେଳା ଦେଖି ସେବାୟତଙ୍କ ଆଲୋଚନା କରାଯାଇ ବିଧିବିଧାନ ଅନୁଯାୟୀ ବ୍ୟବହାର କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ଦର୍ଶନାର୍ଥୀଙ୍କ ପ୍ରବେଶ ଉପରେ ଆଲୋଚନା କରାଯାଇଛି। ପ୍ରଥମ ତିନିଦିନ ସମସ୍ତଙ୍କ ନିମନ୍ତେ ଫ୍ରି ରହିବ। ଶ୍ରୀମନ୍ଦିର ଅଧୀନରେ ଶ୍ରୀଗୁଣ୍ଡିଚା ମନ୍ଦିର ଦର୍ଶନ ବ୍ୟବସ୍ଥା ରହିବ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଗୁଣ୍ଡିଚାମନ୍ଦିର ଯାଇ ବୁଲି ଦେଖିବା ପରେ ଏସ୍ଓପି ଆଧାରରେ ସର୍ବସାଧାରଣଙ୍କ ପାଇଁ ଖୋଲିବ। ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପାଇଁ ପ୍ରବେଶ ଫି' ୧୦ ଟଙ୍କା ରଖାଯାଇଥିବା ବେଳେ ମୋବାଇଲ୍ ଓ ଜୋତା ଷ୍ଟାଣ୍ଡ ନିଃଶୁଳ୍କ ରହିବ। ଶ୍ରୀଜଗନ୍ନାଥ ଭେଷଜ ବିଦ୍ୟାଳୟ ଓ ଡାକ୍ତରଖାନା ମହାପ୍ରଭୁଙ୍କ ଜମିରେ ନିର୍ମାଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସରେ ଚାରିଚକିଆ ଯାନ ପାଇଁ ଦିନକୁ ୫ଶହ ଟଙ୍କା ପାର୍କିଂ ଫି ରଖାଯାଇଥିବା ବେଳେ ଏହି ନିୟମରେ ପରିବର୍ତ୍ତନ ହୋଇଛି। ଏଣିକି ଚାରିଚକିଆ ଯାନ ପାର୍କିଂ କଲେ ଆଉ ୨୪ ଘଣ୍ଟାକୁ ୨୪୦ ଟଙ୍କା ଦେବାକୁ ପଡ଼ିବ। ୧୮ ତାରିଖଠାରୁ ଏହି ନୂତନ ପାର୍କିଂ ଫି ଲାଗୁ କରାଯିବ। କୌଣସି ସୁରକ୍ଷା କର୍ମୀ ଓ ସେବାୟତ ଶ୍ରୀମନ୍ଦିର ଭିତରେ ମୋବାଇଲ ଖୁଲମଖୁଲା ବ୍ୟବହାର କରିପାରିବେ ନାହିଁ। କଥାବାର୍ତ୍ତା ହେବା ପାଇଁ ଶ୍ରୀମନ୍ଦିର ଭିତରେ ଥିବା ଶାଖା କାର୍ଯ୍ୟାଳୟରେ ଫୋନ୍ ବ୍ୟବହାର କରିବେ। ଯଦି ଖୁଲମ୍ଖୁଲା ବ୍ୟବହାର କରନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ନୀତିକାନ୍ତି ଓ ଦର୍ଶନର ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଛି।

## ଆଜିଠୁ ସୂର୍ଯ୍ୟ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

**ସାକ୍ଷୀଗୋପାଳ,୧୭।୧(ପ୍ରଶାନ୍ତ କୁମାର ବରିକ/ କିଶୋର ମହାପାତ୍ର/ଭରତ ରାଉତ)**

ପଞ୍ଚସଖା ମେମୋରିଆଲ କ୍ଲବ ସାକ୍ଷୀଗୋପାଳ ତରଫରୁ ସ୍ଥାନୀୟ ସାକ୍ଷୀଗୋପାଳ କଲେଜ ଖେଳପଡ଼ିଆରେ ରବିବାର ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଉମାଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ୧୮ ତାରିଖ ଅର୍ଥାତ ପ୍ରଥମ ଦିନ ଗୋପାଳ ଜୀଉ କ୍ରିକେଟ କ୍ଲବ ଗୋପ ଓ ଜଟଣୀ କ୍ରିକେଟ ଏକାଡେମୀ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ। ୧୯ ରେ ଜୟଦେବ ସ୍ପୋର୍ଟିଂ ଭୁବନେଶ୍ୱର ଓ ପାୟୋନିଅର ଏକାଦଶ ପୁରୀ ମଧ୍ୟରେ ଅନୁଷ୍ଠିତ ହେବ ୨୦ରେ ମଙ୍ଗଳା କ୍ରିକେଟ ଏକାଡେମୀ କାକଟପୁର ଓ ସନସାଇନ ସ୍ପୋର୍ଟିଂ ପିପିଲି, ୨୧ରେ ପଞ୍ଚସଖା କ୍ରିକେଟ କ୍ଲବ ସାକ୍ଷୀଗୋପାଳ ଓ ଭୁବନ କ୍ରିକେଟ କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ। ୨୨ରେ ଅନୁଷ୍ଠିତ ହେଉଥିବା ପ୍ରଥମ ସେମି ଫାଇନାଲ ମ୍ୟାଚରେ ୧୮ ତାରିଖ ବିଜେତା ଦଳ ଓ ୨୧ ତାରିଖ ବିଜେତା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ୨୩ରେ ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ୧୯ ତାରିଖ ବିଜେତା ଦଳ ଓ ୨୦ ତାରିଖ ବିଜେତା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ୨୪ରେ ୧୯ ବର୍ଷରୁ କମ୍ ଜୁନିୟର ବିଭାଗ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ପଞ୍ଚସଖା କ୍ରିକେଟ କ୍ଲବ ସାକ୍ଷୀଗୋପାଳ ଓ ମା' ଉଗ୍ରତାରା କ୍ରିକେଟ ଏକାଡେମୀ ଚନ୍ଦନପୁର ମଧ୍ୟରେ ଅନୁଷ୍ଠିତ ହେବ। ୨୫ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ୨୨ର ବିଜେତା ଦଳ ଓ ୨୩ର ବିଜେତା ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପଞ୍ଚସଖା କ୍ରିକେଟ କ୍ଲବ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଖଣ୍ଡୁଆଳି ଠାକୁରାଣୀ ମନ୍ଦିରରୁ ଚୋରି

**ଯୋଗେଶ୍ୱରପୁର,୧୭।୧(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଓ୍ୱଳି ପଞ୍ଚାୟତ ଭାରୋଗୋଳ ଗ୍ରାମରେ ଥିବା ମା' ଖଣ୍ଡୁଆଳି ଠାକୁରାଣୀ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଠାକୁରଙ୍କର ସାମଗ୍ରୀ, ସୁନା, ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ଶୁକ୍ରବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ କହିଛନ୍ତି।

## ଧାନ ମଣ୍ଡି ଖୋଲିବା ନେଇ ପ୍ରସ୍ତୁତି ବୈଠକ
# ୧୯ରେ ଖୋଲିବ ମଣ୍ଡି



**ଗୋପ,୧୭।୧(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକରେ ଧାନମଣ୍ଡି ନ ଖୋଲିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ଆସନ୍ତା ୧୯ ତାରିଖ ଦିନ ମଣ୍ଡି ଖୋଲାଯିବ ବୋଲି ଶନିବାର ଗୋପ ବ୍ଲକରେ ଅନୁଷ୍ଠିତ ବୈଠକରେ ସୂଚନା ମିଳିଛି। ମାତ୍ର ମଣ୍ଡି ଖୋଲିବା ପୂର୍ବରୁ ସରକାରୀସ୍ତରରେ ଯେଉଁସବୁ ସୁବିଧା ମିଳିବା କଥା ସେଭଳି ସୁବିଧା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଗୋପ ବ୍ଲକରେ ୨୯ଟି ସମବାୟ ସମିତିରେ ଧାନମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହି ସବୁ ମଣ୍ଡିରୁ ଜିଲାର ୯ଟି ମିଲର୍ ଧାନ ନେବେ ବୋଲି ଜଣାପଡ଼ିଛି। ଆଉ ଗୋଟିଏ ଦିନ ପରେ ଗୋପ ବ୍ଲକରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଧାନ ମଣ୍ଡି ଖୋଲାଯିବା ପାଇଁ ଶନିବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ବେଳେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକତା ଅନୁସାରେ ଧାନମଣ୍ଡି ଖୋଲାଯାଇପାରିବ ନାହିଁ ବୋଲି ମଧ୍ୟ ବୈଠକରୁ ଜଣାପଡ଼ିଛି। ଉପସ୍ଥିତ ସମବାୟ ସମିତି ସମ୍ପାଦକମାନେ ବିଡିଓଙ୍କ କହିବା ଅନୁସାରେ ସୋମବାର ବଦଳରେ ବୁଧବାର ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ହେଲେ ତୁରନ୍ତ ଧାନମଣ୍ଡି ଖୋଲିବାକୁ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ କହିଥିଲେ। ଗୋପ ବ୍ଲକ ଲାଗି ଥିବା ୯ଟି ମିଲର ଆବଶ୍ୟକତା ଅନୁସାରେ ସୁତୁଲି ଅଖା ଦେବାକୁ କହିଛନ୍ତି। ଗୋପ ବ୍ଲକରେ ଥିବା ଅଧିକାଂଶ ସମବାୟ ସମିତିରେ ନିଜସ୍ୱ ଗୃହ ନ ଥିବାରୁ ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସରକାରୀ ସୁବିଧା ମିଳୁନାହିଁ। ଗୋପ ବ୍ଲକରେ ୧୦ ହଜାରରୁ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୨ ଲକ୍ଷ ୪୯ ହଜାର କୁଇଣ୍ଟାଲ ଧାନ କିଣାଯିବ ବୋଲି ସୂଚନା ମିଳିଛି। ଗୋପ ବ୍ଲକରେ ସପ୍ତାହରେ ତିନିଦିନ ଧାନ କିଣାଯିବ ବୋଲି ମଧ୍ୟ ଜଣାପଡ଼ିଛି। ବିଶେଷ କରି ଗୋପ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସମବାୟ ସମିତିରେ ଧାନ କିଣାଯିବା ସମୟରେ ଚାଷୀମାନେ ନାନାଦି ହଇରାଣ ହେଉଥିବା ଭଳି ଅଭିଯୋଗ ଥିବାବେଳେ ଏ ସମ୍ପର୍କରେ ଜିଲାପାଳ ଦୃଷ୍ଟିଦେବାକୁ ଦାବି କରାଯାଇଛି। ବୈଠକରେ ବିଡିଓ ବବିରାଣୀ ସାହୁ, ବ୍ଲକ ଯୋଗାଣ ନିରୀକ୍ଷିକା ରଚିତା ପଣ୍ଡା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବୁନା



@ ଜିଶାନ୍ତ



@ ପ୍ରଦୀପ



@ ସଦାନନ୍ଦ



@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେରଳ ଗଣମାଧ୍ୟମ ପ୍ରତିନିଧିଙ୍କ ପୁରୀ ଗସ୍ତ




କେରଳରୁ ଆସିଥିବା ୨୩ ଜଣିଆ ବରିଷ୍ଠ ସାମ୍ବାଦିକ ।

**ପୁରୀ,୧୭।୧(ଅଜିତ୍ କୁମାର ମହାନ୍ତି)**

କେରଳରୁ ଆସିଥିବା ୨୩ ଜଣିଆ ବରିଷ୍ଠ ସାମ୍ବାଦିକ ଦଳ ପୁରୀ ଗସ୍ତରେ ଆସି ଗଣମାଧ୍ୟମ ପ୍ରତିନିଧିଙ୍କ ସମସ୍ୟା, ସୁରକ୍ଷା ଓ ପେନ୍‌ଶନ ସମ୍ପର୍କରେ ଆଲୋଚନା କରିଥିଲେ। ସିନିୟର ଜର୍ନାଲିଷ୍ଟ ଫେଡ୍‌ରେଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏନ୍ ପି ଛେତ୍ରୀଙ୍କ ନେତୃତ୍ୱରେ ଏହି ଦଳ ପୁରୀ ଜିଲା ବରିଷ୍ଠ କର୍ମଜୀବୀ ସାମ୍ବାଦିକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଏକ ନିର୍ଦ୍ଦିଷ୍ଟ ନୀତି ସାମ୍ବାଦିକଙ୍କ ପାଇଁ ପ୍ରଣୟନ କରିବା, ଜାତୀୟ ଗଣମାଧ୍ୟମ ପେନ୍‌ଶନ ନୀତି ଲାଗୁ କରିବା, ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ବିଭିନ୍ନ କଲ୍ୟାଣ ଯୋଜନାରେ ସାମିଲ ପାଇଁ ଆଲୋଚନା କରାଯାଇଥିଲା।ଏହି ବୈଠକରେ ସିନିୟର ଜର୍ଣ୍ଣାଲିଷ୍ଟ ଫେଡରେସନ ଅଫ କେରଳର ସାଧାରଣ ସମ୍ପାଦକ କେ ପି ବିଜୟ କୁମାର, ସମ୍ପାଦକ ସି କେ ହସନକାୟା,ସଦସ୍ୟ ଏମ ବିଲିନା,ଥମାସ ଗ୍ରିଗେରୀ,କେ ମୋହନଦାସ,ପାଲାକଡ ଜିଲା ସଭାପତି ଟି ଭି ଚନ୍ଦ୍ରଶେଖର, ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘର ସଦ୍ୟ ସୁବାସ ପାଣିଗ୍ରାହୀ, ସରୋଜ କୁମାର ମିଶ୍ର, ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ନିରଞ୍ଜନ ବାରିକ, ଦେବେନ୍ଦ୍ର ସିଂହ, ଯଜ୍ଞେଶ୍ୱର ମହାନ୍ତି,କିଶୋର ପାଣିଗ୍ରାହୀ, ଆଶୁତୋଷ ବେହେରା, ଦିପ୍ତିମୟୀ କର, କୁନ୍ତଳା ବେହେରା, ଅଶୋକ କୁମାର ମିଶ୍ର, ନୃସିଂହ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ୫ ଯୁବକ ଗିରଫ

**କଣାସ,୧୭।୧(ବିଭୂତି ଭୂଷଣ ତ୍ରିପାଠୀ)**

ଡକାୟତି ଯୋଜନା କରୁଥିବା ୫ ଯୁବକଙ୍କୁ କଣାସ ଥାନାଧିକାରୀ ପ୍ରଶ୍ନନ କୁମାର ନାୟକ କୋର୍ଟଚାଲାଣ କରିଛନ୍ତି। ୫ ଯୁବକ ହେଲେ ନିରାକାରପୁର ଥାନା କଶୀପୁର ବଡ଼ପାଟଣାର ଚିନ୍ମୟ କୁମାର ନାୟକ ଗ୍ରାମର ଶୁଭାଶିଷ, ମଣିଆ, ଜଙ୍କିଆ ଥାନା ମଶାଣିଆ ଗ୍ରାମର ପ୍ରୀତମ ଦାସ, ଓରବରସିଂହ ଗ୍ରାମର ଅନ୍ତର୍ଯ୍ୟାମୀ ବଳିଆରସିଂହ, ଗଡ଼ିଶାଗୋଦା ଥାନା ତଇଲା ଗ୍ରାମର ସୁଶିଲ କୁମାର ମାର୍ଥା। ସେମାନଙ୍କ ଠାରୁ ପୋଲିସ ମାରଣାସ୍ତ୍ର ଜବତ କରିଛି। ଜଙ୍କିଆ ବଜାରରୁ ଦୟା ନଦୀ ବନ୍ଧରେ ବେଣାଗାଁକୁ ଆସିଥିବା ରାସ୍ତା ମଝିରେ ହରଷପଡ଼ା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟାଳୟ ପାଖରେ ଥିବା ଏକ ଅନ୍ଧାରୁଆ ଜାଗାରୁ ୩ଟି ଲୁହା ରଡ଼,ଗୋଟିଏ ଫାର୍ସା, ଗୋଟିଏ ଛୁରି, ଦୁଇଟି କେଟର ସାଇକେଲ୍ ପୋଲିସ ଜବତ କରିଛି। ଏମାନେ ରାସ୍ତାରେ ସୁଯୋଗ ଦେଖି ପଥଚାରିଙ୍କ ଠାରୁ ଲୁଟୁଥିଲେ। ଚିନ୍ମୟ ନାମରେ ଭୁବନେଶ୍ୱର ଏୟାର ଫିଲ୍ଡ ଥାନାରେ ଅଭିଯୋଗ ରହିଛି। ଶନିବାର ସନ୍ଧ୍ୟାରେ କଣାସ ବଜାରରେ ଏମାନେ ଖଣ୍ଡା ବୁଲାଇ ଲୋକଙ୍କୁ ଭୟଭୀତ କରାଉଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଜଣାଇବା ପରେ ଏସ୍ଆଇ ଦେବୀ ପ୍ରସାଦ ଲେଙ୍କା ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୫ ଜଣ ଯୁବକଙ୍କୁ କାବୁ କରି ନେଇଥିଲେ।

# ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ଘଣ୍ଟା ଛିଡ଼ା ହେଲେ ଶ୍ରଦ୍ଧାଳୁ

**ପୁରୀ,୧୭।୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ନୀତିକ୍ରାନ୍ତି ଓ ଭକ୍ତଙ୍କ ଦର୍ଶନ ପାଇଁ ପ୍ରଶାସନ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି। କିନ୍ତୁ ଏହାର ବାସ୍ତବ ଚିତ୍ର ଭିନ୍ନ ଦର୍ଶାଉଛି। ଅନେକ ସମୟରେ ନୀତିରେ ବିଳମ୍ବ ଯୋଗୁ ମହାପ୍ରଭୁଙ୍କ ରାତି ପହୁଡ଼ ନ ହୋଇ ଅନିଦ୍ରା ରହୁଛନ୍ତି। ଶୁକ୍ରବାର ରାତ୍ର ପହୁଡ଼ ବିଳମ୍ବ ଯୋଗୁ ଦ୍ୱାରଫିଟା ନୀତି ବିଳମ୍ବରେ ହୋଇଥିଲା। ତେଣୁ ଶନିବାର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିଥିଲେ।

ମହାପ୍ରଭୁଙ୍କ ସକାଳ ଧୂପ ନୀତି ଚାଲିଥିବାରୁ ଦୀର୍ଘ ସମୟ ଧରି ଶ୍ରଦ୍ଧାଳୁଙ୍କୁ ବଡ଼ଦାଣ୍ଡରେ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିବାକୁ ପଡ଼ିଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ଯୋଗୁ ଶ୍ରୀକୃଷ୍ଣ ସିନେମା ଗଳି ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଛୋଟ ପିଲା ଠାରୁ ବୟସ୍କ ଯାଏଁ ସମସ୍ତଙ୍କୁ ଦୀର୍ଘ ସମୟ ଧାଡ଼ିରେ ଠିଆ ହେବାକୁ ପଡ଼ିଥିଲା। ଭକ୍ତମାନେ ପାଣି ପାଇଁ ତହଲବିକଳ ହୋଇଥିଲେ। ଏପରିକି ଅନେକ ସମୟ ଠିଆହେବା ଫଳରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଠିକ ଭାବେ ହେଉ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବର୍ତ୍ତମାନ ଗଙ୍ଗାସାଗର ବୁଡ଼ ଥିବାରୁ ପୁରୀରେ ଭକ୍ତଙ୍କ ସଂଖ୍ୟା ଅଧିକ ରହୁଛି। ତେଣୁ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଭକ୍ତମାନେ ଯେପରି ଶୃଙ୍ଖଳିତ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି। ଏନେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ସନ୍ତୋଷ କୁମାର ଦାସ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିଲୁ। ୨ ଘଣ୍ଟା ହେବ ଲାଇନରେ ଠିଆ ହୋଇଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ କୌଣସି ମୌଳିକ ସୁବିଧା ନାହିଁ। ସେହିପରି ସଙ୍ଗୀତା ମହାପାତ୍ର କହିଛନ୍ତି, ବହୁ ସମୟ ହେବ ଲାଇନ୍‌ରେ ଠିଆ ହୋଇଛୁ। ବରିଷ୍ଠ, ମହିଳା ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ନୀତିକାନ୍ତି ଶୃଙ୍ଖଳିତ କରିବା ଦିଗରେ ପ୍ରଶାସନ ଧ୍ୟାନ ଦେଉ ବୋଲି ସେ କହିଛନ୍ତି।



ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ଶ୍ରଦ୍ଧାଳୁ ।

**ଇଣ୍ଡୋନେସିଆ ବିମାନ ନିଖୋଜ**

ଇଣ୍ଡୋନେସିଆର ଏକ ବିମାନ ଶନିବାର ନିଖୋଜ ହୋଇଯାଇଛି। ବିମାନରେ ୩ ସରକାରୀ କର୍ମଚାରୀଙ୍କ ସମେତ ୧୦ ଜଣ ଥିଲେ। ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ଇଣ୍ଡୋନେସିଆ କର୍ତ୍ତୃପକ୍ଷ ଏହାର ତଲାସି ଚଳାଇଛନ୍ତି। ଇଣ୍ଡୋନେସିଆ ଏୟାର ଟ୍ରାନ୍ସପୋର୍ଟର ଟର୍ବୋପ୍ରୋପ୍ ବିମାନଟି ଯୋଗ୍ୟକର୍ତ୍ତାରୁ ସୁଲାୱେସି ଦ୍ୱୀପର ମକାସର ସହରକୁ ଯାଉଥିଲା।



ପଶ୍ଚିମବଙ୍ଗର ମାଲଦାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପତାକା ଦେଖାଇ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରୁଛନ୍ତି।

## ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚଳାଚଳ ଆରମ୍ଭ

**କୋଲକାତା,୧୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭାରତର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଚଳାଚଳ ଶୁଭାରମ୍ଭ କରିଛନ୍ତି। ଉକ୍ତ ଟ୍ରେନ୍ ପଶ୍ଚିମବଙ୍ଗର ହାୱଡ଼ାକୁ ଗୁଆହାଟୀର କାମାକ୍ଷା ଜଙ୍କ୍ସନ ସହ ସଂଯୋଗ କରିବ। ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ପଶ୍ଚିମବଙ୍ଗ ଓ ଆସାମରେ ହାଇସ୍ପିଡ୍ ଟ୍ରେନ୍ ଚଳାଚଳ ପାଇଁ ଏହି ଅତ୍ୟାଧୁନିକ ସେବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ମାଲଦାରୁ ଏହାର ଶୁଭାରମ୍ଭ କରିଥିବାବେଳେ ଗୁଆହାଟୀରୁ ହାୱଡ଼ା ପ୍ରତ୍ୟାବର୍ତ୍ତନ କରୁଥିବା ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ଭର୍ଚୁଆଲି ଶୁଭାରମ୍ଭ କରିଛନ୍ତି। ଆଧୁନିକ ଭାରତର ବର୍ଦ୍ଧିତ ପରିବହନ ଆବଶ୍ୟକତା ପୂରଣ ପାଇଁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଯାତ୍ରୀମାନଙ୍କୁ ବିମାନ ଯାତ୍ରାର ଅନୁଭୂତି ପ୍ରଦାନ କରିବା ସହ ଭଡ଼ା ମଧ୍ୟ କମ୍ ରହିବ। ହାୱଡ଼ାରୁ କାମାକ୍ଷା ମଧ୍ୟରେ ଯାତାୟାତ ସମୟକୁ ଏହା ୨.୫ ଘଣ୍ଟା କମାଇବ। ଧର୍ମୀୟ ଯାତ୍ରା ଏବଂ ପର୍ଯ୍ୟଟନର ବିକାଶରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଚୁକ୍ତି ଜାତୀୟ ସ୍ୱାର୍ଥରେ ହେବା ଆବଶ୍ୟକ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୭।୧ (ପି.ଟି.)**

କୌଣସି ବିଦେଶୀ ସରକାର କିମ୍ବା କର୍ପୋରେଶନର ଚାପରେ ନୁହେଁ ବରଂ ଜାତୀୟ ସ୍ୱାର୍ଥରେ ଚୁକ୍ତି ପରିଚାଳିତ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଭାରତ ଏହାର ଟିକସ ସାର୍ବଭୌମତ୍ୱର ସୁରକ୍ଷା କରିବା ସହ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ଅନ୍ତର୍ଜାତୀୟ ଟିକସ ଚୁକ୍ତିରେ ସାମିଲ ହେବା ବେଳେ ଦୁରୁପଯୋଗକୁ ରୋକିବା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୨୦୧୮ରେ ଫ୍ଲିପ୍‌କାର୍ଟ ଛାଡ଼ିଥିବା ଆମେରିକୀୟ ନିବେଶ କମ୍ପାନୀ ଟାଇଗର ଗ୍ଲୋବାଲରୁ ପୁଞ୍ଜିଲାଭ ଭାରତରେ ଟିକସଯୋଗ୍ୟ ବୋଲି ରାଜସ୍ୱ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବାବେଳେ ଜଷ୍ଟିସ୍ ଜେ.ବି. ପରଦ୍ଦିୱାଲାଙ୍କ ଖଣ୍ଡପୀଠ ଏହାକୁ କାଏମ ରଖିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି, ଟିକସ ଚୁକ୍ତି, ଅନ୍ତର୍ଜାତୀୟ ରାଜିନାମା, ପ୍ରୋଟୋକଲ ବେଶ୍ ଆକର୍ଷକ, ସ୍ୱଚ୍ଛ ହେବା ସହ କୌଣସି ଅସାଧୁ ଫଳାଫଳରୁ ମୁକ୍ତ ହେବା ପାଇଁ ଦୃଢ଼ ପ୍ରସ୍ଥାନ ବ୍ୟବସ୍ଥା ରହିବା



ଉଚିତ। ଜାତୀୟ ରଣନୀତି ଓ ନିରାପତ୍ତାର ସୁରକ୍ଷା ହେବା ସହ ଟିକସ ବେସ୍‌ର କ୍ଷତି ବା ଗଣତାନ୍ତ୍ରିକ ନିୟନ୍ତ୍ରଣ ଯେପରି ଦୁର୍ବଳ କିମ୍ବା ହାତଛଡ଼ା ନ ହୁଏ, ତାହା ଉପରେ ଦୃଷ୍ଟି ଦେବାକୁ ହେବ। ଭାରତୀୟ ଇ-କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟରେ ଅଂଶଧନର ନିୟନ୍ତ୍ରଣକୁ ୱାଲମାର୍ଟ ଅଧିଗ୍ରହଣ କରିବା ପରେ ୨୦୧୮ରେ ଟାଇଗର ଗ୍ଲୋବାଲ ଉକ୍ତ ସଂସ୍ଥାରୁ ଓହରିଯାଇଥିଲା। ଆଡଭାନ୍ସ ଅଥରିଟି ରୁଲିଂ ନିମନ୍ତେ ଏହା ଆୟକର ବିଭାଗ ଦ୍ୱାରସ୍ଥ ହୋଇଥିଲା।

## ଇରାନରୁ ଫେରିଲେ ଭାରତୀୟ

**ନୂଆଦିଲ୍ଲୀ,୧୭।୧(ପ.ଟି.)**

ଇରାନରେ ସରକାର ବିରୋଧୀ ବିକ୍ଷୋଭ ଦମନ ପାଇଁ ସେନା ବଳ ପ୍ରୟୋଗ କରୁଥିବାବେଳେ ଅନେକ ହଜାର ଲୋକଙ୍କ ଜୀବନ ଗଲାଣି। ସେଠାରେ ଆଶଙ୍କା ମଧ୍ୟରେ ରହିଥିବା ଭାରତୀୟଙ୍କ ମଧ୍ୟରୁ ପ୍ରଥମ ଦଫାରେ ଶୁକ୍ରବାର ରାତିରେ କେତେଜଣ ବ୍ୟବସାୟିକ ବିମାନରେ ଫେରିଛନ୍ତି। ସେମାନଙ୍କ ବିମାନ ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚିଥିବାବେଳେ କେତେଜଣ ଫେରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ତେହେରାନରୁ ଫେରିଥିବା ଅଲି ନାକୁଇଙ୍କ ସହମତ କେତେଜଣ ଭାରତୀୟ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନ ଥିବା କହିଛନ୍ତି। ସେମାନେ ପ୍ରଥମେ ଇରାକରେ ଥିଲେ ଓ କିଛିଦିନ ପୂର୍ବରୁ ଇରାନ ଯାଇଥିଲେ। ସେଠାରେ ୮ ଦିନ ରହଣି ପରେ ସେମାନେ ଭାରତ ଫେରିଥିବା କହିଛନ୍ତି। ଇଣ୍ଟରନେଟ ଚାଲୁ ନ ଥିବାରୁ ଚାରିପଟେ କ'ଣ ଘଟୁଥିଲା, ତାହା ଆମେ ଜାଣିନାହୁଁ ବୋଲି ଇରାନରୁ ଫେରିଥିବା ଜଣେ ଡାକ୍ତରୀ ଛାତ୍ରୀ କହିଛନ୍ତି। ସେମାନେ ନିଜ ଖର୍ଚ୍ଚରେ ବ୍ୟବସାୟିକ ବିମାନରେ ଭାରତ ଫେରିଛନ୍ତି।

# ବିଏମ୍‌ସି ନିର୍ବାଚନ ପରେ ମୁମ୍ବାଇରେ ରିସର୍ଟ ପଲିଟିକ୍ସ

**ମୁମ୍ବାଇ,୧୭।୧**

ବ୍ରିହନ ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟ ବିଜୟ ହାସଲ କରିବାର ଦିନକ ପରେ ସେଠାରେ ରିସର୍ଟ ରାଜନୀତି ଫେରିଛି। ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଏହାର ନବନିର୍ବାଚିତ କର୍ପୋରେଟରମାନଙ୍କୁ ନେଇ ମୁମ୍ବାଇରେ ଏକ ୫ ତାରକା ହୋଟେଲରେ ଅବସ୍ଥାନ କରୁଛନ୍ତି। ଏହି ଅଗ୍ରଗତି ପଛରେ ଦୁଇଟି ବଡ଼ ଦିଗ ରହିଛି। ମହାଯୁତି ଦେଶର ସବୁଠୁ ଧନୀ ମହାନଗର ନିଗମକୁ ନିୟନ୍ତ୍ରଣ କରିବାକୁ ଯାଉଥିବାବେଳେ, ଏହା ପୂର୍ବରୁ ଘୋଡ଼ାବେପାର ହେବାର ସମ୍ଭାବନା ରହିଛି। ବିଏମ୍‌ସି ଗଠନକୁ ନେଇ ମୂଳଚାଲ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି।

ଦଳୀୟ ସୂତ୍ର ଅନୁଯାୟୀ, ଶିନ୍ଦେ ସେନା ଟିକେଟରେ ନିର୍ବାଚିତ ହୋଇଥିବା

### କର୍ପୋରେଟରଙ୍କ ସହ ୫ ତାରକା ହୋଟେଲରେ ଶିନ୍ଦେ ସେନା

୨୯ ଜଣ କର୍ପୋରେଟରଙ୍କୁ ବୁଧବାର ଅପରାହ୍ନ ୩ଟା ସୁଦ୍ଧା ତାଜ୍ ଲ୍ୟାଣ୍ଡସ୍ ଏଣ୍ଡ୍ ହୋଟେଲରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଠାରେ ସେମାନେ ପରବର୍ତ୍ତୀ ୩ ଦିନ ରହିବେ। ମହାନଗର ନିଗମ ନେତୃତ୍ୱକୁ ନେଇ ବୁଝାମଣା ଚାଲିଥିବାବେଳେ ପ୍ରତିପକ୍ଷ ଦଳଗୁଡ଼ିକର ଘୋଡ଼ାବେପାର ଉଦ୍ୟମରୁ ନିଜ କର୍ପୋରେଟରମାନଙ୍କୁ ରୋକିବା ପାଇଁ ଶିବସେନା ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

୨୯ ଆସନ ସହ ଶିନ୍ଦେଙ୍କ ଗୋଷ୍ଠୀ ଭାଜପାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ଉଭାହୋଇଛି। କାରଣ ଭାଜପା ଏକାକୀ



ଏକନାଥ ଶିନ୍ଦେ

ମହାନଗର ନିଗମ ଗଠନ କରିବା ସମ୍ଭବ ନୁହେଁ। ବିଏମ୍‌ସି କ୍ଷମତା ଦଖଲ ପାଇଁ ଆନୁଷ୍ଠାନିକ ଦାବି ଉପସ୍ଥାପନ ପର୍ଯ୍ୟନ୍ତ ସବୁ କର୍ପୋରେଟର ଯେପରି ଏକାଠି ରହନ୍ତି, ତାହା ସୁନିଶ୍ଚିତ କରିବା ଲାଗି ଶିନ୍ଦେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନ ଥିବା ଦଳର ଜଣେ ନେତା କହିଛନ୍ତି।

ଏହି ଘଟଣା ପୂର୍ବରୁ ମହାରାଷ୍ଟ୍ରରେ ହୋଇଥିବା ରିସର୍ଟ ରାଜନୀତିକୁ ମନେପକାଇ ଦେଇଛି। ୨୦୧୯ ନିର୍ବାଚନ ପରବର୍ତ୍ତୀ ଅଚଳାବସ୍ଥା ଦେଖାଦେଇଥିବାବେଳେ ଶିବସେନା, କଂଗ୍ରେସ ଏବଂ ଏନ୍‌ସିପିର ପ୍ରତିପକ୍ଷ କ୍ୟାମ୍ପଗୁଡ଼ିକ ଘୋଡ଼ାବେପାର ଭୟରେ ସେମାନଙ୍କ ବିଧାୟକମାନଙ୍କୁ ମୁମ୍ବାଇର ବିଭିନ୍ନ ବିଳାସପୂର୍ଣ୍ଣ ହୋଟେଲରେ ରଖିଥିଲେ। ୨୦୨୨ରେ ଶିବସେନାରେ ବିଭାଜନ ବେଳେ ମଧ୍ୟ ଅନୁରୂପ ରଣନୀତି ଆପଣାଯାଇଥିଲା। ବିଧାୟକମାନଙ୍କୁ ରାଜ୍ୟ ବାହାରେ ସୁରଟ, ଗୁଆହାଟୀ ଓ ପରେ ଗୋଆସ୍ଥିତ ହୋଟେଲରେ ରଖାଯାଇଥିଲା। ସମ୍ପ୍ରତି ସରକାରରେ ଥିବା ସହଯୋଗୀ ଦଳରେ ରିସର୍ଟ ପଲିଟିକ୍ସକୁ ନେଇ ବିରୋଧୀ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଶିନ୍ଦେ କାହାକୁ ଭୟ କରୁଛନ୍ତି ଏବଂ କିଏ କାଉନ୍‌ସିଲରମାନଙ୍କୁ କିଣିପାରେ ବୋଲି କଂଗ୍ରେସ ଏମ୍‌ପି ନାସିର ହୁସେନ୍ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଭାଜପା ହିଁ ସହଯୋଗୀ ଏବଂ ଛୋଟ ଗୋଷ୍ଠୀଗୁଡ଼ିକର ମୂଲ୍ୟ ବଢ଼ାଇଦେଇଛି। ମହାରାଷ୍ଟ୍ର ଏବଂ ବିହାର ଭଳି ରାଜ୍ୟରେ ଗୈରିକ ଦଳର ସର୍ବାଧିକ ଷ୍ଟ୍ରାଇକ୍ ହାର ରହିଛି, ଯାହା ଶିନ୍ଦେ ଯେତେ ଶୀଘ୍ର ବୁଝିପାରିବେ, ତାଙ୍କ ପାଇଁ ସେତେ ଭଲ ବୋଲି ହୁସେନ୍ କହିଛନ୍ତି।

## ଗାଜା ପୁନର୍ବିକାଶ ପାଇଁ ଶାନ୍ତି ବୋର୍ଡରେ ଅଜୟ ବଙ୍ଗା



ଅଜୟ ବଙ୍ଗା

**ନ୍ୟୁୟର୍କ/ୱାଶିଂଟନ,୧୭।୧(ପି.ଟି.)**

ଗାଜାରେ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିସ୍ତୃତ ଯୋଜନା ଅନୁଯାୟୀ ଗାଜା ପୁନର୍ବିକାଶ ନିମନ୍ତେ ବୋର୍ଡ ଅଫ୍ ପିସ୍ ଗଠନ ହୋଇଛି। ଉକ୍ତ ବୋର୍ଡରେ ୱାର୍ଲ୍ଡ ବ୍ୟାଙ୍କ ଗ୍ରୁପ୍‌ର ଭାରତୀୟ-ଆମେରିକୀୟ ଅଧ୍ୟକ୍ଷ ଅଜୟ ବଙ୍ଗା ଏବଂ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓଙ୍କ ସମେତ ଅନ୍ୟ କେତେଜଣ ନେତା ସ୍ଥାନ ପାଇଛନ୍ତି। ବୋର୍ଡ ଅଫ୍ ପିସ୍‌ର କାର୍ଯ୍ୟନିର୍ବାହୀ ବୋର୍ଡରେ ନିଯୁକ୍ତ ହୋଇଥିବା ସଦସ୍ୟମାନଙ୍କ ନାମ ହ୍ୱାଇଟ୍‌ହାଉସ୍ ପ୍ରକାଶ କରିଛି। କୂଟନୀତି, ବିକାଶ, ଭିତ୍ତିଭୂମି ଏବଂ ଆର୍ଥିକ ରଣନୀତି ସମ୍ପର୍କରେ ଅଭିଜ୍ଞତା ଥିବା ନେତାମାନଙ୍କୁ ଏଥିରେ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଧ୍ୟପ୍ରାଚ୍ୟ ପାଇଁ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କୋଫ୍, ଟ୍ରମ୍ପଙ୍କ ଜ୍ୱାଇଁ ଜାରେଦ୍ କୁଶନର, ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଘରୋଇ ଇକ୍ୱିଟି ଫାର୍ମ ଆପୋଲୋ ଗ୍ଲୋବାଲ ମ୍ୟାନେଜମେଣ୍ଟର ସିଇଓ ମାର୍କ ରୋୱାନ୍ ଏବଂ ଆମେରିକା ଜାତୀୟ ସୁରକ୍ଷା ଉପ ପରାମର୍ଶଦାତା ରବର୍ଟ ଗାବ୍ରିଏଲ୍ ଉକ୍ତ ବୋର୍ଡରେ ନିଯୁକ୍ତ ହୋଇଛନ୍ତି। ସେମାନେ ଗାଜାର ସ୍ଥିରତା, ଦୀର୍ଘମିଆଦୀ ସଫଳତା, ଶାସନର ସାମର୍ଥ୍ୟ ନିର୍ମାଣ, ଆଞ୍ଚଳିକ ସମ୍ପର୍କ, ପୁନଃନିର୍ମାଣ, ନିବେଶ ଆକର୍ଷଣ, ବୃହତ୍ ପୁଞ୍ଜିନିବେଶ ଏବଂ ପୁଞ୍ଜି ଯୋଗାଡ଼ ଆଦି ପାଇଁ ଗୁରୁତ୍ୱପୂର୍ଣ୍ଣ ପୋର୍ଟଫୋଲିଓର ଅନୁଧ୍ୟାନ କରିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

## ୮ ୟୁରୋପୀୟ ଦେଶ ଉପରେ ୧୦% ଟାରିଫ୍ ଲଗାଇବେ ଟ୍ରମ୍ପ

**ନ୍ୟୁକ୍,୧୭।୧**

ଆମେରିକାର ଗ୍ରୀନ୍‌ଲାଣ୍ଡ ନିୟନ୍ତ୍ରଣ ଯୋଜନାକୁ ବିରୋଧ କରୁଥିବା ୮ ୟୁରୋପୀୟ ଦେଶ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି। ଫେବୃଆରୀରୁ ଉକ୍ତ ଦେଶଗୁଡ଼ିକରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ ହେବ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି। ସେହି ଦେଶଗୁଡ଼ିକ ହେଲା ଡେନ୍‌ମାର୍କ, ନରୱେ, ସୁଇଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲାଣ୍ଡସ ଏବଂ ଫିନ୍‌ଲାଣ୍ଡ। ଗ୍ରୀନ୍‌ଲାଣ୍ଡକୁ ସମ୍ପୂର୍ଣ୍ଣ କିଣିବା ପାଇଁ ଆମେରିକା ଚାହୁଁଥିବାବେଳେ ଏହି ଡିଲ୍ କାର୍ଯ୍ୟକାରୀ ହୋଇ ନ ପାରିଲେ ଜୁନ୍ ୧ରୁ ଟାରିଫ୍ ପରିମାଣ ୨୫%କୁ ବୃଦ୍ଧି କରିବେ ବୋଲି ଟ୍ରମ୍ପ କହିଛନ୍ତି। ଟାରିଫ୍ ଧମକ ଟ୍ରମ୍ପ ଏବଂ ନାଟୋ ସହଯୋଗୀଙ୍କ ମଧ୍ୟରେ ଗମ୍ଭୀର ଏବଂ ବିପଜ୍ଜନକ ଉତ୍ତେଜନା ସୃଷ୍ଟି କରିବ। ୧୯୪୯ରୁ ରହିଥିବା ମେଣ୍ଟ ଯାହାକି ୟୁରୋପ ଏବଂ ଉତ୍ତର ଆମେରିକାକୁ ମିଳିତ ସୁରକ୍ଷା ଯୋଗାଉଥିଲା, ତାହା ପ୍ରଭାବିତ ହେବ ବୋଲି କୁହାଯାଉଛି।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା

**ନୂଆଦିଲ୍ଲୀ/ଢାକା,୧୭।୧(ପି.ଟି.)**

ବାଂଲାଦେଶର ଏକ ପେଟ୍ରୋଲ ପମ୍ପରେ କାମ କରୁଥିବା ଜଣେ ହିନ୍ଦୁ କର୍ମଚାରୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଛି। ଜଣେ ଗାଡ଼ିଚାଳକ ପେଟ୍ରୋଲ ପମ୍ପରେ ତେଲ ପକାଇ ଦେୟ ପୈଠ ନ କରି ପଳାଇଯାଉଥିବାବେଳେ ରିପନ ଶାହା(୩୦) ନାମକ ହିନ୍ଦୁ କର୍ମଚାରୀ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଗାଡ଼ି ଚାଳକ ଜଣକ ନ ଅଟକି ରିପନଙ୍କ ଉପରେ ଗାଡ଼ି ମଡ଼ାଇଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରାଜବାରି ଜିଲାରେ ଶୁକ୍ରବାର ଏହି ଘଟଣା ଘଟିଥିଲାବେଳେ ବାଂଲାଦେଶରେ ଚାଲିଥିବା ହିନ୍ଦୁ ବିରୋଧୀ ହିଂସା ସହ ଏହାର ସମ୍ପୃକ୍ତି ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

ରିପନ ଗୋଆଲଣ୍ଡା ମୋଡ଼ସ୍ଥିତ କରିମ୍ ଫିଲିଂ ଷ୍ଟେଶନରେ କାମ କରୁଥିଲେ। ଦେୟ ପୈଠ ନ କରି ପଳାଇଯାଉଥିବା କାରକୁ ରୋକିବା ପାଇଁ ସେ ତା' ଆଗରେ ଛିଡ଼ାହୋଇଯିବାରୁ ଡ୍ରାଇଭର ଗାଡ଼ି ମଡ଼ାଇ ଦେଇଥିଲେ। ଏନେଇ ହତ୍ୟା ମାମଲା ରୁଜୁ କରାଯିବ ବୋଲି ରାଜବାରି ସଦର ପୋଲିସ ମୁଖ୍ୟ ଗଣମାଧ୍ୟମକୁ କହିଛନ୍ତି। ପୋଲିସ ଗାଡ଼ିକୁ ଜବତ କରିବା ସହ ଏହାର ମାଲିକ ଅବୁଲ ହାଶେମ୍ ଓରଫ ସୁଜନ ଏବଂ ତାଙ୍କ ଡ୍ରାଇଭର କମଲ ହୋସେନ୍‌ଙ୍କୁ ଗିରଫ କରିଛି। ହାସେମ୍ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟିର ରାଜବାରି ଜିଲାର ପୂର୍ବତନ କୋଷାଧ୍ୟକ୍ଷ ଏବଂ ଜିଲା ଯୁବଦଳର ପୂର୍ବତନ ସଭାପତି। ପେସାରେ ସେ ଜଣେ ଠିକାଦାର ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟରେ ଛାତ୍ର ଆନ୍ଦୋଳନ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାରୁ ବିଦା ହେବା ପରେ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଲାଗିରହିଛି। ଏହି ହିଂସାରେ ଅନେକ ହିନ୍ଦୁଙ୍କ ମୃତ୍ୟୁ ଘଟିବା ସହ ଅନେକଙ୍କ ଘର ଜାଳିଦିଆଯାଇଛି। ସେଠାରେ ହିନ୍ଦୁମାନେ ନିର୍ଯାତନାର ଶିକାର ହେଉଛନ୍ତି।

# ବିମାନ ସେବା ବିଭ୍ରାଟ ପାଇଁ ଇଣ୍ଡିଗୋକୁ ୨୨.୨ କୋଟି ଜରିମାନା

**ମୁମ୍ବାଇ,୧୭।୧(ପି.ଟି.)**

ଗତ ଡିସେମ୍ବରରେ ଇଣ୍ଡିଗୋ ଏୟାରଲାଇନ୍ସ ବିମାନସେବା ବିଭ୍ରାଟ ପାଇଁ ଅନେକ ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଘଟଣାରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଶନିବାର ଇଣ୍ଡିଗୋ ଉପରେ ୨୨.୨ କୋଟି ଟଙ୍କା ଜରିମାନା ଲଗାଇବା ସହ ଏହାର ସିଇଓ ପିଟର ଏଲ୍‌ବର୍ସ ଓ ଅନ୍ୟ ୨ ବରିଷ୍ଠ ଅଧିକାରୀଙ୍କୁ ଚେତାବନୀ ଦେଇଛି। ଏୟାରଲାଇନ୍ସର ନିୟନ୍ତ୍ରଣ ପ୍ରସ୍ତୁତି ଏବଂ ପରିଚାଳନାଗତ ଢାଞ୍ଚା ପର୍ଯ୍ୟାପ୍ତ ନ ଥିବା ଡିଜିସିଏ କହିଛି। ଏହାର ନିର୍ଦ୍ଦେଶନାମା ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ୫୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିବା ସହ ଦୀର୍ଘମିଆଦୀ ବ୍ୟବସ୍ଥାଗତ ସୁଧାର ପାଇଁ ଏୟାରଲାଇନ୍ସକୁ କୁହାଯାଇଛି।

ସୂଚନାଯୋଗ୍ୟ, ପାଇଲଟମାନଙ୍କ ପାଇଁ ନୂଆ ଉଡ଼ାଣ ଡ୍ୟୁଟି ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ଏୟାରଲାଇନ୍ସ




ଡିସେମ୍ବରରେ ପର୍ଯ୍ୟାପ୍ତ ପ୍ରସ୍ତୁତି କରି ନ ଥିଲା। ଫଳରେ କର୍ମଚାରୀ ଅଭାବରୁ ଇଣ୍ଡିଗୋର ୨,୫୦୭ ବିମାନ ଉଡ଼ାଣ ବାତିଲ ହେବା ସହ ୧,୮୫୨ ବିମାନ ବିଳମ୍ବିତ ହୋଇଥିଲା। ଫଳରେ ଦେଶର ବିଭିନ୍ନ ବିମାନବନ୍ଦରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ଅଟକି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଇଣ୍ଡିଗୋକୁ ନୂଆ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେଶନ ନିୟମାବଳୀ କାର୍ଯ୍ୟକାରୀ ସମୟସୀମାକୁ ଫେବୃଆରୀ ୧୦ ପର୍ଯ୍ୟନ୍ତ କୋହଳ କରାଯାଇଛି। ଗତବର୍ଷ ଡିସେମ୍ବର ୫ରୁ ଆସନ୍ତା ଫେବୃଆରୀ ୧୦ ପର୍ଯ୍ୟନ୍ତ ୬୮ ଦିନ ପାଇଁ ନିୟମ ଅନୁପାଳନ କରାଯାଉ ନ ଥିବାରୁ ଏଥିପାଇଁ ଏୟାରଲାଇନ୍ସକୁ ଦିନକୁ ୩୦ ଲକ୍ଷ ହିସାବରେ ମୋଟ ୨୦.୪୦ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏଥିସହିତ ଏୟାରକ୍ରାଫ୍ଟ ରୁଲ୍ସ, ୧୯୩୭ର ଧାରା ୧୩୩ଏ ଅନୁପାଳନ କରି ନ ଥିବାରୁ ଏୟାରଲାଇନ୍ସ ଉପରେ ଅତିରିକ୍ତ ଆର୍ଥିକ ଦଣ୍ଡବିଧାନ କରିଛି।

## ଦିଲ୍ଲୀରେ ଜିଆର୍‌ଏପି-୪ ଲାଗୁହେଲା

**ନୂଆଦିଲ୍ଲୀ,୧୭।୧**

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ଶନିବାର ଅତ୍ୟନ୍ତ ଉତ୍କଟ ସ୍ଥିତିରେ ପହଞ୍ଚିଥିବାରୁ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ଚତୁର୍ଥ ପର୍ଯ୍ୟାୟ କଟକଣା ଲାଗୁ ହୋଇଛି। ଶନିବାର ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୫୦ ନିକଟବର୍ତ୍ତୀ ହୋଇଛି, ଯାହାକି ଅତ୍ୟନ୍ତ ଗମ୍ଭୀର ସ୍ଥିତି। ପ୍ରଦୂଷଣ ଆହୁରି ଖରାପ ହେବାରୁ ରୋକିବା ପାଇଁ ଜିଆର୍‌ଏପି-୪ ଲାଗୁ ହୋଇଛି। ଉକ୍ତ କଟକଣା ଅନୁଯାୟୀ, ସମସ୍ତ ନିର୍ମାଣ ଏବଂ ଉଚ୍ଛେଦ କାର୍ଯ୍ୟ ନିଷିଦ୍ଧ ହେବ। ରେଡି-ମିକ୍ସ କଂକ୍ରିଟ୍ ପ୍ଲାଣ୍ଟ, ଷ୍ଟୋନ୍ କ୍ରସର, ଇଟା ଭାଟି, ଖଣି ଖନନ ଆଦି କାର୍ଯ୍ୟ ବନ୍ଦ ରହିବ। ସେହିପରି ଗାଡ଼ିମୋଟର ଚଳାଚଳ ଉପରେ ମଧ୍ୟ କଟକଣା ରହିବ। ବିଏସ୍-୬ ଅନୁପାଳନ କରୁ ନ ଥିବା ଏବଂ ଦିଲ୍ଲୀରେ ପଞ୍ଜୀକୃତ ହୋଇ ନ ଥିବା ଗାଡ଼ିଗୁଡ଼ିକ ରାଜଧାନୀ ସହର ମଧ୍ୟରେ ପ୍ରବେଶ କରିପାରିବ ନାହିଁ।

# ଅପରାଧୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ରାଜକୋଟ୍,୧୭।୧**

ଜଣେ ୭ ବର୍ଷର ବାଳିକାଙ୍କୁ ବଳାତ୍କାର କରିବା ସହ ଲୁହା ରଡ୍‌ରେ ଯୌନ ନିର୍ଯାତନା ଦେବା ମାମଲାରେ ଗୁଜରାଟ ରାଜକୋଟ୍‌ର ଏକ ଅଦାଲତ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଅପରାଧର ୪୪ ଦିନ ମଧ୍ୟରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ମଧ୍ୟପ୍ରଦେଶ ଅଲିରାଜପୁରର ରାମସିଂ ଦୁଦ୍‌ୱା(୩୨)ଙ୍କୁ ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଭି.ଏ. ରାଣା ଶିଶୁ ଯୌନ ନିର୍ଯାତନା ପ୍ରତିକାର ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ଆଇନର ବିଭିନ୍ନ ଧାରାରେ ଦୋଷୀସାବ୍ୟସ୍ତ କରିଥିଲେ। ଗୁଜରାଟ ସରକାର ପ୍ରତ୍ୟେକ ଝିଅଙ୍କ ସୁରକ୍ଷା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ଏବଂ ଏଭଳି ଅପରାଧକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭି କହିଛନ୍ତି। ଗତବର୍ଷ ଡିସେମ୍ବର ୪ରେ ଜିଲାର ଆଯକୋଟ ସହର ନିକଟ

### ନାବାଳିକା ବଳାତ୍କାର ମାମଲା

କାନପାର ଗ୍ରାମରେ ଏହି ବୀଭତ୍ସ ବଳାତ୍କାର ଘଟଣା ଘଟିଥିଲା। ନାବାଳିକା ଜଣକ ତାଙ୍କ ଭାଇ ସହ ଖେଳୁଥିଲାବେଳେ ଅଭିଯୁକ୍ତ ରାମସିଂ ତାଙ୍କୁ ବାଇକ୍‌ରେ ଅପହରଣ କରି ଏକ ବୁଦା ନିକଟକୁ ନେଇଯାଇ ବଳାତ୍କାର କରିଥିଲେ। ପରେ ସେ ତାଙ୍କୁ ଲୁହାରଡ୍‌ରେ ଯୌନ ନିର୍ଯାତନା ଦେଇ ରକ୍ତାକ୍ତ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ଡିସେମ୍ବର ୮ରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଡିସେମ୍ବର ୧୯ରେ ଚାର୍ଜଶିଟ୍ ଦାଖଲ ହୋଇଥିବାବେଳେ ଜାନୁଆରୀ ୧୨ରେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଅପରାଧ ବିରଳରୁ ବିରଳତମ ହୋଇଥିବା ବିବେଚନା କରି କୋର୍ଟ ରାମସିଂଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି।

# ୪୦୦ ବର୍ଷ ହେଲା ହୋଇନି ବର୍ଷା

ପୃଥିବୀରେ ଅନେକ ଅଜବ ସ୍ଥାନ ଅଛି। ଏଥିମଧ୍ୟରୁ ଚିଲିର ଆଟାକାମା ମରୁଭୂମି ଅନ୍ୟତମ। ଏଠାରେ ଶହ ଶହ ବର୍ଷ ଧରି ବର୍ଷା ହୁଏ ନାହିଁ, କିନ୍ତୁ କେହି ଶୋଷରେ ମରନ୍ତି ନାହିଁ। ଏହା ବିଶ୍ୱର ସବୁଠୁ ଶୁଷ୍କ ମରୁଭୂମି। ଏଠାକାର କିଛି ଅଞ୍ଚଳରେ ୪୦୦ ବର୍ଷରୁ ଅଧିକ ସମୟ ବୁନ୍ଦାଏ ବର୍ଷା ହୋଇଥିବାର ରେକର୍ଡ କରାଯାଇନାହିଁ। ଏହି ସ୍ଥାନ ପର୍ଯ୍ୟଟକ ଏବଂ ନାସା ବୈଜ୍ଞାନିକଙ୍କ ପାଇଁ ଏକ ପ୍ରିୟ ସ୍ଥାନ ହୋଇରହିଛି। ନାସା ଏଠାରେ ଏହାର ମଙ୍ଗଳ ମିଶନ ପାଇଁ ପରୀକ୍ଷଣ କରେ। ଦୃଶ୍ୟମାନ ଭାବରେ ଏହି ସ୍ଥାନଟି ପ୍ରକୃତରେ ପୃଥିବୀରେ ମଙ୍ଗଳ ଗ୍ରହ ସହିତ ସମାନ।

ଆଟାକାମା ମରୁଭୂମି ପ୍ରଶାନ୍ତ ମହାସାଗର ଉପକୂଳ ଏବଂ ଆଣ୍ଡିଜ ପର୍ବତମାଳା ମଧ୍ୟରେ ଅବସ୍ଥିତ ଉତ୍ତର ଚିଲିରେ ବିସ୍ତୃତ। କାଲାମା ସହରରେ ୧୫୭୦ରୁ ୧୯୭୧ ପର୍ଯ୍ୟନ୍ତ ୪୦୦ ବର୍ଷରୁ ଅଧିକ ସମୟ ଧରି ସେଭଳି ବର୍ଷା ହୋଇନାହିଁ। କିନ୍ତୁ ଆଶ୍ଚର୍ଯ୍ୟଜନକ



କଥା ହେଉଛି ଏଠାରେ ଜୀବନ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇନାହିଁ। ଫ୍ଲେମିଙ୍ଗୋ, ଲାମା ଏବଂ ଭିକୁନା ଭଳି ପ୍ରାଣୀ ଏହି ଅଞ୍ଚଳରେ ବିଚରଣ କରନ୍ତି। ଏହି ସ୍ଥାନର ସୌନ୍ଦର୍ଯ୍ୟ ଏତେ ଅନନ୍ୟ ଯେ ଏହାକୁ 'ଭାଲେ ଡେ ଲା ଲୁନା' କୁହାଯାଏ। ଲାଲ ବାଲି ପାହାଡ, ଫାଟିଯାଇଥିବା ଭୂମି ଏବଂ ସକ୍ରିୟ ଜ୍ୱାଳାମୁଖୀ ଏହାର ରହସ୍ୟମୟ ଆକର୍ଷଣକୁ ବୃଦ୍ଧି କରେ।




ବଡ଼କୂଳସ୍ଥିତ ସିଡିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପକ୍ଷୀ ଗଣନାକାରୀଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ଚିଲିକାରେ ପକ୍ଷୀ ଗଣନା ଆଜି

## ପ୍ରଶିକ୍ଷଣ ନେଲେ ୨୨ ଟିମ୍

ବାଲୁଗାଁ, ୧୭।୧ (ସଂଗ୍ରାମ ପାଇକରାୟ)

ଚିଲିକା ବନ୍ୟପ୍ରାଣୀ ବିଭାଗ ବାଲୁଗାଁ ଆନୁକୂଲ୍ୟରେ ରବିବାର ଚିଲିକାରେ ପକ୍ଷୀ ଗଣନା ହେବ। ଏହି ପରିପ୍ରେକ୍ଷୀରେ ଶନିବାର ବାଲୁଗାଁ ନିକଟ ବଡ଼କୁଲସ୍ଥିତ ସିଡିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ସମ୍ମିଳନୀ କକ୍ଷରେ ଗଣନାକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ମୋଟ ୨୨ଟି ଟିମ୍‌ରେ ସାମିଲ ହୋଇଥିବା ୧୨୦ ଜଣ ଗଣନାକାରୀ ଉକ୍ତ ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ବନ୍ୟ ସଂରକ୍ଷକ ଏମ୍. ଯୋଗଜୟାନନ୍ଦ, ଡେପୁଟି ବନ୍ୟ ସଂରକ୍ଷକ ରମାପଦ ଅରବିନ୍ଦ ମିଶ୍ର, ଅବସରପ୍ରାପ୍ତ ପିସିସିଏଫ୍ ଅନୁପ ନାୟକ ଏବଂ ଆର୍‌ସିସିଏଫ୍ ପି.କେ. ମିଶ୍ର, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ଡ. ସତ୍ୟ ସାଲଭମ ଏବଂ ଡିଏଫ୍‌ଓ ଅମ୍ଲାନ୍ ନାୟକ ଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ତାଲିମ ପରେ ଗଣନାକାରୀ ଟିମ୍ ଅପରାହ୍ନ ୪ଟାରୁ ନିର୍ଦ୍ଧାରିତ ନିଜ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି । ରବିବାର ଭୋର୍ ୬ଟାରୁ ଏକକାଳୀନ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା ଜାରି ରହିବ। ସନ୍ଧ୍ୟା ସୁଦ୍ଧା ସମସ୍ତ ଟିମ୍ ପହଞ୍ଚିବା ପରେ ସ୍ଥାନୀୟ ଓ ବିଦେଶୀ ପକ୍ଷୀ ଏବଂ ପ୍ରଜାତି ସଂଖ୍ୟା ନିର୍ଣ୍ଣୟ କରାଯାଇ ବିଭାଗ ପକ୍ଷରୁ ବୃତ୍ତାନ୍ତ ରିପୋର୍ଟ ପ୍ରକାଶ ପାଇବ ବୋଲି ଡିଏଫ୍‌ଓ ଅମ୍ଲାନ୍ ନାୟକ କହିଛନ୍ତି।

ସେହିପରି ଚିଲିକାରେ 'ଇରାୱାଡି' ପ୍ରଜାତିର ଡଲ୍‌ଫିନ୍ ଗଣନା ଆସନ୍ତା ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ୧୮ଟି ଟିମ୍ ସାମିଲ ହେବେ। ୧୯ତାରିଖରେ ତାଲିମ ପ୍ରଦାନ ପରେ ସାତପଡ଼ାଠାରେ ୮ଟି ଟିମ୍ ଏବଂ ବାଲୁଗାଁ ନିକଟସ୍ଥ ଚିଲିକାରେ ୧୦ଟି ଟିମ୍ ରହି ଗଣନା କରିବେ। ଏହାର ବୃତ୍ତାନ୍ତ ରିପୋର୍ଟ ପିସିସିଏଫ୍ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇବ।

# ପିଆର୍‌ଏମ୍ ମେଡିକାଲକୁ ଜମି ଅଡୁଆ

- ନିଜସ୍ୱ ନାମରେ ଜମି ନ ଥିବାରୁ ମିଳୁନି ଅଗ୍ନି ନିରାପତ୍ତା ପ୍ରମାଣପତ୍ର
- ଜଙ୍ଗଲ ଜମି ବିବାଦ ଯୋଗୁ ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମରେ ବିଳମ୍ବ

ବାରିପଦା, ୧୭।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ କ୍ୟାମ୍ପସ।

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ରଙ୍ଗାମାଟିଆସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିଜସ୍ୱ ନାମରେ ଜମି ନ ଥିବାରୁ ଅଗ୍ନିଶମ ନିରାପତ୍ତା ପାଇଁ ଏନ୍‌ଓସି ମିଳିପାରୁନାହିଁ। ଏପରିକି ଜଙ୍ଗଲ ଜମି ବିବାଦ ପାଇଁ ନୂତନ କ୍ୟାମ୍ପସରେ ସମସ୍ତ ବିଭାଗ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି। ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ନୂତନ ଭାବେ ନିର୍ମିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲଟି ପ୍ରାୟ ୨୪ ହେକ୍ଟର ଜଙ୍ଗଲ ଜମିରେ ନିର୍ମାଣ କରାଯାଇଛି। ସେହି ସ୍ଥାନରେ ପୂର୍ବରୁ ଟସର ଚାଷ କରାଯାଉଥିଲା । ୨୦୧୫ରେ ଜଙ୍ଗଲ ଆଇନର ଉଲ୍ଲଂଘନକରି ଜମିକୁ କଲେଜ ଅଧୀନକୁ ହସ୍ତାନ୍ତର କରାଯାଇଥିଲା। ସେଠାରେ ଥିବା ୫୦୦ ଗଛ କଟାଯାଇଥିବାରୁ ତତ୍କାଳୀନ ଉପଜିଲାପାଳ ଓ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଥିଲା। ସେହି ବିବାଦ ତ୍ରୁଟି ନ ଥିବାରୁ ପ୍ରଦତ୍ତ ଜମି ମେଡିକାଲ କଲେଜ ନାମରେ ହୋଇପାରୁ ନାହିଁ। ଅଗ୍ନି ନିରାପତ୍ତା ପାଇଁ ଏନ୍‌ଓସି ମିଳିପାରୁ ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ନୂତନ କ୍ୟାମ୍ପସକୁ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର ହେବାରେ ବାଧକ ସାଜିଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ବ୍ୟାପକ ପରିମାଣରେ ବୃଦ୍ଧି ପାଉଥିବାରୁ ରୋଗୀମାନେ ବେଡ୍ ନ ପାଇ ତଳେ ଓ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଫଳରେ ମେଡିକାଲ କଲେଜର ବିଶାଳ କୋଠା ଓ ବିଳାସପୂର୍ଣ୍ଣ ଭିତ୍ତିଭୂମି ମୂଲ୍ୟହୀନ ହୋଇପଡ଼ିଛି। ସ୍ୱାସ୍ଥ୍ୟ ଉପକରଣ ସବୁ ବନ୍ଦ ଘରେ ପଡ଼ି ରହି ନଷ୍ଟହେବାକୁ ବସିଛି । ଜିଲାବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟର ଚତୁର୍ଥ ସରକାରୀ ମେଡିକାଲ କଲେଜ ଭାବେ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ହୋଇଥିଲା। ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲକୁ ୨୦୨୪ ମାର୍ଚ୍ଚ ୨ରେ ଉଦ୍‌ଘାଟନ କରାଯାଇଥିଲା। ମାତ୍ର ଆନୁଷଙ୍ଗିକ ବ୍ୟବସ୍ଥା ଓ ଜମି ପଟ୍ଟାକୁ ନେଇ ଜିଲାବାସୀଙ୍କ ବହୁମୁଖୀ ସେବା ପାଇବାର ଆଶା ମଉଳିବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ରେଫରାଲ ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ଗୁରୁତର ରୋଗୀଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ତେବେ ନୂତନ କ୍ୟାମ୍ପସରେ ୪ଟି ବିଭାଗର ଓପିଡି ଖୋଲାଯାଇ ରୋଗୀ ସେବା ଆରମ୍ଭ କରାଯାଇଛି। କେବଳ ମାନସିକ ରୋଗ ଚିକିତ୍ସା ବିଭାଗ ସହ କର୍ଣ୍ଣ, ନାସା ଓ ଗଳା, ଚର୍ମରୋଗ ଏବଂ ଭେଷଜ ବିଭାଗର ୨୪ ଘଣ୍ଟିଆ ଓପିଡି ଖୋଲାରହିଛି। ପର୍ଯ୍ୟାୟ କ୍ରମେ ଅନ୍ୟ ବିଭାଗଗୁଡ଼ିକ ଜିଲା ମୁଖ୍ୟ ହସ୍ପିଟାଲରୁ ସ୍ଥାନାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ତେବେ ନୂତନ କ୍ୟାମ୍ପସରେ କଲେଜ ଓ ହସ୍ପିଟାଲ ପୂର୍ଣ୍ଣାଙ୍ଗ ରୂପ ନେଇ ସାରିଥିବା ବେଳେ ସ୍ୱତନ୍ତ୍ର ବିଭାଗ ସହ ଉନ୍ନତମାନର ଅପରେଶନ ଥିଏଟର ଓ ଆଇସିୟୁ ପ୍ରସ୍ତୁତ ହୋଇଛି। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାଗା ସମସ୍ୟା ପାଇଁ ଜିଲାବାସୀ ଗୋଟିଏ ସ୍ଥାନରୁ ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ କୁହନ୍ତି, ମେଡିକାଲ କଲେଜ ଓ ହସ୍ପିଟାଲ ଜଙ୍ଗଲ ଜମି ବିବାଦର ଆଇନଗତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ।


No.O-2077

**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA**

Government of Odisha e-Procurement Notice

Bid Identification No. Online Tender - 17/EERWD BLG/2025-26

rw_balliguda@yahoo.com

Letter No. : //RWDBLG Date :

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated cost | : | Rs.8.47 lakhs to 38.14 lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 20.01.2026 at 10.00 A.M. to 30.01.2026 up to 5.00 P.M. |
| 5 | Last date / Time for receipt of Bids in the Portal | : | 30.02.2026 up to 5.00 P.M. |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in**. Any addendum / corrigendum / cancellation of tender can also be seen in the said website only.

Sd./- Executive Engineer
Rural Works Division
Balliguda

OIPR-



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE, SAMAGRA SHIKSHA, JAJPUR**

Phone & Fax-06728-224940, Email - dpcjajpurssa.opepa@nic.in

Tender call notice No. 234/2026 Dated. 15.01.2026

**Notice Inviting Tender**

**No.n-234** : Sealed Tender under two bid systems are invited from reputed agency/ suppliers/manufacturer having valid PAN, GST & IT clearance along with registration of firm etc, for supply of equipment/materials for Saksham Resource Centre in PM Shri Schools. The detailed bid documents can be downloaded from district website i.e. www.jajpur.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/manufacturer may download bid document from the above website and apply accordingly on or before 31st Jan-2026 by 5 P.M. through regd/ speed post only. The Tender will be opened on dt. 02nd Feb-2026 at 11.00 AM at Conference Hall, DPO, SS, Jajpur in the presence of bidders/authorized representative. Required Corrigendum/addendum will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/ modify or cancel part or whole tender without assigning any reason thereof.

By order of Collector-cum-Chairman, SS, Jajpur
Sd./- DEO-cum-DPC, SS, Jajpur

OIPR-



# ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

File No.6731/2025 Date:22.10.2025

**No. XXVII-25:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ରୋତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଭୀମରଙ୍ଗିଣୀ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ରୋତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୭/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭୀମରଙ୍ଗିଣୀ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭୀମରଙ୍ଗିଣୀ | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

### ଭୂମି ଅନୁସୂଚୀ

ମୌଜା:ଭୀମରଙ୍ଗିଣୀ, ଥାନା-ମାଲକାନଗିରି ନଂ.-୭୪, ତହସିଲ:ମାଲକାନଗିରି, ଜିଲ୍ଲା:ମାଲକାନଗିରି

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୭ | ୨୬ | ୬.୭୨୧ | ୧.୫୦୦ | ଡଙ୍ଗର ଏକ | ଦାମୋଦର ସିସା, ପି:ଶୁକୁରା ସିସା, ଜା:ଗଦବା, ବା:ନିଜଗାଁ |
| ୯ | ୮୯ | ୧.୮୨୯ | ୧.୮୨୯ | ଡଙ୍ଗର ଦୁଇ | ପଦୁ ହନ୍ତାଳ, ପି:ଚଇତୁ ହନ୍ତାଳ, ଜା:ପରଜା, ବା:ନିଜଗାଁ |
| | ୧୩ | ୩.୨୧୨ | ୧.୦୪୯ | ଡଙ୍ଗର ଦୁଇ | |
| ୧୦ | ୨୨ | ୧.୧୭୪ | ୧.୧୭୪ | ଧାନ ଦୁଇ | ବୁଦା ବଡନାୟକ, ପି:ଆଇତା ବଡନାୟକ, ଜା:ଗଦବା, ବା:ନିଜଗାଁ |
| | ୨୧ | ୧.୧୨୪ | ୦.୦୧୪ | ଡଙ୍ଗର ଦୁଇ | |
| ୧୧ | ୨୩ | ୩.୧୦୬ | ୨.୪୩୩ | ଧାନ ଦୁଇ | ମଧୁ ପଦୁଆ, ପି:ସମା ପଦୁଆ, ଜା:ଗଦବା, ବା:ନିଜଗାଁ |
| ୧୪ | ୭୬ | ୧.୪୮୩ | ୦.୫୪୪ | ଡଙ୍ଗର ଦୁଇ | ସନାଦର ଗୁଲୁରି, ପି:ବୁଦା ଗୁଲୁରି, ଜା:ଗଦବା, ବା:ନିଜଗାଁ |
| | ୭୨ | ୦.୮୯୦ | ୦.୩୯୧ | ଧାନ ଦୁଇ | |
| | ୭୧ | ୦.୮୫୭ | ୦.୦୧୪ | ଡଙ୍ଗର ଦୁଇ | |
| ୧୭/୨ | ୨୦ | ୦.୪୬୯ | ୦.୦୧୦ | ଧାନ ଦୁଇ | ପୁରୁଷୋତି ହନ୍ତାଳ, ପି:ନିଧି ହନ୍ତାଳ, ଜା:ପରଜା, ବା:ନିଜଗାଁ |
| ୧୭/୩ | ୧୬ | ୦.୬୫୫ | ୦.୦୮୯ | ଡଙ୍ଗର ଦୁଇ | ସଇତା ପାଙ୍ଗି, ପି:ଭଜେ ପାଙ୍ଗି, ଜା:ପରଜା, ବା:ଭୀମ ରାଙ୍ଗିଣୀ |
| ୧୭/୫ | ୯୪ | ୧.୧୧୨ | ୦.୦୨୭ | ଡଙ୍ଗର ଏକ | ଧନୁର୍ଜୟ କିର୍ଶାନି, ପି:ପଦଲାମ କିର୍ଶାନି, ଜା:ଗାଦବା, ବା:ଭୀମ ରାଙ୍ଗିଣୀ |
| ୬୬ | ୮୩/୩ | ୨.୪୬୫ | ୦.୦୫୪ | ଜଙ୍ଗଲ | ପଦଲାମ କିର୍ସାନୀ, ପିତା:ସିତା, ଇଛାବତୀ କ୍ରିସାନି, ସ୍ୱା:ପଦଲାମ, ବା:ଭୀମ ରାଙ୍ଗିଣୀ, ଜାତି-ପରଜା |
| ୬୧ | ୭୮/୦୫ | ୨.୧୯୮ | ୧.୦୦୦ | ଜଙ୍ଗଲ | ଈଶ୍ୱର ପଡିଆମି, ପି:ପାଣ୍ଡୁ ପଡିଆମି, ଜା:କୋୟା, ବା:ଭୀମ ରାଙ୍ଗିଣୀ |
| ୪୫ | ୭୫/୧୪୬ | ୨.୦୭୫ | ୦.୪୩୨ | ଜଙ୍ଗଲ | ଲକ୍ଷ୍ମୀନାଥ ଗୋଇରି, ପି:ଡମ୍ବୁ ଗୋଇରି, ବୁଦଇ ଗୋଇରି, ସ୍ୱା:ଲକ୍ଷ୍ମୀନାଥ ଗୋଇରି, ଜା:ପରଜା, ବା:ଭୀମରାଙ୍ଗିଣୀ |
| ୪୯ | ୭୫/୧୪୨/୯ | ୨.୦୫୦ | ୦.୦୨୦ | ଜଙ୍ଗଲ | ଧନ କିର୍ସାନୀ, ପି:ସିତା କିର୍ସାନୀ, ଡାଲିମା କିର୍ସାନୀ, ସ୍ୱା:ଧନ କିର୍ସାନୀ, ଜା:ପରଜା, ବା:ଭୀମରାଙ୍ଗିଣୀ |
| ୮୦ | ୮୦/୧ | ୪.୬୭୩ | ୨.୩୭୧ | ଜଙ୍ଗଲ | ଧନ କିର୍ସାନୀ, ପି:ଚଣ୍ଡାଳ କିର୍ଶାନୀ, ଜା:ପରଜା, ବା:ଭିମାରାଙ୍ଗିଣୀ |
| ୮୨ | ୮୦/୧୪୭ | ୨.୦୪୫ | ୧.୫୯୩ | ଜଙ୍ଗଲ | ଅର୍ଜୁନ ପାଙ୍ଗି, ପି:କମୁଲୁ ପାଙ୍ଗି, କୁଳମଣି ପାଙ୍ଗି, ସ୍ୱା:ଅର୍ଜୁନ ପାଙ୍ଗି ପାଇଁଜା:ପରଜା, ବା:ଭୀମରାଙ୍ଗିଣୀ |
| ୮୩ | ୭୫/୧୪୪ | ୨.୧୨୪ | ୧.୪୦୮ | ଜଙ୍ଗଲ | ଈଶ୍ୱର ପଡିଆମି, ପି-ପାଣ୍ଡୁ ପଡ଼ିଆମି, ଜା:କୋୟା, ବା:ଭିମରାଙ୍ଗିଣୀ |
| ୮୪ | ୭୮/୧୪୩/୨ | ୧.୧୩୬ | ୦.୬୯୯ | ଜଙ୍ଗଲ | ମଙ୍ଗଳା ପଡିଆମି ପି:ପାଣ୍ଡୁ ପଡିଆମି, ଜ:କୋୟା, ବା-ଭୀମରାଙ୍ଗିଣୀ |
| ୮୫ | ୭୮/୧୪୩ | ୨.୯୨୦ | ୧.୬୧୦ | | ଭଙ୍ଗା ପଡିଆମୀ, ପି:ପାଣ୍ଡୁ ପଡିଆମି, ଜା:କୋୟା, ବା:ଭୀମରାଙ୍ଗୀଣୀ |
| ୮୬ | ୭୮/୧୪୩ | ୨.୯୮୧୦ | ୦.୨୯୬ | | ଦାମା ପଡିଆମୀ, ପି:ପାଣ୍ଡୁ ପଡିଆମି, ଜା:କୋୟା, ବା:ଭୀମରାଙ୍ଗିଣୀ |
| ୮୩ | /୧ | ୦.୮୯୭ | ୦.୮୯୭ | | ଭୀମାରାଗିଣୀ |
| ୬୬ | ୯୧ | ୦.୮୦୩ | ୦.୪୦୮ | ଜଙ୍ଗଲ | ପଦଲାମ କ୍ରିସାନୀ, ପିତା-ସୀଡ଼ା, ଇଛାବତୀ କ୍ରିସାନୀ, ସ୍ୱା: ପଦଲାମ, ବା: ଭୀମରଙ୍ଗିଣୀ, ଜାତି: ପରଜା |
| ୪୦ | ୭୫/୨ | ୨.୪୯୫ | ୧.୪୨୮ | ଜଙ୍ଗଲ | ଲକ୍ଷ୍ମଣ ଗୋଇରୀ, ପି-ଡମ୍ବୁ, ହିରାମଣୀ ଗୋଇରୀ, ସ୍ୱା:ଡମ୍ବୁ, ବା:ଭୀମାରଙ୍ଗିଣୀ, ଜା: ପରଜା |
| ୪୪ | ୭୫/୩ | ୦.୨୭୭ | ୦.୨୭୭ | ଜଙ୍ଗଲ | ଭକ୍ତ ଖିଲ, ପି-ଦଇତାରୀ ଖିଲ, ମଙ୍ଗଳାଦେଇ ଖିଲ,ସ୍ୱା-ଭକ୍ତ ଖିଲ,ବା-ଭିମାରଙ୍ଗିଣୀ, ଜାତି-ପରଜା |
| ୪୬ | ୭୫/୫ | ୦.୮୧୦ | ୦.୮୧୦ | ଜଙ୍ଗଲ | ଚନ୍ଦ୍ର ମାଢି, ପି-କୁର୍ତ୍ତିବାସ, ରାଧିକା ମାଢି, ସ୍ୱା-ଚନ୍ଦ୍ର, ବା:ଭିମାରଙ୍ଗିଣୀ, ଜାତି-ଭୂମିଆ |
| | ୭୫/୬ | ୦.୯୯୫ | ୦.୯୯୫ | ଜଙ୍ଗଲ | |
| ୫୨ | ୭୫/୧୩ | ୨.୭୪୨ | ୨.୪୨୧ | ଜଙ୍ଗଲ | ପୂର୍ଣ୍ଣ ଖିଲ, ପି-ଆଙ୍ଗରା ଖିଲ, ବତୀ ଖିଲ, ସ୍ୱା-ପୂର୍ଣ୍ଣ ଖିଲ, ବା-ଭୀମାରାଙ୍ଗିଣୀ, ଜାତି-ଭୂମିଆ |
| ୪୯ | ୭୫/୧୦ | ୧.୦୮୭ | ୦.୯୮୮ | ଜଙ୍ଗଲ | ଧନ କିର୍ସାନୀ, ପି-ସୀତା, ଡାଲିମା ଗୋଲରୀ, ସ୍ୱା-ଧନ, ବା-ଭିମାରଙ୍ଗିଣୀ, ଜାତି-ପରେଙ୍ଗ ପରଜା |
| ୪୮ | ୭୫/୮ | ୦.୧୩୮ | ୦.୧୩୮ | ଜଙ୍ଗଲ | ଅର୍ଜୁନ ମାଡକାମି, ପି-ଶୁକ୍ରା, ଦୁଲ ମାଡକାମି, ସ୍ୱା-ଅର୍ଜୁନ, ବା-ଭିମାରଙ୍ଗିଣୀ, ଜାତି-କୋୟା |
| ୫୭ | ୭୫/୨୦ | ୦.୨୩୭ | ୦.୨୩୭ | ଜଙ୍ଗଲ | ରାଧା କୁରାମୀ, ପି-ଗୋବିନ୍ଦ କୁରାମୀ, ବା-ଭିମାରାଙ୍ଗିଣୀ, ଜାତି-କୋୟା |
| ୫୬ | ୭୫/୧୯ | ୦.୨୨୭ | ୦.୨୨୭ | ଜଙ୍ଗଲ | ସୁନାଧର ମାଡକାମି, ପି-ଶୁକ୍ରା ମାଡକାମି, ବା-ଭିମାରଙ୍ଗିଣୀ, ଜାତି-କୋୟା |
| | ମୋଟ | ୫୮.୦୦୭ | ୨୭.୩୮୩ | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-



# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର
## ଘୋଷଣା

LAC No.୪୮୧/୨୦୨୩ ନଂ.35/2025 Date:22.12.2025

**No. XIV-06:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**କେଶରୀଗୁଡା**, ଥାନା-**ନବରଙ୍ଗପୁର**, ନଂ-୪୦, ତହସିଲ-**ନବରଙ୍ଗପୁର**, **ଜିଲ୍ଲା- ନବରଙ୍ଗପୁରରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୮୧, ତା.୨୧.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**କେଶରୀଗୁଡା**, ଥାନା-**ନବରଙ୍ଗପୁର**, ନଂ.୪୦, **ଜିଲ୍ଲା- ନବରଙ୍ଗପୁରରେ** କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣାନାମା ଜିଲ୍ଲା ୱେବସାଇଟ www.nabarangpur.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ଭୂ-ଅର୍ଜନ ଅଧିଗ୍ରହଣ ଯୋଜନାର ଭୂମି ନକ୍ସା ତହସିଲଦାର-ତଥା-ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର ତହସିଲ-ନବରଙ୍ଗପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କେଶରୀଗୁଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | | ୩୦.୧୧୫ ଏକର | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର ତହସିଲ-ନବରଙ୍ଗପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୧୭.୦୪.୨୦୨୩

ସ୍ୱା./-
ଜିଲ୍ଲାପାଳ, ନବରଙ୍ଗପୁର

### ଭୂମି ଅନୁସୂଚୀ

ମୌଜା:କେଶରୀଗୁଡା, ଥାନା-ନବରଙ୍ଗପୁର ନଂ-୪୦, ତହସିଲ-ନବରଙ୍ଗପୁର, ଜିଲ୍ଲା-ନବରଙ୍ଗପୁର

ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୨୪/୬୧ | ୮୫୯ | ୦.୩୭୦୦ | ୦.୧୪୭୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୫୮୫ | ୧.୨୮୦୦ | ୦.୮୬୦୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୨ | ୦.୭୪୦୦ | ୦.୪୧୯୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୪ | ୦.୩୨୦୦ | ୦.୨୯୩୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୭ | ୦.୫୪୦୦ | ୦.୫୪୦୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୫ | ୦.୩୨୦୦ | ୦.୩୨୦୦ | ଧାନ ଏକ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୩ | ୦.୬୪୦୦ | ୦.୪୦୨୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୮ | ୦.୪୫୦୦ | ୦.୪୪୦୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୭୨ | ୨.୨୭୦୦ | ୨.୨୭୦୦ | ଧାନ ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୧ | ୮୬୯ | ୨.୪୬୦୦ | ୨.୪୬୦୦ | ଡଙ୍ଗର ଦୁଇ | ଏସ୍. ଶିବପ୍ରସାଦ ରାଓ, ପି:ଏସ୍. ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୦ | ୮୫୭ | ୪.୧୬୦୦ | ୧.୯୫୪୦ | ଧାନ ଏକ | ଏସ୍. ଶ୍ରୀନିବାସ ରାଓ, ପି:ପି.ଏସ୍. ନାରାୟଣ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୦ | ୮୬୬ | ୧.୪୦୦୦ | ୧.୩୮୦୦ | ଧାନ ଦୁଇ | ଏସ୍. ଶ୍ରୀନିବାସ ରାଓ, ପି:ପି.ଏସ୍. ନାରାୟଣ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୬୦ | ୮୭୩ | ୧.୧୦୦୦ | ୦.୫୭୦୦ | ଡଙ୍ଗର ଏକ | ଏସ୍. ଶ୍ରୀନିବାସ ରାଓ, ପି:ପି.ଏସ୍. ନାରାୟଣ, ଜା:ପାତ୍ର ତନ୍ତି, ବା:ଗାଦିଆସାହି, ନବରଙ୍ଗପୁର |
| ୨୨୪/୨୨୦ | ୮୫୧ | ୩.୫୧୦୦ | ୦.୧୩୦୦ | ଡଙ୍ଗର ଦୁଇ | ସୁଦାଲା ଶ୍ରୀନିବାସ ରାଓ, ପି:ସୁଦାଲା ନାରାୟଣ ସ୍ୱାମୀ, ଜା:ପାତ୍ର ତନ୍ତୀ, ବା:ଗ୍ରାମ-କେଶରୀଗୁଡା |
| ୨୨୪/୭୩ | ୮୭୯ | ୫.୪୬୦୦ | ୧.୩୯୦୦ | ଘରବାରି | ସୁଧାକର ପଟ୍ଟନାୟକ, ପି.ଭି.ଭି.ଚଲପତି ରାଓ, ଜା:କରଣ, ବା:ନବରଙ୍ଗପୁର |
| ୨୨୪/୧୧୭ | ୮୭୦ | ୨.୯୭୪୦ | ୨.୯୭୪୦ | ଘରବାରି | ସୁଧାକର ପଟ୍ଟନାୟକ, ପି.ଭି.ଭି.ଚଲପତି ରାଓ ପଟ୍ଟନାୟକ, ଜା:କରଣ, ବା:ମଙ୍ଗରାଜ ସାହି, ନବରଙ୍ଗପୁର |
| ୨୨୪/୧୧୭ | ୮୭୧/୧୦୪୪ | ୨.୨୮୦୦ | ୨.୨୮୦୦ | ଘରବାରି | ସୁଧାକର ପଟ୍ଟନାୟକ, ପି.ଭି.ଭି.ଚଲପତି ରାଓ ପଟ୍ଟନାୟକ, ଜା:କରଣ, ବା:ମଙ୍ଗରାଜ ସାହି, ନବରଙ୍ଗପୁର |
| ୨୨୪/୨୫୦ | ୮୭୦/ ୨୦୨୭ | ୦.୪୪୦୦ | ୦.୪୪୦୦ | ଘରବାରି | ଅନୁଭା ପଟ୍ଟନାୟକ, ସ୍ୱା:ଏସ ଭି ଏସ ଅନିଲ କୁମାର, ଜା:କରଣ, ବା:ଦ୍ୱାରିକାନଗର, ଚାଉଁରିଆଗୁଡା, ନବରଙ୍ଗପୁର, ଏସ.ଭି.ଏସ. ଅନିଲ କୁମାର ପି:ଏସ ମଧୁସୂଦନ ରାଓ, ଜା:କରଣ, ବା:ଦ୍ୱାରିକାନଗର, ଚାଉଁରିଆଗୁଡା, ନବରଙ୍ଗପୁର |
| ୨୨୪/୨୪୮ | ୧୦୧୩ | ୩.୧୪୦୦ | ୨.୧୮୦୦ | ଧାନ ଦୁଇ | କେଙ୍ଗୁବା ଶ୍ରୀନିବାସ ରାଓ, ପି:ଈଶ୍ୱର ରାଓ କେଙ୍ଗୁବା, ଜା:ବୈଶ୍ୟ, ବା: ବଡ ହରିଜନ ସାହି, ନବରଙ୍ଗପୁର |
| ୨୨୪/୨୫୨ | ୧୦୧୩/ ୨୦୨୯ | ୦.୦୪୦୦ | ୦.୦୪୦୦ | ଧାନ ଦୁଇ | ପଦ୍ମିନୀ ପଟ୍ଟନାୟକ, ସ୍ୱା:ରାମଚନ୍ଦ୍ର ପଟ୍ଟନାୟକ, ଜା:କରଣ, ବା:ରାଜୁ ସାହି, ନବରଙ୍ଗପୁର |
| ୧ | ୮୭୧ | ୨.୬୮୦୦ | ୨.୪୫୦୦ | ଡଙ୍ଗର ଦୁଇ | ଅଚ୍ୟୁତାନନ୍ଦ ବେହେରା, ପି:ତ୍ରିପତି ବେହେରା, ଜା:କରଣ, ବା:ନବରଙ୍ଗପୁର (ସଉରା ସାହି) |
| ୨୨୪/୨୫୧ | ୮୭୦/ ୨୦୨୮ | ୨.୦୨୨୦ | ୨.୦୨୨୦ | ଘରବାରି | ଅନୁଶା ପଟ୍ଟନାୟକ, ସ୍ୱା:ଆଦିତ୍ୟ ଶିବଚରଣ ଥୋନାଙ୍ଗୀ, ଜା:କରଣ, ବା:ଦ୍ୱାରିକାନଗର, ଚାଉଁରିଆଗୁଡା, ନବରଙ୍ଗପୁର |
| ୨୨୪/୨୫୪ | ୧୦୧୦ | ୧.୬୦୦ | ୧.୦୨୦୦ | ଧାନ ଦୁଇ | କଲ୍ୟାଣୀ ବେହେରା, ପି:ଧନୁ ବେହେରା, ଜା:କରଣ, ବା:ଲିଙ୍ଗରାଜ ନଗର, ଜୟପୁର, ଜିଲ୍ଲା-କୋରାପୁଟ, |
| ୨୨୪/୨୫୪ | ୧୦୧୧ | ୩.୧୪୦୦ | ୧.୮୫୦୦ | ଧାନ ଦୁଇ | କଲ୍ୟାଣୀ ବେହେରା, ପି:ଧନୁ ବେହେରା, ଜା:କରଣ, ବା:ଲିଙ୍ଗରାଜ ନଗର, ଜୟପୁର, ଜିଲ୍ଲା-କୋରାପୁଟ, |
| ୬୮ | ୧୦୦୯/ ୧୦୩୩ | ୧.୨୦୦୦ | ୦.୦୪୦୦ | ଡଙ୍ଗର ଦୁଇ | ପଦ୍ମଲାଭ ବେହେରେ, ଚନ୍ଦ୍ରଶେଖର ବେହେରେ, ପି:ଶ୍ୟାମସୁନ୍ଦର ବେହେରେ, ଜା:କରଣ, ବା:ନବରଙ୍ଗପୁର |
| ୬୯ | ୧୦୦୯/ ୧୦୩୪ | ୧.୨୨୦୦ | ୦.୨୪୦୦ | ଡଙ୍ଗର ଦୁଇ | ପେଦୀପ ବେହେରା, ପି:ଚନ୍ଦ୍ରଶେଖର ବେହେରା, ଜା:କରଣ, ବା:ନବରଙ୍ଗପୁର |
| ୨୨୪/୫୯ | ୧୦୧୨/ ୧୦୯୮ | ୨.୭୩୦୦ | ୨.୦୫୦୦ | ଧାନ ଦୁଇ | ତ୍ରିପତି ସାହୁ, ପି:ତ୍ରିନାଥ ସାହୁ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର (ମେନ୍ ରୋଡ୍) |
| ୨୨୪/୬୯ | ୧୦୧୨ | ୨.୦୦୦୦ | ୧.୩୫୦୦ | ଧାନ ଦୁଇ | ଅଂଜନା ବିଷୋୟୀ, ସ୍ୱା:କାର୍ତ୍ତିକ ବିଷୋୟୀ, ଜା:ଶୁଣ୍ଢି, ବା:ନିଜଗାଁ |
| | | | ୩୦.୧୧୫୦ | | |

ସ୍ୱା./-ତହସିଲଦାର ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,
ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନବରଙ୍ଗପୁର

OIPR-

## ଭୁବନେଶ୍ୱରୀଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ଉନ୍ମୋଚିତ

ଭୁବନେଶ୍ୱର,୧୭।୧ (ସୌମ୍ୟରଞ୍ଜନ ରାଉତ)– ଟାଇମ୍ ପାସ୍ ଦ୍ୱାରା ପ୍ରକାଶିତ ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ଶନିବାର ବାଚସ୍ପତି ସୁରମା ପାଢୀଙ୍କ ଦ୍ୱାରା ବିଧାନସଭା ପରିସର ପ୍ରକୋଷ୍ଠରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ କବି ଅପର୍ଣ୍ଣା ମହାନ୍ତି, କଥାକାର ପ୍ରବୀଣା ମହାନ୍ତି, ପ୍ରକାଶକ ସରୋଜ ବଳ ଏବଂ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ବାଚସ୍ପତି କହିଲେ, 'ସନ୍ଦେହର ସଳିତା' ଉପନ୍ୟାସଟି ସାଧାରଣ ଓ ସାବଲୀଳ ଭାଷାରେ ଲେଖାଯାଇଛି। ସାଧାରଣ ପାରିବାରିକ ଜୀବନର ଘଟଣାବଳୀକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରାଯିବା ସହ ଭାଗ ଭାଗ ହୋଇ ଲେଖାଯାଇଥିବାରୁ ପାଠକଙ୍କୁ ଛୁଇଁପାରିବ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯୁବପିଢି ଏପରି ଉପନ୍ୟାସ ରଚନା କରିବା ଆବଶ୍ୟକ ବୋଲି ବାଚସ୍ପତି କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଭୁବନେଶ୍ୱରୀଙ୍କ ୫ଟି ଗଳ୍ପ ପୁସ୍ତକ ଜୀବନର ବାଟେଘାଟେ, ଜୀବନର ଚଉହଦି, ଏମିତି ଏ ଜୀବନ, ଜୀବନ କହୁଛି ଗପ ଓ ସିନ୍ଦୁର ପ୍ରକାଶ ପାଇଛି।

# ୨ଦିନ ବଢ଼ିଲା ଶିଶିର ସରସ ମେଳା

## ମହିଳା କାରିଗରଙ୍କ କଳାକୌଶଳ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି: ମନ୍ତ୍ରୀ



ମେଳାର ଶନିବାର ଅଷ୍ଟମ ସନ୍ଧ୍ୟାରେ ଯୋଗଦେଇଥିବା ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୭।୧(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଚାଲିଥିବା 'ଶିଶିର ସରସ ମେଳା'ରେ ପ୍ରତିଦିନ ଗ୍ରାହକଙ୍କ ଭିଡ଼ ଲାଗୁଛି। ଚାହିଦାକୁ ଦୃଷ୍ଟିରେ ରଖି ମେଳାକୁ ଆଉ ଦୁଇଦିନ ବୃଦ୍ଧି କରାଯାଇଛି । ରବିବାର ଶେଷ ହେବାକୁ ଥିବା ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ ଓର୍ମାସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମେଳାର ଶନିବାର ଅଷ୍ଟମ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇଥିଲେ। ସେ କହିଲେ, ଶିଶିର ସରସ ମେଳା କେବଳ ପଡ଼ିଆ ଭିତରେ ସୀମିତ ନ ରହି ଓଡ଼ିଶାର ଗ୍ରାମୀଣ ଆତ୍ମା, ସଂସ୍କୃତି, ସୃଜନଶୀଳତା ଓ ଆତ୍ମଶକ୍ତିର ଏକ ସଜୀବ ପ୍ରତିଛବି ପାଲଟିଛି। ଗ୍ରାମୀଣ କାରିଗରଙ୍କ ହାତର କଳାକୌଶଳ, ମହିଳାଙ୍କ ପରିଶ୍ରମ କେବଳ ସ୍ୱପ୍ନରେ ସୀମିତ ନ ରହି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପରିଚୟ ସୃଷ୍ଟି କରିପାରିଛି। ମେଳା ମାଧ୍ୟମରେ ହସ୍ତତନ୍ତ, ହସ୍ତଶିଳ୍ପ, ଗ୍ରାମୀଣ ଖାଦ୍ୟ ଓ ଜିଆଇ ଟ୍ୟାଗ୍‌ପ୍ରାପ୍ତ ଉତ୍ପାଦ ହୃଦୟସ୍ପର୍ଶୀ ହୋଇଛି। ଗ୍ରାମୀଣ ଉଦ୍ୟମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବଜାର ସଂଯୋଗୀକରଣ ଲାଗି ଏହା ସୁଯୋଗ ସୃଷ୍ଟି କରାଯାଇଛି ବୋଲି ମନ୍ତ୍ରୀ ନାୟକ କହିଛନ୍ତି। ଏହିଅବସରରେ ମନ୍ତ୍ରୀ ସୁନ୍ଦରଗଡ଼ର ମହୁଆ ଉତ୍ପାଦ, ବେଷ୍ଟ ଫୁଡ୍ ଷ୍ଟଲ୍‌ରେ ମୟୂରଭଞ୍ଜର ଖାଦ୍ୟ, ବେଷ୍ଟ ଆଉଟ୍‌ସାଇଡ୍ ଷ୍ଟେଟ୍ ଇନୋଭେଟିଭ ପ୍ରଡ଼କ୍ଟରେ ତ୍ରିପୁରା ବାଉଁଶ କାମ, ବାଲେଶ୍ୱରର ଲାଖ କାମକୁ ବେଷ୍ଟ ଥିମ୍ ଷ୍ଟଲ ଭାବେ ପୁରସ୍କୃତ କରିଥିଲେ। କୋରାପୁଟ ଷ୍ଟଲ୍‌କୁ ବେଷ୍ଟ ପ୍ୟାକେଜିଂ, ଗୁଜ୍‌ରାଟ ଷ୍ଟଲ ବେଷ୍ଟ ଡିସ୍‌ପ୍ଲେ, ଯାଜପୁର ଷ୍ଟଲ ବେଷ୍ଟ ସେଲ୍ସମ୍ୟାନ୍ ଭାବେ ପୁରସ୍କୃତ ହୋଇଛି। ସେହିପରି ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଓର୍ମାସ ଏବଂ ଆଇସିଏଆର୍–ସିପିସିଆର୍‌ଆଇ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଆଇସିଏଆର୍–ସିପିସିଆର୍‌ଆଇର ନିର୍ଦ୍ଦେଶକ ଡ. କେ.ବି. ହେବାରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ଏହି ଚୁକ୍ତି ଅନୁଯାୟୀ, ନଡ଼ିଆର ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦର ବିକାଶ ପାଇଁ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ। ଏଥିସହ ମନ୍ତ୍ରୀ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଶିଳ୍ପୀ ଓ କାରିଗରଙ୍କୁ ସେମାନଙ୍କ ଉତ୍ପାଦ ବିଷୟରେ ପଚାରି ବୁଝିଥିଲେ। ଓର୍ମାସର ମୁଖ୍ୟ ନିର୍ବାହୀ ଅଧିକାରୀ ଡା. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବେଳେ ସଞ୍ଜୀବ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ୱୈତନଗରୀରେ ବଢ଼ିବ ପୋଲିସ ବାଇକ୍ ପାଟ୍ରୋଲିଂ

ଭୁବନେଶ୍ୱର,୧୭।୧(ତ୍ରିନାଥ ମହାନ୍ତି)

**ଥାନା, ଟ୍ରାଫିକ୍ ପୋଲିସଙ୍କୁ ଦିଆଯିବ ୮୫ ସ୍ପିଡ୍ ବାଇକ୍**

ଦ୍ୱୈତନଗରୀ କଟକ–ଭୁବନେଶ୍ୱରର ବ୍ୟସ୍ତ ବହୁଳ ମୁଖ୍ୟ ରାସ୍ତା ସମେତ କଲୋନି ରାସ୍ତା ଅପରାଧୀ, ରୋଡ୍ ରୋମିଓ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଖସିଯିବା ଲାଗି ସୁଯୋଗ ଦେଉଛି। ସେମାନଙ୍କ ହାଇସ୍ପିଡ୍ ବାଇକ୍ ପଛରେ ପୋଲିସର ଚାରିଚକିଆ ଗାଡି ଧାଇଁପାରୁନାହିଁ। ବହୁ ସମୟରେ ଆଇନଶୃଙ୍ଖଳା ସ୍ଥିତି ଉପୁଜିଲେ ରାସ୍ତା ଜାମ୍ ଯୋଗୁ ପୋଲିସ ଗାଡି ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ସ୍ଥିତି ବିଗିଡିଯାଉଛି। ତେଣୁ କୌଣସି ଘଟଣା ଘଟିଲେ କିମ୍ବା ଟ୍ରାଫିକ୍ ଜାମ୍ ହେଲେ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚିବା ସହ ଏସବୁ ରାସ୍ତାରେ ଅପରାଧୀ ଓ ନିୟମ ଉଲ୍ଲଂଘନକାରୀଙ୍କୁ ସହଜରେ ଧରିବା ଲାଗି କମିଶନରେଟ୍ ପୋଲିସ ତା'ର ବାଇକ୍ ପାଟ୍ରୋଲିଂ ସେବାକୁ ବ୍ୟାପକ କରିବ। ଏଥିପାଇଁ ରାଜ୍ୟ ସରକାର ୮୫ଟି ହାଇସ୍ପିଡ୍ ବାଇକ୍ ପ୍ରଦାନ କରିଛନ୍ତି। ଏସବୁ ବାଇକ୍‌ର ଘଣ୍ଟା ପ୍ରତି ବେଗ ୧୩୦ କି.ମି.ରୁ ଅଧିକ ରହିଛି। କମିଶନରେଟ୍ ପୋଲିସର ସବୁ ଥାନାକୁ ୨ଟି ଲେଖାଏ ବାଇକ୍ ଦିଆଯିବ। ୨ଜଣ ପୋଲିସ ଅଧିକାରୀଙ୍କ ପାଇଁ ଗୋଟିଏ ଲେଖାଏ ବାଇକ୍ ରହିବ। ସେମାନେ ଉକ୍ତ ଗାଡ଼ିକୁ ପାଟ୍ରୋଲିଂରେ ବ୍ୟବହାର କରିବା ସହ ଗାଡିର ତଦାରଖ ଓ ମେଣ୍ଟେନାନ୍ସ କରିବେ। କୌଣସି ପୋଲିସ ଅଧିକାରୀ ଏହି ବାଇକ୍‌କୁ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ। ଏହାର ଅପବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଟ୍ରାଫିକ୍ ପୋଲିସକୁ ମଧ୍ୟ ଏହି ହାଇସ୍ପିଡ୍ ବାଇକ୍ ଦିଆଯିବ। ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ କ୍ଷେତ୍ରରେ ଓ ଉଲ୍ଲଂଘନାକାରୀଙ୍କୁ ଜଗିବା ଲାଗି ଟ୍ରାଫିକ ପାଟ୍ରୋଲିଂ ପୋଲିସ ଏହିସବୁ ବାଇକ୍ ବ୍ୟବହାର କରିବେ। ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଓ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଅଟକାଇ ଜରିମାନା କରିବା ସହ ଆବଶ୍ୟକ ପଡିଲେ ଗିରଫ କରିବାରେ ସହଜ ହେବ। ଥାନାକୁ ଏସବୁ ବାଇକ୍ ହସ୍ତାନ୍ତର କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଆସନ୍ତା ସପ୍ତାହରେ ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି।

## 'ବନ୍ଦେ ମାତରମ୍' ବ୍ଲକସ୍ତରୀୟ ବାର୍ଷିକ ସମାରୋହ

ବାଳକାଟୀ,୧୭।୧(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ୍ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶନିବାର ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ଅବସରରେ ବ୍ଲକସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ବିଡିଓ ରଶ୍ମିତା ନାଥ, ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ସରପଞ୍ଚ ହୃଷୀକେଶ ବେହେରା, ଭଗବାନ୍ ବେହେରା, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରମୋଦ ଖୁଣ୍ଟିଆ ମଞ୍ଚ ପରିଚାଳନା ସହିତ ପ୍ରାରମ୍ଭରେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍‌ର ପୃଷ୍ଠଭୂମି ଓ ଐତିହାସିକ ବିବର୍ତ୍ତନ, ସାଂସ୍କୃତିକ ଜାଗରଣ, ରାଜନୈତିକ ଗୁରୁତ୍ୱ, ଜାତୀୟ ଚେତନା ଏବଂ ଦେଶାତ୍ମବୋଧକ ଚିନ୍ତାରେ ଏହାର ଭୂମିକା ଉପରେ ସଭାରେ ଉପସ୍ଥିତ ଜନପ୍ରତିନିଧି ଓ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଜାନୁଆରୀ ୧୨ରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ହୋଇଥିବା ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ୨୮ରେ ନବନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରା




ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଆନ୍ଦୋଳନ ସମ୍ପର୍କରେ ଘୋଷଣା କରୁଛନ୍ତି।

ଭୁବନେଶ୍ୱର,୧୭।୧
(ସୁନିତ୍ ମିଶ୍ର)

ରାଜ୍ୟରେ ଧାନ ମଣ୍ଡି ଖୋଲିବା ଓ ବିକ୍ରିରେ ଅବ୍ୟବସ୍ଥାର ଶିକାର ହୋଇଥିବା ଚାଷୀ, ଗାଡ଼ି ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ଅନେକ ହଜାର ଟଙ୍କାର ଜରିମାନା ଆଦାୟ ଏବଂ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାରର ସ୍ମାର୍ଟ ମିଟର ଲଗାଇବା ଠାରୁ ଆରମ୍ଭ କରି ଚାଲିଥିବା ଲୁଟ୍‌ର ପ୍ରତିବାଦରେ ଜାନୁଆରୀ ୨୮ରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ବନ୍ଦ ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ କରାଯିବ ବୋଲି ଶନିବାର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଘୋଷଣା କରିଛନ୍ତି।
କୁମାର କହିଛନ୍ତି, ଏ ପର୍ଯ୍ୟନ୍ତ ଚାଷୀମାନେ ଟୋକନ ପାଇପାରି ନାହାନ୍ତି। ପୁଣି ଗତ ବର୍ଷ ୪୦ କୁଇଣ୍ଟାଲ ବିକିଲା ବେଳେ ଏ ବର୍ଷ ୧୦ କୁଇଣ୍ଟାଲ ଓ ୨୦ କୁଇଣ୍ଟାଲ ଆସୁଛି। ପ୍ରତିମଣ୍ଡିରେ ଏଫଏକ୍ୟୁ ନାମରେ ଅତିକମ୍‌ରେ ୩/୫ କେଜି ପର୍ଯ୍ୟନ୍ତ କୁଇଣ୍ଟାଲ ପ୍ରତି କାଟି ନିଆଯାଉଛି। ଯୋଗାଣ ମନ୍ତ୍ରୀ ପୁଣି କହିଛନ୍ତି, ଚାଷୀଙ୍କଠାରୁ ୧୫୦ କୁଇଣ୍ଟାଲ ଧାନ ୩,୧୦୦ ଟଙ୍କାରେ କିଣାଯିବ, ବାକି ଧାନକୁ ଚାଷୀ ବାହାର ବଜାରରେ ବିକ୍ରି କରିବ। ଏବେବି କୁଇଣ୍ଟାଲ କୁଇଣ୍ଟାଲ ଧାନକୁ ଚାଷୀ ରାଜ୍ୟର ଅଧିକାଂଶ ମଣ୍ଡିରେ ରାତିରେ ଜଗି ବସିଛନ୍ତି ବୋଲି କୁମାର କହିଛନ୍ତି। ଏହି ଅବସରରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି, ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାମରେ ସାଧାରଣ ଲୋକଙ୍କୁ ଲୁଟ୍ କରିବା ପାଇଁ ଯେଉଁ ରାସ୍ତା ତିଆରି କରୁଛି, ତାହା ବନ୍ଦ କରିବା ସହିତ ଏଠାରେ ଉତ୍ପାଦିତ ହେଉଥିବା ବିଜୁଳିକୁ ଚାଷୀକୁ ମାଗଣାରେ ଯୋଗାଇବା ଓ ସାଧାରଣ ଗ୍ରାହକଙ୍କୁ ଭାଜପାର ଡବଲ ଇଞ୍ଜିନ୍ ସରକାର ନିର୍ବାଚନରେ ଘୋଷଣା କରିଥିବା ୩୦୦ ୟୁନିଟ ମାଗଣାରେ ଯୋଗାଇ ଦେଉ ।
ଗାଡ଼ି ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ଆଦାୟ କରୁଥିବା ଅନେକ ହଜାର ଟଙ୍କା ଜରିମାନା ସରକାର ତୁରନ୍ତ ବନ୍ଦ କରନ୍ତୁ ବୋଲି ନବନିର୍ମାଣ ଯୁବଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱର ଅଲ୍ଲୀ କହିଛନ୍ତି। ସରକାର ଗୋଟିଏ ପଟେ ଜମି, ଖଣି, ଜଳ, ଜଙ୍ଗଲ ଇତ୍ୟାଦିକୁ ନଷ୍ଟ କରୁଥିବା ଖଣି କମ୍ପାନୀଗୁଡ଼ିକଠାରୁ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରି ସେମାନଙ୍କ ଉପରେ ବାକିଥିବା ୩,୯୬୬ କୋଟି ଟଙ୍କା ଆଦାୟ କରିପାରୁନାହାନ୍ତି ବୋଲି ଅଲ୍ଲୀ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ କୃଷକ ସଙ୍ଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## କଂକ୍ରିଟ୍ ଲାଇନିଙ୍ଗ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା, ୧୭।୧(ନୀଳମାଧବ ସାହୁ)

**ପୁରୀ ମୁଖ୍ୟ ଶାଖା କେନାଲ**
**୧୬ କୋଟି ୧୯ ଲକ୍ଷ ବ୍ୟୟ ଅଟକଳ**

ବାଲିଅନ୍ତା ସାଇଫନ ଛକ ପୁରୀ ମୁଖ୍ୟ କେନାଲରୁ ବାହାରିଥିବା ଗୋପ ଶାଖା କେନାଲର ୪.୧୭ କିମି ପର୍ଯ୍ୟନ୍ତ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟ ନିମନ୍ତେ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ପୁରୀ ମୁଖ୍ୟ ଓ ଏହାର ଶାଖା କେନାଲ ଜୟଦେବର ଲାଇଫ୍‌ଲାଇନ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ଏଥିସହ ଚାଷୀଙ୍କ ଜମିକୁ ଯେପରି କେନାଲପାଣି ଠିକ୍ ଭାବେ ଯିବ ସେଥିପାଇଁ ଦୃଷ୍ଟି ଦିଆଯାଉଛି ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ସାଇଫନ ଛକ ନିକଟରେ ଏକ ସଭା ଶିବ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ ତାଙ୍କ ଅଭିଭାଷଣରେ ଏହି କାର୍ଯ୍ୟର ବ୍ୟୟ ଅଟକଳ ମୂଲ୍ୟ ୧୬ କୋଟି ୧୯ ଲକ୍ଷ ଟଙ୍କା ରହିଛି। କେନାଲର ୨୫୫୦ ମିଟର ପର୍ଯ୍ୟନ୍ତ କ୍ରଙ୍କିଟ ଲାଇନିଙ୍ଗ କାର୍ଯ୍ୟ ଓ ୭୭୦ ମିଟର କଂକ୍ରିଟ ପ୍ରାଚୀର ନିର୍ମାଣ ହେବ ବୋଲି ସେ କହିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ତାପସ କୁମାର ଜେନା, ଚୌଧୁରୀ ଦ୍ୱାରିକା ନାଥ ଦାସ, ମାଗୁଣି ଚରଣ ସେଠୀ, ସିଦ୍ଧେଶ୍ୱର ନାଥ, ଗଜେନ୍ଦ୍ର ଜେନା, ସୁରେଶ ପଣ୍ଡା ଓ ବାଲିଅନ୍ତା କେନାଲ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ କୁମାର ଷଡ଼ଙ୍ଗୀ ଓ ସରକାରୀ ଯନ୍ତ୍ରୀ ଭୀମସେନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରେମାନନ୍ଦ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।




ଏମ୍‌ପି ଅପରାଜିତା ଷଡଙ୍ଗୀ କଂକ୍ରିଟ୍ ଲାଇନିଙ୍ଗ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ସରକାରଙ୍କ ଅନୁମୋଦନ ପରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ,୧୭।୧(ଅଜିତ୍ କୁମାର ମହାନ୍ତି)

**୨୪୦ଟଙ୍କା ରହିବ ଭକ୍ତନିବାସ ପାର୍କିଂ ଫି'**

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶନିବାର ଅଧକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ଅନୁମୋଦନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି କରାଯିବ। ଭକ୍ତନିବାସରେ ଲାଗୁ କରାଯାଇଥିବା ଅହେତୁକ ପାର୍କିଂ ଫିଁକୁ ନେଇ ଚାରିଆଡୁ ସମାଲୋଚନା ଓ ବିରୋଧ ପରେ ଏହି ଫିଁକୁ କମାଯାଇଛି। ଚାରିଚକିଆ ଲାଗି ୨୪ ଘଣ୍ଟା ପାଇଁ ୨୪୦ ଟଙ୍କା ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ଏହା ୧୮ ତାରିଖରୁ ଲାଗୁ ହେବ। ଏଥିସହ ସବାୟତଙ୍କ ପିଲାଙ୍କ ଗୁରୁକୁଳ, ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ନେଇ ବୈଠକରେ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ପାଇଁ ନୂଆ ରତ୍ନପଲଙ୍କ ସେଟ୍ କରାଯାଇଛି। ଶ୍ରୀମନ୍ଦିର ଭିତରେ ସୁରକ୍ଷା କର୍ମୀ ଓ ସେବାୟତଙ୍କ ପାଇଁ ଖୋଲାଖୋଲି ମୋବାଇଲ କଟକଣା ଲାଗୁ ହୋଇଥିବାବେଳେ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟର ଦଶାବତାର ମୂର୍ତ୍ତି ଲାଗିବା ଲାଗି ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ପରେ ନିଷ୍ପତ୍ତି ନିଆଯିବ।

# ପ୍ରଫେସର ଯୋଗମାୟା ପଣ୍ଡାଙ୍କୁ 'ରିସର୍ଚ୍ଚ ଏକ୍ସିଲେନ୍ସ ଆୱାର୍ଡ'

ଭୁବନେଶ୍ୱର,୧୭।୧
(ଅନୁରାଧା ମହାରଣା)

ମହାରାଷ୍ଟ୍ର ଫୁଲମ୍ବ୍ରୀସ୍ଥିତ ଶ୍ରୀ ସନ୍ତ ସାବତା ମାଲି ଗ୍ରାମୀଣ ମହାବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ବିଜ୍ଞାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଜ୍ଞାନ ଓ ଆଧୁନିକ ନବୀନତା ଥିମ୍ ଉପରେ ଆଧାରିତ ଏହି ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ଶିକ୍ଷାବିତ୍, ଗବେଷକ ଓ କ୍ରୀଡ଼ା ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ପ୍ରଫେସର ଡ. ଯୋଗମାୟା ପଣ୍ଡା ରିସୋର୍ସ ପର୍ସନ ଭାବେ ଅଂଶଗ୍ରହଣକରି କ୍ରୀଡା ମନୋବିଜ୍ଞାନ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଗଭୀର ଗବେଷଣା ସନ୍ଦର୍ଭ ଉପସ୍ଥାପନ କରିଥିଲେ। ତାଙ୍କ ଉପସ୍ଥାପନାକୁ ବିଶେଷଜ୍ଞମାନେ ପ୍ରଶଂସା କରିଥିଲେ। ଏହାସହ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ ଆଣ୍ଡ ଇନୋଭେଶନ ଇଣ୍ଡିଆ–୨୦୨୬ ପକ୍ଷରୁ ପ୍ରଫେସର ପଣ୍ଡାଙ୍କୁ 'ରିସର୍ଚ୍ଚଏକ୍ସିଲେନ୍ସଆୱାର୍ଡ' ପ୍ରଦାନ କରାଯାଇଥିଲା। ପ୍ରଫେସର ପଣ୍ଡାଙ୍କ ଏହି ଦୁଇଟି ସ୍ୱୀକୃତି ଓଡ଼ିଶା ସହ ଶୈଳବାଳା ମହିଳା ମହାବିଦ୍ୟାଳୟ ପାଇଁ ଗର୍ବର ବିଷୟ ହେବା ସହ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନାରୀ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଛି।




ସମ୍ମିଳନୀରେ ପ୍ରଫେସର ଯୋଗମାୟା ପଣ୍ଡାଙ୍କୁ 'ରିସର୍ଚ୍ଚ ଏକ୍ସିଲେନ୍ସ ଆୱାର୍ଡ' ପ୍ରଦାନ କରାଯାଉଛି।

# ସିସିଟିଭି ନଜରରେ ରହିବ ଖଣ୍ଡଗିରି କୁମ୍ଭ ମେଳା

**ବିଏମ୍‌ସିର ସମୀକ୍ଷା ବୈଠକ**
- ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ତାଗିଦ୍
- ବୁଲା ବିକାଳିଙ୍କୁ ବେପାର ମନା

ଭୁବନେଶ୍ୱର, ୧୭।୧ (ବନ୍ଦନା ସେଠୀ)

ଆସନ୍ତା ୨୩ ତାରିଖରୁ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭ ମେଳା ଆରମ୍ଭ ହେବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ଯାତ୍ରା ପାର୍ଟିମାନେ ଅଶ୍ଳୀଳ ନୃତ୍ୟ ନ କରିବା ପାଇଁ ଏକାମ୍ର ବିଧାୟକ ବାବୁ ସିଂ ଏବଂ ମେୟର ସୁଲୋଚନା ଦାସ ତାଗିଦ୍ କରିଛନ୍ତି। ଶନିବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ଓ ମେୟର ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ୍ ବ୍ୟବସ୍ଥା କରାଯାଇଛି। ମେଳା ଅଞ୍ଚଳ ତଥା ଖଣ୍ଡଗିରି ଛକରୁ ଜୟଦେବ ବାଟିକା ପର୍ଯ୍ୟନ୍ତ ସିସିଟିଭି ନଜରରେ ରହିବ। ବୁଲା ବିକାଳିଙ୍କୁ ଖଣ୍ଡଗିରି କୁମ୍ଭମେଳାରେ ବ୍ୟବସାୟ କରିବା ପାଇଁ ବାରଣ କରାଯାଇଛି। ସମଗ୍ର ମେଳା ଅଞ୍ଚଳରେ ୧୦୦ଟି ସିସିଟିଭି ଲାଗିବ। ବିଭିନ୍ନ ସ୍ଥାନରେ ପୋଲିସ ଓ ବିଏମସି ଏନ୍‌ଫୋର୍ସମେଣ୍ଟ ମୁତୟନ ରହିବେ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଲିସକୁ ସହାୟତା କରିବାକୁ ଟ୍ରାଫିକ ୱାର୍ଡେନଙ୍କୁ ମୁତୟନ କରାଯିବ। ପାର୍କିଂ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅଗ୍ନି ଅଘଟଣ ଏଡାଇବା ପାଇଁ ୨୪ଘଣ୍ଟିଆ ଅଗ୍ନିଶମ ବାହିନୀ ସଜାଗ ରହିବେ। ସେଠାରେ ଫାୟାର, ପୋଲିସ୍, ବିଏମ୍‌ସି ଓ ମେଡିକାଲ କଣ୍ଟ୍ରୋଲ ରୁମ୍ ଖୋଲାଯିବ। କୋଳଥିଆ ଜଗନ୍ନାଥ ମନ୍ଦିରଠାରୁ ଖଣ୍ଡଗିରି ପାହାଡ ଉପର ପର୍ଯ୍ୟନ୍ତ ବ୍ୟାପକ ଆଲୋକ ବ୍ୟବସ୍ଥା କରାଯିବ। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି, ଲାଇଟ ଓ ପୋଲିସ୍ ବ୍ୟବସ୍ଥା ହେବ। ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ସେଠାରେ ଥିବା ଟ୍ୟୁବ୍‌ୱେଲଗୁଡ଼ିକ କାର୍ଯ୍ୟକ୍ଷମ କରାଯାଇଛି। ସାଧୁ ସନ୍ଥ ଓ ସନ୍ୟାସୀଙ୍କ ରହିବା, ଖାଇବା, ଟଏଲେଟ ଆଦି ସହ ହୋମ୍, ଯଜ୍ଞ ପାଇଁ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପାଟରାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ଥାନ ସଂରକ୍ଷଣ କରାଯାଇଛି। ବାକି ରହିଥିବା ପ୍ରସ୍ତୁତି କାର୍ଯ୍ୟ ୨୩ତାରିଖ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଷ୍ଟାଣ୍ଡିଂ କମିଟିଅଧକ୍ଷ ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନର ରତ୍ନାକର ସାହୁ, ରାଜସ୍ୱ ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ସମ୍ପୃକ୍ତ ଅଞ୍ଚଳର କର୍ପୋରେଟର, ଜାଗମରା ଗ୍ରାମ୍ୟ କମିଟି କର୍ମକର୍ତ୍ତା, ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମେଳାରେ ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦିଆଯିବ ନାହିଁ



ଭୁବନେଶ୍ୱର,୧୭। ୧ (ସୌମ୍ୟରଞ୍ଜନ ରାଉତ)

**ପାଦୁକା ଆଶ୍ରମରେ ସ୍ୱତନ୍ତ୍ର ବୈଠକ**

କୁମ୍ଭମେଳା ପାଇଁ ବିଶ୍ୱ ବୈଦିକ ସନାତନ ଧର୍ମ ପରିଷଦ ପକ୍ଷରୁ ଖଣ୍ଡଗିରି ପାଦୁକା ଆଶ୍ରମରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ବିଧାୟକ ବାବୁ ସିଂ, ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂ, ପରିଷଦ ଅଧକ୍ଷ ବାବା ପଞ୍ଚଦେବଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ୯ଦିନ ଧରି ଯଜ୍ଞ କିପରି ସୁଚାରୁରୂପେ ଚାଲିବ ସେନେଇ ଆଲୋଚନା ହୋଇଥିଲା। ମେଳାରେ ଶ୍ରଦ୍ଧାଳୁମାନଙ୍କୁ ଭ୍ରମିତ କରି ଅନ୍ଧବିଶ୍ୱାସ ଓ କୁସଂସ୍କାର ଭଳି ଘଟଣାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବାବା ପଞ୍ଚଦେବଙ୍କ ସହ ଅନ୍ୟ ସାଧୁସନ୍ଥ ମତ ରଖିଥିଲେ। ସେହିପରି ସାଧୁସନ୍ଥମାନଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ବିଧାୟକ ସିଂ କହିଥିଲେ।

**ସଂକ୍ଷେପରେ**

## ବିଜେବି ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବାଣପୁର, ୧୭।୧ (ଦିଲୀପ କୁମାର ସ୍ୱାଇଁ)

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ବିଦ୍ୟାମନ୍ଦିରର ୮ମ ବାର୍ଷିକ ଉତ୍ସବ ଶୁକ୍ରବାର ପ୍ରଧାନାଚାର୍ଯ୍ୟ ମନୋଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ସ୍ୱତନ୍ତ୍ର ଅତିଥି କଳାକାର ତଥା ନିର୍ଦ୍ଦେଶକ ଅଂଶୁମୋଚନ ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ଡା.ଭାଗବତ ସ୍ୱାଇଁ, ଶିକ୍ଷାବିତ୍ ସୁରେଶ କୁମାର ଦାସ, ଶକ୍ତି ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ଓ ନିୟମିତ ପଠନ ଅଭ୍ୟାସ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ପଟ୍ଟନାୟକ ଉତ୍ସବ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିସରରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପରିଚାଳନା ପରିଷଦ ସଭାପତି ତପନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ବିଜୟ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଅଭିଭାବକ-ଶିକ୍ଷକ ସଂଘ ବୈଠକ

ଟାଙ୍ଗୀ, ୧୭।୧ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚତୁର୍ଥ ମାସିକ ଅଭିଭାବକ ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜୁ ଡାଲି, ଉପସଭାନେତ୍ରୀ ସୋନାଲି ମଣ୍ଡଳ, ସଭ୍ୟା ରିତୁ ମଣ୍ଡଳ, ଭାରତୀ ଦେଇ, ରାଜେଶ୍ୱରୀ ହାଲଦାର ପ୍ରମୁଖ ଯୋଗଦେଇ କହିଥିଲେଯେ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ। ବୈଠକରେ ଶୈକ୍ଷିକ, ସହ ଶୈକ୍ଷିକ, ଭୌତିକ ପରିବେଶ, ଶିଶୁ ସୁରକ୍ଷା, ନିରାପତ୍ତା,ଏଫଏଲଏନ, ସମାପ୍ତି ସୂଚକ ଆକଳନ, ପରୀକ୍ଷା ପେ ଚର୍ଚ୍ଚା, ଅନଲାଇନ ପାଠପଢ଼ା, ଡିଜିଟାଲ ଶିକ୍ଷା,ପଠନ ଲିଖନ ଦକ୍ଷତା ବୃଦ୍ଧି, ନୈତିକ ଶିକ୍ଷା, ବିଦ୍ୟାଳୟ ବିକାଶ, ସରକାରୀ ଅନୁଦାନ, ଆଗାମୀ କାର୍ଯ୍ୟକ୍ରମ, ଗଠନ ମୂଳକ ପ୍ରସ୍ତାବ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ମନୋରମା ସାହୁ ପୂର୍ବ ବିବରଣୀ ପଠନ କରିଥିଲେ। ରୂପାଲୀ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା 'ଆମ ସ୍ୱପ୍ନର ବିଦ୍ୟାଳୟ' ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ, ମଲୀନା ମଣ୍ଡଳ, ଅସୀମା ପ୍ରମାଣିକ, ସଞ୍ଜୟ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୨୨ ଜିଲ୍ଲାରେ ୧୨.୬୨ କୋଟିର ୮୬୨ ପ୍ରକଳ୍ପକୁ ମଞ୍ଜୁରୀ

### ପଞ୍ଚସଖା ଶିକ୍ଷା ସେତୁର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ


ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭୁବନେଶ୍ୱର, ୧୭।୧ (ସୁଚିସ୍ମିତା ସାହୁ)

ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ ଜିଲାର ବିଭିନ୍ନ ସ୍କୁଲର ଉନ୍ନତି ପାଇଁ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଗଞ୍ଜାମ ଜିଲାରେ ସର୍ବାଧିକ ୧.୯୧ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପରିଷଦ ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ପୁରାତନ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟ ଉନ୍ନତିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ୪ କୋଟି ୪୧ ଲକ୍ଷ ୬୫ ହଜାର ୫୮୨ ଟଙ୍କାର ଆର୍ଥିକ ସହଭାଗିତା ଦେଇଛନ୍ତି। ସେମାନଙ୍କ ସହଭାଗିତା ସହ ପଞ୍ଚସଖା ଶିକ୍ଷା ସେତୁର ଦୁଇଗୁଣା ଅନୁଦାନ ମିଶାଇ ମୋଟ ୧୨ କୋଟି ୬୨ ଲକ୍ଷ ୪୮ ହଜାର ୩୭୩ ଟଙ୍କା ବ୍ୟୟ ଅଟକଳରେ ୮୬୨ଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ଅନନ୍ୟା ଦାସ, ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ଶିବାଶିଷ ଧଳ, ଅତିରିକ୍ତ ବିତ୍ତ ଅଧିକାରୀ ରମେଶ ଚନ୍ଦ୍ର ଘଡେଇ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ମନୋରମା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଏସ୍.ପି ପଣ୍ଡା, ଆର୍ ଆଣ୍ଡ୍ ବି ର ଜଗଜୀବନ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ଓ ବିତ୍ତ ଅଧିକାରୀ ଇତିଶ୍ରୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ମୋଟର ଚାଳକ ସଂଘ ଖୋର୍ଦ୍ଧା ଜିଲା ଶାଖା ଗଠିତ



ଖୋର୍ଦ୍ଧା, ୧୭।୧ (ପ୍ରଭାତ ପାଣିଗ୍ରାହୀ)

### ପଙ୍କଜ ଲୋଚନ ସଭାପତି, ସୂର୍ଯ୍ୟନାରାୟଣ ସମ୍ପାଦକ

ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଖୋର୍ଦ୍ଧା ଜିଲାରେ ନୂତନ ଶାଖା ଗଠନ କରଯାଇଛି। ଗଡ଼ଖୋର୍ଦ୍ଧାସ୍ଥିତ କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ସଂଘ ଆବାହକ ବ୍ରଜବନ୍ଧୁ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ମଙ୍ଗରାଜ, ଚାଳକ କଲ୍ୟାଣ ପାଣ୍ଠି ରାଜ୍ୟ ସଭାପତି ଦେବଦତ୍ତ ଡାକୁଆ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ଖୋର୍ଦ୍ଧା ଶାଖା ସଭାପତି ଭାବେ ପଙ୍କଜ ଲୋଚନ ବେହେରା ଏବଂ ସମ୍ପାଦକ ଭାବେ ସୂର୍ଯ୍ୟନାରାୟଣ ସେନାପତି ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ମଲ୍ଲିକ କହିଥିଲେ ଯେ, ଏହି ସଂଘ ଗାଡ଼ିଚାଳକମାନଙ୍କ ସାମାଜିକ ସୁରକ୍ଷା ଓ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି। ୨୦୧୪ ମସିହାରେ ଏହି ସଂଘ ଟ୍ରେଡ୍ ୟୁନିୟନ ଆକ୍ଟରେ ପଞ୍ଜୀକୃତ ହୋଇଛି। ଓଡ଼ିଶା ମୋଟର ଚାଳକ ସଂଘ ଅଧୀନରେ ରାଜ୍ୟରେ ୩୭୦ଟି ଶାଖା ବିଭିନ୍ନ ଜିଲାରେ କାର୍ଯ୍ୟ କରୁଥିବା ବେଳେ ବହୁ ପୂର୍ବରୁ ଖୋର୍ଦ୍ଧାରେ ଏକ ଶାଖା ଗଠନ କରାଯାଇଥିଲେ ମଧ୍ୟ ତାହା ସକ୍ରିୟ ନ ଥିବା ବେଳେ କେତେଜଣ ଚାଳକଙ୍କ ଅନୁରୋଧକ୍ରମେ ପୁଣି ଏହି ସଙ୍ଗଠନକୁ ସକ୍ରିୟ କରାଯାଇଛି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗାଡ଼ି ନେଇ ଯିବା ସମୟରେ ଚାଳକ ଯେପରି ଏକୁଟିଆ ଅନୁଭବ ନ କରେ ସଂଘ ସେଥିପ୍ରତି ଦୃଷ୍ଟି ଦେବ। କେନ୍ଦ୍ର ଓ ରାଜ୍ୟ ସରକାର ଯେପରି ନିର୍ମାଣ ଓ ବିଡ଼ି ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ବିଭିନ୍ନ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି, ଠିକ୍ ସେହିପରି ଗାଡ଼ି ଚାଳକଙ୍କ ଆଇନଗତ ଏବଂ ନୀତିଗତ କେନ୍ଦ୍ର ଓ ରାଜ୍ୟ ସରକାର ଏପର୍ଯ୍ୟନ୍ତ ସେମାନଙ୍କ ସାମାଜିକ ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି, ସେଥିନିମନ୍ତେ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଉଛି। ଖୋର୍ଦ୍ଧାରେ ନବଗଠିତ ଏହି ସଙ୍ଗଠନ ଗାଡ଼ିଚାଳକଙ୍କୁ ଏକତ୍ରିତ କରିବା ସହିତ ମୁଖ୍ୟସ୍ରୋତରେ ସାମିଲ କରି ସାମାଜିକ ସୁରକ୍ଷା ଦିଗରେ କାର୍ଯ୍ୟ କରିବ ବୋଲି ମଲ୍ଲିକ କହିଥିଲେ।

# ସଡ଼କ ସୁରକ୍ଷା ବାର୍ତ୍ତାଦେଲେ ରୋଭର୍ସ-ରେଞ୍ଜର୍ସ




ଖୋର୍ଦ୍ଧା, ୧୭।୧ (ପ୍ରଭାତ ପାଣିଗ୍ରାହୀ)

### ପ୍ରାଣନାଥ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର୍ସ-ରେଞ୍ଜର୍ସ ୟୁନିଟ୍ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ରୋଭର୍ସ-ରେଞ୍ଜର୍ସ ୟୁନିଟ୍‌ର ସ୍ୱେଚ୍ଛାସେବୀମାନେ କଲେଜ ପରିସରରୁ ଜଟଣୀ ବାଇପାସ୍ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ସଡ଼କ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ୁଛି। ଦ୍ରୁତଗତି, ଅସାବଧାନତାରୁ ରାସ୍ତାରେ ପ୍ରାଣହାନି ହେଉଛି। ଟ୍ରାଫିକ୍ ନିୟମ ପାଳନ, ବାଇକ୍ ଚଳାଇବା ବେଳେ ହେଲମେଟ ଏବଂ କାର ସିଟ୍ ବେଲ୍ଟ ବାନ୍ଧିବାକୁ ସଚେତନ କରିଥିଲେ। ସଚେତନ ରହିଲେ ସୁରକ୍ଷିତ ରହିବେ ବୋଲି ଲୋକଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିଦୁଶ୍ରୀ ମିଶ୍ର, ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରମୋଦ ସାମଲ, ଡ. ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ସଡ଼କ ସୁରକ୍ଷା ବାର୍ତ୍ତା ଦେଇଥିଲେ। ରେଞ୍ଜର୍ସ ଲିଡର ଅଧ୍ୟାପିକା ତରୁଲତା ମଲ୍ଲିକ, ରୋଭର୍ସ ଲିଡର ଅଧ୍ୟାପକ ଲିଙ୍ଗରାଜ ପରିଡ଼ା ପରିଚାଳନା କରିଥିଲେ। ରୋଶନ ପରଭିନ୍, ସୋମେଶ କୁମାର ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ସାହୁ, ସାଗରିକା ହାତୀ, ସୌରଭ ପୃଷ୍ଟି, ରାଜେଶ ବାହାଦୁର ପ୍ରମୁଖ ସାମିଲ ଥିଲେ।

## ଅବକାରୀ ବିଭାଗର ଚଢ଼ାଉ, ୨ ଗିରଫ

ଟାଙ୍ଗୀ, ୧୭।୧ (ରଘୁନାଥ ସାହୁ)

ଖୋର୍ଦ୍ଧା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଇନ୍‌ସ୍ପେକ୍ଟର ଅଜିତ୍ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରି ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ୪୦ କେଜି ଭାଙ୍ଗ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ କଟକ ଚାଉଳିଆଗଞ୍ଜର ସଂଭ୍ରାନ୍ତ କେଶରୀ ସାହୁ ଓ ଶିବା ନାୟକ। ଜବତ ଭାଙ୍ଗର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ।

## ସୁଭାଷ ଚନ୍ଦ୍ର ବୋଷଙ୍କ ସଂଗ୍ରାମୀ ଜୀବନ ସମ୍ପର୍କିତ ପ୍ରତିଯୋଗିତା

ଖୋର୍ଦ୍ଧା, ୧୭।୧ (ପ୍ରଭାତ ପାଣିଗ୍ରାହୀ)

ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ ଖୋର୍ଦ୍ଧା ଶାଖା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ସଂଗ୍ରାମ ଉପରେ ଆଞ୍ଚଳିକସ୍ତରୀୟ ପ୍ରତିଯୋଗିତା ଉଇଲକିଶନ ନଗର, ନୂଆଗାଁ ପଞ୍ଚାୟତ କଲ୍ୟାଣମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶାତ୍ମବୋଧ ସଙ୍ଗୀତ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଗୁରୁଜଙ୍ଗ, ନୂଆଗାଁ, ଅରାଙ୍ଗ, ପାଇକତିଗିରିଆ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ନୀଳାଦ୍ରି ନାଥ ଜଗଦେବ, ସସ୍ମିତ ପଟ୍ଟନାୟକ, ଶିକ୍ଷାବିତ୍ ଆରତି ମଞ୍ଜରୀ ଦାସ, ଲେଖକ ଭବାନୀ ପ୍ରସାଦ କର, ଚିତ୍ରଶିଳ୍ପୀ ଅନୁପମ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ନାରାୟଣ ନାଏକ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ଅବିନାଶ ପ୍ରଧାନ, ସଭାପତି ଶ୍ରୀକାନ୍ତ ନାଏକ, ସାଗର ସାହୁ, ସତ୍ୟବ୍ରତ ଦାସ, ଅକ୍ଷୟ ବାରିକ, ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଜ୍ଞାପାରମିତା ନୂତନ ଜିଲା ସଚିବ

### ଖୋର୍ଦ୍ଧା ଜିଲା ଜୁନିୟର ରେଡ୍‌କ୍ରସ୍ କାର୍ଯ୍ୟନିର୍ବାହୀ ବୈଠକ



ଖୋର୍ଦ୍ଧା, ୧୭।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜୁନିୟର ରେଡ୍‌କ୍ରସ୍ (ଜେଆର୍‌ସି)ର କାର୍ଯ୍ୟନିର୍ବାହୀ ବୈଠକ ଶନିବାର ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନୂତନ ଜିଲା ସଚିବ ଭାବେ ଡ. ପ୍ରଜ୍ଞାପାରମିତା ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଜେଆର୍‌ସି ଖୋର୍ଦ୍ଧା ପରିବାର ପକ୍ଷରୁ ଡ. ଜେନାଙ୍କୁ ସ୍ୱାଗତ କରାଯିବା ସହ ପୂର୍ବତନ ଜିଲା ସଚିବ ଭାସ୍କର ଲେଙ୍କାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଡା. ଜେନାଙ୍କ ନେତୃତ୍ୱରେ ଜେଆର୍‌ସି କାର୍ଯ୍ୟକ୍ରମ ଆହୁରି ସକ୍ରିୟ ଓ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଖୋର୍ଦ୍ଧା ଜିଲା ଜୁନିୟର ରେଡ୍‌କ୍ରସ୍ ଅଧ୍ୟକ୍ଷା ତଥା ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ରେଡ୍‌କ୍ରସ୍‌ର ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତାର ବାର୍ତ୍ତାକୁ ଉଲ୍ଲେଖ କରିବା ସହିତ ଆଗାମୀ ଦିନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ତାଲିମ ଶିବିର, ସଚେତନତା କାର୍ଯ୍ୟକ୍ରମ, ସାମାଜିକ ସେବା ଶିବିର, ରକ୍ତଦାନ ଶିବିର, ଟ୍ରାଫିକ କ୍ଲବ, ରେଡ୍ ରିବନ୍ କ୍ଲବ ଓ ଫାଷ୍ଟଏଡ୍ କ୍ଲବ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜ୍ୟ ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଉପସଭାପତି ଡ. ନିରଞ୍ଜନ ମହାନ୍ତି, ଯୁଗ୍ମ ସଚିବ ମୁରଲୀଧର ପରିଡ଼ା, କାର୍ଯ୍ୟକାରୀ ସଚିବ ସୁଧାକର ମହାପାତ୍ର, ଏବିଇଓ ପ୍ରଭାତ କୁମାର ସେଠୀ, ଡିପିଇଓ ଦିଲୀପ କୁମାର ମୁଦି, ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ତୋଫାନ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମି ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଝାଁଲା, ୧୭।୧ (ବୁଲା ବାରିକ)



ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଝାଁଲାସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉମାକାନ୍ତ ସାମନ୍ତରାୟ, ମୁଖ୍ୟବକ୍ତା ସୁପ୍ରଭା ବେହେରା ଏବଂ ସମ୍ମାନୀୟ ଅତିଥିଭାବେ ବୁଲା ବାରିକ, ସତ୍ୟବାଦୀ ସ୍ୱାଇଁ, ଚିତ୍ରସେନ ବାରିକ, ଶ୍ୱେତସିନ୍ଧୁ ପ୍ରଧାନ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଗୁରୁଜୀ ଗୁରୁମା ରୀତା ସେଠୀ, ଶାନ୍ତିଲତା ବେହେରା, ଚିନ୍ମୟ ବାରିକ, ପଦ୍ମିନୀ ମହାରଣା, ଗୀତାଞ୍ଜଳି ଛୋଟରାୟ, ହୃଦାନନ୍ଦ ପରିଡ଼ା, ଅଭିଜିତ୍ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ସମ୍ପାଦକ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାଗେଶ୍ୱରୀ ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ, ଗୋଦାମଗୃହ ଉଦ୍‌ଘାଟିତ

### ଧାନମଣ୍ଡି ଶୁଭାରମ୍ଭ

ବେଗୁନିଆ, ୧୭।୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ୍ ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁରସ୍ଥିତ ମା' ଜାଗେଶ୍ୱରୀ ସେବା ସମବାୟ ସମିତି ଲିଃର ନୂତନ କାର୍ଯ୍ୟାଳୟ ଓ ଗୋଦାମଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିସହିତ ଧାନମଣ୍ଡି ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ ହୋଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସେବା ସମବାୟ ସମିତି ଲିଃ. ର ପରିଚାଳନା ପରିଷଦ ସଭାପତି ସୁଧାକର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲା ପରିଷଦ ସଦସ୍ୟା ତ ନୁଜା ପାଟ୍ଟଶାଣୀ, ବିଡିଓ ସନ୍ତୋଷ ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସମିତିସଭ୍ୟ ଦିଲୀପ ବଡ଼ଜେନା, ହୀରାପୁର ସରପଞ୍ଚ ଆରତ ଚରଣ ମାଝୀ, ସିକୋ ସରପଞ୍ଚଙ୍କ ପ୍ରତିନିଧି ତୀର୍ଥବାସୀ ରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତି ଲିଃର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥି ଶତପଥୀ, ସହକାରୀ ପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ, ସହକାରୀ ନିବନ୍ଧକ, ସମବାୟ ସମିତିସମୂହ, ଖୋର୍ଦ୍ଧା ସର୍କଲର ଭାଗବତ ମାରାଣ୍ଡି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ବେଗୁନିଆ ଶାଖା ପରିଚାଳକ ପ୍ରବାସିନୀ ସାମନ୍ତରାୟ, ସୁପରଭାଇଜର ବସନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜାଗେଶ୍ୱରୀ ସେବା ସମବାୟ ସମିତି ଲିଃର ସମ୍ପାଦକ ସୌମ୍ୟରଞ୍ଜନ ରାଉତରାୟ ପରିଚାଳନା କରିଥିବା ବେଳେ ସହକାରୀ ସମ୍ପାଦକ ନିତ୍ୟାନନ୍ଦ ସାହୁ, ଡାଟା ଏଣ୍ଟ୍ରି ଅପରେଟର ତାପସ ପାଟ୍ଟଶାଣୀ, କର୍ମଚାରୀ ଫକୀର ଛୁଆଳସିଂହ ସହଯୋଗ କରିଥିଲେ। ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ରମ୍ଭାବିଲସ୍ଥିତ ଶ୍ରୀଗଣେଶ ରାଇସ୍ ମିଲ୍ ଚାଷୀଙ୍କଠାରୁ ଧାନ କିଣିଥିଲା। ପ୍ରଥମ ଦିନରେ ୯ ଚାଷୀଙ୍କଠାରୁ ୨୩୪ କୁଇଣ୍ଟାଲ ୨୪ କେଜି ଧାନ କିଣାଯାଇଛି।

# ମା' ଭଗବତୀ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ

ବାଣପୁର, ୧୭।୧ (ଦିଲୀପ କୁମାର ସ୍ୱାଇଁ)


ଅଧିକାରୀମାନେ କାର୍ଯ୍ୟର ତଦାରଖ କରୁଛନ୍ତି।

ବାଣପୁରସ୍ଥିତ ମା' ଭଗବତୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଆଗେଇ ଚାଲିଛି। ମା'ଙ୍କ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ରୋଷଘର, ପର୍ବଗୃହ, ଯଜ୍ଞ ମଣ୍ଡପ, ଭଣ୍ଡାର ଘର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଶୁକ୍ରବାର ଭକ୍ତମାନଙ୍କ ନିମନ୍ତେ ସାଧାରଣ ଭୋଜନାଳୟ, ସଭାଗୃହ, ଫାଣ୍ଡି, ସେବାୟତଙ୍କ ବିଶ୍ରାମାଗାର, ପର୍ଯ୍ୟଟକଙ୍କ ନିମନ୍ତେ ବିଶ୍ରାମ ଗୃହ, ଶୌଚାଳୟ, ଅତିଥି ଭବନ, ମନ୍ଦିର କାର୍ଯ୍ୟାଳୟ, ସଭାଗୃହ ଭବନର ଛାତପଡ଼ିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୭ ତାରିଖରେ ବାଣପୁରଠାରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରି ମା'ଭଗବତୀଙ୍କୁ ଦର୍ଶନ କରିବା ସହିତ ମନ୍ଦିରର ପୁନଃନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟଟକଙ୍କ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ କହିବା ସହ ଆବଶ୍ୟକ ପଡ଼ିଲେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ସହିତ ଆହୁରି ଅଧିକ ଅନୁଦାନ ଯୋଗାଇଦିଆଯିବ ବୋଲି କହିଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ସେମାନଙ୍କ ମନୋରଞ୍ଜନ ପାଇଁ ପ୍ରମୋଦ ଉଦ୍ୟାନ, ବଣ ଭୋଜି ସ୍ଥଳ, କଲ୍ୟାଣ ମଣ୍ଡପ, ଶାଳିଆ ନଦୀରେ ଆନିକଟ କରି ନୌକ୍ରୀଡ଼ା ବ୍ୟବସ୍ଥା ଆଦି ପାଇଁ ତୁରନ୍ତ ଡିପିଆର ପ୍ରସ୍ତୁତ କରିବାକୁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପ୍ରମୁଖ ପରିଚାଳନା ନିର୍ଦ୍ଦେଶକଙ୍କୁ କହିଥିଲେ। ଏହାପରେ ଯାନବାହାନ ରହଣୀସ୍ଥଳକୁ ସତନ୍ତ୍ର ସଂଯୋଗ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ କାର୍ଯ୍ୟ ବିଳମ୍ବ ଘଟୁଥିବାରୁ ଜମିଦାତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ହରିଚନ୍ଦନ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧।୨୦୨୬

| | |
|---|---|
| ୫,୮୪,୧୬୭ ଟଙ୍କା | |
| ସୁନା | ୫୫୦ ମିଲିଗ୍ରାମ୍ |
| ରୁପା | ୬୬ ଗ୍ରାମ୍ |

# ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଉଚ୍ଛେଦ ନୋଟିସ

### ପୁନର୍ବିଚାର ପାଇଁ ଜିଲାପାଳଙ୍କୁ ଦାବିପତ୍ର

କୋଣାର୍କ, ୧୭।୧ (ଜ୍ୟୋତିରାଜ ମହାନ୍ତି)





ଜିଲାପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

କୋଣାର୍କସ୍ଥିତ ମା' ମଙ୍ଗଳା ମନ୍ଦିର ଗଳି ଓ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଶତାଧିକ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ ଜାରି କରାଯାଇଛି। ଏହି ଘଟଣାକୁ ନେଇ ହାଇକୋର୍ଟରେ ମାମଲା ବିଚାରଧୀନ ଥିବାବେଳେ ଉଚ୍ଛେଦ ନୋଟିସର ପୁନଃବିଚାର ପାଇଁ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ବିଗତ ଦିନରେ ବ୍ୟବସାୟୀମାନେ ସୂର୍ଯ୍ୟ ମନ୍ଦିର ପରିସରରେ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। କୋଣାର୍କ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ୨୦୦୩ ମସିହାରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଓ ଜିଲା ପ୍ରଶାସନ ସହିତ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ୨ ବର୍ଷ ମଧ୍ୟରେ ଇଣ୍ଡିଆନ୍ ଅଏଲ ଫାଉଣ୍ଡେଶନ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାୟୀ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସୂର୍ଯ୍ୟ ମନ୍ଦିର ପରିସରରୁ ଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ତତ୍କାଳୀନ ମୁଖ୍ୟ ଶାସନ ସଚିବ ବ୍ୟବସାୟୀଙ୍କ ନିମନ୍ତେ କ୍ରାଫ୍ଟ ମାର୍କେଟ କରି ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଗତ ୨୦୧୦ ମସିହା ଏପ୍ରିଲ୍ ୧୬ ତାରିଖରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିଭିନ୍ନ ସମୟରେ ମହାସଂଘ ପକ୍ଷରୁ ପୁରୀ ଜିଲାପାଳ, ଉପଜିଲାପାଳ, ଗୋପ ତହସିଲ୍‌ଦାର ଓ କୋଣାର୍କ ନିର୍ବାହୀ ଅଧିକାରୀଙ୍କୁ ବ୍ୟବସାୟୀଙ୍କ ସ୍ଥାୟୀ ଥଇଥାନ ନିମନ୍ତେ ଲିଖିତ ଅଭିଯୋଗ ଓ ଆଲୋଚନା କରିଥିଲେ ମଧ୍ୟ ଅଦ୍ୟାବଧି ତାହା ଫଳପ୍ରଦ ହୋଇପାରି ନାହିଁ। କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ପକ୍ଷରୁ ବ୍ୟବସାୟୀଙ୍କୁ ସ୍ଥାୟୀ ଥଇଥାନ ନିମନ୍ତେ ହାଇକୋର୍ଟ କଟକରେ ଡବ୍ଲ୍ୟୁପିସି କେଶ ନଂ - ୧୪୨୭୩ ରେ ଏକ ମାମଲା ଦାୟର ହୋଇ ବିଚାରଧୀନ ରହିଥିବାବେଳେ ଗୋପ ତହସିଲଦାରଙ୍କ ପକ୍ଷରୁ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଉଚ୍ଛେଦ ନୋଟିସ ଜାରି କରିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିଲା ବେଳେ ଗୋପ ରାଜସ୍ୱ ବିଭାଗ ପକ୍ଷରୁ ଜାରି ନୋଟିସର ପୁନଃବିଚାର ପାଇଁ ଶନିବାର ପୂର୍ବାହ୍ନରେ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘର ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ବ୍ଲକ୍ ଆକାଉଣ୍ଟ ଅଫିସ୍ ରୁମ୍‌ରେ ତାଲା ପକାଇଲେ ଠିକାଦାର

ପିପିଲି, ୧୭।୧ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)



ବ୍ଲକ ଅଫିସ୍‌ରେ ପଡିଥିବା ତାଲା ।

ପିପିଲି ବ୍ଲକ କାର୍ଯ୍ୟାଳୟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ବିଲ୍ ପାସ୍ ନ ହେବାକୁ ନେଇ ଠିକାଦାରମାନେ ବ୍ଲକ ଆକାଉଣ୍ଟ ଅଫିସରଙ୍କ କକ୍ଷରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିକଟସ୍ଥ କଣ୍ଟି ଅଞ୍ଚଳର ଠିକାଦାର ଗୁଲୁ ଖଟୋଇଙ୍କ ଅଭିଯୋଗକ୍ରମେ ଦାଣ୍ଡମୁକୁନ୍ଦପୁର ପଞ୍ଚାୟତରେ ଜିପିଏଲ୍ଏଫ୍‌ରେ ୨୫ଲକ୍ଷ ଟଙ୍କାର କାମ ଆଜକୁ ୬ ମାସ ହେଲା ସରିଥିଲେ ସୁଦ୍ଧା ମାସ ମାସ ଧରି ବିଲ୍ ଅଟକି ରହିଛି। ବ୍ଲକ ଅଫିସ ବାରମ୍ବାର ବିଲ ପାଇଁ ଦୌଡୁଥିଲେ ବି କେହି ଶୁଣୁନାହାନ୍ତି। ଏହିଭଳି ଆଉ କେତେଜଣ ଠିକାଦାର ମଧ୍ୟ ସମାନ ଦଶା ଭୋଗୁଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଶେଷରେ ବାଧହୋଇ ଶନିବାର ମଧ୍ୟାହ୍ନରେ ଠିକାଦାରମାନେ ବ୍ଲକ ଆକାଉଣ୍ଟ ଅଫିସରଙ୍କ ରୁମ୍‌ରେ ତାଲା ପକାଇ ହୋ-ହଲ୍ଲା କରିଥିଲେ। ଫଳରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପିପିଲି ବ୍ଲକରେ ପ୍ରଶାସନିକ ଅବ୍ୟବସ୍ଥାର ଆଉ ଏକ ଚିତ୍ର ସାମ୍ନାକୁ ଆସିବା ପରେ ପିପିଲି ବ୍ଲକରେ ବିକାଶର ସ୍ଥିତି କୁଆଡ଼େ ଯାଇଛି, ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ବିଡିଓ ସରୋଜ ରାଉତଙ୍କ ଅନୁପସ୍ଥିତ ପାଇଁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### କଣାସ ଅଞ୍ଚଳରୁ ଗାଈ ଚୋରି

କଣାସ, ୧୭।୧ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ବିଭିନ୍ନ ଗ୍ରାମରୁ ଦୀର୍ଘଦିନ ହେଲା ଗୁହାଳରୁ କ୍ରମାଗତ ଭାବେ ଗାଈ, ଛେଳି, ମେଣ୍ଢା ଚୋରି ହେଉଥିବା ଥାନାରେ ଅଭିଯୋଗ ହେଉଛି। ଶୁକ୍ରବାର ତ୍ରିଲୋଚନପୁର ପଞ୍ଚାୟତ କଣ୍ଟପଡ଼ା ଗ୍ରାମର ଲକ୍ଷ୍ମୀଧର ଛୋଟରାୟଙ୍କ ଗୁହାଳରୁ ବିଳମ୍ବିତ ରାତିରେ ଗାଈଟିକୁ କେହି ଦୁର୍ବୃତ୍ତ ନେଇଯାଇଛନ୍ତି। ଏଥିପ୍ରତି ସ୍ଥାନୀୟ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ଚୋରି କମିଯାଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି। ପୋଲିସ ପକ୍ଷରୁ ପାଟ୍ରେଲିଙ୍ଗ ବ୍ୟବସ୍ଥା କରାଗଲେ ଗାଈଗୋରୁ ଚୋରି ରୋକା ଯାଇପାରନ୍ତା।

### ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବଳଙ୍ଗା, ୧୭।୧ (କେଦାରେଶ୍ୱର ନନ୍ଦ)

ପିଏମ୍ ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ବଳଙ୍ଗାଠାରେ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଏଲିଜା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ନିମାପଡ଼ା ମଣ୍ଡଳ ପୂର୍ବତନ ଶିକ୍ଷାଧିକାରୀ ଅନିଲ ବିଶାଳ, ନିମାପଡ଼ା ଅଞ୍ଚଳର ସାମାଜିକ କର୍ମୀ ମୀନଲତା ମହାନ୍ତି, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ, ନିମାପଡ଼ା ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, କୃପାସିନ୍ଧୁ ଦତ୍ତ, ପରିଚାଳନା କମିଟିର ସଭାପତି ସୁବାସ କୁମାର ଶତପଥୀ, ସିଆର୍‌ସି ନବକିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ବଳଙ୍ଗା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବଳଙ୍ଗା, ୧୭।୧ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମୀନଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବଳଙ୍ଗା ଗ୍ରାମୀଣ ମହାବିଦ୍ୟାଳୟକୁ ଏକ ଆଦର୍ଶ ଅନୁଷ୍ଠାନ ରୂପେ ଗଢ଼ିତୋଳିବାକୁ ସମସ୍ତ ସହଯୋଗ କରାଯିବ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଛନ୍ତି। ଅଧ୍ୟକ୍ଷ ସାହୁଙ୍କ ଦ୍ୱାରା ଉପସ୍ଥାପିତ ପାଚେରି ନିର୍ମାଣର ଅସୁବିଧାକୁ ଦୂରୀଭୂତ କରିବା ନେଇ ମୁଖ୍ୟବକ୍ତା ପଟ୍ଟନାୟକ ପୂର୍ଣ୍ଣ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ମୁଖ୍ୟ ମିଥୁନ ମଲ୍ଲିକ ପରିଚାଳନା କରିଥିଲେ। ଖେଳକୁଦ, ସାଂସ୍କୃତିକ ପ୍ରତିଯୋଗିତାରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ସହ ଉପହାର ଦିଆଯାଇଛି। ଶେଷରେ ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର ପତ୍ରିକା 'ନବପଲ୍ଲବ' ଉନ୍ମୋଚିତ କରାଯାଇଥିଲା।

# ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ



ପୁରୀ ପୌରସଦନ ପରିସରରେ ପୌରପାଳିକା ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ କରାଯାଉଛି।

ପୁରୀ, ୧୭।୧ (ଅଜିତ୍ କୁମାର ମହାନ୍ତି)

ପୁରୀ ପୌରାଞ୍ଚଳ ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, ବନ୍ଦେ ମାତରମ୍ କେବଳ ଏକ ସଙ୍ଗୀତ ନୁହେଁ, ଏହା ଆମ ଜାତୀୟ ଭାବନା ସଂପ୍ରୀତିର ପ୍ରତୀକ। ମାଷ୍ଟର ଟ୍ରେନର୍ ରଶ୍ମିରେଖା ସାମନ୍ତରାୟ ଓ ସ୍ମିତାରାଣୀ ପଣ୍ଡା ବନ୍ଦେ ମାତରମ୍‌ର ଉତ୍ପତ୍ତି, ଜାତୀୟତା ଭାବନା ସହ ଜଡ଼ିତ ତାହାର ପ୍ରତିଟି ଶବ୍ଦ ଏବଂ ଭାବାବେଗ ସମ୍ପର୍କରେ ଆଲୋଚନା କରିବା ସହ ସାମୂହିକ ଭାବେ ବନ୍ଦେ ମାତରମ୍ ସଙ୍ଗୀତ ପରିବେଷଣ ଓ ଆତ୍ମନିର୍ଭର ଭାରତର ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରିଜିତ୍ ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଟିଆର୍‌ଓ ଶୋଭନ ପଟ୍ଟନାୟକ, ପ୍ରସନ୍ନ କୁମାର ବେହେରା, ଦୀପକ କୁମାର ଶୁକ୍ଳା, ଇପ୍‌ସିତା ମହାନ୍ତି ଓ ଶକ୍ତିସୁଦ୍ଧା ଦାସ ପ୍ରମୁଖ ବନ୍ଦେ ମାତରମ୍‌ର ସଂକଳ୍ପ, ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରୀ ପୌରପାଳିକା ସିଓ ରେଶମା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନାଚଘର ପକ୍ଷରୁ କୁମାର ଭୀମସେନ ଓ ସାଥି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଧରିତ୍ରୀ ଏଜେଣ୍ଟଙ୍କ ପିତୃ ବିୟୋଗ

ନିମାପଡ଼ା, ୧୭।୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଧରିତ୍ରୀର ଏଜେଣ୍ଟ ତଥା ଖବରଦାତା ସୁକାନ୍ତ କରଙ୍କ ବାପା ଜଗନ୍ନାଥ କରଙ୍କ ୧୦୭ ବର୍ଷ ବୟସରେ ଶନିବାର ପରଲୋକ ଘଟିଛି। ସ୍ୱର୍ଗତ କର ଜଣେ ଶାନ୍ତ, ସରଳ, ମେଳାପି, ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଡେଣୁଅ ପଞ୍ଚାୟତରେ ଗଭୀର ଶୋକର ଛାୟା ଖେଳିଯାଇଛି। ଜଣେ ଶତାୟୁ ବ୍ୟକ୍ତିଙ୍କୁ ହରାଇ ଆଳିପିଙ୍ଗଳ ଗ୍ରାମରେ ଶୋକାକୁଳ



ପରିବେଶ ସୃଷ୍ଟି ହୋଇଛି। ତାଙ୍କ ଶେଷ ଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ଜାମାତା, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ବିୟୋଗ ଖବରପାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ସମୀର ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପତିତପାବନ ସେବା ସଂଘର ସମ୍ପାଦକ ଜଗତପ୍ରସାଦ ସାବ୍ତ, ଯୁବନେତା ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ନିମାପଡ଼ା ପ୍ରେସ କ୍ଲବର ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ସଭାପତି ଅକ୍ଷୟ ବେହେରା, ନିମାପଡ଼ାର ବହୁ ଗଣମାଧ୍ୟମ ପ୍ରତିନିଧି, ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କର, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଗଭୀର ଶୋକ ପ୍ରକଟ କରିଛନ୍ତି।

## ୩ୟ ଦିବସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ



ଅତିଥିମାନେ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ନିମାପଡ଼ା, ୧୭।୧ (ବିଚିତ୍ରାନନ୍ଦ ସାହୁ)

- ୨୩ତମ ନିମାପଡ଼ା ପ୍ରିମିୟର ଫୁଟ୍‌ବଲ ଲିଗ୍
- ପ୍ରତି ଟିମ୍ ଗୋଟିଏ ଲେଖାଏ ପଏଣ୍ଟ ପାଇଲେ

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ୨୩ତମ ନିମାପଡ଼ା ପ୍ରିମିୟର ଫୁଟବଲ୍ ଲିଗ୍-୨୦୨୬ ପ୍ରତିଯୋଗିତାର ୩ୟ ଲିଗ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସର ମ୍ୟାଚ ଧବଳେଶ୍ୱର ରୁଦ୍ରାମ୍ବିକା ଫୁଟବଲ କ୍ଲବ ଓ ଅମୁଣିଆପାଟଣା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଛି। ଫଳରେ ପ୍ରତ୍ୟେକ ଟିମ ଗୋଟିଏ ଗୋଟିଏ ପଏଣ୍ଟ ପାଇଥିଲେ। ରେଫ୍ରୀ ଭାବେ ଦିପ୍ତୀରଞ୍ଜନ ରାୟ, ଜୟନ୍ତ କୁମାର ଦାଶ, ବିଶ୍ୱଜିତ ମଲ୍ଲିକ, ବିଚିତ୍ରାନନ୍ଦ ପାତ୍ର ପ୍ରମୁଖ ଏହି ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ଧବଳେଶ୍ୱର ରୁଦ୍ରାମ୍ବିକା କ୍ଲବର ଗୋଲକିପର ସୁକାନ୍ତ ଭୋଇ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଆୟୋଜିତ ମ୍ୟାଚ ସମାରୋହରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ପ୍ରେସ କ୍ଲବର ଉପଦେଷ୍ଟା ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହେଲ୍ପଲାଇନ୍‌ର ସଭାପତି ଅକ୍ଷୟ କୁମାର ସାହୁ, କ୍ରୀଡ଼ାବିତ୍ ଚନ୍ଦ୍ରକାନ୍ତ ବରାଳ, ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।

## ରାଜନୈତିକ ଦଳର ସହଯୋଗ ଲୋଡ଼ିଲା ଓକିଲ ସଂଘ

ପୁରୀ, ୧୭।୧ (ଅଜିତ୍ କୁମାର ମହାନ୍ତି)

### ପୁରୀ କୋର୍ଟ ବାଲୁଖଣ୍ଡକୁ ସ୍ଥାନାନ୍ତର ପ୍ରସଙ୍ଗ

ପୁରୀ କୋର୍ଟ ସ୍ଥାନାନ୍ତର ପ୍ରକ୍ରିୟା ବିରୋଧରେ ରାଜନୈତିକ ଦଳର ସହଯୋଗ ଲୋଡ଼ିଲା ଓକିଲ ସଂଘ। ଏନେଇ ଓକିଲ ସଂଘ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ସଭାପତିଙ୍କ ସହ ଆଲୋଚନା କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ପୁରୀ କୋର୍ଟ ବ୍ରିଟିଶ ଅମଳରୁ ଜିଲାପାଳ ଅଫିସ ପାଖରେ ଥିଲା। ଲୋକେ ଗୋଟିଏ ଜାଗାରେ କୋର୍ଟ ଆଉ କଚେରୀର କାମ ସାରି ନିଜ ଗ୍ରାମକୁ ସୁବିଧାରେ ଯାଇ ପାରୁଥିଲେ। ସମୟ ଆସିଲା ସବୁ ବ୍ଲକରେ କୋର୍ଟ ହୋଇଗଲା। ପୁରୀ କୋର୍ଟ କମ୍ପ୍ଲେକ୍ସ ପାଇଁ ଆବଶ୍ୟକୀୟ ଜମି ବର୍ତ୍ତମାନ ସ୍ଥାନରେ ଅଛି। ଗଞ୍ଜାମ, ଭୁବନେଶ୍ୱର, ହାଇକୋର୍ଟ ଯଦି ବର୍ତ୍ତମାନ ସ୍ଥାନରେ କେତେକ ସରକାରୀ ଅଫିସ୍‌କୁ ମିଶାଇ ତିଆରି ହୋଇପାରିଲା, ତେବେ ପୁରୀରେ କାହିଁକି ହେବନି। ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳକୁ ଗଲେ ସେଠାରେ କଟକଣା ଅଛି। ଲୋକେ ଯିବାଆସିବାରେ ହଇରାଣ ହେବା ସହ ନିରାପତ୍ତା ଦୃଷ୍ଟିରୁ ଠିକ୍ ନୁହେଁ ବୋଲି ରାଜନୈତିକ ଦଳର ନେତୃବୃନ୍ଦ କହିଛନ୍ତି। ବର୍ତ୍ତମାନ ଜମିରେ କଣ ହେବ। କେଉଁ କାର୍ଯ୍ୟରେ ଲାଗିବ ବୋଲି ଓକିଲ ସଂଘ ପ୍ରଶ୍ନ ଉଠିଛି। ଆଲୋଚନା ସମୟରେ ବିଜେଡି ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ, କଂଗ୍ରେସ ଜିଲା ସଭାପତି ରାଜେଶ କୁମାର ମିଶ୍ର, ସିପିଏମ୍ ଜିଲା ସମ୍ପାଦକ ଜଗନ୍ନାଥ ଦେଓ, ଆପ୍ ଜିଲା ସଭାପତି ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ କୋର୍ଟ ସ୍ଥାନାନ୍ତର ପ୍ରସଙ୍ଗ ଲୋକଙ୍କ ପାଖକୁ ନେଇଯିବା ସହ ବିଭିନ୍ନ ଅନୁଷ୍ଠାନ, ସଂଘ, ଯାଗା ଅଖେଡ଼ା, ଦଳଗୁଡ଼ିକ ପକ୍ଷରୁ ବର୍ତ୍ତମାନ ସ୍ଥାନରେ ପୁରୀ କୋର୍ଟ କମ୍ପ୍ଲେକ୍ସ ତିଆରି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ସରକାର୍ ନ ଶୁଣିଲେ ରାସ୍ତାରୋକୋ, ଅଫିସ୍ କଚେରି ବନ୍ଦ ପରେ ପୁରୀ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ବାର୍ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବିଭୁଦତ୍ତ ପଟ୍ଟନାୟକ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତି ଅନୀଲ ସାହୁ, ସମୀର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ପୁରୀରେ ପହଞ୍ଚିବ ଧନୁତୀର

ପୁରୀ, ୧୭।୧ (ଅଜିତ୍ କୁମାର ମହାନ୍ତି)

ଓଡିଶାରେ ନିର୍ମିତ ସ୍ୱର୍ଣ୍ଣର ଧନୁ ଓ ତୀର ଅଯୋଧ୍ୟାକୁ ଯିବ। ରାଜ୍ୟର ବିଭିନ୍ନ ଜିଲା ପରିକ୍ରମା କରିବା ପରେ ରବିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚିବ ଧନୁ ତୀର। ଭବ୍ୟ ସ୍ୱାଗତ ଦିଆଯିବା ସହ ୧୯ ତାରିଖ ଦିନ ଏକ ବିଶାଳ ଶୋଭାଯାତ୍ରାରେ ଧନୁ ତୀର ସହ କାଷ୍ଠ ନିର୍ମିତ ଚତୁର୍ଦ୍ଧା ବିଗ୍ରହ ଆଯୋଧ୍ୟା ଅଭିମୁଖେ ଯାତ୍ରା କରିବ। ଏନେଇ ଉତ୍ତରପାର୍ଶ୍ୱ ମଠ ପରିସରରେ ଶ୍ରୀମନ୍ଦିର ସେବାୟତ ସଂଘ ଓ ଶ୍ରୀକ୍ଷେତ୍ର ମଠାଧୀଶ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ଶ୍ରୀମନ୍ଦିର ସେବାୟତ ସଂଘର ସଭାପତି ଗୌରହରି ପ୍ରଧାନ, ସଂଘର ସମ୍ପାଦକ ରବି ନାରାୟଣ ଦାସ ଏବଂ ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ଯେ, ରାଉରକେଲାର ସନାତନ ଜାଗରଣ ମଞ୍ଚ, ରାଉରକେଲା ଅଧିବାସୀ ଏବଂ ସମଗ୍ର ଓଡ଼ିଶାବାସୀଙ୍କ ସହଯୋଗରେ ଧନୁଟି ନିର୍ମାଣ କରାଯାଇଛି। ସ୍ୱର୍ଣ୍ଣରେ ନିର୍ମିତ ଏହି ଧନୁର ଓଜନ ୨୮୦ କିଲୋ ରହିଥିବା ବେଳେ ସୁନା, ରୁପା, ତମ୍ବା, ଲୁହା ଏବଂ ଜିଙ୍କ ପରି ୫ଟି ଧାତୁରେ ନିର୍ମାଣ କରାଯାଇଛି। ଧନୁ ତୀର ରାମ ଲାଲାଙ୍କ ନିକଟକୁ ପଠାଯିବ।

୧୮ ତାରିଖ ସନ୍ଧ୍ୟାରେ ପୁରୀରେ ସ୍ୱର୍ଣ୍ଣରେ ନିର୍ମିତ ଧନୁତୀରକୁ ସ୍ୱାଗତ କରାଯାଇ ପୁରୀ ଉତ୍ତରପାର୍ଶ୍ୱ ମଠରେ ପହଞ୍ଚିବା ପରଦିନ ଅର୍ଥାତ ୧୯ ତାରିଖରେ ଭଜନ କୀର୍ତ୍ତନ, ନୃତ୍ୟ ଗୀତ କରାଯିବ। ଏହାପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରି ବିରାଟ ଶୋଭାଯାତ୍ରାରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବ। ତେଣୁ ଏଥିରେ ସେବାୟତ, ମଠାଧୀଶ, ସାଧୁ ସନ୍ଥ ଏବଂ ଶ୍ରଦ୍ଧାଳୁମାନେ ଯୋଗଦେବା ପାଇଁ ଶ୍ରୀମନ୍ଦିର ସେବାୟତ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ନିବେଦନ କରାଯାଇଛି।

## ଫଟୋରେ ଖବର







ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମରେ ସପ୍ତଶକ୍ତି ସଙ୍ଗମ ଉତ୍ସବରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ଜିଲା ସମାଜ ଓ କଲ୍ୟାଣ ବିଭାଗ ତରଫରୁ ଶ୍ରୀମନ୍ଦିର ନିକଟସ୍ଥ ଏମାର ମଠ ଚକଡ଼ାରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଝୋଟି ପ୍ରତିଯୋଗିତା କରାଯାଉଛି।

**କନ୍ଦରପୁର ମହାବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟର ୧୯୮୨ ମସିହା ବ୍ୟାଚର ବନ୍ଧୁମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୪୨ ମୌଜା ବ୍ରହ୍ମପୁରସ୍ଥିତ ମା' ଭଗବତୀ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶୋକ କୁମାର ଦାଶ, ମଳୟ କୁମାର ଶତପଥୀ ବନ୍ଧୁ ମିଳନ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ୪୦ଜଣ ଛାତ୍ରଛାତ୍ରୀ ଏହି ଅବସରରେ ନିଜର ଅଭୁଲା ସ୍ମୃତି ବର୍ଣ୍ଣନା କରିଥିଲେ। ପୁରାତନ ଛାତ୍ରୀ ଭାରତୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତନୁ ଦାସ, ଶୈଳେନ୍ଦ୍ର ମିଶ୍ର, ହରେକୃଷ୍ଣ ପ୍ରଧାନ, ବିଶ୍ୱନାଥ ଦାସ, ଅମିତା ସାହୁ, ପ୍ରଦୀପ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌମେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ବ୍ୟାଡ୍‌ମିଣ୍ଟନ କୋର୍ଟ ଉଦ୍‌ଘାଟନ କଲେ ବିଧାୟିକା ସୋଫିଆ

କଟକ,୧୭।୧(ଶିଳ୍ପା ପ୍ରିୟଦର୍ଶିନୀ)

ୱାଇଏମ୍‌ସିଏ ପରିସରରେ ନିର୍ମିତ ଅତ୍ୟାଧୁନିକ ବ୍ୟାଡ୍‌ମିଣ୍ଟନ କୋର୍ଟକୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଖେଳାଳିଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାୟିକା ନିଜର ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଥିବାବେଳେ ଖୁବ୍‌କମ୍ ସମୟ ମଧ୍ୟରେ ଏହି ଉଚ୍ଚମାନର କାଠ ଚଟାଣ ବିଶିଷ୍ଟ ବ୍ୟାଡ୍‌ମିଣ୍ଟନ କୋର୍ଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କଟକର କ୍ରୀଡ଼ା ପ୍ରତିଭାମାନଙ୍କୁ ଉପଯୁକ୍ତ ସୁଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ଏହି କୋର୍ଟ ଆଗାମୀ ଦିନରେ ଅନେକ ଦକ୍ଷ ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ ବୋଲି ବିଧାୟିକା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଡ. ରାଜବଲ୍ଲଭ ମହାନ୍ତି, ଉଦୟନାଥ କୁମାର ପୁରି, ସୁଜିତ ପାଣି, ଡ. ଶକ୍ତି ପ୍ରକାଶ ମହାନ୍ତି, ଦୀପ୍ତି ପ୍ରକାଶ ସାହୁ, ବିଚିତ୍ରାନନ୍ଦ ପ୍ରଧାନ, ଇଂ. ଆଲୋକ କୁମାର ସାହୁ, ସ୍ନେହାଶିଷ ଦାସ, ପୀୟୂଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା

ଚୌଦ୍ୱାର,୧୭।୧(ଆଶୁତୋଷ ଦାସ)

ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲରେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ସଦାନନ୍ଦ ସାହୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ତଥା ସଂସଦ ସଭାପତି ଅଶୋକ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁକ ଦେଇ, ସମ୍ପାଦକ ଅଶୋକ କୁମାର ପରିଜା, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଡ. ପରିକ୍ଷିତ ଦଳାଇ, ଅଲେଖ ବେହେରା, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରି ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ସବୁଦିନ ପାଇଁ ମନେ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ଶେଣ, ଭାଗୀରଥି ସାହୁ, ଅନନ୍ତ ଦାସ, ପ୍ରଶାନ୍ତ ହୋତା, ରବୀନ୍ଦ୍ର ମହାପାତ୍ର, ରବୀନ୍ଦ୍ର ବେହେରା, ଦୂର୍ଯ୍ୟୋଧନ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଓଡ଼ିଶା ସଂସ୍କୃତି ଏକାଡେମୀ ଲୋକାର୍ପଣ ଉତ୍ସବ ପ୍ରସ୍ତୁତି

ଚୌଦ୍ୱାର,୧୭।୧(ଆଶୁତୋଷ ଦାସ)

ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜ୍ଞାନର ବିକାଶ ତଥା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଓଡ଼ିଶା ସଂସ୍କୃତି ଏକାଡେମୀ ନାମରେ ଏକ ସଙ୍ଗଠନ ପ୍ରତିଷ୍ଠା କରାଯାଇଥିବା ଏବଂ ଏହାର ଲୋକାର୍ପଣ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଙ୍ଗଠନ ସଭାପତି ସନ୍ତୋଷ କୁମାର ଧରଙ୍କ ଅଧ୍ୟକ୍ଷତାରେ ଶନିବାର ଆୟୋଜିତ ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସଙ୍ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀଙ୍କ ୧୧୫ତମ ଜୟନ୍ତୀ ଅବସରରେ ଆସନ୍ତା ୨୦ ତାରିଖରେ ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମରେ ଏହି ଅନୁଷ୍ଠାନକୁ ବିଧିବଦ୍ଧ ଭାବେ ଲୋକାର୍ପଣ କରାଯିବ ଏବଂ ସୁପ୍ରତିଷ୍ଠିତ ରାଷ୍ଟ୍ରୀୟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ସତ୍ୟାନନ୍ଦ ଦାସଙ୍କ ଦ୍ୱାରା ଅନୁଷ୍ଠାନ ଉଦ୍‌ଘାଟିତ ହେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ଚେୟାରମ୍ୟାନ୍ ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ଅଜୟ କୁମାର ସାହୁ, ଚୌଦ୍ୱାର ପୌର ଉପାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ପୌରପାଳିକାର ବହୁ ପାରିଷଦ ଯୋଗଦେଇଥିଲେ।

# ‘ପିଲାଙ୍କ ପ୍ରତିଯୋଗିତାମୂଳକ ଚିନ୍ତାଧାରା ବଢ଼ାଇବାକୁ ହେବ’

କଟକ,୧୭।୧(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନୀରେ ଜଣେ କୃତୀ ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

**ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ-୨୦୨୬ ଉଦ୍‌ଯାପିତ**

ଓଡ଼ିଶା ପୋଲିସ ହାଇସ୍କୁଲଠାରେ ଚାଲିଥିବା ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଯୋଗଦେଇ କହିଲେ, ପିଏମ୍‌ଶ୍ରୀ ବିଦ୍ୟାଳୟ ପ୍ରଧାନମନ୍ତ୍ରୀଙ୍କ ଅଭିନବ ପଦକ୍ଷେପ। ଭବିଷ୍ୟତର ନାଗରିକମାନଙ୍କ ଉତ୍କୃଷ୍ଟ ଓ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ବିଦ୍ୟାଳୟସ୍ତରରେ ପିଲାମାନଙ୍କ ପ୍ରତିଯୋଗିତା ମୂଳକ ଚିନ୍ତାଧାରା ବଢ଼େଇବାକୁ ହେବ। ଉଜ୍ଜ୍ୱଳ ଭବିଷ୍ୟତର ଭାରତ ଗଠନ କରାଯିବା ନିମନ୍ତେ ଏହି ଉତ୍ସବ ମାଧ୍ୟମରେ ସରକାରଙ୍କ ଆଭିମୁଖ୍ୟ ନିଶ୍ଚିତ କରାଯିବାକୁ ଏହା ଏକ ପ୍ରୟାସ।

ୟଙ୍ଗ ଥିଙ୍କରସ ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପ୍ରତିଷ୍ଠାତା ଅନିଲ କୁମାର ପ୍ରଧାନ ପିଲାମାନଙ୍କୁ ବିଭିନ୍ନ ବ୍ୟବସାୟିକ ବିଚାର ତଥା ଧାରଣା ଉପରେ ଆଲୋକପାତ କରିଥିଲେ। ଛାୟା ସାଂସଦ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୨ଟି ବିଭାଗ ମଧ୍ୟରୁ ପ୍ରତି ବିଭାଗରୁ ପ୍ରଥମ ୩ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ପ୍ରତି ବିଭାଗର ପ୍ରଥମ କୃତୀ ପ୍ରତିଯୋଗୀମାନଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜିଲା ଶିକ୍ଷା କାର୍ଯ୍ୟାଳୟର ମନୋରଞ୍ଜନ ବାରିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରଧାନ ଶିକ୍ଷକ ସୁଜାତା ବେହେରା, ଜିଲା ନୋଡାଲ ଅଧିକାରୀ ବିଭୁଦତ୍ତ ବେହେରା ଓ ଜିଲା ବିଜ୍ଞାନ ପରିଦର୍ଶକ ସାଗରିକା ରାଉତ ପ୍ରମୁଖ ସହଯୋଗ କରିଥଲେ।



ମିଶନ ରୋଡ୍‌ସ୍ଥିତ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ସମାବେଶରେ ଶନିବାର ନର୍ସରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଡ୍ରିଲ୍। (ଫଟୋ: ରାଜକିଶୋର ମହାନ୍ତି)

# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ

କଟକ,୧୭।୧(କାର୍ତ୍ତିକ ସାହୁ)

ବାଲିଯାତ୍ରା ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଜିଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ଦୁଗ୍ଧ ସମବାୟ ସମିତି ସାଧାରଣ ପରିଚାଳକ ଡ. ଦିଗମ୍ବର ନାୟକ ଯୋଗଦେଇ ଚାଷୀମାନଙ୍କ ଉତ୍ସାହ ବଢ଼ାଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କଳପଡ଼ା ପ୍ରାଣୀ ଚିକିତ୍ସକ ଡ. ଶୁଭଶ୍ରୀ ତ୍ରିପାଠୀ ଏବଂ ଡମପଡ଼ା ସହକାରୀ ମତ୍ସ୍ୟ ଅଧିକାରୀ ଆଶାଲକ୍ଷ୍ମୀ ନରେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଯୋଜନାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ମତ୍ସ୍ୟ ଚାଷୀ ଓ ପ୍ରାଣୀପାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ୧୦ଜଣ ଚାଷୀଙ୍କୁ ଜୀବନ୍ତ ପ୍ରାଣୀ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ବରିଷ୍ଠ ବୈଜ୍ଞାନିକ ଡ. ରଞ୍ଜନ ମହନ୍ତ, ଡ. ବିଚିତ୍ରାନନ୍ଦ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅଭିମନ୍ୟୁ ସାହୁ ଏବଂ ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡ. ଦେବଦତ୍ତ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବବିତା ମହନ୍ତ ଧନ୍ୟବାଦ ଦେଇଥିଲେ।

# କନ୍ଦରପୁର ମହାବିଦ୍ୟାଳୟର ବାର୍ଷିକୋତ୍ସବ



ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

କଟକ ସଦର,୧୭।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ବାରିକ, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ପୁନମ ମିଶ୍ର ଓ ଲୋରିଆ ମହାନ୍ତି, ଅଧ୍ୟାପକ ଶ୍ୟାମ ଗୋବିନ୍ଦ ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ରାମଚନ୍ଦ୍ର ମହାନ୍ତି ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବେଉରିଆ ସୂଚନା ପ୍ରଦାନ କରିଥିବା ବେଳେ କଲେଜ ଅଧ୍ୟକ୍ଷା ଡ. ସ୍ୱାତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟାପିକା ଡ. ନମିତା ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦ୍ଦେବ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ସହଯୋଗ ଏବଂ ସନାତନୀ ସେନା ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ଉପସ୍ଥିତ ଥିଲେ।

# ‘ପାଠକଙ୍କୁ ସାହିତ୍ୟ ମନସ୍କ କରିବା ପାଇଁ ସଚେତନତା ଆବଶ୍ୟକ’

କଟକ,୧୭।୧(କାର୍ତ୍ତିକ ସାହୁ)

**କଳାବିଲା ସାଂସ୍କୃତିକ ପରିଷଦର ସାରସ୍ୱତ ସମାରୋହ**

ସାମ୍ପ୍ରତିକ ଯୁଗରେ ସାହିତ୍ୟର ପାଠକ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଲେଖକ ଓ ପାଠକ ମଧ୍ୟରେ ବ୍ୟବଧାନ ବୃଦ୍ଧି ପାଇଛି। ପାଠକମାନଙ୍କୁ ସାହିତ୍ୟମନସ୍କ କରିବା ପାଇଁ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି। କଳାବିଲା ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ସାରସ୍ୱତ ସମାରୋହରେ ‘ସାଂପ୍ରତିକ ସାହିତ୍ୟ ଓ ପାଠକ ସମସ୍ୟା’ ଶୀର୍ଷକ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଓ ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ ଆଲୋଚନା କରିଥିଲେ। ଏହି ଅବସରରେ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କୁ ସାହିତ୍ୟ ସେବକ ସମ୍ମାନ, ଶକ୍ତିପ୍ରଦା ମିଶ୍ରଙ୍କୁ ବରିଷ୍ଠ ଲେଖିକା ସମ୍ମାନ, ଆପ୍ତକାମ ମିଶ୍ରଙ୍କୁ ଶ୍ରେଷ୍ଠ ପାଠକ ସମ୍ମାନ, ଡ. ଆଶିଷ କୁମାର ମହାନ୍ତିଙ୍କୁ ଲେଖା ସଂଶୋଧକ ସମ୍ମାନ ଏବଂ ଡ. ରଞ୍ଜନ ସେଠୀଙ୍କୁ ଯୁବ ଲେଖକ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ଗୌରୀଶଙ୍କର ସାହୁ ସ୍ୱାଗତ ଭାଷଣ ଓ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ସ୍ମୃତିରଞ୍ଜନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ବିଶିଷ୍ଟ ଶିକ୍ଷାବିତ ଅକ୍ରୁର ବିଶ୍ୱାଳ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡେଜି ରାଉତ କବିତା ସଂଯୋଜନା କରିଥିଲେ। ଗୀତାଞ୍ଜଳି ପୃଷ୍ଟି ଅତିଥି ପରିଚୟ ଓ ଚୈତନ୍ୟ ରାଉତ ଧନ୍ୟବାଦ ଦେଇଥିଲେ।



କଳାବିଲା ସାଂସ୍କୃତିକ ପରିଷଦର ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ‘ଜୀବନରେ ଉନ୍ନତି କରିବାକୁ ଶୃଙ୍ଖଳା ଆବଶ୍ୟକ’



ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ,୧୭।୧(କାର୍ତ୍ତିକ ସାହୁ)

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାର୍ଷିକ ସାଂସ୍କୃତିକ ଓ ସାରସ୍ୱତ ଉତ୍ସବ ଉଦ୍‌ଯାପିତ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଦିନିଆ ୩୭ତମ ବାର୍ଷିକ ସାଂସ୍କୃତିକ ଓ ସାରସ୍ୱତ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଗୀତିକାର ଅରୁଣ ମନ୍ତ୍ରୀ ନିଜ ସୁନ୍ଦର କବିତା ପାଠରେ ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ। ମୁଖ୍ୟ ଅତିଥି ଶୁଭାବାଳା ବେହେରା ଛାତ୍ରୀଛାତ୍ରମାନଙ୍କୁ ଜୀବନରେ ଉନ୍ନତି କରିବା ପାଇଁ ଶୃଙ୍ଖଳା ଆବଶ୍ୟକ ବୋଲି କହିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପାଧ୍ୟକ୍ଷା ରାଜଶ୍ରୀ ପଟ୍ଟନାୟକ ପରିଷଦର ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ଅଧ୍ୟକ୍ଷ ଜୀବନବଲ୍ଲଭ ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆୟୋଜକ ସଚିବ ଡ. ଏ.କେ. ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଗୌପାଙ୍ଗନା ଦାସ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୨ଟି ପ୍ରତିଯୋଗିତାରେ ୩୦ରୁ ଅଧିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୪୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶୁକ୍ରବାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଜୀବନରେ ସଫଳ ହେବା ପାଇଁ ଶିଷ୍ଟାଚାର, ଶ୍ରମ ଓ ନିଷ୍ଠାଲୋଡ଼ା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକାର ଜ୍ଞାନ ହୋତା ଓଡ଼ିଆ ଭାଷା ଓ ଓଡ଼ିଶାକୁ ଭଲପାଇବା ସହ ଗର୍ବ କରିବାକୁ କହିଥିଲେ।

### ରୋଟାରି ପକ୍ଷରୁ ରକ୍ତଦାନ ଶିବିର: ୮୫ ୟୁନିଟ୍ ରକ୍ତ ସଂଗ୍ରହ

ଖୁଣ୍ଟୁଣୀ,୧୭।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀଠାରେ ପ୍ରତିଷ୍ଠିତ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଧବଳେଶ୍ୱର ଆଇଟିଆଇ ଓ ଧବଳେଶ୍ୱର ପଲିଟେକ୍ନିକରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ରୋଟାରି କ୍ଲବ ଦ୍ୱାରା ଆୟୋଜିତ ଏବଂ ଧବଳେଶ୍ୱର ଆଇଟିଆଇ ଓ ଡିଆଇଟିସି ଦ୍ୱାରା ପରିଚାଳିତ ଶିବିରରେ ସମୁଦାୟ ୮୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ଏସ୍‌ସିବି ମେଡିକାଲ ରକ୍ତ ଭଣ୍ଡାର ସହାୟତାରେ ରକ୍ତଦାନ ଶିବିରରେ ରୋଟାରି କ୍ଲବ ସଭାପତି ସୁନୀଲ କୁମାର ମହାନ୍ତି, ଉପସଭାପତି ପୁରୁଷୋତ୍ତମ ସାମଲ, ସମ୍ପାଦକ ଉମେଶ ଚନ୍ଦ୍ର ସାହୁ, ଯୁଗ୍ମ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ, ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦେବକୀ ନନ୍ଦନ ମହାନ୍ତି, ପ୍ରଶାସନିକ ଅଧିକାରୀ ରମଣୀ ରଞ୍ଜନ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ଜୀବନ ଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହାୟତା କରିଥିଲେ।



ରାଉରକେଲା ହନୁମାନ ବାଟିକାରୁ ଅଯୋଧ୍ୟା ରାମ ମନ୍ଦିରକୁ ବାହାରିଥିବା ସ୍ୱର୍ଣ୍ଣ ଧନୁଯାତ୍ରା ଶନିବାର କଟକ ଚଣ୍ଡୀ ମନ୍ଦିରରେ ପହଞ୍ଚିବା ପରେ ସ୍ୱର୍ଣ୍ଣରେ ନିର୍ମିତ ଧନୁ ଓ ତୀରକୁ ଦେଖିବାକୁ ଲୋକଙ୍କ ଗହଳି।

# ଏସ୍‌ସିବି ସହାୟତା କେନ୍ଦ୍ରରୁ ଠିକ୍ ସମୟରେ ମିଳୁନି ରିପୋର୍ଟ

କଟକ,୧୭।୧(ଶିଳ୍ପା ପ୍ରିୟଦର୍ଶିନୀ)




ରିପୋର୍ଟ ନେବାକୁ ସହାୟତା କେନ୍ଦ୍ର ନିକଟରେ ରୋଗୀଙ୍କ ସମ୍ପର୍କୀୟ ଧାଡ଼ି କରିଛନ୍ତି।

**ଅଲଟ୍ରାସାଉଣ୍ଡ, ଏକ୍ସ-ରେ ରିପୋର୍ଟ ପାଇଁ ଗୋଟିଏ ଦିନ ଅପେକ୍ଷା କରୁଛନ୍ତି ରୋଗୀ**

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ରଞ୍ଜନରଶ୍ମି ବିଭାଗ ପରିସରରେ ଥିବା ସହାୟତା କେନ୍ଦ୍ରରୁ ରୋଗୀଙ୍କୁ ରିପୋର୍ଟ ଠିକ୍ ସମୟରେ ମିଳୁନି। ରୋଗୀ ବିଭିନ୍ନ ପରୀକ୍ଷା କରାଇବା ପରେ ରିପୋର୍ଟ ପାଇଁ ଗୋଟିଏ ଦିନ ଅପେକ୍ଷା କରି ରହୁଛନ୍ତି। ଫଳରେ ଗୋଟିଏ ଦିନରେ ପରୀକ୍ଷା କରାଇବା ପରେ ମଧ୍ୟ ଡାକ୍ତର ଦେଖାଇ ଚିକିତ୍ସା କରାଇବାରୁ ବଞ୍ଚିତ ରହୁଛନ୍ତି ରୋଗୀ। ଏଭଳି କିଛି ଘଟଣା ଶନିବାର ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ମେଡିକାଲର ରଞ୍ଜନରଶ୍ମି ବିଭାଗ ପରିସରରେ ଥିବା ଗୋଟିଏ ସହାୟତା କେନ୍ଦ୍ରରେ ରଞ୍ଜନରଶ୍ମିରେ ହେଉଥିବା ସିଟିସ୍କାନ, ଅଲଟ୍ରାସାଉଣ୍ଡ, ଏକ୍ସ-ରେ ଭଳି ବିଭିନ୍ନ ପରୀକ୍ଷା ରିପୋର୍ଟ ରୋଗୀଙ୍କୁ ଦିଆଯାଇଥାଏ। ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ ରିପୋର୍ଟ ରୋଗୀଙ୍କୁ ପରୀକ୍ଷାର ୨ ଘଣ୍ଟା ମଧ୍ୟରେ ମିଳିବା ମେଡିକାଲ ନିୟମ ରହିଛି। ସେହିପରି ସିଟିସ୍କାନ ରିପୋର୍ଟ ସାମାନ୍ୟ ବିଳମ୍ବରେ ମିଳିବାର ନିୟମ ରହିଛି। ହେଲେ ରୋଗୀ ମୁଖ୍ୟତଃ ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ ରିପୋର୍ଟ ପାଇଁ ଗୋଟିଏ ଦିନ ଅପେକ୍ଷା କରି ରହୁଛନ୍ତି। ଏହି ସହାୟତା କେନ୍ଦ୍ରରେ ତିନୋଟି ପର୍ଯ୍ୟାୟରେ ଜଣେ ଲେଖାଏ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ରହୁଥିବାବେଳେ ମାତ୍ର ଗୋଟିଏ ସହାୟତା କେନ୍ଦ୍ର ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ସୂଚନା ମିଳିଛି। ଏସ୍‌ସିବିରେ ଆଉ ଏକ ସହାୟତା କେନ୍ଦ୍ର ଖୋଲିବା ପାଇଁ ରୋଗୀ ଓ ସମ୍ପର୍କୀୟ ଦାବି କରିଛନ୍ତି। ଏ ନେଇ ମେଡିକାଲକୁ ଆସିଥିବା କେନ୍ଦୁଝର ଅଞ୍ଚଳର ସୋନି ମାରାଣ୍ଡି, ଯାଜପୁରର କବିତା ପଣ୍ଡା ଓ ବାଲେଶ୍ୱରର ଅନିରୁଦ୍ଧ ମହାପାତ୍ର କହିଛନ୍ତି, ମେଡିକାଲରେ ସୁବିଧା ରହିଛି ଯେତିକି ତାଠୁ ଅଧିକ ଅବ୍ୟବସ୍ଥା ବଢ଼ି ଯାଉଛି। ଅଲଟ୍ରାସାଉଣ୍ଡ, ଏକ୍ସ-ରେ ୧୧ଟା ବେଳୁ କରିଛୁ, ହେଲେ ସନ୍ଧ୍ୟା ସୁଦ୍ଧା ରିପୋର୍ଟ ମିଳି ପାରିନି। ସହାୟତା କେନ୍ଦ୍ରରେ କେବଳ ଅପେକ୍ଷା କରିବାକୁ କର୍ମଚାରୀ କହୁଛନ୍ତି। ଏବ୍ୟବସ୍ଥା ପ୍ରତି ମେଡିକାଲ କର୍ତ୍ତୃପକ୍ଷ ଧ୍ୟାନ ଦେବା ଆବଶ୍ୟକ ରହିଛି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

**File No.6738/2025** **Date:22.10.2025**

**No. XXVII-28:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବିଜାପଦର**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୫/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବିଜାପଦର**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଜାପଦର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

### ଭୂମି ଅନୁସୂଚୀ

**ମୌଜା:ବିଜାପଦର, ଥାନା-ମାଲକାନଗିରି ନଂ.-୭୪, ତହସିଲ:ମାଲକାନଗିରି, ଜିଲ୍ଲା:ମାଲକାନଗିରି**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୭୯ | ୨.୧୦୩ | ୦.୩୮୫ | ଧାନ ଏକ | ଅଙ୍ଗଦ ସାନ୍ତା, ପି:ବଲଭ ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| ୧୭ | ୬୫୨ | ୧.୯୭୭ | ୦.୮୮୪ | ଡଙ୍ଗର ଏକ | ଡମ୍ବରୁ ପାଙ୍ଗି, ପି:ରତନ ପାଙ୍ଗି, ଜା:ଗାଦବା, ବା:ନିଜଗାଁ |
| ୨୧ | ୫୬ | ୨.୯୩୬ | ୦.୦୮୯ | ଧାନ ଏକ | ଡମ୍ବୁ ଦୋରା, ବୁଦୁରା ଦୋରା, ସହଦେବ ଦୋରା, ଲଛମୁ ଦୋରା, କୃଷ୍ଣ ଦୋରା, ମଙ୍ଗଳି ଦୋରା, ପି:ମକୁନ୍ଦ ଦୋରା, ଲଛମା ଦୋରା, ସ୍ୱା:ମକୁନ୍ଦ ଦୋରା, ଜା:ଭୂମିଆ, ବା:ନିଜଗାଁ |
| ୨୬ | ୬୬ | ୨.୪୭୧ | ୧.୭୦୮ | ଧାନ ଦୁଇ | ନରସିଂହ କୋଡେ, ପି:ଲକ୍ଷଣ କୋଡେ, ଜା:ଭୂମିଆ, ବା:ନିଜଗାଁ |
| ୩୧ | ୪୯ | ୧.୩୨୨ | ୦.୬୦୮ | ଧାନ ଦୁଇ | ବରଜ ଭୂମିଆ, ପି:ସନୁ ଭୂମିଆ, ଜା:ଭୂମିଆ, ବା:ସରିଗୁଡା |
| ୩୩ | ୧୮୯ | ୧.୪୫୧ | ୦.୭୨୦ | ଧାନ ଦୁଇ | ବାଗା ପୋଲା, ରାମ ପୋଲା, ମଙ୍ଗଳା ପୋଲା, ନରସିଂହ ପୋଲା, ରାଇମଣି ପୋଲା, ପି:ଚକ୍ର ପୋଲା, ପୁତା ପୋଲା, ସ୍ୱା:ଚକ୍ର ପୋଲା, ଜା:ଭୂମିଆ, ବା:ନିଜଗାଁ (ପୋଲାଗୁଡା) |
| | ୪୭ | ୦.୭୧୭ | ୦.୭୧୭ | ଧାନ ଦୁଇ | |
| | ୪୪ | ୧.୦୦୧ | ୦.୨୪୧ | ଧାନ ଦୁଇ | |
| | ୩୪ | ୩.୪୧୩ | ୦.୯୯୮ | ଧାନ ଏକ | |
| ୪୧ | ୧୮୦ | ୨.୮୫୨ | ୧.୨୬୪ | ଡଙ୍ଗର ଏକ | ବୁଦୁରା ସାନ୍ତା, ପି:ଦାନା ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| ୪୨ | ୬୫୦ | ୦.୪୦୦ | ୦.୧୮୫ | ଧାନ ଏକ | ବୁଦୁରା ଆରଙ୍ଗି, ପି:ଭାଗିରଥି ଆରଙ୍ଗି, ଜା:ଭୂମିଆ, ବା:ନିଜଗାଁ (ପୋଲା ଗୁଡା) |
| | ୬୪୯ | ୧.୫୮୧ | ୦.୫୦୬ | ଧାନ ଏକ | |
| ୪୬ | ୨୦୫ | ୦.୨୪୭ | ୦.୧୦୨ | ଘରବାରି | ଭାଗିରଥୀ ପୂଜାରୀ, ପି:ନରସିଂହ ପୂଜାରୀ, ଜା:ଭୂମିଆ, ବା:ନିଜଗାଁ |
| ୫୬ | ୭୫ | ୩.୫୩୪ | ୦.୯୮୩ | ଡଙ୍ଗର ଏକ | ମଧୁ ଖିଲ, ପି:ହରି ଖିଲ, ଜା:ଗାଦବା, ବା:ନିଜଗାଁ |
| ୫୭ | ୫୨ | ୨.୫୯୫ | ୧.୯୫୯ | ଧାନ ଏକ | ମଧୁ ବୁରୁଡି, ମୁକୁଳ ବୁରୁଡି, ପି:ଘାସି ବୁରୁଡି, ଜା:କଟିଆ, ବା:ପାଣ୍ଡିରିପାଣି |
| | ୩୩ | ୦.୨୪୦ | ୦.୨୪୦ | ଧାନ ଏକ | |
| ୫୯ | ୨୦୪ | ୦.୧୦୧ | ୦.୦୧୬ | ଘରବାରି | ମୋହିଙ୍ଗା ସିଂ. ପି:ସର୍ଦ୍ଦାର ସିଂ, ଜା:ରାଇର, ବା:ନିଜଗାଁ |
| | ୧୯୫ | ୦.୨୦୦ | ୦.୦୧୫ | ଘରବାରି | |
| | ୧୯୩ | ୦.୦୫୨ | ୦.୦୪୭ | ଘରବାରି | |
| | ୧୯୨ | ୦.୪୦୦ | ୦.୪୦୦ | ଘରବାରି | |
| ୬୬ | ୭୨ | ୧.୭୨୫ | ୦.୧୦୦ | ଡଙ୍ଗର ଏକ | ରାମ ସାନ୍ତା, ପି:ସନା ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| | ୭୦ | ୦.୯୬୪ | ୦.୭୧୮ | ଡଙ୍ଗର ଏକ | |
| ୬୮ | ୧୭୭ | ୫.୨୪୫ | ୦.୦୭୮ | ଧାନ ଏକ | ଲଇଛନ ମାଡି, ପି:ଲଛମୁ ମାଡି, ଜା:କୋୟା, ବା:ନିଜଗାଁ |
| ୮୦ | ୧୮୨ | ୧.୮୫୧ | ୧.୦୬୨ | ଧାନ ଏକ | ସନିଆ ସାନ୍ତା, ଧନିଆ ସାନ୍ତା, ଇନ୍ଦ୍ରା ସାନ୍ତା, ପି:ଆଦୁ ସାନ୍ତା, ତୁଳସା ସାନ୍ତା, ସ୍ୱା:ଆଦୁ ସାନ୍ତା, ଜା:କନ୍ଧ, ବା:ନିଜଗାଁ |
| ୮୨ | ୭୧ | ୦.୪୪୦ | ୦.୪୪୦ | ଧାନ ଦୁଇ | ସନୁ ଖିଲ, ଉଦ୍ଧବ ଖିଲ, ଧନପତି ଖିଲ, ପି:ମଙ୍ଗଳା ଖିଲ, ଜା:କଟିଆ, ବା:ନିଜଗାଁ |
| | ୬୮ | ୧.୧୭୧ | ୧.୦୪୮ | ଧାନ ଏକ | |
| ୯୫ | ୭୪ | ୩.୨୧୨ | ୧.୨୨୮ | ଡଙ୍ଗର ଏକ | ସୋମନାଥ ଗାଦବା, ପି:ସମରା ଗାଦବା, ଜା:ଗାଦବା, ବା:ନିଜଗାଁ |
| ୯୮ | ୮୭ | ୧.୯୭୭ | ୦.୦୫୩ | ଧାନ ଏକ | ହରି ମୁଦୁଲି, ପି:ଦେବ ମୁଦୁଲି, ଜା:ପରଜା, ବା:ନିଜଗାଁ |
| ୧୩୭ | ୬୯ | ୦.୪୬୯ | ୦.୪୬୯ | ଜଙ୍ଗଲ | ନରସିଂହ ପୁଲା, ପି:ଚକ୍ର ପୁଲା, ଜା:ଭୂମିଆ, ବା:ବିଜାପଦର |
| ୧୪୦ | ୬୪୭/୧ | ୦.୬୬୧ | ୦.୨୩୪ | ଜଙ୍ଗଲ | ସମନ୍ଧ ଆରଙ୍ଗି, ପି:ବୃରୁଷ୍ଟୁ ଆରଙ୍ଗି, ଜା:ଭୂମିଆ, ବା:ବିଜାପଦର |
| ୧୭୪ | ୬୪୭/୨ | ୦.୬୬୧ | ୦.୧୪୫ | ଜଙ୍ଗଲ | ମନ ଅରଙ୍ଗି, ପି:ବୃର୍ଷ୍ଟୁ ଅରଙ୍ଗି, ଜା:ଭୂମିଆ, ବା:ବିଜାପଦର |
| ୧୩୯ | ୪୫/୨ | ୦.୪୪୯ | ୦.୪୩୯ | ଜଙ୍ଗଲ | ବାସୁଦେବ ମାଝି, ପି:ମଙ୍ଗଳା ମାଝି, ଜା:ଭୂମିଆ, ବା:ବିଜାପଦର |
| ୧୩୬ | ୪୫/୧ | ୦.୪୬୬ | ୦.୪୬୧ | ଜଙ୍ଗଲ | ମଙ୍ଗଳା ପୁଲା, ପି:ଚକ୍ର ପୁଲା, ଜା:ଭୂମିଆ, ବା:ବିଜାପଦର |
| ୧୫୯ | ୪୫/୩ | ୦.୪୬୬ | ୦.୨୬୧ | ଜଙ୍ଗଲ | ରାମ ପୁଲା, ପି:ଚକ୍ର ପୁଲା, ଜା:ଭୂମିଆ, ବା:ବିଜାପଦର |
| | ମୋଟ | ୪୯.୩୪୮ | ୧୮.୮୦୩ | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ମାଲକାନଗିରି**

OIPR-

# ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

**File No.6863/2025** **Date:27.10.2025**

No. XXVII-29: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବସନ୍ତପୁର**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୮/୨୦୨୪, ତା.୧୩.୦୨.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବସନ୍ତପୁର**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବସନ୍ତପୁର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

### ଭୂମି ଅନୁସୂଚୀ

**ମୌଜା:ବସନ୍ତପୁର, ଥାନା-ମାଲକାନଗିରି ନଂ.-୭୪, ତହସିଲ:ମାଲକାନଗିରି, ଜିଲ୍ଲା:ମାଲକାନଗିରି**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୫୭ | ୭୨୪/୭୬୦ | ୦.୦୮୧୫ | ୦.୦୮୧୫ | ଧାନ-୨ | ମୋନିତାରା ବୈରାଗୀ, ପି:କାଳି ଚରଣ ବୈରାଗୀ, ଜା:ନମଶୁଦ୍ର, ବା:ନିଜଗାଁ |
| ୭୯/୭୮୭ | ୭୧୫/୧୪୬୧/ ୧୫୧୯ | ୧.୦୦୦୮ | ୦.୭୬୦ | ଘରବାରି | ଅଜିତ କୁମାର ପାଢ଼ି, ପି:ରାଘବ ପାଢ଼ି, ଜା:ବ୍ରାହ୍ମଣ, ବା:ପୁରୁଣା ପୋଷ୍ଟ ଅଫିସ ସାହି, ମାଲକାନଗିରି, ଦୁର୍ଗାପ୍ରସାଦ ପଟ୍ଟନାୟକ, ପି:ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜା:କରଣ, ବା:ଦୁର୍ଗାଗୁଡି ସାହି, ମାଲକାନଗିରି, ରାୱାଲ ଚାନ୍ଦ ଟାୱାରି, ପି:ମଗରାଜ ଚାନ୍ଦ ଟାୱାରି, ଜା:ମାହେଶ୍ୱରୀ ବା:ମହେଶ୍ୱରୀ କଲୋନୀ, ମାଲକାନଗିରି |
| ୭୯/୧୨ | ୭୧୮/୭୯୭ | ୧.୦୦୦୭ | ୧.୦୦୦୧ | ଧାନ-୨ | ଅନୀତା ବିଶ୍ୱାସ, ସ୍ୱା:ବିମଳ କୃଷ୍ଣ ବିଶ୍ୱାସ, ଜା:ନମସୁଦ୍ର |
| ୭୯/୨୮ | ୭୧୮/୮୦୬ | ୧.୨୨୮୧ | ୧.୨୨୮ | ଧାନ-୨ | ଅନୀତା ବିଶ୍ୱାସ, ସ୍ୱା:ବିମଳ କୃଷ୍ଣ ବିଶ୍ୱାସ, ଜା:ନମସୁଦ୍ର |
| ୭୯/୬୩୧ | ୩୩୨/୧୩୪୭ | ୦.୯୨୪୨ | ୦.୯୨୪ | ଧାନ-୨ | ଦୁର୍ଗା ପ୍ରସାଦ ତ୍ରିପାଠୀ, ପି-ଘନଶ୍ୟାମ ତ୍ରିପାଠୀ, ଜା-ବ୍ରାହ୍ମଣ, ବା:ତଳସାହି, ମାଲକାନଗିରି |
| ୭୯/୪୩୭ | ୩୦୮/୧୧୯୪ | ୧.୬୦୦୧ | ୧.୬୦୧ | ଡଙ୍ଗର-୧ | ଗୋପି ମାଝୀ, ପି-କାର୍ତ୍ତିକ ମାଝୀ, ଜା-ନମସୁଦ୍ର, ବା-ଏମ୍.ଭି-43 |
| ୭୯/୪୮୦ | ୩୧୮/୮୯୦ | ୦.୨୧୦ | ୦.୨୧୦ | ଧାନ ଦୋଫସଲି-୧ | ଅସିମ ମଣ୍ଡଳ, ପି-ସୁବଳ ମଣ୍ଡଳ, ଜା-ନମସୁଦ୍ର, ବା-ଏମ୍.ଭି.-42 |
| ୭୯/୫୭୯ | ୩୩୪/୧୦୬୫ | ୦.୩୫୮ | ୦.୩୫୮ | ଧାନ-୧ | ଦୁର୍ଗା ପ୍ରସାଦ ତ୍ରିପାଠୀ, ପି-ଘନଶ୍ୟାମ ତ୍ରିପାଠୀ, ଜା-ବ୍ରାହ୍ମଣ, ବା:ତଳସାହି, ମାଲକାନଗିରି |
| ୭୯/୩୮୪ | ୩୩୪/୧୦୭୨ | ୦.୩୫୬ | ୦.୩୫୬ | ଧାନ-୧ | ଅମର ସରଦାର, ପି-ଯୋଗେନ୍ଦ୍ର ନାଥ, ଜା: ନମସୁଦ୍ର, ବା ଏମ୍.ଭି-43 |
| ୭୯/୯୦ | ୩୪୩/୮୬୪ | ୦.୧୫୬ | ୦.୧୫୬ | ଧାନ ଦୋଫସଲି-୧ | ନାରାୟଣ ଗୋସ୍ୱାମୀ, ପି.ରେବତୀ ଗୋସ୍ୱାମୀ, ଜା-ବ୍ରାହ୍ମଣ ବା M.V-43 |
| ୭୯/୧୯୫ | ୩୪୩/୮୬୭ | ୦.୦୯୪ | ୦.୦୯୪ | ଧାନ-୨ | ଦିଲିପ କୁମାର ଦେବନାଥ, ପି-ରମେଶ ଚନ୍ଦ୍ର ଦେବନାଥ, ଜା-ଦେବନାଥ, ବା-ଏମ୍.ଭି-43 |
| ୭୯/୧୬୬ | ୩୪୩/୮୭୨ | ୦.୧୫୩ | ୦.୧୫୩ | ଧାନ-୨ | ଦିଲିପ କୁମାର ଦେବନାଥ, ପି-ରମେଶ ଚନ୍ଦ୍ର ଦେବନାଥ, ଜା-ଦେବନାଥ, ବା-ଏମ୍.ଭି-43 |
| ୭୯/୩୫୪ | ୩୨୮/୧୧୩୮ | ୦.୭୯୧ | ୦.୭୯୧ | ଧାନ-୧ | ଶାନ୍ତ ମଣ୍ଡଳ, ପି-ଜତିନ ମଣ୍ଡଳ, ଜା-ନମସୁଦ୍ର, ବା-ଏମ.ଭି-43 |
| ୭୯/୫୦୨ | ୩୪୯/୮୬୮/ ୧୨୪୪ | ୦.୦୪୯ | ୦.୦୪୯ | ଧାନ-୨ | କୃଷ୍ଣପଦ ବିଶ୍ୱାସ, ପି-ଉପେନ୍ଦ୍ର ବିଶ୍ୱାସ, ଜା-ନମସୁଦ୍ର, ବା-ଏମ୍.ଭି-18 |
| ୭୯/୫୧୪ | ୩୪୯/୮୬୮/ ୧୨୫୩ | ୦.୦୯୯ | ୦.୦୯୯ | ଧାନ-୨ | ପରିମଳ ମିସ୍ତ୍ରୀ, ପି-ରମେଶ ମିସ୍ତ୍ରୀ, ଜା-ନମସୁଦ୍ର, ବା-ମାଲକାନଗିରି |
| ୭୯/୯୧ | ୩୪୯/୮୬୮ | ୦.୫୩୪ | ୦.୫୩୪ | ଧାନ-୨ | ପବିତ୍ର ଗୋସ୍ୱାମୀ, ପି-ରେବତୀ ଗୋସ୍ୱାମୀ, ଜା-ବ୍ରାହ୍ମଣ, ବା: ଏମ୍‌ଭି-43 |
| ୭୯/୯୦ | ୩୪୯/୮୬୫ | ୦.୪୬୭ | ୦.୪୬୭ | ଧାନ-୨ | ନାରାୟଣ ଗୋସ୍ୱାମୀ, ପି-ରେବତୀ ଗୋସ୍ୱାମୀ, ଜା-ବ୍ରାହ୍ମଣ, ବା-ଏମ୍.ଭି-43 |
| ୭୯/୪୨୪ | ୨୯୬/୧୧୩୫ | ୧.୦୦୮ | ୦.୧୭୩ | ଧାନ-୧ | ମିତା ଚାନ୍ଦ, ସ୍ୱା: ରବିନ୍ଦ୍ର ନାଥ ଚାନ୍ଦ, ଜା-କ୍ଷତ୍ରୀୟ, ବା-ଏମ୍.ଭି-43 |
| | ମୋଟ | | ୯.୦୩୪୬ | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ମାଲକାନଗିରି**

OIPR-

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର
## ଘୋଷଣା

**LAC No.**20/2025 Date:11.11.2025

**No. XIV-04:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗାଦବାଗୁଡ଼ା**, ଥାନା-**ନବରଙ୍ଗପୁର**, ନଂ-୩୯, ତହସିଲ-**ନନ୍ଦାହାଣ୍ଡି**, **ଜିଲ୍ଲା- ନବରଙ୍ଗପୁରରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୩୬, ତା.୦୬.୦୪.୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗାଦବାଗୁଡ଼ା**, ଥାନା-**ନବରଙ୍ଗପୁର**, ନଂ.୩୯, **ଜିଲ୍ଲା-ନବରଙ୍ଗପୁରରେ** କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହି ଘୋଷଣାନାମା ଜିଲ୍ଲା ୱେବସାଇଟ www. nabarangpur.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ଭୂ-ଅର୍ଜନ ଅଧିଗ୍ରହଣ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-ତହସିଲଦାର, ନନ୍ଦାହାଣ୍ଡିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର ତହସିଲ-ନନ୍ଦାହାଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗାଦବାଗୁଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | | | | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ନବରଙ୍ଗପୁର ତହସିଲ-ନନ୍ଦାହାଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୭.୦୫.୨୦୨୨

**ସ୍ୱା./-**
**ଜିଲ୍ଲାପାଳ, ନବରଙ୍ଗପୁର**

### ଭୂମି ଅନୁସୂଚୀ

**ମୌଜା:ଗାଦବାଗୁଡ଼ା (ଗ୍ରାମାଞ୍ଚଳ) ଥାନା:ନବରଙ୍ଗପୁର, ତହସିଲ:ନନ୍ଦାହାଣ୍ଡି, ଜିଲ୍ଲା:ନବରଙ୍ଗପୁର**

**ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | | ୬ |
| 176 | ରୟତି | 3 | ଧାନ ଦୁଇ | 0.770 | 0.190 | ସୁନାଦେଇ ଜାନି, ସ୍ୱା:ଦଶରଥ ଜାନି, ଜା:ପରଜା, ବା:ନବରଙ୍ଗପୁର (ନୁଆବନ୍ଧସାହି) |
| 115 | ରୟତି | 4 | ଧାନ ଦୁଇ | 1.400 | 1.300 | ଭିମ ଜାନି, ପି:ଅର୍ଜୁନ ଜାନି, ଜା:ପରଜା, ବା:ନବରଙ୍ଗପୁର |
| 4 | ରୟତି | 5 | ଧାନ ଦୁଇ | 1.070 | 1.070 | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ପି:ଶ୍ରୀପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି:କୃପାସିନ୍ଧୁ ବେହେରା, ଜା:କରଣ, ବା:ନବରଙ୍ଗପୁର |
| 4 | ରୟତି | 6 | ଧାନ ଦୁଇ | 2.300 | 0.400 | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ପି:ଶ୍ରୀପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି:କୃପାସିନ୍ଧୁ ବେହେରା, ଜା:କରଣ, ବା:ନବରଙ୍ଗପୁର |
| 4 | ରୟତି | 7 | ଧାନ ଦୁଇ | 5.380 | 1.520 | ଅଚ୍ୟୁତ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ପି:ଶ୍ରୀପତି ବେହେରା, ରାମଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ବେହେରା, ବୃନ୍ଦାବନ ବେହେରା, ପି:କୃପାସିନ୍ଧୁ ବେହେରା, ଜା:କରଣ, ବା:ନବରଙ୍ଗପୁର |
| 11 | ରୟତି | 55 | ବଗାୟତ | 3.365 | 0.897 | ଏ.ଡି.ବୋଦମା, ପି:ଏ.ଏମ୍. ଦେବୟା, ଜା:କ୍ଷତ୍ରିୟ, ବା:ନବରଙ୍ଗପୁର |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | | ୬ |
| 212/919 | ରୟତି | 55/1346 | BO-GAYATA | 0.041 | 0.041 | ମନୋରମା ପାନିଗ୍ରାହୀ, ସ୍ୱା-ଗୋବିନ୍ଦ ଚନ୍ଦ୍ର ସାହୁ, ଜା-ବ୍ରାହ୍ମଣ, ବା-ଜୟପୁର |
| 212/922 | ରୟତି | 55/1349 | ବଗାୟତ | 0.041 | 0.041 | ଶ୍ରୀନିବାସ ସାହୁ, ପି-ଗୋବିନ୍ଦ ଚନ୍ଦ୍ର ସାହୁ, ଜା-ବ୍ରାହ୍ମଣ, ବା-ଜୟପୁର |
| 212/1030 | ରୟତି | 55/1459 | BO-GAYATA | 0.041 | 0.041 | ଶୁଭମ ଯୋଶୀ, ପି-ଚମନ ପ୍ରସାଦ ଯୋଶୀ, ଜା-ବ୍ରାହ୍ମଣ, ବା-ଜଗଦଲପୁର |
| 11 | ରୟତି | 57 | ବଗାୟତ | 1.647 | 1.597 | ଏ.ଡି.ବୋଦମା, ପି:ଏ.ଏମ୍.ଦେବୟା, ଜା: କ୍ଷତ୍ରିୟ, ବା:ନବରଙ୍ଗପୁର |
| 212/1422 | ରୟତି | 57/1 | ବଗାୟତ | 0.038 | 0.038 | ସେଖ ଇସମାଇଲ, ପି:ଶେଖ ଇବ୍ରାହିମ, ଜା:ମୁସଲମାନ,ବା:ନବରଙ୍ଗପୁର |
| 212/725 | ରୟତି | 57/1155 | ବଗାୟତ | 0.041 | 0.041 | ଜଗଦୀଶ କୁମାର ପାତ୍ର, ପି:କୃଷ୍ଣଚନ୍ଦ୍ର ପାତ୍ର, ଜା:ବ୍ରାହ୍ମଣ, ବା:ପାରାବେଢା (ଜୟପୁର), କୋରାପୁଟ |
| 212/1026 | ରୟତି | 57/1455 | ବଗାୟତ | 0.041 | 0.041 | ଆଶା ତ୍ରିପାଠୀ, ସ୍ୱା:ବଦ୍ରୀ ଭଗବାନ ତ୍ରିପାଠୀ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |
| 212/1028 | ରୟତି | 57/1457 | ବଗାୟତ | 0.045 | 0.045 | ମିନତୀ ପଟ୍ଟନାୟକ, ପି-ସରୋଜକାନ୍ତ ପଟ୍ଟନାୟକ, ଜା-କରଣ, ବା-ଜୟପୁର |
| 212/1214 | ରୟତି | 57/1463 | ବଗାୟତ | 0.028 | 0.028 | ସାରିନ ନାଜ, ସ୍ୱା:ସାହାଜଜ ଅହମ୍ମଦ, ଜାତି:ମୁସଲମାନ, ବା:ଚାନ୍ଦ ନଗର, ଉମରକୋଟ |
| 212/1216 | ରୟତି | 57/1645 | ବଗାୟତ | 0.040 | 0.040 | ମଞ୍ଜୁ ପାଢୀ,@ରାଣୀ ପାଢୀ, ସ୍ୱା:ମୁରଲୀ ପାଢୀ, ଜାତି:ବ୍ରାହ୍ମଣ, ବା:ଆର.କେ.କଲୋନୀ, ନବରଙ୍ଗପୁର |
| 212/1288 | ରୟତି | 57/1711 | ବଗାୟତ | 0.041 | 0.041 | ସୀମାଦ୍ରି ଦିବ୍ୟାଭାରତୀ, ପି:ସୀମାଦ୍ରି ବେଣୁଗୋପାଳଆଚାରୀ, ଜା:ସୁନାରୀ, ବା:ପୂଜାରିଗୁଡା |
| 212/1341 | ରୟତି | 57/1759 | ବଗାୟତ | 0.038 | 0.038 | ରାମଦେଓ ସେଠିଆ, ପି:ମରୁତ ସେଠିଆ, ଜା:ଶୁଣ୍ଢି, ବା:ଲାଲବାଗ ରୋଡ ଜଗଦଲପୁର (ଜିଲ୍ଲା ବସ୍ତର, ଛତିଶଗଡ) |
| 212/1713 | ରୟତି | 57/4 | ବଗାୟତ | 0.038 | 0.038 | ଦୁର୍ଗା ପ୍ରସାଦ ଷଡଙ୍ଗୀ, ପି:ସୁବାସ ଚନ୍ଦ୍ର ଷଡଙ୍ଗୀ, ଜା:ବ୍ରାହ୍ମଣ, ବା:କୋଟପାଡ |
| 212/1697 | ରୟତି | 57/3 | ବଗାୟତ | 0.057 | 0.057 | ନୀଳକଣ୍ଠ ପାଣିଗ୍ରାହୀ, ପି:ବନ ଚନ୍ଦ୍ର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ଗ୍ରାମ-ମୈତ୍ରୀ ବିହାର |
| 212/852 | ରୟତି | 57/1284 | ବଗାୟତ | 0.041 | 0.041 | ଏସ ହେମନ୍ତ ପାତ୍ର, ପି:ଏସ ଜଗନ୍ନାଥ ପାତ୍ର, ବା:ଜଟାବାଲ |
| 212/852 A | ରୟତି | 57/1283 | ବଗାୟତ | 0.041 | 0.041 | ଏସ ସିତେଶ ପାତ୍ର, ପି:ଏସ ଜଗନ୍ନାଥ ପାତ୍ର,ବା:ଜଟାବାଲ |
| 8 | ରୟତି | 56 | ବଗାୟତ | 4.646 | 1.411 | ଆନିରା ଦେବାୟା, ଜୋଜଆମ୍ମା, ପି:ଆନିରା ମେଦଆପ୍ପା ଦେବାୟା, ଜା:କ୍ଷତ୍ରିୟ, ବା:ନବରଙ୍ଗପୁର |
| 212/790 | ରୟତି | 56/1222 | ବଗାୟତ | 0.041 | 0.041 | ବାସୁଦେବ ପଣ୍ଡା, ପି:ଆନନ୍ଦ ପଣ୍ଡା, ଜା:ବ୍ରାହ୍ମଣ, ବା:କୁମୁଲିପୁଟ |
| 212/791 | ରୟତି | 56/1223 | ବଗାୟତ | 0.040 | 0.020 | ସପାରିନା ପାତ୍ର, ସ୍ୱା:ସପା ଚିଟୁ ପାତ୍ର, ଜା:ବୈଶ୍ୟ, ବା:ଜଟାବାଲ |
| 212/1373 | ରୟତି | 56/125/1 | ବଗାୟତ | 0.040 | 0.040 | ରଜନୀ କୁମାରୀ ସାହୁ, ପି-ମାଧୁରୀ ସାହୁ, ଜା-ଗୁଡିଆ, ବା-ଇଚ୍ଛାବତିଗୁଡା |
| 212/1695 | ରୟତି | 56/14 | ବଗାୟତ | 0.082 | 0.041 | ଶେଖ ମନସୁର, ପି:ଶେକ ନୂର, ଜା:ମୁସଲମାନ, ବା:ଗ୍ରାମ-ଉମରକୋଟ |
| 212/1698 | ରୟତି | 56/16 | ବଗାୟତ | 0.041 | 0.041 | ନୀଳକଣ୍ଠ ପାଣିଗ୍ରାହୀ, ପି:ବନ ଚନ୍ଦ୍ର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ଗ୍ରାମ-ମୈତ୍ରୀବିହାର |
| 212/1195 | ରୟତି | 56/1624 | ବଗାୟତ | 0.041 | 0.041 | ସନ୍ନ୍ୟାସୀ ଦଳେଇ, ପି:ପିତାମ୍ବର ଦଳେଇ, ଜା:ଖଣ୍ଡାୟତ, ବା:କଷାଗୁମୁଡା |
| 212/1413 | ରୟତି | 56/2 | ବଗାୟତ | 0.041 | 0.042 | ସୁପ୍ରିଆ ଶେଖରି,ସ୍ୱା:ଜାମି ଅଶୋକ, ଜା:ବୈଶ୍ୟ, ବା:ବୈପାରୀଗୁଡା |
| 212/1510 | ରୟତି | 56/5 | ବଗାୟତ | 0.041 | 0.041 | ଇପିଲି ଭେଙ୍କଟ ରାବଣା, ପି:ଇପିଲି ମାଲେୟା, ଜା:କାପୁ, ବା:ପୂଜାରି ସାହି, କୋଷାଗୁମୁଡା |
| 212/1527 | ରୟତି | 56/7 | ବଗାୟତ | 0.040 | 0.040 | ମହମ୍ମଦ ବାଷା, ପି:ମହମ୍ମଦ ଅବଦୁଲ ରେହମାନ, ଜା:ମୁସଲମାନ, ବା:ଜଟାବାଲ |
| 212/1530 | ରୟତି | 56/8 | ବଗାୟତ | 0.046 | 0.046 | ମହମ୍ମଦ ହୁମ୍ମାଉଦ୍ଦୀନ, ପି:ମହମ୍ମଦ ସବୁଦ୍ଦିନ, ଜା:ମୁସଲମାନ, ବା:ଜଟାବାଲ |
| 212/1531 | ରୟତି | 56/9 | ବଗାୟତ | 0.034 | 0.034 | ମହମ୍ମଦ ହୁମ୍ମାଉଦ୍ଦୀନ, ପି:ମହମ୍ମଦ ସବୁଦ୍ଦିନ, ଜା:ମୁସଲମାନ, ବା:ଜଟାବାଲ |
| 212/916(A) | ରୟତି | 56/1343 | ବଗାୟତ | 0.041 | 0.041 | ଭଗବାନ ରାଉତ, ପି:ଜୁରିଆ ରାଉତ, ବା:ଜୟପୁର |
| 212/259 | ରୟତି | 61 | ଘରବାରି | 1.640 | 1.640 | ଜାମ୍ମାନା କୋଣ୍ଡାମ୍ମା, ସ୍ୱା:ଜାମ୍ମାନା ଭେଙ୍କଟେଶ୍ୱର ରାଜୁ, ଜା:କ୍ଷେତ୍ରିୟ, ବା:ତେଲିସାହି, ନବରଙ୍ଗପୁର |
| 162 | ରୟତି | 62 | ଡଙ୍ଗର ଦୁଇ | 5.000 | 4.740 | ସଦାଶିବ ରଥ, ପି:ବ୍ରଜମୋହନ ରଥ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |
| 212/259 | ରୟତି | 63 | ଘରବାରି | 3.630 | 2.910 | ଜାମ୍ମାନା କୋଣ୍ଡାମ୍ମା, ସ୍ୱା:ଜାମ୍ମାନା ଭେଙ୍କଟେଶ୍ୱର ରାଜୁ, ଜା:କ୍ଷେତ୍ରିୟ, ବା:ତେଲିସାହି, ନବରଙ୍ଗପୁର |
| 67 | ରୟତି | 64 | ଡଙ୍ଗର ଦୁଇ | 1.950 | 1.940 | ତ୍ରିନାଥ ହରିଜନ, ପି:ତ୍ରିଲୋଚନ ହରିଜନ, ଜା:ଡମ୍ବ, ବା:ଗାଦବାଗୁଡା |
| 103 | ରୟତି | 107 | ଡଙ୍ଗର ଦୁଇ | 1.000 | 0.370 | ସଂଯୁକ୍ତା ଖଡଗରାୟ, ସ୍ୱା:ମନ୍ମଥ ମୋହନ ଖଡଗରାୟ, ଅରୁଣ କୁମାର ଖଡଗରାୟ, ଆରତୀ ଖଡଗରାୟ, ପି-ମନ୍ମଥ ମୋହନ ଖଡଗରାୟ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିଗ୍ରହଣ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | | ୬ |
| 212/1719 | ରୟତି | 107/2 | ଡଙ୍ଗର ଦୁଇ | 1.480 | 0.180 | ଅଶୋକ ଦାସ, ପି:ସୁବାସ ଚନ୍ଦ୍ର ଦାସ, ଜା:ବ୍ରାହ୍ମଣ, ବା:ନବରଙ୍ଗପୁର |
| 212/283 | ରୟତି | 106 | ଡଙ୍ଗର ଦୁଇ | 1.810 | 0.590 | ସୋହାଗୀ ମାଝୀ, ପି:ସିଙ୍ଗରାୟ ଟୁଡୁ, ଜା:ସାନ୍ତା, ବା:ମାଝୀଗୁଡା, ନବରଙ୍ଗପୁର |
| 118 | ରୟତି | 105 | ଡଙ୍ଗର ଦୁଇ | 2.000 | 1.685 | ମଇନା ଜାନୀ, ପି:ଧନ ଜାନୀ, ଜା:ପରଜା, ବା:ନିଜଗାଁ |
| 212/1025 | ରୟତି | 83 | ଡଙ୍ଗର ଦୁଇ | 0.850 | 0.850 | ଜତିନ୍ଦ୍ର ସଗରିଆ, ପି:ପଦୁ ସଗରିଆ, ଜା:ଡମ୍ବ,ବା:କୁସୁମି |
| 212/788 | ରୟତି | 83/1219 | ଡଙ୍ଗର ଦୁଇ | 0.340 | 0.199 | ନଳିନୀପ୍ରଭା ନାୟକ, ସ୍ୱା:ଦୟାପାତ୍ର ନାୟକ, ଜା:ଡମ୍ବ ଖ୍ରିଷ୍ଟିୟାନ, ବା:କାମତା ତେନ୍ତୁଳିଖୁଣ୍ଟି |
| 212/1284 | ରୟତି | 83/1219/ 1707 | ଡଙ୍ଗର ଦୁଇ | 0.100 | 0.100 | ଟଙ୍କଧର ଟାକ୍ରି, ପି:କୁମାର ଟାକ୍ରି, ଜା:ଡମ୍ବ, ବା:ବିଞ୍ଜିଗୁଡା |
| 212/1269 | ରୟତି | 83/1219/ 1696 | ଡଙ୍ଗର ଦୁଇ | 0.100 | 0.100 | ରାମଚନ୍ଦ୍ର ହରିଜନ, ପି:କୁମଧନ ହରିଜନ, ଜା:ଡମ୍ବ, ବା:ବିଞ୍ଜିଗୁଡା, ଥାନା-ତେନ୍ତୁଳିଖୁଣ୍ଟି |
| 212/1435 | ରୟତି | 83/1219/ 2 | ଘରବାରି | 0.050 | 0.050 | ସନ୍ତୋଷ କୁମାର ହରିଜନ, ପି:ତିଳ ହରିଜନ, ଜା:ଡମ୍ବ, ବା:କୁକୁଡାବାଇ, ଥାନା-ନବରଙ୍ଗପୁର, ତହସିଲ-ତେନ୍ତୁଳିଖୁଣ୍ଟି |
| 212/1434 | ରୟତି | 83/1219/ 1 | ଡଙ୍ଗର ଦୁଇ | 0.200 | 0.200 | ଅରୁଣ କୁମାର ଗରଡା, ପି:ମୃତ ଶତ୍ରୁଘ୍ନ ଗରଡା, ଜା:ଡମ୍ବ, ବା:ଗ୍ରାମ-ଅଞ୍ଚଳଗୁମ୍ମା |
| 212/1705 | ରୟତି | 83/1219/ 3/1 | ଡଙ୍ଗର ଦୁଇ | 0.120 | 0.120 | ନକୁଳ ହରିଜନ, ପି:ରତନ ହରିଜନ, ଜା:ଡମ୍ବ, ବା:କେନ୍ଦୁଗୁଡା |
| 212/1706 | ରୟତି | 83/1219/ 3 | ଡଙ୍ଗର ଦୁଇ | 0.080 | 0.080 | ହେମନ୍ତ ହରିଜନ, ପି:ଘାସି ହରିଜନ, ଜା:ଡମ୍ବ, ବା:ଅଞ୍ଚଳଗୁମା |
| 212/1769 | ରୟତି | 83/1219/ 4 | ଡଙ୍ଗର ଦୁଇ | 0.060 | 0.060 | ରଞ୍ଜନ କୁମାର ପଟ୍ଟନାୟକ, ପି:ଅଭିମନ୍ୟୁ ପଟ୍ଟନାୟକ, ଜା:କରଣ, ବା:ଗ୍ରାମ-ଚିଲିଗୁଡା, ଜୟପୁର |
| 215 | ରୟତି | 84 | ପତିତ | 0.710 | 0.550 | ଆବାଦ ଯୋଗ୍ୟ ଅନାବାଦୀ |
| 170 | ରୟତି | 85 | ଡଙ୍ଗର ଦୁଇ | 2.000 | 2.000 | ସାଧୁ ହରିଜନ, ପି:ପଦ୍ମନାଭ ହରିଜନ, ଜା:ଡମ, ବା:ନିଜଗାଁ |
| 212/8 | ରୟତି | 87 | ଡଙ୍ଗର ଦୁଇ | 2.140 | 1.850 | ଶ୍ରୀ କାକାଲାପୁ ରବିପ୍ରସାଦ, ପି:ଶ୍ରୀ କାକାଲାପୁ ସତ୍ୟନାରାୟଣ, ଜା:କୁମ୍ଭାରୀ, ବା:ନବରଙ୍ଗପୁର |
| 114 | ରୟତି | 75 | ଧାନ ଦୁଇ | 1.040 | 0.760 | ଶିବ ଅମନାତ୍ୟ, ପି:ଭଗତ ଅମନାତ୍ୟ, ଜା:ଅମନାତ୍ୟ, ବା:ଦଳେଇଗୁଡା |
| 114 | ରୟତି | 74 | ଧାନ ଦୁଇ | 0.560 | 0.560 | ଶିବ ଅମନାତ୍ୟ, ପି:ଭଗତ ଅମନାତ୍ୟ, ଜା:ଅମନାତ୍ୟ, ବା:ଦଳେଇଗୁଡା |
| 212/140 | ରୟତି | 72 | ଡଙ୍ଗର ଦୁଇ | 1.050 | 0.740 | ଦରାଲକ୍ଷ୍ମୀ,ସ୍ୱା:ସତ୍ୟନାରାୟଣ, ଜା:କୁମାରୀ, ବା:ଦଣ୍ଡାସିସାହି |
| 212/161 | ରୟତି | 65 | ଡଙ୍ଗର ଦୁଇ | 2.150 | 0.060 | ଭବାନୀ ପଟ୍ଟନାୟକ, ପି:ସୁଧାକର ପଟ୍ଟନାୟକ, ଜା:କରଣ, ବା:ଚାମୁରିଆଗୁଡା, ନବରଙ୍ଗପୁର |
| 212/1040 | ରୟତି | 86/1469 | ଡଙ୍ଗର ଏକ | 0.450 | 0.450 | ଘାସି ହରିଜନ, ପି:ସାଧୁ ହରିଜନ, ଜା:ଡମ୍ବ, ବା:ଭବସିଂ ହରିଜନ, ସ୍ୱା:ଘାସି ହରିଜନ, ଜା:ଡମ୍ବ, ବା:ଗାଦବାଗୁଡା |
| 212/1041 | ରୟତି | 86 | ଘରବାରି | 0.450 | 0.280 | ଦେବ ହରିଜନ, ପି-ସାଧୁ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ନିଜଗାଁ |
| 212/1042 | ରୟତି | 86/1471 | ଘରବାରି | 0.450 | 0.010 | ଗୁରୁ ହରିଜନ, ପି:ସାଧୁ ହରିଜନ, ଘାସିନୀ ହରିଜନ, ସ୍ୱା-ଗୁରୁ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା:ନିଜଗାଁ |
| 212/1058 | ରୟତି | 79 | ଘରବାରି | 0.540 | 0.540 | ଚୁନ ହରିଜନ, ପି-ରଘୁନାଥ ହରିଜନ, ଜା-ଡମ୍ବ ବା-ଦୋଳେଇଗୁଡା |
| 212/1057 | ରୟତି | 79/1487 | ଡଙ୍ଗର ଏକ | 0.540 | 0.540 | ଅନିଲ ହରିଜନ, ପି-ରଘୁନାଥ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦୋଳେଇଗୁଡା |
| 212/1053 | ରୟତି | 77/1483 | ଡଙ୍ଗର ଏକ | 1.000 | 1.000 | ଲକ୍ଷ୍ମଣ ହରିଜନ, ପି-ଡମ୍ବରୁ ହରିଜନ, ନେତ୍ରା ହରିଜନ, ସ୍ୱା-ଲକ୍ଷ୍ମଣ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦଳେଇଗୁଡା |
| 212/1862 | ରୟତି | 83/1 | ଘରବାରି | 0.100 | 0.100 | ପୂର୍ଣ୍ଣଚନ୍ଦ୍ର ହରିଜନ, ପି:ଘନ ହରିଜନ, ବା:ପାତ୍ରପୁଟ |
| 212/1861 | ରୟତି | 83/1/ 1884 | ଘରବାରି | 0.100 | 0.100 | ଶ୍ୟାମ ହରିଜନ, ପି:ଲକ୍ଷ୍ମଣ ହରିଜନ,ବା:ପଟାଗୁଡା |
| 212/1581 | ରୟତି | 102 | ଡଙ୍ଗର ଦୁଇ | 0.198 | 0.050 | ସ୍ଲୋଜ ହାଉସିଂ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ ତରଫେ ମନମୋହନ ପଣ୍ଡା, ପି:ମୃତ ବିପିନ ଚନ୍ଦ୍ର ପଣ୍ଡା, ଜା:ବ୍ରାହ୍ମଣ, ବା:ଗ୍ରାମ-ନୂଆବନ୍ଧ ସାହି |
| 212/1047 | ରୟତି | 73/1476 | ଡଙ୍ଗର ଏକ | 1.000 | 0.650 | ବୁଦୁ ହରିଜନ, ପି-ଡମ୍ବରୁ ହରିଜନ, ମଣିମା ହରିଜନ,ସ୍ୱା-ବୁଦୁ ହରିଜନ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-ଦଳେଇଗୁଡା |
| 212/1852 | ରୟତି | 83/1219/ 1875 | ଡଙ୍ଗର ଦୁଇ | 0.141 | 0.141 | ଯୁଗଳ ହରିଜନ, ପି:ଅର୍ଜୁନ ହରିଜନ, ଜା:ଡମ୍ବ, ବା:ଗ୍ରାମ- ଅଞ୍ଚଳଗୁମ୍ମା |
| 212/1373 | ରୟତି | 56/1251/ 1 | ବଗାୟତ | 0.001 | 0.001 | ରଜନୀ କୁମାରୀ ସାହୁ, ପି:ମାଧୁରୀ ସାହୁ, ଜା:ଗୁଡିଆ, ବା:ଇଚ୍ଛାବତୀଗୁଡା |
| 212/1567 | ରୟତି | 57/2 | ବଗାୟତ | 0.076 | 0.076 | ହେମଲତା ଜୈନ, ସ୍ୱା:ବିନୋଦ କୁମାର ଜୈନ, ଜା:ଜୈନ୍ୟ, ବା:ସୁନାରି ସାହି, ନବରଙ୍ଗପୁର |
| 212/777 | ରୟତି | 57/1208 | ବଗାୟତ | 0.040 | 0.040 | ସୁଧୀର ଚନ୍ଦ୍ର ସାହୁ, ପି:ବସନ୍ତ କୁମାର ସାହୁ, ଜା:ବ୍ରାହ୍ମଣ, ବା:ଇରିଗେସନ୍ କଲୋନୀ, ଜୟପୁର, ଜି:କୋରାପୁଟ |
| 212/1854 | ରୟତି | 57/1876 | ବଗାୟତ | 0.038 | 0.038 | ନୁର ଜାହାନ ବିବି, ସ୍ୱା:ମୃତ ମହମ୍ମଦ ସଫି, ଜା:ମୁସଲମାନ, ବା:ଗ୍ରାମ-ଭାଟିସାଲଗୁଡା |

**Sd./- Tahasildar-cum-Spl.Land Aquisition Officer**
**Jeypore-Nabarangpur New BG**
**Rail Link Project, Nandahandi**

OIPR-

# ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

## (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

## ଅଧିସୂଚନା

ନମ୍ବର: ୧୮୧୯୬ — ତାରିଖ: ୦୧।୧୨।୨୦୨୫

ସୂଚନାଯୋଗ୍ୟ, ସୁଶାନ୍ତ କେନ୍ଦ୍ରାପଡା ଆଳି ମାଣିକପାଟଣା ଗ୍ରାମର ମୂଳନିବାସୀ ଏବଂ ସେ ବ୍ରାହ୍ମଣୀତରଙ୍ଗ ଥାନା ନଦୀଟୋଲାରେ ସପରିବାର ରହୁଥିଲେ। ତାଙ୍କ ସ୍ତ୍ରୀ ଓ ୨ ପୁଅ ଅଛନ୍ତି। ସେ ପୂର୍ବରୁ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ବସ୍‌ରେ ଆସିବାକୁ ଅସମର୍ଥ ଥିବା ଯୋଗୁ ଭଉଣୀ ଅନୀତା ସାହୁଙ୍କ ସହ ସେ ଦୁର୍ଘଟଣାଦିନ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ବିମାନରେ ଫେରୁଥିବାବେଳେ କଂସରଠାରେ ବିମାନଟି ଖସିପଡ଼ିଥିଲା। ଏଥିରେ ଥିବା ୬ ଜଣଙ୍କ ମଧ୍ୟରେ ଏହି ଭଉଣୀଭାଇ ମଧ୍ୟ ଆହତ ହୋଇ ଜେପି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।



ସୁଶାନ୍ତ ବିଶ୍ୱାଳ (ଫାଇଲ ଫଟୋ)

# ୧୦ରୁ ୫ ଜିଲାରେ ସାମୂହିକ ଔଷଧ ସେବନ

ଭୁବନେଶ୍ୱର,୧୭।୧(ବନ୍ଦନା ସେଠୀ)

ରାଜ୍ୟରେ ଲିମ୍ଫାଟିକ ଫାଇଲେରିଆସିସ୍ ରୋଗର ନିରାକରଣ ପାଇଁ ଫେବୃଆରୀ ୧୦ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଅଭିଯାନ ରାଜ୍ୟର ୫ ଜିଲାର ୬ଟି ୟୁନିଟ (ବ୍ଲକ/ସହରାଞ୍ଚଳ)ରେ କାର୍ଯ୍ୟକାରୀ ହେବ। ଏଥିରେ ବଲାଙ୍ଗୀର ଜିଲାରୁ ୨ଟି ଏବଂ ଢେଙ୍କାନାଳ, ବରଗଡ଼, ଯାଜପୁର ଓ ଗଞ୍ଜାମ ଜିଲାରୁ ଗୋଟିଏ ଲେଖାଏଁ ୟୁନିଟ ସାମିଲ ରହିଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥ ଏସ୍‌ଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଉଚ୍ଚସ୍ତରୀୟ ରାଜ୍ୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ରାଜ୍ୟରେ ଏହି ରୋଗର ସ୍ଥିତି ଓ ଫେବୃଆରୀ ଅଭିଯାନ ପାଇଁ ପ୍ରସ୍ତୁତି ସୂଚନା ଉପସ୍ଥାପନ କରିଥିଲେ। ଏନେଇ ଜନ ସଚେତନତା ବୃଦ୍ଧି ସହ ସମସ୍ତେ ଯେପରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଔଷଧ ସେବନ କରିବେ ତାହା ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ମିଶନ ନିର୍ଦ୍ଦେଶିକା ବୃନ୍ଦା ଡି. ଅନୁପାଳନ ଓ ତଦାରଖ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ସହ କମ୍ ଔଷଧ ସେବନ ହେଉଥିବା ଅଞ୍ଚଳଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ସୋମା ... , ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ (ଜନସ୍ୱାସ୍ଥ୍ୟ) ଜିତେନ୍ଦ୍ର ମୋହନ ବେବର୍ତ୍ତା, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ନଗର ଉନ୍ନୟନ, ପଞ୍ଚାୟତିରାଜ ବିଭାଗର ଅଧିକାରୀ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ), ପିସିଆଇ ଓ ଜିଏଚ୍‌ଏସ୍ ଭଳି ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଗଦି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

### ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



ହୁତୁ ହୁତୁ ହୋଇ ଜଳୁଥିବା ତୁଳା ଫ୍ୟାକ୍ଟ୍ରି।

ବାଲେଶ୍ୱର,୧୭।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ୧୬ନଂ. ଜାତୀୟ ରାଜପଥର ହଳଦିପଦା ବାଇପାସ୍ ନିକଟସ୍ଥ ଏକ ଗଦି ଫ୍ୟାକ୍ଟ୍ରିରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ତୁଳା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ବାଲିଆପାଳ ଅଞ୍ଚଳର ମନ୍ମଥ ପ୍ରଧାନ ଦୀର୍ଘଦିନ ଧରି ଏକ ଗଦି ଫ୍ୟାକ୍ଟ୍ରି କରି ବ୍ୟବସାୟ ଚଳାଇ ଆସୁଥିଲେ। ଗଦି, ରେଜେଇ ଓ ତକିଆ ଆଦି ତିଆରି ପାଇଁ ସେଠାରେ ତୁଳା ଓ ବିଭିନ୍ନ ସାମଗ୍ରୀ ମହଜୁଦ ରଖୁଥିଲେ। ଶନିବାର ଫ୍ୟାକ୍ଟ୍ରିକୁ ଦୁଇଟି କଣ୍ଟେନରରେ କଞ୍ଚା ତୁଳା ଆସିଥିଲା। ଅପରାହ୍ନରେ ଫ୍ୟାକ୍ଟ୍ରି ତିନୋଟି ଘରେ ନିଆଁ ଲାଗି ଯାଇଥିଲା। ଭିତରେ ଥିବା ମାଲିକ ଓ କାର୍ଯ୍ୟରତ କର୍ମଚାରୀମାନେ ବାହାରକୁ ପଳାଇ ଆସିଥିଲେ। ଖବରପାଇ ବାଲେଶ୍ୱର ଓ ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ବଂଶୀବାଦକ ଗଗନ ନନ୍ଦଙ୍କ ପରଲୋକ



ଢେଙ୍କାନାଳ,୧୭।୧(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତଠାରେ ରହୁଥିବା ବିଶିଷ୍ଟ ବଂଶୀବାଦକ ତଥା ସାଂସ୍କୃତିକ ସଙ୍ଗଠକ ଗଗନ ବିହାରୀ ନନ୍ଦ (୭୭)ଙ୍କ ଶନିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ଜିଲା ଲେଖକ ସଂସଦ, ବରିଷ୍ଠ ନାଗରିକ ସଂଘ, ବିଭିନ୍ନ ନୃତ୍ୟ ଅନୁଷ୍ଠାନ, ମିଳିତ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ରାଉତ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, କାଉନସିଲର ଅଭିମନ୍ୟୁ ପଣ୍ଡା, ଲଳିତନଗର ସାହି ସଭାପତି ଆନନ୍ଦଚନ୍ଦ୍ର ମିଶ୍ର, କୁଞ୍ଜକାନ୍ତ ଲକ୍ଷ୍ମୀପୂଜା କମିଟି ସଭାପତି ହୃଦାନନ୍ଦ ଦ୍ୱିବେଦୀ, ଆଇନଜୀବୀ ଦୀପ୍ତିସ ପ୍ରସାଦ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ଢେଙ୍କାନାଳ ସହରରେ ଶୋକର ଛାୟା ଖେଳିଯାଇଛି।

# ବିହାର ଚାମ୍ପିୟନ, ଓଡ଼ିଶାକୁ ବ୍ରୋଞ୍ଜ

## ଜାତୀୟ ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ




ବ୍ରୋଞ୍ଜ ପଦକ ସହ ଓଡ଼ିଶା ବାଳିକା ଦଳ।

ଭୁବନେଶ୍ୱର,୧୭।୧(ଅନାଦି କର)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଦଶମ ୧୫ ବର୍ଷରୁ କମ୍ ବାଳିକା ସବ-ଜୁନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ବିହାର ଚାମ୍ପିୟନ ଓ ମହାରାଷ୍ଟ୍ର ରନରଅପ ହୋଇଥିବା ବେଳେ ଦ୍ୱିତୀୟ ରନରଅପ୍ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ଫାଇନାଲରେ ବିହାର ୩୪-୭ ବ୍ୟବଧାନରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିୟନ ହୋଇଛି। ଏହି ବିଜୟ ସହ ଗତ ଥର ମହାରାଷ୍ଟ୍ର ବିପକ୍ଷ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି ବିହାର। ଗତ ୬ ବର୍ଷରେ ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଏହା ବିହାରର ପଞ୍ଚମ ଟାଇଟଲ। ଆୟୋଜକ ଓଡ଼ିଶା ବ୍ରୋଞ୍ଜ ମେଡାଲ ପ୍ଲେଅଫ୍ ମ୍ୟାଚ୍‌ରେ ରାଜସ୍ଥାନକୁ ୪୭-୫ ବ୍ୟବଧାନରେ ହରାଇ ପୋଡିୟମରେ ସ୍ଥାନ ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, ବିଭାଗୀୟ ନିର୍ଦ୍ଦେଶକ ୟେଦ୍ଦୁଲା ବିଜୟ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପ ସଭାପତି ଉପେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ।

## ଅଟୋ ଡ୍ରାଇଭର ଜୀବନ୍ତ ଦଗ୍ଧ

### ଦୁର୍ଘଟଣାରେ ଜଳିଗଲା କାର୍, ଅଟୋ

ଫୁଲବାଣୀ/ଖଜୁରିପଡା, ୧୭।୧ (ରାକେଶ କୁମାର ରାଉତ/ବିଦୁର ବେହେରା)

କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଦାତପାଜୁ ନିକଟରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ଏବଂ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡି ଜଳିଯାଇଛି। ଏଥିରେ ଅଟୋଚାଳକ ବରୁଣ ମଲ୍ଲିକ(୨୦) ଚାପିହୋଇ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖଜୁରିପଡା ବ୍ଲକ ଦାତପାଜୁ ପଞ୍ଚାୟତ ମିଣିଆକାଠି ଗ୍ରାମରେ ତାଙ୍କ ଘର। ଲୋକେ ଅଟୋରେ ଥିବା ଅନ୍ୟ ୨ ଜଣଙ୍କୁ ଏବଂ କାରରେ ଥିବା ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। କାର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ବରୁଣଙ୍କ ଭାଇ ବାବୁଲା ଓ ଦଡକି ପଞ୍ଚାୟତ ସିଙ୍ଗାପଡାର ଶୈଳେନ୍ଦ୍ର କହଁର ଗୁରୁତର ହୋଇଛନ୍ତି। ସେମାନଙ୍କ ଶରୀରର ପ୍ରାୟ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିବା ଜଣାପଡିଛି। ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ୩ ଜିଲାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟିଲା ପିସିସି

ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ୩ ଜିଲା କନ୍ଧମାଳ, ସୋନପୁର ଏବଂ ଝାରସୁଗୁଡ଼ା ପାଇଁ ସାଙ୍ଗଠନିକ ଦାୟିତ୍ୱ ଏକାଧିକ ନେତାଙ୍କ ଭିତରେ ବାଣ୍ଟିଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସ୍ୱୀକୃତିରେ ୩ ଜିଲା ପାଇଁ ନେତାମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। କନ୍ଧମାଳ ଜିଲାରେ ୫ ଜଣଙ୍କୁ ଉପସଭାପତି, ୧୫ ଜଣଙ୍କୁ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୩୬ ଜଣଙ୍କୁ ସମ୍ପାଦକ ଏବଂ ୪୮ ଜଣଙ୍କୁ କାର୍ଯ୍ୟକାରୀ ଦାୟିତ୍ୱ ପ୍ରଦାନ କରିଛି। ସେହିପରି ଜିଲାର ୧୩ଟି ବ୍ଲକ୍, ଗୋଟିଏ ମ୍ୟୁନିସିପାଲିଟି ଏବଂ ୩ଟି ଏନ୍‌ଏସିରେ ସଭାପତି ଚୟନ କରାଯାଇଛି। ସମାନଭାବେ ସୋନପୁର ଜିଲା ପାଇଁ ୭ ଜଣଙ୍କୁ ଉପସଭାପତି, ୬ ଜଣ ସାଧାରଣ ସମ୍ପାଦକ, ୧୫ ଜଣଙ୍କୁ ସମ୍ପାଦକ, ଜଣଙ୍କୁ କୋଷାଧ୍ୟକ୍ଷ, ୧୨ ଜଣଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଏବଂ ୬ଟି ବ୍ଲକ୍, ଗୋଟିଏ ମ୍ୟୁନିସିପାଲିଟି ଓ ୨ଟି ଏନ୍‌ଏସିର ସଭାପତି ଚୟନ କରାଯାଇଛି। ଝାରସୁଗୁଡ଼ାର ମଧ୍ୟ ସାଙ୍ଗଠନିକ ଦାୟିତ୍ୱ ବଣ୍ଟାଯାଇଛି। ଜିଲା ପାଇଁ ୭ ଜଣ ଉପସଭାପତି, ୫ ଜଣ ସାଧାରଣ ସମ୍ପାଦକ, ଜଣଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ସେହିପରି ଜିଲାରେ ୧୬ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ୧୩ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ୩ ନଗର ଏବଂ ୫ଟି ବ୍ଲକ୍‌ର ସଭାପତି ଚୟନ ମଧ୍ୟ ସରିଛି। ଜଣଙ୍କୁ ଗଣମାଧ୍ୟମର ଅଧ୍ୟକ୍ଷ ଏବଂ ମୁଖପାତ୍ର ଭାବେ ଦାୟିତ୍ୱ ଦିଆଯାଇଛି।


idco | ODISHA NEW OPPORTUNITIES — No.CAD-3045

File No.HO/Civil/T&E-E-5298/01/2025/993 Dt.09.01.2026

**OFFICE OF THE CHIEF GENERAL MANAGER (CIVIL)-II, IDCO, IDCO TOWER, BHUBANESWAR**

Bid Identification No. CIVIL/EST/25/2025-26

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| | | | |
|---|---|---|---|
| 1. | Name of the Work | : | Construction of Swimming Pool in the district of Koraput, Odisha |
| 2. | Value of work | : | Rs.1742.72 Lakhs (Approx.) |
| 3. | Period of completion | : | 12 (Twelve) Calendar Months |
| 4. | Availability of tender online for Bidding : | | |
| | I. Start Date | : | 18:00 Hours of dt.20.01.2026 |
| | II. Prebid meeting Date | : | 11.30 Hours of dtd.27.01.2026 |
| | III. End date | : | 17:00 Hours of dt.09.02.2026 |
| | IV. Opening Date | : | 17.30 Hours of dt.09.02.2026 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

OIPR- Sd./- Chief General Manager (Civil)-II, IDCO, Bhubaneswar

**GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**

e-Mail-eerw_kuchinda@yahoo.com

1st Corrigendum to Bid Identification No. Tender online 13/ RWD/ Kuchinda / 2025-26

No.O-2075 : Due to unavoidable circumstances, the following changes have been made in this office Bid identification No.- tender online 13/ RWD/ Kuchinda / 2025-26

The availability of tender for online bidding has been extended from 21.01.2026 at (11.00 A.M.) to 29.01.2026 up to (5.00 P.M.)

Last date & Time of seeking tender clarification: - 28.01.2026

Date & Time of opening tender :- 30.01.2026.

All other terms and conditions remain unchanged.

OIPR- Sd./- Superintending Engineer, Rural Works Division, Kuchinda

**CORRIGENDUM**

No. V-32: The schedule for holding the Entrance Examination for admission into Eklavya Model Residential Schools (EMRSs), Kalinga Model Residential Schools (KMRSs) and Biju Patnaik Adarsha Vidyalayas (BPAVs) for the academic session 2026 has been revised.

In partial modification of the earlier notification issued in this regard, the revised schedule for conducting the EMRS Selection Test, KMRS Selection Test and BPAV Selection Test - 2026 is given below.

| Sl. | Contents | Scheduled Dates |
|---|---|---|
| 1 | Online registration of application start date | 16.01.2026 |
| 2 | Last date for submission of offline application | 10.02.2026 |
| 3 | Last date for submission of online application | 12.02.2026 |
| 4 | Verification of documents (Offline/Online) | From 01.01.2026 to 15.02.2026 |
| 5 | Issue of online Admit Card | From 15.02.2026 to 22.02.2026 |
| 6 | Date of EMRSST, KMRSST, BPAVST - 2026 | 22.02.2026 (10 A.M.) |
| 7 | Last date of entry of marks and display of result in web portal | 28.02.2026 |
| 8 | First merit list with issuing intimation letter through SMS, email, phone, letter | 28.02.2026 onwards |

All other terms and conditions mentioned in the earlier notification shall remain unchanged.

For detailed information and updates, please visit: https://omtes.odisha.gov.in.

OIPR: Sd./- Secretary, OMTES

**GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT
OFFICE OF THE EXECUTIVE ENGINEER (AGRIL.), AGRIL. ENGG DIVISION, RAYAGADA**

No. 52 Date. 16/01/2026

INVITATION FOR BIDS (IFB)

e-procurement notice

Bid identification number / Tender call notice No. - EE (A) -05 of 2025-26

No.L-165 : The Executive Engineer (Agril.), Agril. Engg Division, Rayagada who has been authorized as the procuring officer for the projects of Agril. Engg Division, Rayagada is directed to invite percentage rate bid on behalf of the Governor of Odisha for the Civil construction works (including IE and PH works) under Rayagada Division. The costs of the project are approximately 1.96 to 22.34 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from 19.01.2026 at 11:00 hours to 31.01.2026 at 17:30 hours. The bid will be opened on 02.02.2026 at 11:00 AM hours and onwards in the O/o Executive Engineer, Agril. Engg Division, Rayagada. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

OIPR- Sd./- Executive Engineer (Agril.) Agril. Engg Division, Rayagada

**GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BONAI** — No.O-2063

E-mail ID : rwd.bonai@yahoo.com

TENDER CALL NOTICE

BID IDENTIFICATION NO. ONLINE-EEBNI-06 of 2025-26

1. Name of the work : Road Repair Works, 2. Total No. of works : 14 (Fourteen) Nos., 3. Estimated cost : Rs.15.40-84.98 Lakhs, 4. Class of contractor : "B", "C" & "D" Class, 5. Period of completion : 01 (One) Month, 6. Type of Tender : Single Cover & Double Cover, 7. Other details :

| Procurement Officer | Bid Identification No. | Availability of tender Online for bidding — From | To | Last date & time of seeking Tender Clarification | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | ONLINE - EEBNI-06 of 2025-26 | 20.01.2026 from 11.00 A.M. | 28.01.2026 upto 05.00 P.M. | 27.01.2026 upto 5.00 P.M. | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.

OIPR- Sd./- Executive Engineer RW Division, Bonai

**ODISHA HYDRO POWER CORPORATION LTD.** (OHPC)

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-R&M-P-30, Vol-VI/381 Date : 16.01.2026

TENDER CALL NOTICE NO. HHEP-07/2026

No.CAD-3051 : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/Authorized Dealers / Authorized Distributors only for supply and demonstration of the following materials as mentioned below.

| Description of work/ Service | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply and Demonstration of Digital Multimeter and Clamp meters at HHEP, Burla | Rs. 2360/- (Rs. 2000 + GST @ 18%) | 2750/- |

- Sale of tender paper : 21.01.2026 (10.00AM) to 03.02.2026 upto 05.30PM
- Receipt of tender paper : 04.02.2026 upto 03.30PM
- Date & time of opening of tender : 04.02.2026 at 04.00PM

Further details like tender documents / terms & conditions (corrigendum /erratum / addendum, if any), please visit our official website www.ohpcltd.com

OIPR- Sd./- C & P Head, HHEP, Burla

**DISTRICT PROJECT OFFICE
SAMAGRA SHIKSHA, BHADRAK**

At-Upper Bagurai, Post-Madhabanagar, Bhadrak-756181

No.117/pcd/2026 Dated : 15.01.2026

NOTICE INVITING TENDER (NIT)

No.n-235 : Sealed tenders are invited from the reputed & cridible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class-V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class-V & VIII 2026 Students | Rs.2000/- | Rs.100000/- | 29.01.2026 | 30.01.2026 |

The detailed BID document is available in the district website https://www.bhadrak.odisha.gov.in and aleo OSEPA website : www.osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with above website.

The Tender inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

OIPR- Sd./- Collector-cum-Chairman Samagra Shiksha Bhadrak

**OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO. II
BHUBANESWAR**

eerb2_bbsr@yahoo.com

INVITATIONS FOR BIDS THROUGH e-Procurement

Bid Identification No- C.C. (R&B) - 02

e - Procurement Notice No. 35 of 2025-26

No.B-971 : The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Four Number Building works to be received in online bidding, Single & Double cover system as detailed in: https://tendersorissa.gov.in. The details of bid documents will be available in the above website from 20.01.2026 to 5.00 P.M. of 02.02.2026. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 03.02.2026 in the Office of the Superintending Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

OIPR- Sd./- Superintending Engineer, BBSR (R&B) Division No.II, BBSR

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନ୍ୟୁଜିଲାଣ୍ଡ ନିକଟରେ ଐତିହାସିକ ସୁଯୋଗ
# ଆଜି ସିରିଜ୍ ନିର୍ଣ୍ଣାୟକ ମ୍ୟାଚ୍

**ଇନ୍ଦୋର,୧୭।୧(ପି.ଟି.)**

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ଦିନିକିଆ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ। ବର୍ତ୍ତମାନ ସିରିଜ୍ ୧-୧ ସ୍ଥିତିରେ ରହିଥିବାରୁ ଏହି ମ୍ୟାଚ୍‌ର ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଛି। ଏହି ମ୍ୟାଚ୍ ଜିତିଲେ ଭାରତୀୟ ଦଳ ତା'ର ଘରୋଇ ମାଟିରେ ଲଗାତର ଦିନିକିଆ ସିରିଜ୍ ଜିତିବା ଧାରା ବଜାୟ ରଖିବ। ଭାରତୀୟ ଦଳ ୨୦୧୯ ମାର୍ଚ୍ଚରୁ ସ୍ୱଦେଶରେ କୌଣସି ଦିନିକିଆ ସିରିଜ୍ ହାରି ନାହିଁ। ଅନ୍ତିମ ଥର ଭାରତ ୩-୨ ବ୍ୟବଧାନରେ ଅଷ୍ଟ୍ରେଲିଆଠାରୁ ଦିନିକିଆ ସିରିଜ୍ ହାରି ଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ନିକଟରେ ଏହି ମ୍ୟାଚ୍‌କୁ ଜିତି ଇତିହାସ ରଚିବାର ସୁଯୋଗ ରହିଛି। ନ୍ୟୁଜିଲାଣ୍ଡ ୧୯୮୯ରୁ ଭାରତ ଟୁର କରୁଥିଲେ ମଧ୍ୟ କଦାପି ଦିନିକିଆ ସିରିଜ୍ ଜିତି ନାହିଁ।

ଆଉ ଏକ ଘରୋଇ ସିରିଜ୍‌ରେ ପରାଜୟ ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବେ ଗୌତମ ଗମ୍ଭୀରଙ୍କ କ୍ୟାରିୟରକୁ ସଙ୍କଟରେ ପକାଇପାରେ। ତାଙ୍କ କାର୍ଯ୍ୟକାଳରେ ଘରୋଇ ମାଟିରେ ୫ ଟେଷ୍ଟରେ ପରାଜିତ ହେବା ସହ ଭାରତୀୟ ଦଳ ପ୍ରଥମ ଥର ଶ୍ରୀଲଙ୍କାଠାରୁ ଦିନିକିଆ ସିରିଜ୍‌ରେ ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨୮୪ ରନର ଚାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିବା ସତ୍ତ୍ୱେ ନ୍ୟୁଜିଲାଣ୍ଡଠାରୁ ଖୁବ୍ ଶୋଚନୀୟ ଭାବେ ପରାଜିତ ହୋଇଥିଲା। ଭ୍ରମଣକାରୀ ଦଳ ପାଇଁ ଡାରଲି ମିଚେଲ ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ।

ଇନ୍ଦୋର ଗ୍ରାଉଣ୍ଡ ବ୍ୟାଟରଙ୍କୁ ସୁହାଏ। ପିଚ୍‌ରେ ବୋଲରଙ୍କ ଲାଗି ଅଧିକ କିଛି ସହାୟତା ନ ଥିବା ବେଳେ ବାଉଣ୍ଡ୍ରି ମଧ୍ୟ ଛୋଟ। ଏଠାରେ ଖେଳାଯାଇଥିବା ଅନ୍ତିମ ୫ ମ୍ୟାଚ୍‌ରେ ୩ ଥର ୩୫୦ରୁ ଊର୍ଦ୍ଧ୍ୱ ସ୍କୋର ହୋଇଥିଲା। ଏହି ବ୍ୟାଟିଂ ଫ୍ରେଣ୍ଡଲି ପିଚ୍‌ରେ ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଏହି ସିରିଜ୍‌ରେ ସେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ନିକଟ ଅତୀତରେ ଆରମ୍ଭରୁ ତାଙ୍କର ବିସ୍ଫୋରକ ବ୍ୟାଟିଂ ଭାରତୀୟ ଦଳକୁ ଅନେକ ମ୍ୟାଚ୍ ଜିତାଇଛି। ବିରାଟ କୋହଲି ଜବରଦସ୍ତ ଫର୍ମରେ ରହିଥିବା ବେଳେ ଭାରତୀୟ ଦଳ ତା'ର ପରବର୍ତ୍ତୀ ଦିନିକିଆ ସିରିଜ୍ ଆସନ୍ତା ଜୁଲାଇରେ ଇଂଲଣ୍ଡରେ ଖେଳିବ। ଏଣୁ ଇନ୍ଦୋରରେ ପୁଣି ଥରେ 'ରୋକୋ'ଙ୍କ ଶୋ ଦେଖିବାକୁ ମିଳିପାରେ ବୋଲି ଆଶା କରାଯାଉଛି।



ଅଭ୍ୟାସ ଅବସରରେ(ବାମରୁ) ପ୍ରସିଦ୍ଧ କ୍ରିଷ୍ଣା, ରୋହିତ ଶର୍ମା ଏବଂ ବିରାଟ କୋହଲି।

### ଟିମ୍ କମ୍ବିନେଶନ

ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶରେ ବିଶେଷ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ସ୍ଥାନରେ ଆୟୁଷ ବଦୋନୀଙ୍କୁ ପଦାର୍ପଣ ସୁଯୋଗ ଦିଆଯାଇପାରେ। ବଦୋନୀ ସ୍ପିନ ବିପକ୍ଷରେ ଅପେକ୍ଷାକୃତ ଭଲ ବ୍ୟାଟର। ବୋଲରଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଦଳରେ ଅର୍ଶଦୀପ ସିଂଙ୍କୁ ସାମିଲ କରାଯାଇପାରେ। ତାଙ୍କୁ ସାମିଲ କରାଯିବା ଦ୍ୱାରା ମିଡିଲ ଓଭରରେ ସ୍ପିନରଙ୍କ ଉପରେ ବୋଝ କମିବ।

**ସମ୍ଭାବ୍ୟ ଭାରତୀୟ ଦଳ:** ଶୁବମନ ଗିଲ(ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ(ଉଇକେଟକିପର), ରବୀନ୍ଦ୍ର ଜାଡେଜା, ନୀତୀଶ କୁମାର/ଆୟୁଷ ବଦୋନୀ, ହର୍ଷିତ ରାଣା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମ୍ଭାବ୍ୟ ନ୍ୟୁଜିଲାଣ୍ଡ ଦଳ:** ଡେଭନ କନୱେ, ହେନରୀ ନିକୋଲସ, ୱିଲ ୟଙ୍ଗ, ଡାରଲି ମିଚେଲ, ମିଚେଲ ହେ (ଉଇକେଟକିପର), ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସୱେଲ(ଅଧିନାୟକ), କାଏଲ ଜେମିସନ, ଜେଡେନ ଲେନକ୍ସ, ଜ୍ୟାକ ଫକେସ, କ୍ରିଷ୍ଟିଆନ କ୍ଲାର୍କ।

**ସମୟ: ଅପରାହ୍ନ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ୧୯ ବର୍ଷରୁ କମ୍ ବିଶ୍ୱକପ୍
# ସୁପର-୬ରେ ଭାରତ

**ବୁଲାୱାୟୋ,୧୭।୧**

ଚଳିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଖେଳାଯାଇଥିବା ରୋମାଞ୍ଚକ ମ୍ୟାଚ୍‌ରେ ଭାରତୀୟ ଦଳ ଡିଏଲ୍‌ଏସ୍ ମେଥଡରେ ୧୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସୁପର-୬ ପର୍ଯ୍ୟାୟକୁ କ୍ୱାଲିଫାଇ କରିଛି। ଏହି ମ୍ୟାଚ୍‌ରେ ଦୁଇ ଦଳର ଅଧିନାୟକ ଟସ୍ ବେଳେ ପରସ୍ପର ସହ ହାତ ମିଳାଇ ନ ଥିଲେ। ଭାରତୀୟ ଦଳ ୨୪ ତାରିଖରେ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ।

ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୮.୪ ଓଭରରେ ୨୩୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଭିଜ୍ଞାନ କୁଣ୍ଡୁ ୮୦ (୪ ଚୌକା ଓ ୩ ଛକା) ଓ ବୈଭବ ସୂର୍ଯ୍ୟବଂଶୀ ୭୨ (୬ ଚୌକା ଓ ୩ ଛକା) ରନ କରିଥିଲେ। ବାଂଲାଦେଶ ପକ୍ଷରୁ ଅଲ ଫହାଦ ୫ ଉଇକେଟ ଅର୍ଜନ କରିଥିଲେ। ଜବାବରେ ବାଂଲାଦେଶ ୧୭.୨ ଓଭରରେ ୨ ଉଇକେଟ ହରାଇ ୧୦୬ ରନ କରିଥିବା ବେଳେ ବର୍ଷା ପୁଣି ଥରେ ବାଧକ ସାଜିଥିଲା। ଏଥିଯୋଗୁ ଡିଏଲ୍‌ଏସ୍ ମେଥଡରେ ବାଂଲାଦେଶ ଆଗରେ ୨୯ ଓଭରରେ ୧୬୫ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ହେଲେ ବାଂଲାଦେଶ ୨୮.୩ ଓଭରରେ ୧୪୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ୪ ଉଇକେଟ ନେଇଥିବା ବିହାନ ମଲହୋତ୍ରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।


### ଅର୍ଥନୀତିରେ ଡକ୍ଟରେଟ୍



ଗବେଷିକା ସାବିତ୍ରୀ ବାଳା ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ବିଜ୍ଞପ୍ତି No.- 01/EC-II (M.Phil/ Ph.D) /2026 ଦ୍ୱାରା ସମ୍ମାନସୂଚକ Ph.D. ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା School Drop Out, Economic Concerns and State Response in Odisha." ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମୃତ୍ୟୁଞ୍ଜୟ ସ୍ୱାଇଁଙ୍କର ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି IIT, Kharagpurର ପ୍ରଫେସର Dr. N.C.Nayak ଏବଂ University of Hyderabadର ଅର୍ଥନୀତି ବିଭାଗର ପ୍ରଫେସର Dr. L.C. Malliahଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ଦାଶ ହେଉଛନ୍ତି ଛତ୍ରପୁରସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ବାଉରୀ ବନ୍ଧୁ ଦାଶ ଏବଂ ଶ୍ରୀମତୀ କୁମୁଦିନୀ ଦାଶଙ୍କ କନିଷ୍ଠା କନ୍ୟା। ସେ ତାଙ୍କର ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ପାଇଁ ଜଗତରନାଥ ଶ୍ରୀ ଜଗନ୍ନାଥ ତଥା ସମସ୍ତ ପରିବାରବର୍ଗ ଏବଂ ଗୁରୁଜନମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି। ବର୍ତ୍ତମାନ ଡକ୍ଟର ଦାଶ ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଜିଲ୍ଲା ଯୋଜନା ସଂଯୋଜିକା ଭାବରେ କାର୍ଯ୍ୟରତ ଏବଂ ଏହି ସଫଳତା ପାଇଁ ସମସ୍ତ ସହକର୍ମୀ ସହଯୋଗ ପାଇଁ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି।

ଧ-୩୧୩୬


# ସିଡ୍‌ନୀ ୟୁନିଭର୍ସିଟି ସ୍ପୋର୍ଟ ଓ କିଟ୍ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୭।୧ (ବିଜୟ ରଣା)**

କ୍ରୀଡ଼ାର ବିକାଶ ନେଇ ଅଷ୍ଟ୍ରେଲିଆର ସିଡ୍‌ନୀ ୟୁନିଭରସିଟି ସ୍ପୋର୍ଟ ଏବଂ ଫିଟନେସ ଲିମିଟେଡ (ସିଡନୀ ୟୁନିଭରସିଟି ସ୍ପୋର୍ଟ) ଓ କିଟ୍ ମଧ୍ୟରେ ଶନିବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ଯାଇଛି। ବୁଝାମଣାପତ୍ରରେ କିଟ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ସିଡ୍‌ନୀ ୟୁନିଭର୍ସିଟି ସ୍ପୋର୍ଟ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଡୱାର୍ଡ ସ୍ମିଥ ସ୍ୱାକ୍ଷର କରିଥିଲେ।

ଏହି ବୁଝାମଣାପତ୍ର ଅନୁସାରେ ଅନ୍ତର୍ଜାତୀୟ କ୍ରୀଡା ପ୍ରଦର୍ଶନକୁ ବୃଦ୍ଧି କରିବା, ବୃତ୍ତିଗତ ବିନିମୟ, ପ୍ରଶିକ୍ଷକ ଶିକ୍ଷା, କ୍ରୀଡା ବିଜ୍ଞାନ କ୍ଷମତା ଓ କ୍ରୀଡାବିତ ବିକାଶ ଦିଗରେ ଉଭୟ ବିଶ୍ୱବିଦ୍ୟାଳୟ ପରସ୍ପରକୁ ସହଯୋଗ କରିବେ। ଏହା ସହ ପ୍ରାୟୋଗିକ ଜ୍ଞାନ ବିନିମୟ ମାଧ୍ୟମରେ ଉଚ୍ଚ-ପ୍ରଦର୍ଶିତ କ୍ରୀଡ଼ାରେ ଆନୁଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଉଭୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବେ। ଏଥିରେ ସ୍ୱଳ୍ପକାଳୀନ ପ୍ରଶିକ୍ଷକ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ସିଡନୀ ୟୁନିଭର୍ସିଟି ସ୍ପୋର୍ଟର ପ୍ରଶିକ୍ଷକମାନେ ଉପଲବ୍ଧ ଅଣ-ପ୍ରତିଯୋଗିତା କିମ୍ବା ନିର୍ଦ୍ଦିଷ୍ଟ ତାଲିମ ସପ୍ତାହ ସମୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି କିଟ ପ୍ରଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ଅଧିବେଶନ, ପରାମର୍ଶ ଓ ବୃତ୍ତିଗତ ବିକାଶ କର୍ମଶାଳା ପରିଚାଳନା କରିବେ। ଏହି କାର୍ଯ୍ୟଗୁଡ଼ିକ ବ୍ୟବହାରିକ ପ୍ରଶିକ୍ଷଣ ପଦ୍ଧତି, ଆଧୁନିକ ତାଲିମ ପଦ୍ଧତି ଓ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ସମନ୍ୱିତ କ୍ରୀଡ଼ା-ନିର୍ଦ୍ଦିଷ୍ଟ ଦକ୍ଷତା ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିବ ବୋଲି ଆଶା କରାଯାଉଛି।

ସେହିପରି କିଟ୍ ଏହାର ପ୍ରଶିକ୍ଷକମାନଙ୍କୁ ଅଷ୍ଟ୍ରେଲିଆରେ ସିଡ୍‌ନୀ ୟୁନିଭର୍ସିଟି ସ୍ପୋର୍ଟ ପରିଦର୍ଶନ କରିବା ପାଇଁ ସୁଯୋଗ ପ୍ରଦାନ କରିବ। ଫଳରେ ସେମାନଙ୍କୁ ଉନ୍ନତ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିବେଶରେ ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ସହିତ କାର୍ଯ୍ୟ କରି ସିଧାସଳଖ ଅଭିଜ୍ଞତା ହାସଲ କରିବାକୁ ସକ୍ଷମ କରିବ। ଏଭଳି ପ୍ରୟାସକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଶଂସା କରିବା ସହ କହିଛନ୍ତି, ଏହିପରି ବିନିମୟ ଲକ୍ଷ୍ୟ କୋଚିଂ ଦକ୍ଷତା ବୃଦ୍ଧି କରିବା, ବୃତ୍ତିଗତ ଦୃଷ୍ଟିକୋଣକୁ ବ୍ୟାପକ କରିବା ଏବଂ ଆଥଲେଟ ପ୍ରସ୍ତୁତି, ତାଲିମ ଡିଜାଇନ ଏବଂ କାର୍ଯ୍ୟଦକ୍ଷତା ପରିଚାଳନାରେ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଗ୍ରହଣକୁ ପ୍ରୋତ୍ସାହିତ କରିବ।

# ଆଇକନିକ୍ କର୍ପୋରେଟ କ୍ରିକେଟ ଲିଗର କ୍ୟାପ୍‌ଟେନ୍ସ ମିଟ୍




କ୍ୟାପ୍‌ଟେନ୍ସ ମିଟ୍ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୭।୧ (ବିଜୟ ରଣା)**

ଆଇକନିକ ସ୍ପୋର୍ଟ୍ସ ଫେଡେରେଶନ ପକ୍ଷରୁ 'ରୟାଲ ରେଞ୍ଜର୍ସ' ପ୍ରଯୋଜିତ ଆଇକନିକ କର୍ପୋରେଟ କ୍ରିକେଟ ଲିଗ୍ ୨୦୨୬ର କ୍ୟାପଟେନ୍ସ ମିଟ (ଅଧିନାୟକ ସମ୍ମିଳନୀ) ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାନୁଆରୀ ୨୪ରୁ ହେବାକୁଥିବା ଏହି ଲିଗ୍‌ର ସୁପରିଚାଳନା ପାଇଁ ନିୟମାବଳୀ, ମ୍ୟାଚ ଫର୍ମାଟ, ଆଚରଣ ସଂହିତା, ଫିକ୍ସର୍, ଜର୍ସି ଏବଂ ପରିଚାଳନା ଯୋଜନା ଉପରେ ଆଲୋଚନା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟ ସମ୍ମାନନୀୟ ଅତିଥି ଓ ପଦାଧିକାରୀମାନଙ୍କ ମଧ୍ୟରେ ଥିଲେ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନର ୩ ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ଚିଦାତ୍ମିକା ଖଟୁଆ ଓ ସେଖ ଅବଦୁଲ ସମିମ ଏବଂ ପ୍ରଦୀପ୍ତ ମହାନ୍ତି (ଜାତୀୟ ଅଧ୍ୟକ୍ଷ), ବିଭୁ ପ୍ରସାଦ ମିଶ୍ର (ପ୍ରତିଷ୍ଠାତା ରାଜ୍ୟ ଅଧ୍ୟକ୍ଷ, ଓଡ଼ିଶା ଶାଖା), ମାନସ ରଞ୍ଜନ ମହାନ୍ତି (ରାଜ୍ୟ କାର୍ଯ୍ୟକାରୀ ସମିତି ସଦସ୍ୟ), ଉପେନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷ ଟିମ୍ ସ୍ପୋର୍ଟ୍ସ (କ୍ରିକେଟ), ଓଡ଼ିଶା ଶାଖା, ରାଶି ଅଗ୍ରୱାଲ (ରାଜ୍ୟ ସଂଯୋଜିକା), ଦର୍ଶନ କୁମାର ବେହେରା (ଆଞ୍ଚଳିକ ପ୍ରବନ୍ଧକ), ପ୍ରବତ ରଞ୍ଜନ ବିଶ୍ୱାଳ: ଜିଲ୍ଲା ଅଧ୍ୟକ୍ଷ (କଟକ), ସନ୍ତୋଷ କୁମାର ସାହୁ (ଜିଲ୍ଲା ସଂଯୋଜକ କଟକ), ବିଜୟ ମିଶ୍ର (ଜିଲ୍ଲା ସମ୍ପାଦକ କଟକ) କେ. ତମନ୍ନା (ଜିଲ୍ଲା ଅଧ୍ୟକ୍ଷ ବରଗଡ଼) ଓ ପ୍ରଣୟ ଜେଠୀ (ଟୁର୍ଣ୍ଣାମେଣ୍ଟ ଲୋକସମ୍ପର୍କ ଅଧିକାରୀ। ଏଥିରେ ଆହୁରିମଧ୍ୟ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନର ଅନେକ ବରିଷ୍ଠ ନିର୍ଦ୍ଦେଶକ, ଜାତୀୟ ତଥା ରାଜ୍ୟ ପଦାଧିକାରୀ ଏବଂ ଜିଲା ପ୍ରତିନିଧିମାନେ ଯୋଗ ଦେଇଥିଲେ। ଲିଗ୍‌ରେ ୧୬ଟି କର୍ପୋରେଟ ଟିମ ଅଂଶଗ୍ରହଣ କରିବେ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି କର୍ପୋରେଟ ବୃତ୍ତିଧାରୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଫିଟ୍‌ନେସ ଏବଂ ବୃତ୍ତିଗତ କ୍ଷେତ୍ରରେ କ୍ରୀଡ଼ା ମୂଲ୍ୟବୋଧର ପ୍ରଚାର ପ୍ରସାର କରିବା।

# ବିଜେନ୍ଦର ଏସିଆନ ବକ୍ସିଂ କାଉନ୍‌ସିଲ ସଦସ୍ୟ

**ନୂଆଦିଲ୍ଲୀ, ୧୭।୧ (ପି.ଟି.)**

ଭାରତୀୟ ବକ୍ସିଂ ଆଇକନ୍ ବିଜେନ୍ଦର ସିଂ ଏସିଆନ ବକ୍ସିଂ କାଉନ୍‌ସିଲର ସଦସ୍ୟ ଭାବରେ ନିଯୁକ୍ତି କରାଯାଇଛି। ଜଣେ ଏଲିଟ୍ ଆଥଲେଟ୍‌ରୁ ବିଶ୍ୱ କ୍ରୀଡ଼ା ପ୍ରଶାସକ ହୋଇ ସେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଜେନ୍ଦର ହେଉଛନ୍ତି ବକ୍ସିଂରେ ଭାରତର ପ୍ରଥମ ଅଲିମ୍ପିକ ପଦକ ବିଜେତା। ଉଭୟ ଆମେଚର ଓ ପ୍ରଫେସନାଲ ବକ୍ସିଂରେ ସର୍ବୋଚ୍ଚ ସ୍ତରରେ ପାଖାପାଖି ଦୁଇ ଦଶନ୍ଧି ଧରି ତାଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ବିଜେନ୍ଦର ୨୦୦୮ ବେଜିଂ ଅଲିମ୍ପିକ୍ସରେ ଏକ ଐତିହାସିକ ବ୍ରୋଞ୍ଜ ଜିତିଥିଲେ।


# Classified Everyday
0674-2580101, 9692975378




**GROOM WANTED**

Govt. Lecturer 43 ବୟସ୍କା ଖଣ୍ଡାୟତ Widow ନିଜ 12Yrs. ଝିଅଙ୍କ ସଙ୍ଗେ ରହୁଥିବା କନ୍ୟାଙ୍କ ପାଇଁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3133

Beautiful Karan Girl 1999, 5'4", Bsc (Ag) MBA Serving Manager reputed Company "SUNASANSAR". 9937512659. D-18

ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 50 ବୟସ୍କା Ayurvedic Doctor ଅବିବାହିତା ରାଜପୁତ ଖାନ୍‌ଦାନ ଝିଅଙ୍କୁ ବରପାତ୍ର। ଯୋଗାଯୋଗ- 9776705242. D-3132




**REAL ESTATE SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115




Flat for rent At- Vipul Garden Ghatikiya 3.5BHK room tower 3 flat 303 rent 30000 including maintenance. 7381299922, 6377808211. D-153




All types of physiotherapy and massage. Contact: 9556924059/ 7656969134. D-3075

Wellness relax body massage & jointpain treatment by traind therapist. 7008773793. D-3034

**AFFIDAVIT**

I, Narayan Ghadai, 71 yrs, S/o- Late Jogendra Ghadai, At- Apartipur, P.O.- Matipaka, P.S.- Naikanidihi, Dist.- Bhadrak, Pin- 756125, Odisha do hereby declare that as per my Aadhaar Card my name is Narayan Ghadai which is wrongly mentioned as Narayan Chandra Ghadai in my son Krushna Chandra Ghadai's Passport. I shall be known as Narayan Ghadai (Correct Name) in all purpose, vide affidavit No.- 7302, dated 06.10.2025, Narayan Ghadai (Correct name) and Narayan Chandra Ghadai both are same and one identical person. Now onwards I shall be known as Narayan Ghadai, father of Krushna Chandra Ghadai for all future purposes. D-3135

By virtue of an affidavit before Notary Public, Kantabanji, dated 16.01.2026, I, Bhawna Sharma, W/o- Shib Prakash Sharma, At/P.O./P.S.- Ward No.9, Puranibasti, Kantabanji, Dist.- Bolangir, Odisha, Pin- 767039 declare that I have changed my name from Bhabana Sharma (Old name) to Bhawna Sharma (New name). Henceforth, I shall be known as Bhawna Sharma for all purposes.
Bhawna Sharma. D-3128

By virtue of an affidavit sworn before Executive Magistrate, Bhubaneswar, dated 06.12.2025, I, PRITI MISHRA, Address:- At- Ray No.- 171, Prashanti Vihar Basti, Patia, P.O.- KIIT, P.S.- Infocity, Bhubaneswar-24, Dist.- Khordha declare that I have changed the name of my son from LAKI MISHRA (Old Name) to BISWAJIT MISHRA (New Name). Henceforth, he shall be known as BISWAJIT MISHRA (New Name) for all purposes.
Priti Mishra D- 3130

By virtue of an affidavit No.- 82AA 081721 sworn before Executive Magistrate, Puri on dt 15.01.2026, I, Akshaya Das, S/o- Samar Das, At- Goudabada Sahi backside of Rudra Bhavan, P.O.- Swargadwar, P.S.- Baliapanda, Dist.- Puri- 752001 declare that I have changed my name from Akshay Das to Akshaya Das. I shall be known as Akshaya Das for all purpose. D-3134

**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit dtd. 27.11.2025 sworn before Executive Magistrate, Bhadak, I, Tahera Begum, W/o- Alim Khan, Vill- Baliorada Quazisahi, P.O./P.S.- Purunabazar, Dist.- Bhadrak, declare that my mother Hakima Bibihave an LIC Policy bearing No.- 595310702. Where my name is mentioned Taheba Bibi as nominee of this Policy. I further declare that Taheba Bibi and Tahera Begum same and one person. D-3137

By virtue of an affidavit sworn before Executive Magistrate, Talcher, dtd 01.12.2025, MAHAMMAD SALIM KYURESI, aged about 35 years, S/o- Mahammad Hamif Kyuresi of permanent resident of Vill/P.O.- Jagannathpur, P.S.- Colliery, Dist.- Angul declare that I have changed the name of my son from M.D. SADIK QURESI to MAHAMMAD SADIK KYURESI. Henceforth, he shall be known as MAHAMMAD SADIK KYURESI for all purposes.
(MAHAMMAD SALIM KYURESI) D-3131

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



୰ମଞ୍ଜୁଲତା ମିଶ୍ର
(ଅବସରପ୍ରାପ୍ତ ଶିକ୍ଷୟିତ୍ରୀ)

ଆବିର୍ଭାବ : ୦୭.୦୧.୧୯୪୮ | ତିରୋଧାନ : ୨୯.୦୧.୨୦୨୫

ସ୍ୱାମୀ: ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମିଶ୍ର
ବୁର୍ଲା/ ବୋଡଣ୍ଡା, ଭୁବନେଶ୍ୱର

ତୁମ ଠାରୁ ପାଇଥିବା ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଶୀର୍ବାଦ ଆମ ପାଇଁ ଅଭୁଲା ହୋଇ ରହିଛି ଏବଂ ରହିଥିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ, ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ସହଯୋଗୀ

ଧ-୭୬୮୯

**ଏକାଦଶାହ ଅବସରରେ**



ବାଉରୀ ବନ୍ଧୁ ପ୍ରଧାନ

ଆବିର୍ଭାବ: ୨୬।୦୧।୧୯୫୦
ତିରୋଧାନ: ୦୮।୦୧।୨୦୨୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଚିରସ୍ମରଣୀୟ ହୋଇ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ସ୍ୱର୍ଗବାସୀ ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।

ହତଭାଗ୍ୟ ପୁତ୍ର: ବ୍ରହ୍ମଚାରୀ ପ୍ରଧାନ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ, ବନ୍ଧୁ ଓ ଶୋକସନ୍ତପ୍ତ ପରିବାରବର୍ଗ।

ଧ-୩୧୨୭

# କିଛି ନୂଆ ଶିଖିବା

ପ୍ରତି କ୍ଷଣ ବଦଳୁଛି ଦୁନିଆ। ଦିନକୁ ଦିନ ନୂଆ ନୂଆ ଅତ୍ୟାଧୁନିକ ଜ୍ଞାନକୌଶଳ ଉଦ୍ଭାବନ କରାଯାଉଛି। ଯେଉଁଥିପାଇଁ ସଭିଙ୍କ ଜୀବନଶୈଳୀ, କାମ କରିବାର କୌଶଳ ବି ସେହି ଅନୁଯାୟୀ ପରିବର୍ତ୍ତିତ ହେଉଛି। ଏମିତିରେ ସମୟ ସହ ତାଳ ଦେଇ ସେହିମାନେ ଆଗେଇ ପାରୁଛନ୍ତି, ଯେଉଁମାନଙ୍କ ଭିତରେ ସବୁବେଳେ କିଛି ନୂଆ ଶିଖିବା ପ୍ରତି ଆଗ୍ରହ ଓ ରୁଚି ରହିଛି। ଏଠାରେ ଶିଖିବାର ଅର୍ଥ କେବଳ ବହି ପଢ଼ିବା ନୁହେଁ, ବରଂ ବିଭିନ୍ନ ଦିଗରେ ପ୍ରାକ୍ଟିକାଲ୍ ଜ୍ଞାନ ରହିବା ମଧ୍ୟ ଆବଶ୍ୟକ। ତେଣୁ ଯେଉଁମାନେ ନିରନ୍ତର କିଛି ନୂଆ ଶିଖିବାକୁ ଚେଷ୍ଟା କରନ୍ତି, ସେମାନେ ନିଜକୁ ସବୁବେଳେ ପ୍ରତ୍ୟେକ କ୍ଷେତ୍ରରେ ଅପ୍‌ଡେଟ୍ ରଖିପାରନ୍ତି ଏବଂ ନିଜର ଅନ୍ୟମାନଙ୍କ ଭିତରେ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରନ୍ତି।

**କାହିଁକି ଜରୁରୀ ଶିଖିବା:** ଏକ ଗବେଷଣା ରିପୋର୍ଟ ମୁତାବକ ଯଦି ଜଣେ ବ୍ୟକ୍ତି ପ୍ରତିଦିନ ମାତ୍ର ଏକ ପ୍ରତିଶତ ନୂଆ ଶିଖିବେ, ତେବେ ବର୍ଷ ଭିତରେ ତାଙ୍କର ୩୭% ଅଧିକ ଜ୍ଞାନ ବୃଦ୍ଧି ହୋଇପାରିବ। ଅର୍ଥାତ୍ ପ୍ରତିଦିନର ଛୋଟ ଛୋଟ ଶିଖିବାର ଅଭ୍ୟାସ ଦିନେ ଏକ ବଡ଼ ପରିବର୍ତ୍ତନର ରୂପ ନେଇପାରିବ। ମାଇକ୍ରୋସଫ୍ଟର ସିଇଓ ସତ୍ୟ ନଡେଲା କୁହନ୍ତି– 'ଲର୍ନ ଇଟ୍ ଅଲ୍' ର୍‍ୟାଦର ଦ୍ୟାନ୍ ଏ 'ନୋ ଇଟ୍ ଅଲ୍' ; ଅର୍ଥାତ୍ ସବୁବେଳେ ଶିଖିବାର ଆଗ୍ରହ ରଖୁଥିବା ବ୍ୟକ୍ତି, ସବୁକିଛି ଜାଣିଥିବା କହୁଥିବା ବ୍ୟକ୍ତିଙ୍କ ତୁଳନାରେ ଅଧିକ ଭଲ। କାରଣ ସେମାନେ ସବୁବେଳେ ନୂଆ ନୂଆ ଜ୍ଞାନ କୌଶଳ ବିଷୟରେ ଶିଖନ୍ତି ଏବଂ ନିଜ ଜ୍ଞାନର ପରିସର ବୃଦ୍ଧି କରିବାକୁ ଚେଷ୍ଟା କରନ୍ତି। ଫଳସ୍ୱରୂପ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ସେମାନେ ଅଧିକ ଭଲ ପ୍ରଦର୍ଶନ କରି ଆଗକୁ ବଢ଼ିପାରନ୍ତି। କାରଣ ବର୍ତ୍ତମାନ ସରକାରୀ, ବେସରକାରୀ, ବିଭିନ୍ନ କମ୍ପାନୀ, ସଂସ୍ଥା ଆଦି ପ୍ରତ୍ୟେକ କ୍ଷେତ୍ରରେ ତୀବ୍ର ଗତିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯାହା ସହିତ ତାଳ ଦେଇ ଆଗକୁ ବଢ଼ିବାକୁ ହେଲେ ପ୍ରତି ସମୟରେ ନୂଆ ଶିଖିବାର ଆବଶ୍ୟକତା ରହିଛି। ତେଣୁ ଯେଉଁମାନେ ସବୁବେଳେ ଅଧିକ ଶିଖିବାର ମନବୃତ୍ତି ରଖନ୍ତି, ସେମାନଙ୍କ ପାଇଁ ନୂଆ ପରିବର୍ତ୍ତନ ଏକ ଚ୍ୟାଲେଞ୍ଜ କିମ୍ବା ଡର ନୁହେଁ ବରଂ ଆଗକୁ ବଢ଼ିବା ଲାଗି ଏକ ଅବସର ବା ସୁଯୋଗ ଭଳି ମନେହୋଇଥାଏ।

ବର୍ତ୍ତମାନ ଭାରତରେ ଅନେକ ଯୁବତୀଯୁବକ ଡିଜିଟାଲ୍, କୋଡିଂ, ମାର୍କେଟିଂ, ୱେବ୍ ଡିଜାଇନିଂଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଶିକ୍ଷା ଲାଭ କରି ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

**କେମିତି ଶିଖିବେ:** ନୂଆ କିଛି ଶିଖିବା– ଏହା ଶୁଣିବାମାତ୍ରେ ଅନେକଙ୍କୁ ପୁଣି ପଢ଼ିବା ଆରମ୍ଭ କରିବା ଭଳି ଏକ ବୋଝ ମନେହୋଇଥାଏ। ହେଲେ ନୂଆ ଶିଖିବାର ଅର୍ଥ ଏହା ନୁହେଁ, ବରଂ ନିଜ ଭିତରେ ଅଧିକ ଜାଣିବାର ଆଗ୍ରହକୁ ବଢ଼ାଇବା ହୋଇଥାଏ। ତେଣୁ ପ୍ରତିଦିନ ଅତିକମ୍‌ରେ ଅଧଘଣ୍ଟା ସମୟ ବାହାର କରି ନୂଆ ଶିଖିପାରିବେ। ନୂଆ ନୂଆ ଟେକ୍ନୋଲୋଜି ସହ ନିଜକୁ ଅପ୍‌ଡେଟ୍ ରଖନ୍ତୁ। ରୁଚିଥିବା ଦିଗ ବିଷୟରେ ଅଧିକ ଜାଣିବା ଓ ଶିଖିବା ଲାଗି ଅନୁଭବୀ ତଥା କୁଶଳୀ ବ୍ୟକ୍ତିଙ୍କ ସହ କଥା ହେବା, ତାଙ୍କଠାରୁ ପରାମର୍ଶ ନେବା, ଇଣ୍ଟରନେଟ୍‌ରୁ ଶିଖିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆବଶ୍ୟକସ୍ଥଳେ ନିଜର ଜ୍ଞାନର ପରିସର ବୃଦ୍ଧି ପାଇଁ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍ ଶର୍ଟଟର୍ମ କୋର୍ସ ମଧ୍ୟ କରିପାରିବେ।

**ରହିଛି ଅନେକ ଫାଇଦା:**

– କଥାରେ ଅଛି 'ନଲେଜ୍ ଇଜ୍ ପାୱାର' ବା ଜ୍ଞାନ ହେଉଛି ଆମର ଏଭଳି ଏକ ଶକ୍ତି, ଯାହା ବଳରେ ଆମେ ଯେକୌଣସି କ୍ଷେତ୍ରରେ ସଫଳତା ହାସଲ କରିପାରିବା। ତେଣୁ ଜଣେ ଯେତେ ଅଧିକ ଶିଖିବେ ତାଙ୍କ ପାଇଁ ସେତେଟା ଦିଗ ଖୋଲିଯିବ, ଅର୍ଥାତ୍ ସେ ଗୋଟିଏ ଦିଗରେ କୌଣସି କାରଣରୁ ଅସଫଳ ହେଲେ ଅନ୍ୟ ଦିଗରେ କ୍ୟାରିୟର ଗଢିପାରିବେ।







**ସ୍କୁଲ, କଲେଜରେ ପଢ଼ା ପରେ ପାଠପଢ଼ା ସରିଗଲା ବୋଲି ଅନେକେ ଭାବିନିଅନ୍ତି। ହେଲେ ଶିଖିବାର କୌଣସି ବୟସ ସୀମା ନାହିଁ। କାରଣ ଅନେକେ ଏମିତିବି ଥାଆନ୍ତି, ଯେଉଁମାନେ ଯେକୌଣସି ବୟସରେ ବି କିଛି ନୂଆ ଶିଖିବାରେ ଆଗ୍ରହ ରଖନ୍ତି। ଆଉ କେବେକେବେ ଏହା ହିଁ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ସାହାଯ୍ୟ କରେ ...**

– ପ୍ରତିଦିନ କିଛି ଶିଖିବା ବା ଜାଣିବା ଦ୍ୱାରା ନା କେବଳ ଜ୍ଞାନର ପରିସର ବୃଦ୍ଧି ହୋଇଥାଏ, ବରଂ ଏହା ମସ୍ତିଷ୍କର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି କରିଥାଏ। ସର୍ବୋପରି ଅଧିକ ପଢିବା, ନୂଆ କଥା ଶିଖିବାର ଅଭ୍ୟାସ ମଣିଷକୁ ଷ୍ଟ୍ରେସ୍ ଫ୍ରି ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

– ବର୍ତ୍ତମାନ ବିଭିନ୍ନ ଦିଗରେ ଅପ୍‌ଡେଟ୍ ଜ୍ଞାନ ଥିବା ତଥା ମଲ୍ଟିସ୍କିଲ୍‌ଡ ଯୁବତୀ ଯୁବକଙ୍କର ଅଧିକ ଡିମାଣ୍ଡ ରହିଛି। ତେଣୁ ପ୍ରତିଦିନ ନୂଆ ଶିଖିବାର ଅଭ୍ୟାସ ଭବିଷ୍ୟତରେ ଆଗକୁ ବଢ଼ିବାରେ ବେଶ୍ ସାହାଯ୍ୟ କରିଥାଏ। ବିଶେଷ କରି ବର୍ତ୍ତମାନ ଟେକ୍ନିକାଲ୍ ଫିଲ୍ଡରେ ଅଧିକ ଜାଣିଥିବା ଯୁବତୀଯୁବକଙ୍କ ପାଇଁ କ୍ୟାରିୟରେ ସଫଳ ହେବାର ସମ୍ଭାବନା ସବୁଠୁ ଅଧିକ।

– ବିଭିନ୍ନ କ୍ଷେତ୍ରରେ ଜ୍ଞାନ ରହିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ। ଏହାଦ୍ୱାରା କୌଣସି ନୂଆ କାର୍ଯ୍ୟ କରିବା ବେଳେ ମନରୁ ଭୟ ଦୂର ହୋଇଥାଏ। ଅଧିକରୁ ଅଧିକ ନୂଆ କାମ ଶିଖିବା ଦ୍ୱାରା ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇଥାଏ, ଯାହାକି କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତିରେ ବି ସାହାଯ୍ୟ କରିଥାଏ।

**ଅସଫଳତା ବି ଏକ ଶିକ୍ଷା:** ଏଭଳି ଅନେକ ଯୁବତୀଯୁବକ ଅଛନ୍ତି, ଯେଉଁମାନେ ଅସଫଳତାକୁ ଶେଷ ବୋଲି ଭାବିନିଅନ୍ତି, ଯାହାକି ସେମାନଙ୍କ ଭିତରେ ଅଧିକ ଶିଖିବା ଓ ସଫଳତା ପାଇବାର ଆଗ୍ରହକୁ କମାଇଦିଏ। ହେଲେ ବାସ୍ତବରେ ବିଫଳତା ମଣିଷକୁ ଅଧିକ ଦୃଢ଼ କରିଥାଏ ଏବଂ ଅଧିକ ଜାଣିବା ଓ ସବୁଠୁ ଭଲ ପ୍ରଦର୍ଶନ ଆଉ ଏକ ଅବସର ଦେଇଥାଏ। କାରଣ ଏହାର ଅନେକ ଉଦାହରଣ ରହିଛି ଯେ, ଜୀବନରେ ବିଫଳତାର ସମ୍ମୁଖୀନ ହେବା ପରେ ଯେଉଁମାନେ ହାର୍ ନ ମାନି ଅଧିକ ଶିଖିବାକୁ ଚେଷ୍ଟା କରିଛନ୍ତି, ସେମାନେ ହିଁ ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି।





## ଏ ସପ୍ତାହର ପ୍ରଶ୍ନ ?

୧– ଥାନ୍ଥାଇ ପେରିୟାର ୱାଇଲ୍ଡଲାଇଫ୍ ସାଙ୍କ୍‌ଚୁଆରୀ.....ରାଜ୍ୟରେ ଅବସ୍ଥିତ ?
୨– ୱାଙ୍ଗଛୁ ହାଇଡ୍ରୋ ଇଲେକ୍ଟ୍ରିସିଟି ପ୍ରୋଜେକ୍ଟ .............. ଦେଶରେ ଅବସ୍ଥିତ ?
୩– ଡିଜାଇନ୍ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ୍ ................... ଦ୍ୱାରା ଆରମ୍ଭ କରାଯାଇଛି ?
୪– ଏନ୍‌କ୍ୟୁଏଏସ୍‌ର ଫୁଲ୍‌ଫର୍ମ ............................................ ?
୫– ........... ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ବାନ୍ ଡେଭେଲପ୍‌ମେଣ୍ଟକୁ ପ୍ରୋତ୍ସାହିତ କରିବା ଲାଗି ସାଟେଲାଇଟ୍ ଟାଉନ୍‌ଶିପ୍ ସ୍କିମ୍ ଆରମ୍ଭ କରାଯାଇଛି ?

## ଗତ ଥରର ଉତ୍ତର

୧ ଛତିଶଗଡ଼
୨ ଚାଇନା
୩ ବ୍ୟାକ୍ଟେରିଆ
୪ ଦିଲ୍ଲୀର ଆର୍ମି ହସ୍ପିଟାଲ
୫ ରାଜସ୍ଥାନ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଅନ୍ନଦା ପ୍ରସନ୍ନ ପଟ୍ଟନାୟକ, କଟକ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ହ୍ୱାଇଟ୍ ହେଭେନ୍ ବିଚ୍

**ସୁନ୍ଦର ନୀଳ ରଙ୍ଗ ଜଳରାଶି ସାଙ୍ଗକୁ ସମ୍ପୂର୍ଣ୍ଣ ଧଳାବାଲିର ବିସ୍ତୀର୍ଣ୍ଣ ବେଳାଭୂମିର ମନଲୋଭା ଦୃଶ୍ୟ ଦେଖିବାକୁ ମିଳିଥାଏ ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ଉପକୂଳରେ ଥିବା ହ୍ୱିଟ୍‌ସଣ୍ଡେ ଦ୍ୱୀପରେ, ଯେଉଁଥିପାଇଁ ଏହାର ନାମ ରଖାଯାଇଛି ହ୍ୱାଇଟ୍ ହେଭେନ୍ ବିଚ୍। ଜାଣନ୍ତୁ ଏହା ସମ୍ପର୍କରେ କିଛି କଥା...**

➔ ୭ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ବେଳାଭୂମିରେ ପ୍ରାୟ ୯୮.୯ ପ୍ରତିଶତ ସିଲିକା ଥିବାରୁ ଏହାର ରଙ୍ଗ ଧଳା, ଯାହାକି ଦେଖିବାକୁ ଖୁବ୍ ସୁନ୍ଦର ଓ ମନଲୋଭା। ବିଚ୍‌ଟି ସିଲିକାରେ ପରିପୂର୍ଣ୍ଣ ଥିବାରୁ ବାଲି ବହୁତ ସଫ୍ଟ ଏବଂ ଫାଇନ୍ ଥାଏ। ସେଥିପାଇଁ ଖରାଦିନେ ଅନ୍ୟ ବିଚ୍‌ଗୁଡ଼ିକ ପରି ଏହା ଗରମ ଲାଗେନି। ଯେଉଁଥିପାଇଁ ପର୍ଯ୍ୟଟକ ଖରାଦିନେ ଖାଲିପାଦରେ ଏଠାରେ ଆରାମରେ ଚାଲିବାର ଆନନ୍ଦ ନିଅନ୍ତି। ଆଉ ଏଥିପାଇଁ ୨୦୨୧ ମସିହାରେ ଏହାକୁ ଆୱାର୍ଡ ମିଳିଥିଲା।

➔ ୧୮୭୯ ମସିହାରେ ଷ୍ଟାଫ୍ କମାଣ୍ଡର ଇପି ବେଡ୍‌ୱେଲ୍ ଏହି ବିଚ୍‌କୁ ଆବିଷ୍କାର କରିବା ସହ ଏହାର ନାମକରଣ ମଧ୍ୟ କରିଥିଲେ। ଏହାର ସୌନ୍ଦର୍ଯ୍ୟ ତଥା ଏଠାରେ ଥିବା ହ୍ୱିଟ୍‌ସଣ୍ଡେ ପାଇଁ ଏପରି ନାମ ଦିଆଯାଇଛି।

➔ ସ୍ମୋକିଂ ବା ସିଗାରେଟ୍ ଟାଣିବା ଏଠାରେ ସମ୍ପୂର୍ଣ୍ଣ ନିଷେଧ। ତେଣୁ ଏହାର ଆଖପାଖ ପରିବେଶ ସବୁବେଳେ ପ୍ରଦୂଷଣମୁକ୍ତ ଥାଏ। ଏମିତିକି ଏଠାରେ ଜୀବଜନ୍ତୁ ଯଥା କୁକୁରଙ୍କୁ ବି ପ୍ରବେଶ କରିବାକୁ ଦିଆଯାଇ ନ ଥାଏ। ଏହା ଅଷ୍ଟ୍ରେଲିଆ ମହାଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ, ଯାହାର ପରିଚ୍ଛନ୍ନତା ପାଇଁ ନା କେବଳ ଏହାକୁ ୨୦୦୮ ମସିହାରେ 'କୁଇନ୍ସଲ୍ୟାଣ୍ଡସ୍ କ୍ଲିନେଷ୍ଟ ବିଚ୍'' ଭାବେ ପୁରସ୍କାର ମିଳିଛି ବରଂ ଏଥିପାଇଁ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ଅଧିକାର କରିଛି। ଖାଲି ସେତିକି ନୁହେଁ, ୨୦୧୦ ମସିହାରେ ପୃଥିବୀର ପ୍ରଥମ 'ଇକୋ ଫ୍ରେଣ୍ଡ୍ଲି' ବିଚ୍ ଭାବେ ମଧ୍ୟ ଏହା ପରିଗଣିତ ହୋଇଥିଲା।

➔ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିବାରୁ କୁଇନ୍ସଲ୍ୟାଣ୍ଡ ସରକାର ହ୍ୱାଇଟ୍ ସଣ୍ଡେ ଦ୍ୱୀପ ଏବଂ ତା'ର ଆଖପାଖ ଅଞ୍ଚଳକୁ 'ନ୍ୟାଶନାଲ୍ ପାର୍କ'ର ମାନ୍ୟତା ଦେଇଛନ୍ତି ଏବଂ ଏଥିସହ 'ୱାର୍ଲ୍ଡ ହେରିଟେଜ୍'ରେ ମଧ୍ୟ ଏହା ସ୍ଥାନ ପାଇଛି।

➔ ଏଠାରେ ପହଁରିବାର ବି ସୁବିଧା ରହିଛି। ୨୦୦୯ ମସିହାଠାରୁ ପ୍ରତିବର୍ଷ ନଭେମ୍ବର ୧୨ ତାରିଖରେ



ଏଠାରେ ପ୍ରାୟ ୨ କି.ମି. ପର୍ଯ୍ୟନ୍ତ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ସିଲିକା ସ୍ୟାଣ୍ଡରେ ଜୁଏଲେରିଗୁଡ଼ିକ ଭଲ ଭାବେ ପଲିସ୍ ହେଉଥିବାରୁ ଏଠାକୁ ଯିଏ ବି ବୁଲିବାକୁ ଗଲେ ନିଜର ଜୁଏଲେରି ନେବାକୁ ଭୁଲି ନ ଥା'ନ୍ତି।

➔ ଏହାର ଆଖପାଖ ଅଞ୍ଚଳରେ କୌଣସି ହୋଟେଲ କି ରେସ୍ତୋରାଁ ନ ଥିବାରୁ ପର୍ଯ୍ୟଟକଙ୍କୁ ସାଙ୍ଗରେ ଖାଦ୍ୟ ଓ ପାଣି ନେଇ ଯିବାକୁ ହୋଇଥାଏ।

➔ ଏଠାରେ ପହଞ୍ଚିବା ଲାଗି ଏୟାର୍ଲି ବିଚ୍‌ରୁ ବୋଟ୍, ସିପ୍ଲେନ୍ କିମ୍ବା ହେଲିକପ୍ଟର ଦ୍ୱାରା ଆସିବାକୁ ହୋଇଥାଏ।

## ୟୁଥ୍ ଆଲର୍ଟ

# ଯୁବାବସ୍ଥାରେ କୋଲେଷ୍ଟ୍ରଲ୍ ବଢୁଥିଲେ...

**ବର୍ତ୍ତମାନ କେବଳ ବୟସ୍କ ନୁହନ୍ତି, ଯୁବାବସ୍ଥାରେ ବି ଅନେକଙ୍କଠାରେ କୋଲେଷ୍ଟ୍ରଲ୍ ବୃଦ୍ଧି ଏକ ଜଟିଳ ସମସ୍ୟା ପାଲଟିଛି। ଏମିତିକି ଏହା ଯୋଗୁ ହୃଦ୍‌ଘାତ ଘଟଣା ବି ବଢ଼ିବାରେ ଲାଗିଛି। ତେବେ ଏହାକୁ ନିୟନ୍ତ୍ରଣରେ ରଖି ଏକ ସୁସ୍ଥ ଜୀବନ ଜିଇବାକୁ ହେଲେ ଖାଦ୍ୟପେୟରେ ସନ୍ତୁଳନ ରଖିବା ସହ ଆଉ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...**

➔ ଅଧିକ ମଇଦାଯୁକ୍ତ ଖାଦ୍ୟ, ପ୍ରେସେସ୍ଡ ଫୁଡ୍, ଫାଷ୍ଟଫୁଡ୍, ଛଣାଛଣି ଖାଦ୍ୟ ଆଦିଠାରୁ ଦୂରେଇ ରୁହନ୍ତୁ। ଏହା ବଦଳରେ ଘରୋଇ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ନ୍ୟାଶନାଲ୍ ସେଣ୍ଟର ଫର୍ କମ୍ପ୍ଲିମେଣ୍ଟାରି ଆଣ୍ଡ ଇଣ୍ଟେଗ୍ରେଟିଭ୍ ହେଲ୍‌ଥ ରିପୋର୍ଟ ଅନୁଯାୟୀ, ଓଟ୍ସ, ଆପଲ୍, ବିନ୍ସ ଭଳି ହାଇଫାଇବରଯୁକ୍ତ ଖାଦ୍ୟ, ଫ୍ଲାକ୍ସସିଡ୍, ସାଲ୍‌ମନ୍ ଆଦି ଭଳି ଓମେଗା–୩ଯୁକ୍ତ ଖାଦ୍ୟ, ସୋୟାବିନ୍ ଆଦିକୁ ଖାଦ୍ୟ ତାଲିକାରେ ସାମିଲ କଲେ ଶରୀରରେ କୋଲେଷ୍ଟ୍ରଲ୍‌ର



ପରିମାଣ ନିୟନ୍ତ୍ରଣରେ ରହିବ।

➔ କୋଲେଷ୍ଟ୍ରଲ କେବଳ ଖାଦ୍ୟ ଯୋଗୁ ବଢ଼ି ନ ଥାଏ। ଏଥିପାଇଁ ପରିବର୍ତ୍ତିତ ଜୀବନଶୈଳୀ ମଧ୍ୟ ଦାୟୀ। ତେଣୁ ଏହାକୁ ଠିକ୍ ନ କରିବା ପର୍ଯ୍ୟନ୍ତ ଔଷଧ ସେବନ ଦ୍ୱାରା କିଛିଦିନ ନିୟନ୍ତ୍ରଣକୁ ଆସିଥିଲେ ସୁଦ୍ଧା ପୁନର୍ବାର ଏହାର ପରିମାଣ ବୃଦ୍ଧି ପାଇଥାଏ।

➔ ବର୍ତ୍ତମାନ ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଇ–ଗ୍ୟାଜେଟ୍ ବ୍ୟବହାର ଯୋଗୁ ଆଦୌ ଶାରୀରିକ ବ୍ୟାୟାମ ନ ହେବା କାରଣରୁ ଶରୀରରେ କୋଲେଷ୍ଟ୍ରଲ୍ ମାତ୍ରା ବୃଦ୍ଧି ପାଉଛି। ଯାହାକୁ ଦୂର କରିବା ଲାଗି ପ୍ରତିଦିନ କିଛି ସମୟ ଚାଲିବା, ପହଁରିବା, ସାଇକ୍ଲିଂ କରିବା, ଯୋଗ, ବ୍ୟାୟାମ ଆଦି କରିବା ନିହାତି ଆବଶ୍ୟକ।

➔ ଏବେ ଅଧିକାଂଶ ଯୁବପିଢ଼ି ଅଧିକ ସମୟ ସିଟିଂ ଜବ୍ କରୁଛନ୍ତି, ଯଦ୍ଦ୍ୱାରା ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସିବା ଯୋଗୁ ମଧ୍ୟ କୋଲେଷ୍ଟ୍ରଲ୍ ବଢ଼ୁଛି। ତେଣୁ ଗୋଟିଏ ସ୍ଥାନରେ ବସି ନ ରହି ମଝିରେ ମଝିରେ ଟିକେ ଉଠିବା ଏବଂ ହାଲୁକା ଷ୍ଟ୍ରେଚିଂ ଏକ୍ସରସାଇଜ୍ କରିବା ଭଲ। ସେହିପରି ଅନେକେ ନାଇଟ୍ ସିଫ୍ଟ କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଏମିତିରେ ବି ଶୋଇବାରେ ଅବହେଳା ହେବା ଦ୍ୱାରା କୋଲେଷ୍ଟ୍ରଲ୍ ବୃଦ୍ଧି ପାଇଥାଏ। ତେଣୁ ଅନ୍ୟ ସମୟରେ ପର୍ଯ୍ୟାପ୍ତ ନିଦ୍ରା ନେବାକୁ ଚେଷ୍ଟା କରନ୍ତୁ।

➔ ମେଦବହୁଳତା ସମସ୍ୟା ଥିଲେ ମଧ୍ୟ କୋଲେଷ୍ଟ୍ରଲ୍ ବୃଦ୍ଧି ପାଇଥାଏ। ତେଣୁ ଶରୀରର ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ସେଥିପାଇଁ ଖାଦ୍ୟପେୟ ସହ ଏକ୍ସରସାଇଜ୍ ପ୍ରତି ଧ୍ୟାନ ଦିଅନ୍ତୁ।

➔ ସ୍ମୋକିଂ ଏବଂ ଆଲ୍‌କହଲ୍ ପିଇବାର ବଦଭ୍ୟାସ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ କୋଲେଷ୍ଟ୍ରଲ୍ ବୃଦ୍ଧିର ଅନ୍ୟତମ ମୁଖ୍ୟ କାରଣ। ତେଣୁ ଏହି ଅଭ୍ୟାସ ଥିଲେ ତୁରନ୍ତ ବଦଳାନ୍ତୁ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୮ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧୮ ଜାନୁଆରୀ, ୨୦୨୬ | Bhubaneswar, Sunday, 18 January, 2026




# କଳିଙ୍ଗ ଲାନ୍ସର୍ସର ବିଜୟଧାରା ଜାରି



କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଭୁବନେଶ୍ୱର ପର୍ଯ୍ୟାୟ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଟ୍ରଫି ପ୍ରଦର୍ଶନ କରୁଛନ୍ତି। ନିକଟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଅଛନ୍ତି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୧୭।୧(ଅନାଦି କର)** ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଶନିବାରଠାରୁ ଭୁବନେଶ୍ୱର ଲିଗ୍ ଆରମ୍ଭ ହୋଇଯାଇଛି। ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୬-୧ ଗୋଲରେ ଏସ୍‌ଜି ପାଇପର୍ସଙ୍କୁ ପରାସ୍ତ କରିଛି। ଏହା ଦଳ ପାଇଁ କ୍ରମାଗତ ପଞ୍ଚମ ବିଜୟ। ମ୍ୟାଚ୍ ପୂର୍ବରୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇ ପରିଚିତ ହୋଇଥିଲେ। ଏହି ଅବସରରେ ହକି ଇଣ୍ଡିଆ (ଏଚ୍‌ଆଇ) ସଭାପତି ଦୀଲିପ ତୀର୍କି ଉପସ୍ଥିତ ଥିଲେ।

ଆରମ୍ଭରୁ କଳିଙ୍ଗ ଲାନ୍ସର୍ସ ଆଟାକିଂ ରଣନୀତି ଆପଣେଇଥିଲା। ଫଳରେ ୮ମ ମିନିଟ୍‌ରେ କୁପର ବର୍ନ୍ସଙ୍କ ଫିଲ୍ଡ ଗୋଲ ବଳରେ ଖାତା ଖୋଲିଥିଲା। ଏହାର ଦୁଇ ମିନିଟ୍ ପରେ କ୍ରେଗ ମାରାଇସ ଦଳ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ହେଲେ ୧୧ତମ ମିନିଟ୍‌ରେ ୱିଲଟ କି ଫିଲ୍ଡ ଗୋଲ ଜରିଆରେ ପାଇପର୍ସ ପାଇଁ ଏକ ଗୋଲ ପରିଶୋଧ କରିଥିଲେ। ଏଥିଯୋଗୁ ପ୍ରଥମ କ୍ୱାର୍ଟରରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ୨୩ତମ ମିନିଟ୍‌ରେ କୁପର ବର୍ନ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ କଳିଙ୍ଗ ଲାନ୍ସର୍ସଙ୍କୁ ୩-୧ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ଦଳକୁ ମିଳିଥିବା ଏକ ପେନାଲ୍ଟି କର୍ନରକୁ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲରେ କନଭର୍ଟ କରିଥିଲେ। ଅନ୍ତିମ କ୍ୱାର୍ଟରର ୫୪ତମ ମିନିଟ୍‌ରେ ଅଙ୍ଗଦ ବୀର ସିଂ ଏକ ଫିଲ୍ଡ ଗୋଲ ଦେଇଥିବା ବେଳେ ୫୬ତମ ମିନିଟ୍‌ରେ ଦଳକୁ ମିଳିଥିବା ପିସିକୁ ହେଣ୍ଡ୍ରିକ୍ସ ଗୋଲରେ କନଭର୍ଟ କରିଥିଲେ।




## ଏଚ୍‌ଆଇଏଲ୍: ହାଇଦ୍ରାବାଦ୍ ତୁଫାନ୍ସର ବଡ଼ ବିଜୟ

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ୬-୦ ଗୋଲରେ ଶ୍ରାଚୀ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ଏଥିରେ ଜାକାରି ୱାଲେସ ଓ ଟିମ ବ୍ରାଣ୍ଡ ହାଟ୍ରିକ ଗୋଲ କରିଥିଲେ। ଏହା ହାଇଦ୍ରାବାଦ୍ ଦଳର ଦ୍ୱିତୀୟ ବିଜୟ। ହାଇଦ୍ରାବାଦ ପାଇଁ ଦ୍ୱିତୀୟ ମିନିଟ୍‌ରେ ଜାକାରି ୱାଲେସ ପ୍ରଥମ ଗୋଲ ଦେଇଥିଲେ। ଦଳକୁ ୧୨ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନର (ପିସି)କୁ ଟିମ୍ ବ୍ରାଣ୍ଡ ଗୋଲରେ କନଭର୍ଟ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଜାକାରି ୱାଲେସ (୧୭ତମ ଓ ୩୦ତମ) ଦୁଇଟି ଗୋଲ କରି ହାଟ୍ରିକ ପୂରଣ କରିଥିଲେ। ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ଟିମ ବ୍ରାଣ୍ଡ ଏକ ଚମତ୍କାର ଗୋଲ ଦେଇଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ୪୬ତମ ମିନିଟ୍‌ରେ ବ୍ରାଣ୍ଡ ବ୍ୟକ୍ତିଗତ ହାଟ୍ରିକ ପୂରଣ କରିଥିଲେ।

**(ରବିବାର ମ୍ୟାଚ)**

**ଏସ୍‌ଜି ପାଇପର୍ସ ବନାମ ଶ୍ରାଚି ବେଙ୍ଗଲ ଟାଇଗର୍ସ**
ସମୟ: ଅପରାହ୍ନ ୫ଟା

**କଳିଙ୍ଗ ଲାନ୍ସର୍ସ ବନାମ ତାମିଲନାଡୁ ଡ୍ରାଗନ୍ସ**
ସମୟ: ରାତି ୭ଟା ୩୦

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ